# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, March 4/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 100 | ମୂଲ୍ୟ ₹୭/-





KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୪/୨୦୨୫ | Bhubaneswar, Tuesday, March 4/2025 | ପୃଷ୍ଠା-୧



## ରାହାନେ କେକେଆର୍ ଅଧିନାୟକ

ଆଇପିଏଲ ସିଜନ ୨୦୨୫ ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ଅଧିନାୟକ ନିଯୁକ୍ତ ହୋଇଛନ୍ତି ଭାରତ ବ୍ୟାଟର ଅଜିଙ୍କ୍ୟ ରାହାନେ।

୧୦ ୦୯

## ରାହୁଲ ମୋଦିଙ୍କୁ ଡେଟ୍ କରୁଛନ୍ତି ଶ୍ରଦ୍ଧା

ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ ମୋବାଇଲ ୱାଲ୍‌ପେପରରେ ସ୍କ୍ରିନ୍ ରାଇଟର ରାହୁଲ ମୋଦିଙ୍କ ସହ ତାଙ୍କର ଏକ ରୋମାଣ୍ଟିକ ଫଟୋ ଥିବା ନେଇ ଭିଡିଓ ଭାଇରାଲ ହେବାରେ ଲାଗିଛି।



# ଇଞ୍ଜେକ୍ସନ ନେବା ପରେ ଶିଶୁକନ୍ୟା ମୃତ

**ସୋରଡ଼ା,୩।୩(ରଜନୀକାନ୍ତ ମହାପାତ୍ର)**

ଗଞ୍ଜାମ ଜିଲା ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୋମବାର ୪ ବର୍ଷୀୟା ଶିଶୁକନ୍ୟା ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ଝିଅକୁ ଅକ୍ସିଜେନ ଦେବା ପରିବର୍ତ୍ତେ ଭୁଲ ଇଞ୍ଜେକ୍ସନ ଦିଆଯିବାରୁ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୋରଡ଼ା ଡାକ୍ତରଖାନାରେ ଏହା ପୂର୍ବରୁ ଗତ ଡିସେମ୍ବର ମାସ ୨୦ ତାରିଖରେ ମଧ୍ୟ ଏକ ଶିଶୁ କନ୍ୟାର ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଥିଲା। ଦୁଇ ମାସ ମଧ୍ୟରେ ୨ଟି ଏଭଳି ଘଟଣା ଘଟିଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ସୋରଡ଼ା ବୋରସିଙ୍ଗି ଗ୍ରାମର ପ୍ରଦୀପ ଡାକୁଆଙ୍କ ୪ ବର୍ଷୀୟା ଝିଅ ଅମ୍ରିତା କିଛି ଦିନ ହେଲା ଜ୍ୱରରେ ପୀଡ଼ିତ ଥିଲେ। ଜ୍ୱର ନ ଛାଡ଼ିବାରୁ ପ୍ରଦୀପ ଏକ ଘରୋଇ ପାଥୋଲୋଜିରେ ଝିଅର ରକ୍ତ ପରୀକ୍ଷା କରାଇଥିଲେ। ଗାଁରେ ଚିକିତ୍ସା କରୁଥିବା ଜଣେ କ୍ୱାକ୍ ରିପୋର୍ଟ ଦେଖିବା ପରେ ଅମ୍ରିତାଙ୍କୁ ସରକାରୀ ଡାକ୍ତରଖାନାକୁ ନେଇ ଅକ୍ସିଜେନ ଦେବାକୁ କହିଥିଲେ। ସୋମବାର ଅମ୍ରିତା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଅକ୍ସିଜେନ ଦେବା ପରିବର୍ତ୍ତେ ଏକ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ଦେବା ପରେ ଅମ୍ରିତାଙ୍କ ପାଟି ଓ ନାକରୁ ଫେଣ ବାହାରିବା ସହ ଝାଡ଼ା ହୋଇଥିଲା। ଏହାର କିଛି ସମୟ ପରେ ଝିଅର ମୃତ୍ୟୁ ହୋଇଥିବା ପରିବାର ☞ପୃଷ୍ଠା-୨



ମୃତ ଶିଶୁକନ୍ୟାଙ୍କ ସହ ତାଙ୍କ ମା’।

### ହସ୍ପିଟାଲରେ ଝିଅ ମୃତ୍ୟୁର ତଦନ୍ତ ରିପୋର୍ଟ ମିଳିଲାନି

**ଛତ୍ରପୁର,୩।୩(ସନ୍ତୋଷ ପାଢୀ/ଦିଲୀପ ସାମଲ)**

ଗଞ୍ଜାମ ଜିଲା ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ ଚିକିତ୍ସା ଲାଗି ଗତ ଡିସେମ୍ବର ୨୦ ତାରିଖରେ ୪ ବର୍ଷିୟା ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଗତ ଜାନୁଆରୀ ୨୮ ତାରିଖରେ ଏଡିଏମ୍‌ଓ ଏହି ଅଭିଯୋଗର ତଦନ୍ତ କରିଥିଲେ। ଏପରିକି ଫେବୃଆରୀ ୩ ତାରିଖରେ ମୃତ ଝିଅର ମା’ ତଥା ସୋରଡ଼ା ବ୍ଲକ ବରାଡି ଗାଁର ଆଶାଲତା ପଣ୍ଡା ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜିଲାପାଳଙ୍କ ନିକଟରେ ନିବେଦନ କରିଥିଲେ। ହେଲେ ଏ ଯାଏ ଝିଅ ମୃତ୍ୟୁର ତଦନ୍ତ ☞ପୃଷ୍ଠା-୨





ବିଶ୍ୱ ଶ୍ରବଣ ଦିବସ ଅବସରରେ ସୋମବାର କଟକରୁ ଆସିଥିବା ଛାତ୍ରୀଛାତ୍ରମାନେ ଭୁବନେଶ୍ୱର ଏଜି ଛକରେ ସଚେତନତା ବାର୍ତ୍ତା ଦେଉଛନ୍ତି। **(ଫଟୋ: ବିକାଶ ନାୟକ)**

## ୬ ବର୍ଷ ଶିଶୁ କନ୍ୟା ପେଟରେ ୬୦ ଚେଙ୍କ

**ନବରଙ୍ଗପୁର,୩।୩(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ପୁଣି ଜଣେ ଶିଶୁଙ୍କୁ ଚେଙ୍କ ଦିଆଯିବା ଘଟଣା ସାମ୍ନାକୁ ଆସିଛି। ୪୦ରୁ ଊର୍ଦ୍ଧ୍ୱ ଚେଙ୍କ ଦିଆଯାଇଥିବା ଏକ ମାସର ଶିଶୁଙ୍କୁ ଉମରକୋଟ ଡାକ୍ତରଖାନାରୁ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ବ୍ୟତୀତ ରାଇଘର ବ୍ଲକ ଚଢେଇପାରା ଗ୍ରାମର ଜଣେ ବ୍ୟକ୍ତିଙ୍କ ୬ ବର୍ଷର ଝିଅଙ୍କୁ ମଧ୍ୟ ଚେଙ୍କ ଘଟଣାରେ ଡାକ୍ତରଖାନା ଅଣାଯାଇଛି। ଉକ୍ତ ୬ ବର୍ଷର ଶିଶୁକନ୍ୟାଙ୍କ ପେଟରେ ୬୦ରୁ ଊର୍ଦ୍ଧ୍ୱ ଚେଙ୍କ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଉଭୟ ଶିଶୁଙ୍କ ଚିକିତ୍ସା ଚାଲିଛି। ଏହି ୨ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଡିଏମ୍‌ଓ ସନ୍ତୋଷ କୁମାର ପଣ୍ଡା କହିଛନ୍ତି।

ସୂଚନାନୁଯାୟୀ, ଚେଙ୍କ ଦିଆଯାଇଥିବା ଉକ୍ତ ୬ ବର୍ଷର ଶିଶୁକନ୍ୟାଙ୍କୁ ତାଙ୍କ ବଡ଼ବାପା ଓ ଜେଜେମା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କ ମା’ ବାପା ସ୍ୱାସ୍ଥ୍ୟକେନ୍ଦ୍ର ଆସି ନାହାନ୍ତି। କେଉଁ ପରିସ୍ଥିତିରେ ପିଲାଟିକୁ ଏତେମାତ୍ରାରେ ଚେଙ୍କ ଦିଆଯାଇଛି ସେ ସମ୍ପର୍କରେ ପଚାରିବାରୁ ପରିବାର ଲୋକେ ଉତ୍ତର ଦେଉନାହାନ୍ତି। ପେଟ ବ୍ୟଥା ହେଉଥିବାରୁ ପରିବାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବନ୍ଦ ହେଉ ଭାଷା ଝଗଡ଼ା**

# ଏପ୍ରିଲରୁ ପୁଣି ପାର୍ଟ ପ୍ଲଟ୍ ପଞ୍ଜୀକରଣ

**ଭୁବନେଶ୍ୱର,୩।୩(ବନ୍ଦନା ସେଠୀ)**



ରାଜ୍ୟରେ ବନ୍ଦ ଥିବା ପାର୍ଟ ପ୍ଲଟ୍ ପଞ୍ଜୀକରଣ ଆସନ୍ତା ଏପ୍ରିଲରୁ ଆରମ୍ଭ ହୋଇପାରେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ସୂଚନା ଦେଇଛନ୍ତି। ଏହା ସହରାଞ୍ଚଳର ଜମିମାଲିକଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ଏହାଦ୍ୱାରା ସେମାନେ ପାର୍ଟ ପ୍ଲଟ୍ ବିକ୍ରି କରିବାରେ ଭୋଗୁଥିବା ସମସ୍ୟା ଦୂର ହେବ। ସେହିପରି ପ୍ଲଟ୍ କିଣି ଘର କରିବାକୁ ସ୍ୱପ୍ନ ଦେଖୁଥିବା ଲୋକମାନେ ମଧ୍ୟ ଉପକୃତ ହୋଇପାରିବେ। ଏ ସମ୍ପର୍କିତ ଏକ ଡ୍ରାଫ୍ଟ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗକୁ ଦିଆଯାଇଛି। ମାର୍ଚ୍ଚ ସୁଦ୍ଧା ଏନେଇ ବିଚାରବିମର୍ଶ କରାଯାଇ ଏପ୍ରିଲରୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି। ପାର୍ଟ ପ୍ଲଟ୍ ବିକ୍ରି ସମସ୍ୟା ଯୋଗୁ ରାଜସ୍ୱ ହାନି ହେଉଛି। ପାର୍ଟ ପ୍ଲଟ୍ ବିକ୍ରି ସୁରୁଖୁରୁରେ ହେବା ପାଇଁ ନୂଆ ଗାଇଡ୍‌ଲାଇନ ଅଣାଯିବ। ସେନେଇ ରାଜସ୍ୱ ବିଭାଗ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ଘର କରିବା ପାଇଁ ପ୍ଲଟିଂ ତଥା ବଡ଼ ପ୍ଲଟ୍‌ରୁ କିଛି ଅଂଶ କିଣୁଥିବା ଲୋକେ ଯେଭଳି ରାସ୍ତା ଓ ଆନୁଷଙ୍ଗିକ ସୁବିଧା ପାଇପାରିବେ ସେନେଇ ନୂଆ ଗାଇଡ୍‌ଲାଇନ ସହାୟକ ହେବ। ନଗର ଉନ୍ନୟନ ବିଭାଗର ସଚିବ ଆଡ୍‌ଭୋକେଟ ଜେନେରାଲଙ୍କ ସହ ଡ୍ରାଫ୍ଟ ବିଷୟରେ ଆଲୋଚନା କରିଛନ୍ତି। ରବିବାର ରାଜସ୍ୱ ବିଭାଗକୁ ଡ୍ରାଫ୍ଟ ଦିଆଯାଇଛି। ଏବେ ରାଜସ୍ୱ ବିଭାଗ ସେହି ଡ୍ରାଫ୍ଟକୁ ଅଧ୍ୟୟନ ଚଳାଇଛି। ଯଦି କିଛି ଆବଶ୍ୟକ ହୁଏ, ସେଥିରେ ସଂଶୋଧନ କରାଯିବ କିମ୍ବା ଅଧିକ ବିଧିବ୍ୟବସ୍ଥା ଯୋଡ଼ାଯିବ। ଏନେଇ ବିଭିନ୍ନ ସହରର ଡେଭଲମେଣ୍ଟ ଅଥରିଟି ଓ ରେରା ଅଧିକାରୀଙ୍କ ଆଲୋଚନା ପରେ ଫାଇନାଲ ନୋଟିଫିକେଶନ ପ୍ରକାଶ ପାଇବ। ମାର୍ଚ୍ଚ ଶେଷ ସୁଦ୍ଧା ସଂଶୋଧନ ହୋଇଯିବା ଆଶା କରାଯାଉଛି। ଏହାପରେ ନୋଟିଫିକେଶନ ବାହାରିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଜଣେ କର୍ମଚାରୀ କହିଛନ୍ତି, ୨୦୧୭ଠାରୁ ପାର୍ଟ ପ୍ଲଟ୍ ପଞ୍ଜୀକରଣକୁ ସରକାର ବନ୍ଦ କରିଥିଲେ ହେଁ, ଭିତିରିଆ ଭାବେ ହାତଗୁଞ୍ଜା ଦେଇ ପଞ୍ଜୀକରଣ ହେଉଥିଲା ଏବଂ ପଟ୍ଟା ମଧ୍ୟ ପ୍ରଦାନ କରାଯାଉଥିଲା। ୨୦୨୨ ପରଠାରୁ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ପୁନର୍ବାର ପାର୍ଟ ପ୍ଲଟ୍ ପଞ୍ଜୀକରଣ ଆରମ୍ଭ ହେବା ଦ୍ୱାରା ଅନେକ ଲୋକ ଉପକୃତ ହୋଇପାରିବେ। ତେବେ ୨୦୧୭ ପରଠାରୁ ଜମି ପଞ୍ଜୀକରଣ ସମୟରେ ସମ୍ପୃକ୍ତ ଜମିର ୧୫% ମୂଲ୍ୟ ଦେବାପାଇଁ ସରକାର ନିୟମ କରିଛନ୍ତି। ସେହିପରି ରାସ୍ତା ନିର୍ମାଣ ଏବଂ ଡ୍ରେନ୍ ପାଇଁ ୩୦ଫୁଟର ଜମି ଛାଡ଼ିବାକୁ ପଡ଼ିବ, ଯାହାକି ପାର୍ଟ ପ୍ଲଟ୍ ପଞ୍ଜୀକରଣରେ ପ୍ରମୁଖ ସମସ୍ୟା ବୋଲି କର୍ମଚାରୀଜଣକ କହିଛନ୍ତି। ସେହିପରି ବିଲଡର ରାକେଶ ଧଳ କହିଛନ୍ତି, ସରକାରଙ୍କ ଏହି ନିଷ୍ପତ୍ତି ନିହାତି ପକ୍ଷେ ସ୍ୱାଗତଯୋଗ୍ୟ। ଜଣେ ବ୍ୟକ୍ତି ତା’ ଜମିରୁ କିଛି ଅଂଶ ବିକିବା ପାଇଁ ଚାହୁଁଥିଲେ ହେଁ ପାର୍ଟ ପ୍ଲଟ୍ ପଞ୍ଜୀକରଣ ବନ୍ଦ ଥିବାଯୋଗୁ ତାହା ହୋଇପାରୁ ନ ଥିଲା। ଫଳରେ କୌଣସି ଜରୁରୀ ସମୟରେ ଅନେକ ଲୋକ ବାଧ୍ୟହୋଇ ନିଜର ସମ୍ପୂର୍ଣ୍ଣ ଜମିକୁ ଶାଗମାଛ ଦରରେ ବିକୁଥିଲେ। ଏବେ ସେ ସମସ୍ୟାରୁ ମୁକ୍ତି ମିଳିପାରିବ।

ସୂଚନାଯୋଗ୍ୟ, ରାଜ୍ୟରେ ୨୦୧୭ ମେ ୩୦ରୁ ରାଜ୍ୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣ ବନ୍ଦ କରାଯାଇଛି। ମାତ୍ର ଅସାଧୁ ଉପାୟରେ କିଣାବିକା ଚାଲିଥିଲା। କେତେଜଣ ଅଧିକାରୀମାନଙ୍କ ପାଇଁ ସରକାର ମୋଟା ଅଙ୍କର ରାଜସ୍ୱ ହରାଉଥିବା ବେଳେ ସେମାନେ ହାତ ଚିକ୍କଣ କରୁଥିଲେ। ତେଣୁ ୨୦୨୨ରେ ପାର୍ଟ ପ୍ଲଟ୍ ପଞ୍ଜୀକରଣ ବନ୍ଦ କରିବାକୁ କଡ଼ାକଡ଼ି କରାଯାଇଥିଲା। ଫଳରେ ଯେଉଁମାନେ ପାର୍ଟ ପ୍ଲଟ୍ କିଣୁଥିଲେ, ପଞ୍ଜୀକରଣ ହେଉ ନ ଥିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେହିପରି ପାର୍ଟପ୍ଲଟ ବିକ୍ରି ବେଳେ ପ୍ରଥମେ ରାସ୍ତା ଓ ନଳା ପାଇଁ ଉଦ୍ଦିଷ୍ଟ ଜମିକୁ ରେଜିଷ୍ଟ୍ରେଶନ କରିବେ। ☞ପୃଷ୍ଠା-୨

## ୟୁଏଇରେ ଭାରତୀୟ ମହିଳାଙ୍କୁ ଫାଶୀ



ସାହାଜାଦି ଖାନ୍

**ନୂଆଦିଲ୍ଲୀ,୩।୩**

ଚାରି ମାସର ଏକ ଶିଶୁପୁତ୍ରକୁ ହତ୍ୟା ଅଭିଯୋଗରେ ଜଣେ ଭାରତୀୟ ମହିଳାଙ୍କୁ ଆବୁଧାବିରେ ଫାଶୀଦଣ୍ଡ ମିଳିଛି। ଫାଶୀଦଣ୍ଡ ପାଇଥିବା ମହିଳା ହେଉଛନ୍ତି ଉତ୍ତରପ୍ରଦେଶ ବନ୍ଦା ଜିଲାର ସାହାଜାଦି ଖାନ୍। ଗତ ଫେବୃଆରୀ ୧୫ ତାରିଖରେ ତାଙ୍କୁ ଫାଶୀ ଦିଆଯାଇଥିବା ନେଇ ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ)ର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଅବଗତ କରାଯାଇଥିବା ଦିଲ୍ଲୀ ହାଇକୋର୍ଟରେ ଅତିରିକ୍ତ ସଲିସିଟର ଜେନେରାଲ୍ ଚେତନ ଶର୍ମା ସୂଚନା ଦେଇଛନ୍ତି। ଆସନ୍ତା ☞ପୃଷ୍ଠା-୨

## ବିଜୁ ଗଲେ, ବଦଳିଲା ତାରିଖ

### ଏପ୍ରିଲ ୨୪ ପଞ୍ଚାୟତିରାଜ ଦିବସ

**ଭୁବନେଶ୍ୱର,୩।୩(ସୁନିତ୍ ମିଶ୍ର)**

୨୦୨୦ରୁ ଓଡ଼ିଶାରେ ପ୍ରତିବର୍ଷ ମାର୍ଚ୍ଚ ୫ ତାରିଖ ପଞ୍ଚାୟତିରାଜ ଦିବସ ରୂପେ ପାଳନ ହୋଇଆସୁଛି। ପ୍ରତିବର୍ଷ ଏପ୍ରିଲ ୨୪ ତାରିଖକୁ ଜାତୀୟ ପଞ୍ଚାୟିତରାଜ ଦିବସ ରୂପେ ପାଳନ କରାଯାଏ। ଏହିଦିନ ବିଭିନ୍ନ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କୁ ପୁରସ୍କାର ପ୍ରଦାନ, ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପୁରସ୍କାର ଆଦି ପ୍ରଦାନ କରାଯାଇଥାଏ। ପଞ୍ଚାୟତିରାଜ ଦିବସ ପାଳନରେ ଜାତୀୟ ଓ ରାଜ୍ୟସ୍ତରରେ ଥିବା ଏହି ଅସଂହତି ଦୂର କରିବା ପାଇଁ ଓଡ଼ିଶାରେ ମାର୍ଚ୍ଚ ୫ ତାରିଖକୁ ଆଉ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯିବ ନାହିଁ। ଆଗକୁ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଲୋକସେବା ଦିବସ ମଧ୍ୟ ସେହି ତାରିଖରେ ପାଳନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ମାର୍ଚ୍ଚ ୫ ତାରିଖ ହେଉଛି ଓଡ଼ିଶାର ମହାନ ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ଏହାକୁ ରାଜ୍ୟ ସରକାର ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଦିବସକୁ ସରକାରୀ ଛୁଟି ଭାବେ ପାଳନ କରାଯିବ ନାହିଁ। ଅପରପକ୍ଷେ ନୂଆ ସରକାରଙ୍କ ଏହି ନିଷ୍ପତ୍ତିକୁ କେତେକେ ‘ପଞ୍ଚାୟତିରାଜ ଦିବସରୁ ବିଜୁ ଗଲେ’ ବୋଲି କହୁଛନ୍ତି।

**ଆଜିର ମନ୍ତବ୍ୟ**

“ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବାବେଳେ ଭାରତ ଓ ପାକିସ୍ତାନ କଶ୍ମୀର ପ୍ରସଙ୍ଗର ସମାଧାନ କରିବା ଅବସ୍ଥାରେ ଥିଲେ। ହୁଏତ ମୋ ଜୀବିତାବସ୍ଥାରେ ସେଭଳି ଅନୁକୂଳ ବାତାବରଣ ଆଉ ଦେଖିବାକୁ ପାଇ ନ ପାରେ।

**- ଫାରୁକ୍ ଅବ୍‌ଦୁଲ୍ଲା, ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ**

# ‘ଅନୋରା’କୁ ୫ ଓସ୍କାର ଆୱାର୍ଡ

**ଲସ୍‌ଏଞ୍ଜେଲ୍ସ, ୩।୩**

ଚଳଚ୍ଚିତ୍ର କ୍ଷେତ୍ରରେ ବିଶ୍ୱର ସବୁଠାରୁ ବଡ଼ ଆୱାର୍ଡ ସମାରୋହ ‘ଓସ୍କାର ୨୦୨୫’ ଆମେରିକାର ଲସ୍ ଏଞ୍ଜେଲ୍ସସ୍ଥିତ ଡୋବଲି ଥିଏଟରରେ ରବିବାର ସନ୍ଧ୍ୟାରେ (ଭାରତୀୟ ସମୟ ସୋମବାର ସକାଳ) ଆୟୋଜିତ ହୋଇଯାଇଛି। ଆମେରିକୀୟ ଟେଲିଭିଜନ ହୋଷ୍ଟ ତଥା କମେଡିଆନ କୋନନ୍ ଓ ବ୍ରାଇନ୍ ଏହି ୯୭ତମ ଏକାଡେମୀ ଆୱାର୍ଡ ସମାରୋହକୁ ହୋଷ୍ଟ କରିଥିଲେ। ପ୍ରଥମ ଥର ପାଇଁ କୌଣସି ଓସ୍କାର ଆୱାର୍ଡ ସମାରୋହକୁ ହୋଷ୍ଟ କରୁଛନ୍ତି ବୋଲି ଏହି ଅବସରରେ କୋନନ୍ କହିଥିଲେ। ଏହି ସମାରୋହରେ ଆମେରିକୀୟ କମେଡି ଡ୍ରାମା ଫିଲ୍ମ ‘ଅନୋରା’ର ଜଲୱା ଦେଖିବାକୁ ମିଳିଥିଲା। ଏହି ଫିଲ୍ମକୁ ୫ଟି ଭିନ୍ନ ଶ୍ରେଣୀରେ ଓସ୍କାର ଆୱାର୍ଡ ମିଳିଥିଲା। ଶ୍ରେଷ୍ଠ ଅଭିନେତ୍ରୀ, ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଫିଲ୍ମ, ବେଷ୍ଟ ଅରିଜିନାଲ ସ୍କ୍ରିନ୍ ପ୍ଲେ ଏବଂ ବେଷ୍ଟ ଫିଲ୍ମ ଏଡିଟିଂ ଶ୍ରେଣୀରେ ‘ଅନୋରା’କୁ ସଫଳତା ମିଳିଛି। ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ‘ଅନୋରା’ ଫିଲ୍ମ ଓସ୍କାର ପୁରସ୍କାର ଜିତିବାରେ ସଫଳତା ପାଇଛି। ସେହିପରି ଏହି ଫିଲ୍ମ ପାଇଁ ଆମେରିକୀୟ ଅଭିନେତ୍ରୀ ମିକି ମାଡିସନ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଓସ୍କାର ପୁରସ୍କାର ହାତେଇଛନ୍ତି। ୨୬ ବର୍ଷୀୟା ମିକି ବିଭିନ୍ନ ଶର୍ଟ ଫିଲ୍ମ ଦ୍ୱାରା ନିଜ କ୍ୟାରିୟର ଆରମ୍ଭ କରିଥିବା ବେଳେ, ସେ ‘ମୋନ୍‌ଷ୍ଟର’, ‘ୱାନସ୍ ଅପନ୍ ଏ ଟାଇମ ଇନ୍ ହଲିଉଡ’, ‘ଦି ଆଡାମ୍ସ ଫ୍ୟାମିଲି’, ‘ଇଟ୍ ଟେକସ୍ ଥ୍ରୀ’, ‘ସ୍କ୍ରିମ୍’ ପରି ଫିଲ୍ମ ମାଧ୍ୟମରେ ନିଜ ଅଭିନୟର ଦକ୍ଷତା ଦେଇଛନ୍ତି। ସେହିପରି ବ୍ରାଡି କୋର୍ବେଟଙ୍କ ନିର୍ଦ୍ଦେଶିତ ଏପିକ୍ ପିରିୟଡ୍ ଡ୍ରାମା ଫିଲ୍ମ ‘ଦି ବ୍ରୁଟାଲିଷ୍ଟ’ ପାଇଁ ଆମେରିକୀୟ ଅଭିନେତା ଆଡ୍ରିଏନ ନିକୋଲସ୍ ବ୍ରୋଡିଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ଓସ୍କାର ମିଳିଛି। ୫୧ ବର୍ଷୀୟ ଆଡ୍ରିଏନ ୯୦ ଦଶକରୁ ଚଳଚ୍ଚିତ୍ର ଜଗତରେ ପାଦ ଥାପିଥିଲେ। ସେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଚଳଚ୍ଚିତ୍ର ମାଧ୍ୟମରେ ନିଜ ଅଭିନୟର ଦକ୍ଷତାକୁ ପ୍ରତିପାଦନ କରିଛନ୍ତି। ☞ପୃଷ୍ଠା-୨

**ଆଡ୍ରିଏନ ବ୍ରୋଡି ଶ୍ରେଷ୍ଠ ଅଭିନେତା**



**ମିକି ମାଡିସନ ଶ୍ରେଷ୍ଠ ଅଭିନେତ୍ରୀ**



**ନ୍ୟାୟିକ ସେବାରେ ନିଯୁକ୍ତି**

# ଦୃଷ୍ଟିବାଧିତ ଅଯୋଗ୍ୟ ନୁହନ୍ତି

## ମଧ୍ୟପ୍ରଦେଶ ସରକାରଙ୍କ କଟକଣା ହଟାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୩(ପି.ଟି.)**

ଦୃଷ୍ଟିବାଧିତ ବ୍ୟକ୍ତିମାନଙ୍କୁ ନ୍ୟାୟିକ ସେବାରେ ନିଯୁକ୍ତି ପ୍ରଦାନକୁ ମନା କରାଯାଇପାରିବ ନାହିଁ। କେବଳ ଦୃଷ୍ଟିବାଧିତ ନୁହନ୍ତି, ଯେକୌଣସି ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ତାଙ୍କ ଶାରୀରିକ ଭିନ୍ନକ୍ଷମତାକୁ ଆଳକରି ନ୍ୟାୟିକ ସେବାରେ ନିଯୁକ୍ତିରୁ ବାଦ୍ ଦିଆଯିବା ଅନୁଚିତ ବୋଲି ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିସହ ମଧ୍ୟପ୍ରଦେଶ ସରକାରଙ୍କ ଏ ସମ୍ପର୍କିତ ଏକ କଟକଣାକୁ ଅଦାଲତ ଖାରଜ କରିଦେଇଛନ୍ତି।

କିଛି ରାଜ୍ୟର ନ୍ୟାୟିକ ସେବାରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସଂରକ୍ଷଣ ଦେବାକୁ ମନା କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ୫ଟି ପିଟିଶନ ଆବେଦନକାରୀଙ୍କ ପକ୍ଷରୁ ଦାଖଲ କରାଯାଇଥିବାବେଳେ ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ସେବା ପରୀକ୍ଷା (ନିଯୁକ୍ତି ଓ ସେବା ସର୍ତ୍ତ) ରୁଲ୍ସ ୧୯୯୪ର ନିୟମ ୬ଏ ଏବଂ ୭କୁ ନେଇ ନିଜ ଆଡୁ ଗୋଟିଏ ମାମଲା ରୁଜୁ କରିଥିଲେ। ସ୍ୱଳ୍ପ ଦୃଷ୍ଟିଶକ୍ତି ସମ୍ପନ୍ନ ଓ ଆଦୌ ଦେଖି ପାରୁ ନ ଥିବା ପ୍ରାର୍ଥୀଙ୍କୁ ବିଚାର ବିଭାଗରେ ନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ଉପରୋକ୍ତ ନିୟମରେ ଉଲ୍ଲେଖ ରହିଛି। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ଡିସେମ୍ବର ୩ (ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ)ରେ ଏହି ସମସ୍ତ ମାମଲାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ସୋମବାର ସୁପ୍ରିମକୋର୍ଟ ଏହା ଉପରେ ରାୟ ଶୁଣାଇ କହିଛନ୍ତି, ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିବା ପର୍ସନ୍ସ ୱିଦ୍ ଡିଜାବିଲିଟିଜ୍ (ପିଡବ୍ଲ୍ୟୁଡି) ପ୍ରାର୍ଥୀମାନେ ନ୍ୟାୟିକ ସେବାରେ ନିଯୁକ୍ତି ପାଇଁ ଯୋଗ୍ୟ। ସେମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଖାଲି ପଦବୀରେ ସେମାନଙ୍କୁ ନିଯୁକ୍ତି ଦିଆଯାଇପାରିବ। ଭିନ୍ନକ୍ଷମମାନେ କୌଣସି ଭେଦଭାବର ସମ୍ମୁଖୀନ ହେବା ଅନୁଚିତ ନୁହେଁ। ରାଜ୍ୟଗୁଡ଼ିକ ଏଭଳି ବ୍ୟକ୍ତିଙ୍କ ନିଯୁକ୍ତି ସକାଶେ ସମାବେଶୀ ଢାଞ୍ଚା ପ୍ରସ୍ତୁତ ପାଇଁ ସକାରାତ୍ମକ ପଦକ୍ଷେପ ନେବା ଜରୁରୀ। କୌଣସି ଆଶାୟୀଙ୍କୁ କେବଳ ଭିନ୍ନକ୍ଷମତା ଆଧାରରେ ନିଯୁକ୍ତି ପ୍ରଦାନରୁ ମନା କରାଯାଇପାରିବ ନାହିଁ। ପର୍ସନ୍ସ ୱିଦ୍ ଡିଜାବିଲିଟିଜ୍ ଆକ୍ଟ, ୨୦୧୬ରେ ପ୍ରଦତ୍ତ ଅଧିକାର ବଳରେ ସରକାର ସେମାନଙ୍କୁ ଚାକିରି ଦେବେ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ନଭେମ୍ବର ୭ରେ ଖଣ୍ଡପୀଠ ସାରା ଦେଶର ନ୍ୟାୟିକ ସେବା ନିଯୁକ୍ତିରେ ଦିବ୍ୟାଙ୍ଗଙ୍କୁ ସମାନ ସୁଯୋଗ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଅନେକ ନିର୍ଦ୍ଦେଶନାମା ଜାରି କରିଥିଲେ।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ରାଜ୍ୟ ମିଲେଟ ସ୍ୱାବଲମ୍ବୀ କାରିଗର ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ସମୟ: ମଧ୍ୟାହ୍ନ ୧୨ଟା।
- କେନ୍ଦ୍ର ବଜେଟ୍ ବିରୋଧରେ ସିପିଆଇର ପଥପ୍ରାନ୍ତ ସଭା, ସ୍ଥାନ: ଓମ୍ଫେଡ ଷ୍ଟଲ ନିକଟ, ଅଶୋକ ନଗର, ସମୟ: ଅପରାହ୍ନ ୫ଟା।
- ସାହିତ୍ୟ ପତ୍ରିକା 'ଝରଣା'ର ଦୋଳ ପୂର୍ଣ୍ଣିମା ସଂଖ୍ୟାର ଉନ୍ମୋଚନ ଉତ୍ସବ ଓ ଆଲୋଚନା ଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ୨୦ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ମହାତ୍ମାଗାନ୍ଧୀ ଜାତୀୟଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।

**ଖୋର୍ଦ୍ଧା**
- ମା'ଦକ୍ଷିଣକାଳୀଙ୍କ ପୀଠରେ ୧୭ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନିରଞ୍ଜନପୁର ମା'ଦକ୍ଷିଣକାଳୀଙ୍କ ପୀଠ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ନିର୍ମାଣ ଶ୍ରମିକ ବେନିଫିଟ୍ ଡିଷ୍ଟ୍ରିବ୍ୟୁଶନ୍ କ୍ୟାମ୍ପ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଚଳିତ ବଜେଟ୍ ସମ୍ପର୍କରେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ଶ୍ରୀଲେଦର୍ସର ଶୁଭ ଉଦ୍‌ଘାଟନ, ସ୍ଥାନ: କଚେରି ବଜାର ବାଲ୍‌ଗୋପାଳ ମନ୍ଦିର ପାଖ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀନାରାୟଣ ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୨ଟା।
- ଭଜନ ସମାରୋହ, ସ୍ଥାନ: ମହତାବ ନଗର ମଙ୍ଗଳା ମନ୍ଦିର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**
- ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ନୂଆ ରମ୍ଭାସ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ମହାସମାଧାନ ଶିବିର, ସ୍ଥାନ: ବସନ୍ତପୁର ପଞ୍ଚାୟତ, ଝୁମ୍ପୁରା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣଦ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗିରିପୋଷି,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର, ଦେବଶୂଳ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ଝିଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ଝିଙ୍କପଦା, କପ୍ତିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟକୁ ନେଇ ଖବରଦାତା ସମ୍ମିଳନୀ,ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୩ଟା।
- ବୁଦ୍ଧିଜୀବୀ ସମାବେଶରେ ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍‌ବୋଧନ, ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା।

**ବ୍ରହ୍ମପୁର**
- ଆଙ୍କୁଲି ଶିକ୍ଷାଞ୍ଚଳ ବିଦ୍ୟାଳୟର ବାର୍ଷିକୋତ୍ସବ,ସ୍ଥାନ: ସ୍କୁଲ ପରିସର,ସମୟ: ପୂର୍ବାହ୍ନ ୧୧ଟା।

**ଗଞ୍ଜାମ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ଛତ୍ରପୁର ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମୁତ୍ୟାଲୁ ପୋଲ୍ଲାମ୍ମା ଗ୍ରାମ୍ୟ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ପୋର୍ଟ ମତ୍ସ୍ୟ ଜେଟି ନିକଟ,ସମୟ: ମଧ୍ୟାହ୍ନ ୧୨ଟା ।
- ଶବ ବ୍ୟବଚ୍ଛେଦ ଗୃହ ଉଦଘାଟନ,ସ୍ଥାନ : ଛତ୍ରପୁର ହସ୍ପିଟାଲ,ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମହାନଦୀ ତଟରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସୁବଳ ଗାଁ ପାଖ ମହାନଦୀ ତଟ, ପାରାଦୀପ, ସମୟ: ସକାଳ ୭ଟା।
- କେନ୍ଦ୍ରାପ

**ନୟାଗଡ଼**
- ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ଗୋବିନ୍ଦପୁର ଭାଗୀରଥି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ଭାପୁର ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ ପ୍ରଥମ ସେମିଫାଇନାଲରେ ଭଞ୍ଜନଗର ୨ ବନାମ ମଙ୍ଗଳା କ୍ଲବ, କଟକ, ସ୍ଥାନ: ଭାପୁର ବ୍ଲକ ଭାପୁର ଖେଳପଡିଆ, ସମୟ: ଅପରାହ୍ନ ୩.୩୦ଟା।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରରେ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ମ୍ୟାଚରେ ଢେଙ୍କାନାଳ ମହିଳା ଓ ସ୍ପୋଟସ୍ ହଷ୍ଟେଲ ଓଡ଼ିଶା, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ସାଢ଼େ ୩.୩୦ଟା।
- ଲଡୁବାବାଙ୍କ ପୀଠରେ ଜାଗର ଯାତ୍ରାର ସପ୍ତମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ଅପରାହ୍ନ ୪ଟା।
- ମହିମା ଧର୍ମ, ବତୀ ପ୍ରଜ୍ୱଳନ, ଅଖଣ୍ଡ ବ୍ରହ୍ମଧ୍ୱନୀ ସ୍ଥାପନ, ସ୍ଥାନ: ଓଡ଼ଗାଁ ବ୍ଲକର ଭାଡିକିଳା, ସମୟ: ଅପରାହ୍ନ ୪ଟା।
- ନାଟ୍ୟଧାରା ପକ୍ଷରୁ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳାର ୩ୟ ଦିବସର ନାଟକ ଭିନ୍ନ ଏକ ନିଷ୍ପତ୍ତି, ସ୍ଥାନ: ପଠାଣି ସାମନ୍ତ ଅଡିଟୋରିୟମ, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ଶ୍ରୀ ଶ୍ରୀ ଶ୍ରୀ ରାଧାକାନ୍ତଙ୍କ ନବୀନ ପ୍ରାସାଦ ପ୍ରତିଷ୍ଠା ଅବସରରେ ଅଧିବାସ,ଅଙ୍କୁରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ରାଧାକାନ୍ତ ମନ୍ଦିର ପ୍ରଧାନୀଗୁଡ଼ା,ଗୁଣପୁର, ସମୟ: ସକାଳ ୭ ଟା।
- ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଡାରି ଏନ୍‌ଏସି, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ଜିଲାସ୍ତରୀୟ ଉନ୍ନୟନ ସମନ୍ୱୟ ପରିଚାଳନା କମିଟି ବୈଠକ, ସ୍ଥାନ: ମିଶନ ଶକ୍ତି ସମ୍ମିଳନୀ କକ୍ଷ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ଏମପି ପ୍ରଦୀପ ମାଝୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ହୋଟେଲ ଗ୍ଲେଜ, ସମୟ : ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ସମ୍ବଲପୁର ସେଲେବ୍ରିଟି କପ୍ କ୍ରିକେଟ ପ୍ରତିଯୋଗିତା ପାଇଁ ଅଭ୍ୟାସ ମ୍ୟାଚ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୭ଟା।
- ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥା ସମ୍ବଲପୁର ଶାଖା ଆୟୋଜିତ ଶ୍ରୀ ହରିକଥା କାର୍ଯ୍ୟକ୍ରମ, ସ୍ଥାନ: ହାଟପଡାସ୍ଥିତ ହନୁମାନ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ଓବିସି ସଂରକ୍ଷଣ ଦାବିରେ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବଲପୁର ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କୋଶଳ କଳା ମଣ୍ଡଳ ପଡ଼ିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଲୋଇସିଂହା ବ୍ଲକ ବୁର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବଲାଙ୍ଗୀର ବହିହାଟର ନବମ ଦିବସ, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ଣ ୨ଟା।

**ରାଉରକେଲା**
- ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ବାର୍ଷିକୋତ୍ସବ, ସ୍ଥାନ: ମେ ଫେୟାର ହକି ଭିଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦି ମିରର୍ ଅନୁଷ୍ଠାନର ବାର୍ଷିକୋତ୍ସବ, ସ୍ଥାନ: ସି-୩୧୭, ସେକ୍ଟର-୧୬, ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ: ଡିପିଏସ୍ ସେକ୍ଟର-୧୪, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ୱେଷା ପକ୍ଷରୁ ୧୧୦ତମ ମାଗଣା ହାଟ, ସ୍ଥାନ: ବାସନ୍ତୀ ଲେପର୍ସି କଲୋନି, ସମୟ: ପୂର୍ବାହ୍ନ ୧୧ଟା।

**ସୁନ୍ଦରଗଡ଼**
- ହେମଗିର ମନୋହରପୁର ସ୍ଥିତ ଓସିପିଏଲ ଡିସପେନସେରୀ,ଇନଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ,ଡିଏଭି ସ୍କୁଲ ଉଦ୍‌ଘାଟନ ସମାରୋହ, ସ୍ଥାନ: ମନୋହରପୁର ଟାଉନଶିପ, ଅପରାହ୍ନ୪ଟା।

**ବରଗଡ଼**
- କିଶୋର ନ୍ୟାୟ ଅଧିନିୟମ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ବୟନ ଶିଳ୍ପ ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍।

**କଳାହାଣ୍ଡି**
- ଏସ୍‌ଏସ୍‌ଡି ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକର କାଠକୁରାସ୍ଥିତ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପଥପ୍ରାନ୍ତ ସଭା, ସ୍ଥାନ: ବିଶ୍ୱନାଥପୁର, ଚମ୍ପାଦେଇପୁର, ପୋଖରିବନ୍ଧ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ଦିନରେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଷୋହଳତମ ଅଲ ଇଣ୍ଡିଆ ଡିଏସ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

**ନୂଆପଡ଼ା**
- ଭିନ୍ନକ୍ଷମ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଲଭା ପଞ୍ଚାୟତ ଠାକୁରପାଲି ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ବୈଠକି କୀର୍ତ୍ତନ, ସ୍ଥାନ: ତରବୋଡ ସାପ୍ତାହିକ ହାଟ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- ସୁନ୍ଦରକାଣ୍ଡ ପାଠ, ସ୍ଥାନ: ପୁଝାରୀପାଲି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ସାଲେଟିକ୍ରା, ସମୟ: ସକାଳ ୮ଟା।
- ମରାକୁଠା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ମରାକୁଠା ଆଶ୍ରମ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆପଣଙ୍କ ଅବଦମିତ ଇଚ୍ଛା, ଅସମ୍ପୂର୍ଣ୍ଣ କାର୍ଯ୍ୟ, ବନ୍ଧୁଙ୍କ ଅନାଦର ଭାବ ଯୋଗୁ ମନ ଦୁଃଖ ହୋଇପାରେ। କୃତ୍ତିକା ନକ୍ଷତ୍ରର ଭ୍ରମଣ ହେତୁକ କ୍ଲାନ୍ତି ଦେଖାଦେଇପାରେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭରେ ହତାଶାବୋଧ କରିପାରନ୍ତି।

**ବୃଷ** – ଆଜିର ଯାତ୍ରାରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ବନ୍ଧୁଙ୍କ ଜରିଆରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ରୋହିଣୀ ନକ୍ଷତ୍ର କଠିନ ଶ୍ରମ ଓ ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ହୋଇପାରେ। ଅବକାରୀ ବା ନିୟନ୍ତ୍ରିତ ଦ୍ରବ୍ୟର ବ୍ୟବସାୟରେ ଖିଲାପକରି ଦଣ୍ଡିତ ହୋଇପାରନ୍ତି।

**ମିଥୁନ** – ଆଜି କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟହେବେ। ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ଅବହେଳା ଯୋଗୁ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି। ପୁନର୍ବସୁ ନକ୍ଷତ୍ର ବନ୍ଧୁବର୍ଗଙ୍କ ସାହାଯ୍ୟ ଲାଭକରି ନୂତନ ଯୋଜନାରେ କୃତକାର୍ଯ୍ୟ ହେବେ।

**କର୍କଟ** – ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବିବାଦୀୟ ମନ୍ତବ୍ୟ ଦେଇପାରନ୍ତି। ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ପଡ଼ୋଶୀ ମନ ବଳାଇବେ। ଅଶ୍ଳେଷା ନକ୍ଷତ୍ର ବାଧ୍ୟବାଧକତାରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଉଚ୍ଚପଦାଧିକାରୀଙ୍କ ଭତ୍ସନାରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**ସିଂହ** – ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ବୃଥା ଆଶଙ୍କା କରି ଅସୁସ୍ଥତା ଅନୁଭବ କରିପାରନ୍ତି। ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ ନଚେତ୍ ନତୁବା କ୍ଷତିରେ ପଡ଼ିଯାଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟିହେବା ସୂଚନା ରହିଛି। ବିବାଦୀୟ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କନ୍ୟା** – ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ କାମଗୁଡ଼ିକର ସମୀକ୍ଷା କରିବାରେ ବିଳମ୍ବ ଘଟିପାରେ। ହସ୍ତା ନକ୍ଷତ୍ର ସକାଶେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଦୀର୍ଘଦିନର କ୍ରନିକ୍ ରୋଗପୀଡ଼ା ଲାଘବ ହୋଇ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା ଆଶା ରହିଛି।

**ତୁଳା** – ଆଜିର ଦିନରେ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମନଟା ଭଲ ରହିବ ନାହିଁ। ଆଜି ହିଁ ଶେଷ କରିବାକୁ ଚିନ୍ତା କରିଥିବା କାମଗୁଡ଼ିକ ବାସ୍ତବରେ ଭିନ୍ନରୂପ ନେବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ଯୋଗୁ ସାମୟିକ ଖୁସି ଅନୁଭବ କରିବେ। ବିଶାଖା ନକ୍ଷତ୍ରର ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ବିଛା** – ଅନାହୂତ ଭାବରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବେ। ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ନତୁବା କୌଣସି ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଠକାମିରେ ପଡ଼ିପାରନ୍ତି। ବନ୍ଧୁଙ୍କ ସହାୟତାରୁ ଶତ୍ରୁ ଉପଦ୍ରବ ହ୍ରାସପାଇବ। ଅନୁରାଧା ନକ୍ଷତ୍ରର ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଦେଖାଦେଇପାରେ।

**ଧନୁ** – ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସାମାଜିକ କାମରେ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। କିନ୍ତୁ ମୂଳା ନକ୍ଷତ୍ର ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇପାରନ୍ତି। କର୍ମଦକ୍ଷତା ଓ ଲୋକପ୍ରିୟତା କାରଣରୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ମକର** – ନୂତନ କର୍ମସଂସ୍ଥାନ ଓ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାରୁ ଚାପର ସମ୍ମୁଖୀନ ହେବେ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ଆଶାନୁରୂପ ଫଳ ପାଇବେ। ଶ୍ରବଣା ନକ୍ଷତ୍ର ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**କୁମ୍ଭ** – ପୂର୍ବ ନିର୍ଦ୍ଧାରିତ ଯୋଜନାନୁଯାୟୀ ଘରେ ବନ୍ଧୁମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। ସ୍ଥଗିତ ରହିଯାଇଥିବା କାମରେ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଶତଭିଷା ନକ୍ଷତ୍ରର ଚାକିରିରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କୌଣସି କାମରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାର ସମ୍ମୁଖୀନ ହେବେ।

**ମୀନ** – ସାମାଜିକ ସ୍ତରରେ କୌଣସି କାର୍ଯ୍ୟ ସକାଶେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆଜି ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ସାହିତ୍ୟ, ଭ୍ରମଣ, ବାଣିଜ୍ୟ ଓ ରାଜନୀତି ତଥା ପ୍ରଶାସନ ପାଇଁ ଭଲ।

ଆଜି ମାର୍ଚ୍ଚ ୪ ତାରିଖ, ରାଷ୍ଟ୍ରୀୟ ନିରାପତ୍ତା ସପ୍ତାହ ଆରମ୍ଭ, ଫାଲ୍‌ଗୁନ୍ ଶୁକ୍ଳ ୫ମୀ ମଙ୍ଗଳବାର। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ. ୦୯।୦୩ ମି. ମଧ୍ୟେ, ଘ.୧୦।୪୮ ମି. ଗତେ, ଘ.୦୧।୦୮ ମି. ଗତେ, ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୨।୫୩ ମି. ଗତେ, ଘ.୦୪।୨୧ ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଇଞ୍ଜେକ୍ସନ ନେବା...

ଲୋକେ କହିଛନ୍ତି। ଏହାକୁ ନେଇ ସେମାନେ ସେଠାରେ ପାଟିତୁଣ୍ଡ କରିଥିଲେ। ଡାକ୍ତର ସାଗର ନାୟକ ଚିକିତ୍ସା କରିବା ପରିବର୍ତ୍ତେ ଗାଳିଗୁଲଜ କରିଥିବା ଏବଂ ଅକ୍ସିଜେନ ଦେବା ପାଇଁ ମନା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ସୋରଡ଼ା ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଆଶିଷ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଏହା ପୂର୍ବରୁ ଡିସେମ୍ବର ୧୯ ତାରିଖରେ ସୋରଡା ଅଞ୍ଚଳର ଆଶାଲତା ପଣ୍ଡାଙ୍କ ୪ ବର୍ଷୀୟା ଝିଅ ବୈଷ୍ଣବୀ ଅସୁସ୍ଥ ହେବାରୁ ତାଙ୍କୁ ସୋରଡ଼ା ମେଡିକାଲକୁ ଅଣାଯାଇଥିଲା। ଏଠାରେ ଡାକ୍ତର ବଡ଼ଗଡରେ ଏକ୍ସ-ରେ କରିବା ପାଇଁ କହି ପରେ ବୈଷ୍ଣବୀଙ୍କୁ ଏକ ଇଞ୍ଜେକ୍‌ଶନ ଦେଇଥିଲେ। ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଇବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଆଶାଲତା ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଜଣେ ଶିଶୁ ବିଶେଷଜ୍ଞ ଓ ବଡ଼ଗଡ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ସମ୍ପୃକ୍ତ ଡାକ୍ତରଙ୍କୁ ଜିଲାପାଳ ମୁନିସିପେଣ୍ଟ ଡାକ୍ତରଖାନାକୁ ବଦଳି କରିବା ସହ ସେଠାରେ କାର୍ଯ୍ୟରତ ଡାକ୍ତର ସାଗର ନାୟକଙ୍କୁ ସୋରଡ଼ା ମେଡିକାଲରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ହସ୍ପିଟାଲରେ ଝିଅ...

ରିପୋର୍ଟ ପାଇ ନ ଥିବା ଆଶାଲତା କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇନି। ତେଣୁ ସୋମବାର ସେ ଛତ୍ରପୁର ଆସି ଅତିରିକ୍ତ ଜିଲାପାଳଙ୍କୁ ଭେଟି ତାଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବା ଓ ହସ୍ପିଟାଲରେ ଅବହେଳା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ୟୁଏଇରେ ଭାରତୀୟ...

୫ତାରିଖରେ ସାହଜାଦିଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ, କୋଭିଡ୍ ସମୟରେ ସାହାଜାଦି ଫେସ୍‌ବୁକ୍ ଜରିଆରେ ଉତ୍ତରପ୍ରଦେଶ ଆଗ୍ରାର ଉଜେର ନାମକ ଜଣେ ଯୁବକଙ୍କ ସହ ବନ୍ଧୁତ୍ୱ ସୃଷ୍ଟି କରିଥିଲେ। ଉଜେର ନିଜକୁ ଜଣେ ସାମାଜିକକର୍ମୀ ତଥା ବ୍ୟବସାୟୀ ବୋଲି ପରିଚୟ ଦେଇଥିଲେ। ତାଙ୍କ ସମ୍ପର୍କୀୟ ଦୁବାଇରେ ରହୁଛନ୍ତି। ତେଣୁ ସାହାଜାଦିଙ୍କ ମୁହଁରେ ହୋଇଥିବା ପୋଡ଼ା ଦାଗକୁ ଅସ୍ତ୍ରୋପଚାର ମାଧ୍ୟମରେ ଆବୁଧାବିରେ ଭଲ କରିଦେବେ ବୋଲି କହି ଉଜେର ତାଙ୍କ ମନରେ ବିଶ୍ୱାସ ସୃଷ୍ଟି କରିଥିଲେ। ଏପରି କି ତାଙ୍କୁ ଟୁରିଷ୍ଟ ଭିଜା ଜରିଆରେ ୨୦୨୧ ଡିସେମ୍ବରରେ ଆବୁଧାବି ନେଇଯାଇଥିଲେ। ସେଠାରେ ଉଜେର ନିଜ ସମ୍ପର୍କୀୟ ଦାଦାଙ୍କ ପାଖରେ ସାହାଜାଦିଙ୍କୁ ରଖି ତାଙ୍କ ଅସ୍ତ୍ରୋପଚାର ପରିବର୍ତ୍ତେ ଘରୋଇ ସହାୟିକା ଭାବେ କାର୍ଯ୍ୟ କରାଇଥିଲେ। ୨୦୨୨ ଅଗଷ୍ଟରେ ସାହାଜାଦିଙ୍କ ମାଲିକଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଉକ୍ତ ଶିଶୁପୁତ୍ରର ଲାଳନପାଳନ ପାଇଁ ସାହାଜାଦିଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୨୨ ଡିସେମ୍ବର ୭ତାରିଖରେ ଉକ୍ତ ଶିଶୁପୁତ୍ର ନିୟମିତ ଟିକା ନେଇଥିଲେ। ହେଲେ ସେହିଦିନ ସନ୍ଧ୍ୟାରେ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା। ୨୦୨୩ ଫେବୃଆରୀରେ ଏକ ଭିଡିଓ ରେକର୍ଡିଂରେ ସାହାଜାଦି ଶିଶୁପୁତ୍ରର ମୃତ୍ୟୁ ପାଇଁ ନିଜକୁ ଦାୟୀ କରିଥିବା ଦେଖିବାକୁ ମିଳିଥିଲା। ଏପରି କି ମାଲିକ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ସେ ଏଭଳି କାର୍ଯ୍ୟ କରିଥିବା ସ୍ୱୀକାର କରିଥିଲେ। ପରେ ତାଙ୍କୁ ଆବୁଧାବି ପୋଲିସ ଜିମା ଦିଆଯାଇଥିଲା। ୨୦୨୩ ଜୁଲାଇ ୩୧ରେ ତାଙ୍କୁ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ପରେ ତାଙ୍କୁ ଅଲ୍ ବଟୱା ଜେଲରେ ରଖାଯାଇଥିଲା। ୨୦୨୪ ସେପ୍ଟେମ୍ବର ୨୦ ପରେ ତାଙ୍କୁ ଯେକୌଣସି ଦିନରେ ଫାଶୀ ଦିଆଯାଇପାରେ ବୋଲି କୁହାଯାଇଥିଲା। ଅପରପକ୍ଷରେ ସାହାଜାଦିଙ୍କ ବାପା ସବିର ଖାନ୍ ଝିଅର କିଛି ଭୁଲ୍ ନ ଥିବା କହିଛନ୍ତି। ଯେଉଁଦିନ ଶିଶୁପୁତ୍ରର ମୃତ୍ୟୁ ହେଲା ଡାକ୍ତର ପୋଷ୍ଟ ମର୍ଟମ୍ ପାଇଁ ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ହେଲେ ସେମାନେ ତାହା ଶୁଣି ନ ଥିଲେ। ଏପରି କି ଉକ୍ତ ଘଟଣାର ପରବର୍ତ୍ତୀ ତଦନ୍ତକୁ ଅଗ୍ରାହ୍ୟ କରିବା ନେଇ ସମ୍ମତି ପ୍ରକାଶ କରିଥିଲେ। ୟୁଏଇରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ସାହାଜାଦିଙ୍କ ପାଇଁ ଓକିଲ ଯୋଗାଇ ଦିଆଯାଇଥିବା କୁହାଯାଉଥିବାବେଳେ ସାହାଜାଦିଙ୍କୁ କୋର୍ଟରେ ଠିକ୍ ଭାବେ ପ୍ରତିନିଧିତ୍ୱ କରାଯାଉ ନ ଥିଲା ବୋଲି ସବିର ଅଭିଯୋଗ ଆଣିଛନ୍ତି। ନିକଟରେ ସେ ଝିଅର ଅବସ୍ଥା କିପରି ଅଛି ତାହା ଜଣାଇବାକୁ ଆବୁଧାବିରେ ଅବସ୍ଥାପିତ ଭାରତୀୟ ଦୂତାବାସ ଏବଂ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। ଗତ ୧ତାରିଖରେ ୟୁଏଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦିଲ୍ଲୀ ହାଇକୋର୍ଟଙ୍କୁ ସାହାଜାଦିଙ୍କୁ ଫାଶୀ ଦିଆଯାଇଥିବା ସମ୍ପର୍କରେ ସ୍ପଷ୍ଟ କରିଥିଲେ। ଏନେଇ ସୋମବାର ଅତିରିକ୍ତ ସଲିସିଟର ଜେନେରାଲ ଚେତନ୍ ଶର୍ମା କୋର୍ଟରେ ଅବଗତ କରାଇବା ପରେ ବିଚାରପତି ସଚିନ୍ ଦତ୍ତ ଏହାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

## ୬ ବର୍ଷ ଶିଶୁ କନ୍ୟା...

ଲୋକେ ଶିଶୁକନ୍ୟାଙ୍କୁ କୌଣସି ଗୁଣିଆ ଦିଶାରୀ ପାଖକୁ ନେଇ ଝଡ଼ାଫୁଙ୍କା କରାଇ ଚେଙ୍କ ଦେଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ସାମାଜିକ କର୍ମୀ କାଦମ୍ବିନୀ ତ୍ରିପାଠୀ ଘଟଣାର ନିନ୍ଦା କରିବା ସହ ଆଗାମୀ ଦିନରେ ଯେଭଳି ଏହାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ସହ ଲୋକଙ୍କ ମଧ୍ୟରେ ଏ ନେଇ ସଚେତନତା ସୃଷ୍ଟି କରିବାକୁ ନିବେଦନ କରିଛନ୍ତି।

## ଏପ୍ରିଲରୁ ପୁଣି...

ସେହି ଜମି ସରକାରଙ୍କ ଖାତାକୁ ଥରେ ଆସିଯିବା ପରେ, ତାହା ଆଉ ବିକ୍ରି ହୋଇପାରିବ ନାହିଁ। ପୂର୍ବରୁ ଏହା ବିଲଡରଙ୍କ ନାଁରେ ରହୁଥିବାରୁ ସମସ୍ୟା ରହୁଥିଲା। ଏପରି କି ପୌରସଂସ୍ଥା ସେଠାରେ ରାସ୍ତା ନିର୍ମାଣ କରିପାରୁ ନ ଥିଲେ। ସବୁ ପ୍ଲଟ୍ ବିକି ସାରିବା ପରେ ବିଲଡର ରାସ୍ତାକୁ ସରକାରୀ ସଂସ୍ଥାକୁ ହସ୍ତାନ୍ତର କରୁଥିଲା। ଅଧିକାଂଶ ସମୟରେ ରାସ୍ତାର ଧାର୍ଯ୍ୟ ଓସାର ନ ଥିବା ଅଭିଯୋଗ ହେଉଥିଲା ଏବଂ ପ୍ଲଟ୍ କିଣୁଥିବା ଲୋକମାନେ ସମସ୍ୟା ଭୋଗୁଥିଲେ। ମାତ୍ର ଏବେ ପ୍ଲଟ୍ ବିକ୍ରି କରିବା ପୂର୍ବରୁ ରାସ୍ତା ଓ ନାଳ ପାଇଁ ସଂରକ୍ଷିତ ଜମି ପ୍ରଥମେ ସରକାରୀ ସଂସ୍ଥାକୁ ହସ୍ତାନ୍ତର ହେବ। ଫଳରେ ଏହି ସମସ୍ୟା ଆଉ ରହିବ ନାହିଁ। ଦୀର୍ଘଦିନ ପରେ ଏହି ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଇଥିବାବେଳେ ସାଧାରଣଲୋକ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।

## 'ଅନୋରା'କୁ ୫ ଓସ୍କାର...

ଅନ୍ୟପକ୍ଷରେ, 'ଅନୋରା' ଫିଲ୍ମ ପାଇଁ ଆମେରିକୀୟ ଫିଲ୍ମ ନିର୍ମାତା ସିନ୍ ବାକେରଙ୍କୁ 'ଶ୍ରେଷ୍ଠ ନିର୍ଦ୍ଦେଶକ' ଏବଂ 'ବେଷ୍ଟ ଅରିଜିନାଲ ସ୍କ୍ରିନ୍ ପ୍ଲେ' ସମ୍ମାନ ମିଳିଛି। ସ୍ପାନିଶ୍ ଭାଷାରେ ନିର୍ମିତ ମ୍ୟୁଜିକାଲ କ୍ରାଇମ କମେଡି ଫିଲ୍ମ 'ଏମିଲିଆ ପେରେଜ' ପାଇଁ ଆମେରିକୀୟ ଅଭିନେତ୍ରୀ ଜୋଇ ସଲ୍‌ଦାନା ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ଭାବେ ଓସ୍କାର ଜିତିଛନ୍ତି। ସେହିପରି କମେଡି ଡ୍ରାମା ଫିଲ୍ମ 'ଏ ରିଅଲ ପେନ୍' ପାଇଁ ଅଭିନେତା କିରାନ କୁଲ୍‌କିନ୍ ଶ୍ରେଷ୍ଠ ସହାୟକ ଅଭିନେତା ବିବେଚିତ ହୋଇଛନ୍ତି। ବ୍ରାଜିଲର ପଲିଟିକାଲ ବାଇଓଗ୍ରାଫିକାଲ ଡ୍ରାମା ଫିଲ୍ମ 'ଆଇ ଆମ୍ ଷ୍ଟିଲ୍ ହିଅର' ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ଭାବେ ଓସ୍କାର ପୁରସ୍କାରକୁ ହାତେଇଛି। ସେହିପରି ଗାଜାରେ ଇସ୍ରାଏଲର ଆକ୍ରମଣ ବିରୋଧରେ କାର୍ଯ୍ୟରତ ପାଲେଷ୍ଟିନୀୟ ସାମାଜିକ କର୍ମୀଙ୍କ କାହାଣୀକୁ ନେଇ ପର୍ଯ୍ୟବସିତ ଫିଲ୍ମ 'ନୋ ଅଦର ଲାଣ୍ଡ'କୁ ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଚର ଫିଲ୍ମ ଭାବେ ଓସ୍କାର ପୁରସ୍କାର ମିଳିଛି। ତେବେ 'ଓସ୍କାର ୨୦୨୫'ରେ ଭାରତୀୟଙ୍କ ଏକମାତ୍ର ଆଶା ଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ଦ୍ୱାରା ନିର୍ମିତ ଆମେରିକୀୟ ହିନ୍ଦୀ ଭାଷୀ ଫିଲ୍ମ 'ଅନୁଜା'କୁ ନିରାଶ ହେବାକୁ ପଡ଼ିଛି। 'ବେଷ୍ଟ ଲାଇଭ୍ ଆକ୍ସନ ସର୍ଟ ଫିଲ୍ମ' ଶ୍ରେଣୀରେ 'ଅନୁଜା'କୁ ପଛରେ ପକାଇ କୋରୀୟ ସର୍ଟ ଫିଲ୍ମ 'ଆଇ ଆମ୍ ନଟ୍ ଏ ରୋବର୍ଟ'କୁ ସଫଳତା ମିଳିଛି। ୯୭ତମ ଓସ୍କାର ପୁରସ୍କାର ସମାରୋହରେ ହୋଷ୍ଟ ଥିବା କୋନନ୍ ଭାରତୀୟ ଦର୍ଶକଙ୍କ ପାଇଁ ହିନ୍ଦୀରେ କିଛି ପଦ ସମ୍ବୋଧନ କରି ସୋସିଆଲ ମିଡିଆରେ ପ୍ରଶଂସା ସାଉଣ୍ଟିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଢ଼େଇ ଅଣ୍ଟରେ କୁଣ**
**ବଡ଼ ଘର ଦେଖି ଦେଇଛ ବାପା ହେ**
**ପେଯକୁ ନ ମିଳେ ଲୁଣ।**

ଭଲ ଘର, ଭଲ ବର ଦେଖି ପ୍ରତ୍ୟେକ ପିତାମାତା ଝିଅକୁ ବିବାହ କରାଇଥାନ୍ତି। ତେବେ ଶାଶୁଘରର ଆର୍ଥିକ ଅବସ୍ଥା ଯଦି ସ୍ୱଚ୍ଛଳ ହୋଇ ନ ଥାଏ ତା'ହେଲେ ବିଚରା ଝିଅ ବଡ଼ ଦୁଃଖକଷ୍ଟ ପାଇଥାଏ। ବାହାଘର ପୂର୍ବରୁ ଭଲ ଘର, ଭଲ ଚଳଣି ଭାବି ବିଭାହୋଇଥିବା ଝିଅଟି ଶାଶୁଘରର ପ୍ରକୃତ ଦୁରବସ୍ଥା ଦେଖି ଦୁଃଖରେ ମ୍ରିୟମାଣ ହୋଇପଡ଼ିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛନକା ପଶିଛି ଏଥର**
**ଛନ୍ଦ ଲଗାଇଛି ଗୋବିନ୍ଦା ମାଆ**
**ଢିଙ୍କି ମୁଣ୍ଡେ ଦିଏ ପାହାର।**

ଖଳ ବ୍ୟକ୍ତିଙ୍କୁ ପ୍ରତିରୋଧ କରା ନ ଗଲେ ତାଙ୍କ ଦୁଃସାହସ ବଢ଼ିଯାଏ। ଅସଲ ଜାଗାରେ ଠିକ୍ ପ୍ରତିବନ୍ଧକ ରୂପେ ଠିଆହୋଇ ଅନ୍ୟାୟର ମୁଖା ଖୋଲିବା ନେଇ ଉଦ୍ୟମ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




## ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ହେଲେ କୌଶିକ ପଟ୍ଟନାୟକ

**ଭୁବନେଶ୍ୱର, ୩।୩(ସୁନିତ୍ ମିଶ୍ର)**

ବାଂଶପାଣି ତହସିଲଦାର ଭାବେ ଦାୟିତ୍ୱ ତୁଲାଉଥିବା ଓଏଏସ୍ ଅଫିସର କୌଶିକ ପଟ୍ଟନାୟକଙ୍କୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି(ଅଫିସର ସ୍ପେଶାଲ ଡ୍ୟୁଟି) ଭାବେ ନିଯୁକ୍ତି ମିଳିଛି। ସେ ସଂସଦୀୟ ବ୍ୟାପାର ବିଭାଗ ଅଧୀନରେ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସରକାର ସୋମବାର ଓଏସ୍ ସ୍ତରରେ ଅଦଳବଦଳ କରିଥିବା ବେଳେ ସେଥିରେ କୌଶିକ ପଟ୍ଟନାୟକଙ୍କ ନୂଆ ନିଯୁକ୍ତି ନେଇ ପ୍ରକାଶ ପାଇଛି।

# ସେଣ୍ଟ୍ରିଂ ଖୋଲିବା ବେଳେ ୨ ଶ୍ରମିକ ମୃତ

**ଆସିକା,୩।୩ (ସୁରେନ୍ଦ୍ର ନାଥ ସାହୁ)**

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ କର୍ପୂରନୂଆଗାଁ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ନିର୍ମାଣାଧୀନ ଏକ ଘରର ସମ୍ମୁଖ ଭାଗ ତାଜାରୁ ସେଣ୍ଟ୍ରିଂ ଖୋଲୁଥିଲା ବେଳେ ତାହା ଭୁଶୁଡ଼ି ପଡ଼ିବାରୁ ଚାପିହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୋଦିନେଡ଼ା ଥାନା ଅନ୍ତର୍ଗତ ଭେଟନଈ ଗ୍ରାମର ନିରଞ୍ଜନ ମହାନ୍ତି ଓ ଭଞ୍ଜନଗର କୁଲାଡ ନିକଟସ୍ଥ ଗୋଠଣ୍ଡା ଗ୍ରାମର ଖଦାଳ ସେଠୀ। ଉଭୟେ ଜଣେ ଠିକାଦାରଙ୍କ ଅଧୀନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେଣ୍ଟ୍ରିଂ ସହ ତାଜା ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଯିବାରୁ ଚାପିହୋଇ ରହିଯାଇଥିଲେ। ଗୁରୁତର ଅବସ୍ଥାରେ ୨ ଶ୍ରମିକଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଆସିକା ପୋଲିସ ଡାକ୍ତରଖାନା ଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସମ୍ପୃକ୍ତ ଠିକାଦାରଙ୍କୁ ଅଟକ ରଖାଯାଇଛି। ଏ ନେଇ ମୃତ ନିରଞ୍ଜନଙ୍କ ଭାଇ କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଭିଯୋଗକ୍ରମେ ଆସିକା ଥାନାରେ ନଂ.୨/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ୨ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଥିବା ଆସିକା ତହସିଲଦାର ସଙ୍ଗୀତା ସେନ୍ କହିଛନ୍ତି।


ସେଣ୍ଟ୍ରିଂ ସହ ଭୁଶୁଡ଼ି ପଡ଼ିଥିବା ତାଜା।

# ଆମ ସରକାର ସବୁ ବର୍ଗର ଲୋକଙ୍କୁ ସହାୟତା କରୁଛନ୍ତି: ମୋହନ

**ଭୁବନେଶ୍ୱର, ୩।୩(ସୁନିତ୍ ମିଶ୍ର)**


ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହ ଦେଓ ଓ ଅନ୍ୟମାନେ।

## ମୁଖ୍ୟମନ୍ତ୍ରୀଙ୍କ ୯ମ ପାଳି ଅଭିଯୋଗ ଶୁଣାଣି ଶେଷ

### ଅଷ୍ଟମ ପାଳି ସୁଦ୍ଧା ୮୭୩୭ଟି ଅଭିଯୋଗରୁ ୭୩୩୧ଟିର ସମାଧାନ ହୋଇଛି

ମୁଖ୍ୟମନ୍ତ୍ରୀଙ୍କ ନବମ ପାଳି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଏବଂ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅଭିଯୋଗ ପ୍ରକୋଷ୍ଠ ଜରିଆରେ ଆମ ସରକାର ସବୁ ବର୍ଗର ଲୋକଙ୍କୁ ସହାୟତା ପ୍ରଦାନ କରୁଛନ୍ତି। ବିଶେଷ କରି ଭିନ୍ନକ୍ଷମ, ବରିଷ୍ଠ ଓ ଜରୁରୀ ସେବା ଆବଶ୍ୟକ କରୁଥିବା ବ୍ୟକ୍ତିବିଶେଷଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଦୁଃଖ ଓ ସମସ୍ୟାରେ ଜର୍ଜରିତ ବ୍ୟକ୍ତିମାନେ ସେମାନଙ୍କ ସମସ୍ୟା ଓ ଅଭିଯୋଗ ନେଇ ଏଠାକୁ ଆସୁଛନ୍ତି। ସମସ୍ତଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନିଆଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗ ଓ କର୍ତ୍ତୃପକ୍ଷଙ୍କ ନିକଟକୁ ଏହାର ସମାଧାନ ପାଇଁ ଅଭିଯୋଗପତ୍ର ପ୍ରେରଣ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀମଣ୍ଡଳର ୭ ଜଣ ସଦସ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। କେବଳ ଚିକିତ୍ସା ସହାୟତା ନୁହେଁ, ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ନେଇ ଅଭିଯୋଗକାରୀମାନେ ଆସିଥିଲେ। ସମସ୍ତଙ୍କ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ଶୁଣି ଆବଶ୍ୟକ ସ୍ଥଳେ ଟେଲିଫୋନ୍ ଜରିଆରେ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ଉପସ୍ଥିତ ବରିଷ୍ଠ ସଚିବସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗ ପ୍ରକୋଷ୍ଠରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉଛି। ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ପୁରୀ ଜିଲା ନିମାପଡ଼ାରୁ ଆସିଥିବା ପକ୍ଷାଘାତ ଆକ୍ରାନ୍ତ ହେମନ୍ତ ସାହୁଙ୍କୁ ୧ ଲକ୍ଷ ଟଙ୍କା, ଖୋର୍ଦ୍ଧା ଜିଲା ନିରାକାରପୁରରୁ ଆସିଥିବା ପକ୍ଷାଘାତ ଆକ୍ରାନ୍ତ ବିଚିତ୍ର ପାଇକରାୟଙ୍କୁ ୧ ଲକ୍ଷ , ବାଲେଶ୍ୱର ଜିଲା ଭୋଗରାଇରୁ ଆସିଥିବା ବୋନ୍ ମ୍ୟାରୋ କ୍ୟାନସର ପୀଡ଼ିତା ହାଜିରା ବିବିଙ୍କୁ ୩ ଲକ୍ଷ, କନ୍ଧମାଳ ଜିଲା ଟିକାବାଲିରୁ ଆସିଥିବା କ୍ୟାନସର ପୀଡ଼ିତା ଇନ୍ଦୁ ବେହେରାଙ୍କୁ ୧ ଲକ୍ଷ ଏବଂ ଗଜପତି ଜିଲାରୁ ପୁଅର ଚିକିତ୍ସାରେ ସର୍ବସ୍ୱାନ୍ତ ହୋଇଥିବା ରଶ୍ମିତା ନାୟକଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶିକୁ ମଞ୍ଜୁର କରାଯାଇଛି। ଏହି ତତ୍କାଳ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯୋଗ ପ୍ରକୋଷ୍ଠରେ ଡାକ୍ତରୀ ଦଳ ମଧ୍ୟ ନିୟୋଜିତ ଥିଲେ।

ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମର ଅଷ୍ଟମ ପାଳି ସୁଦ୍ଧା ୮୭୩୭ଟି ଅଭିଯୋଗ ଗ୍ରହଣ କରାଯାଇ ସେଥି ମଧ୍ୟରୁ ୭୩୩୧ଟି ଅଭିଯୋଗର ସମାଧାନ କରାଯାଇଛି। ଏହା ଶତକଡ଼ା ୮୪% ଅଟେ। ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ରବି ନାରାୟଣ ନାୟକ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

**ଓଡ଼ିଶା ସୀମାନ୍ତବାସୀଙ୍କ ବିରୋଧ**

# ପଛଘୁଞ୍ଚା ଦେଲା ପଶ୍ଚିମବଙ୍ଗ


ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରିବାକୁ ଯାଉଛନ୍ତି।

**ଭୋଗରାଇ,୩।୩(ପ୍ରଦୀପ ଦାସ)**

- ସ୍ଥିତି ଅନୁଧ୍ୟାନ କଲେ ବିଧାୟକ, ପ୍ରଶାସନ
- ସୀମାନ୍ତରେ ପୋତାଯିବ ସିମେଣ୍ଟ ଖୁଣ୍ଟି

ଦୀର୍ଘ ୪ବର୍ଷ ନୀରବତା ପରେ ପୁଣି ଓଡ଼ିଶା ସୀମା ଦଖଲ ଲାଗି ଉଦ୍ୟମ କରୁଛି ପଶ୍ଚିମବଙ୍ଗ। ଗତ ଶୁକ୍ରବାର ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ରାମନଗର ବ୍ଲକ ରାଜସ୍ୱ ବିଭାଗ ଓ ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ସୀମାନ୍ତ ସହାବାଜିପୁର ଗାଁ ମଧ୍ୟରେ ଆକସ୍ମିକ ପଶି ବେଆଇନ ଭାବେ ମାପଚୁପ ଓ ସିମେଣ୍ଟ ଖୁଣ୍ଟି ପୋତି ସୀମା ନିର୍ଦ୍ଧାରଣ ଲାଗି ଉଦ୍ୟମ କରୁଥିଲେ। ସୀମାନ୍ତ ଗାଁର ଲୋକେ ପ୍ରବଳ ପ୍ରତିରୋଧ କରିବା ଯୋଗୁ ସେମାନେ ଭୟରେ ଖୁଣ୍ଟି ଉପାଡ଼ିନେଇ ପଛଘୁଞ୍ଚା ଦେଇଛନ୍ତି। ହେଲେ ପଶ୍ଚିମବଙ୍ଗ ପ୍ରଶାସନ ଓ ଦଳୀୟ ନେତାମାନେ ମିଳିତ ଭାବେ ଦୀଘାରେ କୌଶଳଗତ ଭାବେ ସୀମାଦଖଲ କରିବାକୁ ସଜବାଜ ହେଉଥିବା ବିଶେଷ ସୂତ୍ରରୁ ଜଣାଯାଇଛି।

ଓଡ଼ିଶା ସୀମାନ୍ତ କୋଟିଆ ଅଞ୍ଚଳ ସୀମା ଦଖଲକୁ ନେଇ ଆନ୍ଧ୍ରପ୍ରଦେଶ ସହିତ ଛକାପଞ୍ଝା ଲାଗିଥିବାବେଳେ ଅନୁରୂପ ଭାବେ ପଶ୍ଚିମବଙ୍ଗ ସହିତ ସୀମା ବିବାଦ ସ୍ଥିତି ବିଗିଡ଼ିବାରେ ଲାଗିଛି। ଓଡ଼ିଶାର ବାଲେଶ୍ୱର ଜିଲା ଭୋଗରାଇ ଓ ଜଳେଶ୍ୱର ବ୍ଲକର ପ୍ରାୟ ୮୨ଟି ଗାଁ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ୪ ଦଶନ୍ଧିରୁ ସୀମାବିବାଦର ଅଦ୍ୟାବଧି ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ପଶ୍ଚିମବଙ୍ଗ କୌଶଳକ୍ରମେ ସୀମାଦଖଲ ଲାଗି ଉଦ୍ୟମ କରୁଛି। ଭୋଗରାଇ ବ୍ଲକ ଅଧୀନ ସୀମାନ୍ତ ଶଙ୍ଖାମେଦୀ ଗାଁକୁ ପଶ୍ଚିମବଙ୍ଗ ଏକପ୍ରକାର ଗିଳି ଦେଇଥିବା ବେଳେ ଉଦୟପୁର ଓ ସହାବାଜିପୁର ଗ୍ରାମକୁ ବାରମ୍ବାର ଦଖଲ ଉଦ୍ୟମକୁ ସ୍ଥାନୀୟ ଓଡ଼ିଆବାସୀ ବଙ୍ଗ ପ୍ରଶାସନ ଓ ନେତାଙ୍କ ଦାଦାଗିରିକୁ ପଣ୍ଡ କରିଦେଇଛନ୍ତି। ସହାବାଜିପୁର ଗ୍ରାମରେ ପଶ୍ଚିମବଙ୍ଗ ରାଜସ୍ୱ ବିଭାଗ ଓ ପ୍ରଶାସନ ଧସେଇ ପଶିବା ଘଟଣାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଗମ୍ଭୀରତାର ସହ ନେଇ ସୋମବାର ମଧ୍ୟାହ୍ନରେ ତହସିଲଦାର ସୂର୍ଯ୍ୟ ନାୟକ, ବିଡିଓ ପ୍ରଶାନ୍ତ ମହାରଣା, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସ୍ଥାନୀୟ ସରପଞ୍ଚ ଅରୁଣ କୁମାର ଗିରି, ବରିଷ୍ଠ ନେତା ତପନ କୁମାର ପଣ୍ଡା, ଗଣପତି ଗିରିଙ୍କ ସହ ତାଳସାରୀ ମେରାଇନ ଥାନା ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରି ସହାବାଜିପୁର ପଞ୍ଚାୟତରେ ସୀମା ସମସ୍ୟା ଉପରେ ଏକ ଜରୁରୀ ବୈଠକ କରିଛନ୍ତି। ବିଧାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଜରୁରୀ ଭିତ୍ତିରେ ଅବଗତ କରାଯିବା ସହିତ ସହାବାଜିପୁର ଗ୍ରାମ ଓଡ଼ିଶାରେ ଥିଲା, ରହିଛି ଓ ରହିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ୭ଦିନ ମଧ୍ୟରେ ସହାବାଜିପୁର ଗ୍ରାମରେ ସୀମା ସୁରକ୍ଷା ଲାଗି ସିମେଣ୍ଟ ଖୁଣ୍ଟି ପୋତାଯିବା ସହିତ ସୀମାନ୍ତବାସୀ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ ବିଧାୟକ ନିବେଦନ କରିଛନ୍ତି।

# ଲଢ଼େଇ ବେଳେ ଆଖିବୁଜିଲା ଦନ୍ତାହାତୀ

## ବିଶ୍ୱ ବନ୍ୟପ୍ରାଣୀ ଦିବସରେ ହାତୀ ଜୀବନ ବଞ୍ଚାଇ ପାରିଲାନି ବନ ବିଭାଗ

**ଢେଙ୍କାନାଳ,୩।୩(ରତନ ନାୟାର)/ କାମାକ୍ଷାନଗର(ସୁଧୀର ପରିଡ଼ା)**


ମୃତ ଦନ୍ତାହାତୀ।

ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ଅଁଳାବେରେଣୀ ସେକ୍ସନ ଜାମୁଝରା ଗ୍ରାମ ନିକଟସ୍ଥ ଏକ ବିଲରେ ରବିବାର ସନ୍ଧ୍ୟାରେ ୨ ଦନ୍ତାହାତୀଙ୍କ ମଧ୍ୟରେ ଲଢ଼େଇ ଲାଗି ଗୋଟିଏର ମୃତ୍ୟୁ ହୋଇଛି। ଏହି ଲଢ଼େଇ ଏତେ ଭୟଙ୍କର ଥିଲା ଯେ ହାତୀଙ୍କ ଗର୍ଜନରେ ଜାମୁଝରା ସମେତ ଆଖପାଖ ଗ୍ରାମରେ ଭୟର ବାତାବରଣ ଦେଖାଦେଇଥିଲା। ଆତଙ୍କିତ ଗ୍ରାମବାସୀ ସୁରକ୍ଷା ପାଇଁ ବନବିଭାଗକୁ ତୁରନ୍ତ ଫୋନ ମାଧ୍ୟମରେ ଜଣାଇଥିଲେ। ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଏହି ସଂଘର୍ଷକୁ ରୋକି ପାରି ନ ଥିଲେ। ଫଳରେ ବିଶ୍ୱ ବନ୍ୟପ୍ରାଣୀ ଦିବସରେ ଗୋଟିଏ ଦନ୍ତା ହାତୀର ଜୀବନ ଚାଲିଯାଇଥିଲା। ମୃତ ଦନ୍ତା ହାତୀ ଜିମି ଓରଫ୍ ଭଙ୍ଗାଦାନ୍ତିଆ ବୋଲି କୁହାଯାଉଛି। ଏହି ହାତୀର ଗୋଟିଏ ଦାନ୍ତ ଭାଙ୍ଗିଥିବାରୁ ଏହାକୁ କେହି କେହି ଭଙ୍ଗାଦାନ୍ତିଆ ଡାକିଥାନ୍ତି। ଉକ୍ତ ହାତୀଟି କେବଳ କାମାକ୍ଷାନଗର ପଶ୍ଚିମାଞ୍ଚଳ ସମେତ ସଦର ରେଞ୍ଜ୍, ଗଁନ୍ଦିଆ ଓ ଷଡଙ୍ଗୀ ରେଞ୍ଜ୍ ଅଞ୍ଚଳରେ ବୁଲାଚଲା କରୁଥିଲା। ଲଢେଇ ପରେ ଅନ୍ୟ ଦନ୍ତା ହାତୀଟି କ୍ଷତବିକ୍ଷତ ହୋଇ ଜଙ୍ଗଲ ମଧ୍ୟକୁ ପଳାଇଥିଲା। ଏହି ଘଟଣାରୁ ସ୍ଥାନୀୟ ବନବିଭାଗର ପାରିବା ପଣିଆ ପଦାରେ ପଡ଼ିଛି। ଫରେଷ୍ଟ ବିଟ୍ ହାଉସ ଘଟଣାସ୍ଥଳ ଠାରୁ ୨।୩ କିଲୋମିଟର ଦୂରରେ ଥିଲେ ମଧ୍ୟ ୨ ହାତୀଙ୍କ ସଂଘର୍ଷକୁ ରୋକିବାରେ ସ୍ଥାନୀୟ ବନ ଅଧିକାରୀ, କର୍ମଚାରୀ ବିଫଳ ହୋଇଥିଲେ। ସୋମବାର ସକାଳେ ବନବିଭାଗ କର୍ମଚାରୀ ହାତୀର ମୃତ୍ୟୁ ସ୍ଥାନକୁ ବ୍ୟାରିକେଡ କରି ଘୋଡାଇ ରଖିଥିଲେ। ପରେ ଅନୁଗୋଳସ୍ଥିତ ଆଞ୍ଚଳିକ ବନ ସଂରକ୍ଷକ ସୁଧାଂଶୁ ଶେଖର ଖେରା, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର କୈଳାସଚନ୍ଦ୍ର ସାହୁ, ଅଁଳାବେରେଣୀ ଫରେଷ୍ଟର ରମେଶ ପାଣିଗ୍ରାହୀ, କପିଳାସ ପ୍ରାଣୀ ଉଦ୍ୟାନ ଓ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ହାତୀଟିର ବୟସ ୪୫ବର୍ଷ ହେବ। ଲଢ଼େଇ ଯୋଗୁ ଗୁରୁତର କ୍ଷତ ହେବାରୁ ହାତୀଟିର ମୃତ୍ୟୁ ଘଟିଥିବା ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ସୂଚନା ଦେଇଛନ୍ତି। ଏଥିସହିତ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ କ୍ଷତସ୍ଥାନରୁ ନମୁନା ସଂଗ୍ରହ କରାଯାଇ ଓୟୁଏଟି ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# ଟଙ୍କା ମାଗିବା ଘଟଣା: ଫରେଷ୍ଟର ନିଲମ୍ବିତ

**କେନ୍ଦୁଝର,୩।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳରେ କାର୍ଯ୍ୟ କରୁଥିବା ଫରେଷ୍ଟର ସୁନୀତା ବାଗେଲ ନିଲମ୍ବିତ ହୋଇଛନ୍ତି। ଜଣେ କାଠ ବ୍ୟବସାୟୀଙ୍କଠାରୁ ୬ ହଜାର ଟଙ୍କା ମାଗିବା ଓ ଟଙ୍କା ପାଇବା ନେଇ ହୋଇଥିବା କଥାବାର୍ତ୍ତାର ଅଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ବିଚାର କରି ଫରେଷ୍ଟରଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ମୁଖ୍ୟାଳୟରେ ଆଟାଚ କରିଛନ୍ତି। ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ କହିଛନ୍ତି।

# ପ୍ରଚଣ୍ଡ ଶବ୍ଦରେ ଥରିଲା ଭଦ୍ରକ, ଆନନ୍ଦପୁର

**ଭଦ୍ରକ/ ଆନନ୍ଦପୁର,୩।୩ (ସନାତନ ରାଉତ/ ଉମେଶ ଚନ୍ଦ୍ର ପାଢ଼ୀ)**

ପ୍ରଚଣ୍ଡ ଶବ୍ଦରେ ଥରିଲା ଭଦ୍ରକ ଓ କେନ୍ଦୁଝର ଜିଲାର ଆନନ୍ଦପୁର ଅଞ୍ଚଳ। ସୋମବାର ଅପରାହ୍ନ ପ୍ରାୟ ୩ଟା ୪୫ ବେଳେ ଭଦ୍ରକ, ଭଣ୍ଡାରିପୋଖରୀ, ବନ୍ତ, ଧାମନଗର, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକର ବିଭିନ୍ନ ଅଞ୍ଚଳକୁ ଏହି ଶବ୍ଦ ଶୁଭିଥିଲା। ଏହି ଶବ୍ଦ ଶୁଣି ଲୋକେ ଭୟଭୀତ ହୋଇଥିଲେ। ଲୋକେ ଶବ୍ଦ ଶୁଣିବା ପରେ ଭୟରେ ଘର ଭିତରୁ ବାହାରକୁ ବାହାରି ଆସିଥିଲେ। କେଉଁଠୁ ଏହି ଶବ୍ଦ ଆସିଥିଲା, ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଲୋକଙ୍କ ମଧ୍ୟରେ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ପୂର୍ବରୁ ଏପରି ଭୟଙ୍କର ଶବ୍ଦ ଏକାଧିକବାର ଶୁଣାଯାଇଥିଲେ ମଧ୍ୟ କାହିଁକି ଏପରି ଶବ୍ଦ ହେଉଛି, ତାହା ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରି ନାହିଁ।

ସେହିପରି କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଅପରାହ୍ନ ୩ଟା ୪୮ ବେଳେ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା। ଆନନ୍ଦପୁର, ଘସିପୁରା, ହାଟଡିହୀ, ଘଟଗାଁ ଓ ରାମଚନ୍ଦ୍ରପୁର ଅଞ୍ଚଳରେ ବୋମା ଫୁଟିବା ପରି ଶବ୍ଦ ହୋଇଥିଲା। ଶବ୍ଦ ପରେ କିଛି ସମୟ ଘର ସବୁ ଥରିଥିଲା। ଅଞ୍ଚଳବାସୀ ଆତଙ୍କିତ ଓ ଭୟଭୀତ ହୋଇ ଘର ବାହାରକୁ ଚାଲି ଆସିଥିଲେ। ଏଭଳି ଶବ୍ଦ ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ ବୋଲି ଉପଜିଲାପାଳ ଫାଲ୍‌ଗୁନୀ ମାଝୀ ଓ ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା କହିଛନ୍ତି।

**ସମବାୟ ସମିତିର ଅର୍ଥ ହେରଫେର ଘଟଣା**

# ମ୍ୟାନେଜମେଣ୍ଟ କମିଟି ରଦ୍ଦ

**ହାଟଡିହୀ,୩।୩ (ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରେିଗାଁ ସେବା ସମବାୟ ସମିତିର ଅନୁଦାନ ହେରଫେର ପ୍ରସଙ୍ଗକୁ ନେଇ ସମିତିର ମ୍ୟାନେଜମେଣ୍ଟ କମିଟିକୁ ଫେବୃଆରୀ ୨୮ରେ ୬ ମାସ ପାଇଁ ରଦ୍ଦ କରାଯାଇଛି। କେନ୍ଦୁଝର ଡିଆର୍‌ସିଏସ୍ ଶୁଭ୍ରକାନ୍ତି ତୁଙ୍ଗ ମ୍ୟାନେଜମେଣ୍ଟ କମିଟି ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କହିଛନ୍ତି। କିନ୍ତୁ ସମ୍ପାଦକ ଶରତ କୁମାର ସେଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି। ଏଥିସହ ଆନନ୍ଦପୁର ଏଆର୍‌ସିଏସ୍ କାର୍ଯ୍ୟାଳୟର ଅଧିକାରୀ ନିତ୍ୟାନନ୍ଦ ଦେହୁରୀଙ୍କୁ ମରେିଗାଁ ସମିତିର ଦାୟିତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ, ୮୨ ଲକ୍ଷ ୪୨ ହଜାର ୬୭୨ ଟଙ୍କା ସମିତି ଅନୁଦାନ ହେରଫେର ହୋଇଥିବା ୨୦୨୧-୨୨ ବର୍ଷ ଅଡିଟ୍ ରିପୋର୍ଟରେ ସ୍ପଷ୍ଟ ହୋଇଥିଲା। ସମ୍ପାଦକ ସେଠୀଙ୍କଠାରୁ ଉକ୍ତ ଟଙ୍କା ରିକଭରି ପାଇଁ ଦର୍ଶାଯାଇଥିଲା। ପରେ ନିର୍ଦ୍ଦେଶ ମୁତାବକ ସମିତି ମ୍ୟାନେଜମେଣ୍ଟ କମିଟିର ଡାଇରେକ୍ଟରମାନେ ଗତ ଫେବୃୟାରୀ ୧୨ ତାରିଖ ବୁଧବାର କେନ୍ଦୁଝର ଡିଆରସିଏସ ଅଫିସରେ ହାଜର ହୋଇ ଘଟଣା ସମ୍ପର୍କିତ ବିଭିନ୍ନ ଦସ୍ତାବିଜ ପ୍ରଦାନ କରିଥିଲେ। ଡିଆରସିଏସ୍ ତୁଙ୍ଗ ଦସ୍ତାବିଜ ଅନୁଧ୍ୟାନ କରିବା ପରେ ଆହୁରି ପ୍ରାୟ ୧୦ ଲକ୍ଷ ଟଙ୍କା ସମିତି ଅନୁଦାନ ହେରଫେର ହୋଇଥିବା ଏବଂ ରିକଭରି ହେବ ବୋଲି ସ୍ପଷ୍ଟ କରିଥିଲେ। ଏପରିକି ତଦନ୍ତ ସମୟରେ ସମିତିର ଗୃହ ନିର୍ମାଣ ଏବଂ ମରାମତି ପାଇଁ ସମ୍ପାଦକ ଶରତ କୁମାର ସେଠୀ ଦୀର୍ଘ ମାସ ହେବ ୩ ଲକ୍ଷ ଟଙ୍କା ଉଠାଣ କରି କାର୍ଯ୍ୟ କରି ନ ଥିବା ଏବଂ ୟୁସି ଦେଇ ନ ଥିବା କଥା ମଧ୍ୟ ଧରାପଡ଼ିଥିଲା। ଅପରପକ୍ଷେ କାର୍ଯ୍ୟାନୁଷ୍ଠାନ ଭୟରେ ହେରଫେର ହୋଇଥିବା ଫର୍ଟିଲାଇଜର (ଉର୍ବରକ) ବାବଦରେ ୩ ଲକ୍ଷ ଟଙ୍କା ସମ୍ପାଦକ ସେଠୀ ବ୍ୟାଙ୍କରେ ତରବରିଆ ଭାବେ ଜମା କରିଥିଲେ। ସମ୍ପାଦକ ସେଠୀ ସେଲ୍ସମ୍ୟାନ ଥିବା ସମୟରେ ମଧ୍ୟ ତାଙ୍କ ନାମରେ ସମିତି ଅନୁଦାନ ହେରଫେର ନେଇ ନିଲମ୍ବିତ ହୋଇଥିଲେ। ହେରଫେର ଅନୁଦାନ ପର୍ଯ୍ୟାୟକ୍ରମେ ପୈଠ ମଧ୍ୟ କରିଥିଲେ।

ଅନ୍ୟପକ୍ଷେ ସମିତି ସମ୍ପାଦକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦୁଝର ଡିଆର୍‌ସିଏସ୍ ୨୦୨୪ ଡିସେମ୍ବର ୭ରେ ନିର୍ଦ୍ଦେଶ ଜାରି କରିଥିଲେ। ପରେ ସମବାୟ ସମିତିର କମିଟି ମ୍ୟାନେଜମେଣ୍ଟକୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି ହୋଇଥିଲା। ଉକ୍ତ ଘଟଣାକୁ ନେଇ ଗତ ଜାନୁୟାରୀ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ ହୋଇଥିଲା। ଉକ୍ତ ପ୍ରସଙ୍ଗକୁ ନେଇ କେବଳ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇଥିଲା।



ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। **–ଶ୍ରୀଅରବିନ୍ଦ**

# ବନ୍ଦ ହେଉ ଭାଷା ଝଗଡ଼ା

ସଂଖ୍ୟାଲଘୁ ଚିନ୍ତାଧାରା କଥା ଉଠିଲେ ସାଧାରଣରେ ସମସ୍ତେ ଧର୍ମକୁ ହିସାବ କରନ୍ତି। କିନ୍ତୁ ଭାଷା ମଧ୍ୟ ଅନ୍ୟ ଏକ ଦିଗ, ଯେଉଁଥିରେ ସଂଖ୍ୟାଗରିଷ୍ଠତା କିମ୍ବା ସଂଖ୍ୟାଲଘୁର ବିଭେଦ ଜଣାପଡ଼େ। ଉଦାହରଣସ୍ୱରୂପ ଭାରତର ପ୍ରତ୍ୟେକ ଭାଷାର ଭୌଗୋଳିକ ସୀମା ରହିଛି। ଓଡ଼ିଆ ଭାଷା କହୁଥିବା ବ୍ୟକ୍ତି ଯଦି ବ୍ରହ୍ମପୁର ଟପିକରି ଇଚ୍ଛାପୁରମ୍‌ରେ ପହଞ୍ଚନ୍ତି ତେବେ ସେଠାକାର ଦୋକାନୀ ସାଧାରଣତଃ ଓଡ଼ିଆ ଗ୍ରାହକଙ୍କ କଥା ବୁଝିପାରିବେ ନାହିଁ। ସେହିଭଳି ମଣିପୁରର ଛାତ୍ରୀଙ୍କ ଭାଷା ବୁଝିପାରୁ ନ ଥିବା ହେତୁ ଦିଲ୍ଲୀର ହିନ୍ଦୀଭାଷୀ ଦୋକାନୀ ତାଙ୍କ ସହିତ ଦୁର୍ବ୍ୟବହାର କରିଥାନ୍ତି। ଅର୍ଥାତ୍ ଆଞ୍ଚଳିକ ଭାଷାର ସୀମା ଥିବା ହେତୁ ସେହି ସୀମା ଟପିଲେ ଜଣେ ସଂଖ୍ୟାଲଘୁ ପାଲଟିଯାଏ। ଏହାର ଉଦାହରଣ ନିକଟରେ ବେଙ୍ଗାଲୁରୁ ସହରରେ ଦେଖିବାକୁ ମିଳିଛି। ଓଡ଼ିଆ ବ୍ୟବସାୟୀଙ୍କ ଦ୍ୱାରା ସ୍ଥାପିତ ପଖାଳ ରେଷ୍ଟୁରାଣ୍ଟରେ ଇଂଲିଶ ସମେତ ଓଡ଼ିଆ ଅକ୍ଷରର ସାଇନବୋର୍ଡ ଲାଗିଥିବା ହେତୁ ସ୍ଥାନୀୟ ଯୁବକ କ୍ରୋଧିତ ହୋଇ ଓଡ଼ିଆ ଭାଷା ବ୍ୟବହାର କରା ନ ଯାଉ ବୋଲି ଦାବି କରିଥିଲେ। ଓଡ଼ିଶାର ସହରାଞ୍ଚଳରେ ବସବାସ କରୁଥିବା କିଛି ଲୋକ ହୁଏତ ହିନ୍ଦୀ କହିଥାନ୍ତି। କିନ୍ତୁ ଉତ୍ତରପ୍ରଦେଶର ପ୍ରୟାଗରାଜକୁ ଯାଇଥିବା ଗଙ୍ଗାସ୍ନାନ ପାଇଁ ଇଚ୍ଛୁକ ଓଡ଼ିଆ ସେଠାରେ ନିଜ ଭାଷାରେ ଯଦି କଥା ହୋଇଥିବେ ତାଙ୍କର ଚାହିଦା ମେଣ୍ଟି ନ ଥିବ।

ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଙ୍ଗଠନ (ୟୁନେସ୍କୋ)ର ଗ୍ଲୋବାଲ ଏଜୁକେଶନ ମନିଟରିଂ (ଜିଇଏମ୍) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ବୈଶ୍ୱିକ ଜନସଂଖ୍ୟାର ୪୦ ପ୍ରତିଶତ ଲୋକ ସେମାନେ କହିପାରୁଥିବା କିମ୍ବା ବୁଝିପାରୁଥିବା ଭାଷାରେ ଶିକ୍ଷା ହାସଲ କରିବାର ସୁବିଧା ପାଇପାରୁ ନାହାନ୍ତି। କିଛି ସ୍ୱଳ୍ପ ଓ ମଧ୍ୟମ ଆୟବର୍ଗ ଦେଶରେ ଏହି ସଂଖ୍ୟା ୯୦ ପ୍ରତିଶତ ପର୍ଯ୍ୟନ୍ତ ରହିଛି। ୟୁନେସ୍କୋ ଅନୁଧ୍ୟାନକୁ ଭାରତ ପରିପ୍ରେକ୍ଷୀରେ ଦେଖିଲେ ନିଶ୍ଚିତ ଅନୁଭବ ହୋଇଥାଏ ଯେ, ଆମେ ଆମ ସ୍ଥାନୀୟ ଭୂଖଣ୍ଡ ଛାଡ଼ି ଦେଇ ଅନ୍ୟ ପ୍ରାନ୍ତକୁ ଚାଲିଗଲେ ଭାଷାରେ ପରିବର୍ତ୍ତନ ଆସିଥାଏ। ଗ୍ରାମୀଣ ଓଡ଼ିଆ ଜଣେ ଗ୍ରାମୀଣ ମରାଠୀ ଲୋକ ସହ ବାର୍ତ୍ତାଳାପ କରିବା ସମ୍ଭବ ନୁହେଁ, ବରଂ ଉଭୟେ ଦେଖା ହେଲେ ନୀରବ ରହିବେ। ସେହିଭଳି ହିମାଚଳୀ ବ୍ୟକ୍ତିଙ୍କୁ ଜଣେ ତେଲୁଗୁ ଭାଷା କହୁଥିବା ଲୋକ ଭେଟିଲେ ଉଭୟେ ପରସ୍ପରକୁ ବୁଝିପାରିବେ ନାହିଁ। ଅର୍ଥାତ୍ ପ୍ରତ୍ୟେକ ଭାରତୀୟ ତା'ର ନିଜ ଭାଷା ହେତୁ ଏହି ଦେଶରେ ସଂଖ୍ୟାଲଘୁ ଭାବେ ବଞ୍ଚିଛି। ଏହି ପରିପ୍ରେକ୍ଷୀରେ ଦେଖିଲେ ଏବେ ନୂତନ ଶିକ୍ଷା ନୀତି(ଏନ୍‌ଇପି)–୨୦୨୦ ପ୍ରଚଳନକୁ ନେଇ ଭାରତରେ ଏକ ଭାଷା ବିଭ୍ରାଟ ସୃଷ୍ଟି ହୋଇଛି। ୩ ଭାଷା ନୀତିକୁ ତାମିଲନାଡୁ ସମେତ କେତେକ ଅଣ–ହିନ୍ଦୀଭାଷୀ ରାଜ୍ୟଗୁଡ଼ିକ ବିରୋଧ କରୁଛନ୍ତି।

ଅନେକ ଭାରତୀୟ ଭାବନ୍ତି ହିନ୍ଦୀ ଭାଷା କହୁଥିବା ଅଞ୍ଚଳର ଜନସଂଖ୍ୟା ଅଧିକ ହୋଇଥିବାରୁ ସେହି ଭାଷାକୁ ଜାତୀୟ ଭାଷା ଭାବେ ନେବା କଥା। ଓଡ଼ିଶାର ମଧ୍ୟ ଅନେକ ଲୋକ ଏହି ମତ ସହ ଏକମତ ହୋଇଥାନ୍ତି। ତେବେ ଶିକ୍ଷିତ ଭାରତୀୟ ଜାଣିଛନ୍ତି ଯେ, ଏବେକାର ଯେଉଁସବୁ ସ୍ଥାନରେ ହିନ୍ଦୀ କୁହାଯାଉଛି ସେଠାରେ ଅନେକ ସ୍ଥାନୀୟ ଭାଷା ପୂର୍ବରୁ ଥିଲା। ଉଦାହରଣସ୍ୱରୂପ ପଞ୍ଜାବରେ ଗୁରୁମୁଖୀ ଲେଖନୀ ସହିତ ପଞ୍ଜାବୀ ଭାଷାର ସ୍ୱତନ୍ତ୍ରତା ରହିଛି। ହରିଆଣାରେ ଦେବନାଗରୀ ଲେଖନୀ ସହିତ ହରିଆଣଭି ଅଛି। ବିହାରରେ ଭୋଜପୁରୀ, ମୈଥିଳୀ ଓ ମାଗାହି ଭାଷା ଥିଲା ଯାହାର ଲେଖନୀକୁ ଲୋକେ ଭୁଲିଗଲେଣି, କାରଣ ଦେବନାଗରୀ ଓ ଉର୍ଦ୍ଦୁକୁ ବିଦେଶୀ ଏବଂ ମୁସଲ୍‌ମାନ ଶାସକମାନେ ରାଜପାରିଷଦରେ ପ୍ରଚଳିତ ଭାଷା ଭାବେ ଗଢ଼ିଆସିଥିଲେ। ଅନୁରୂପ ଭାବେ ଆଜିର ଉତ୍ତରପ୍ରଦେଶରେ ଭୋଜପୁରୀ, ଅୱଧି, ବୁନ୍ଦେଲୀ, ବାଘେଲୀ, ବ୍ରଜଭାଷା ଭଳି ଅନେକ ଭାଷା ଥିଲା ଯାହାକୁ ଦେବନାଗରୀ ଲେଖନୀ କାବୁକରି ସେମାନଙ୍କ ଉପରେ ପ୍ରଭାବ ବିସ୍ତାର କରିଦେଲା। ରାଜସ୍ଥାନରେ ମାରୱାଡ଼ି, ମେୱାଡି, ସିନ୍ଧି ଭଳି ଅନେକ ଭାଷା ପ୍ରଚଳିତ ଥିଲା ଓ ଅଛି। ଓଡ଼ିଶାରେ କୋଶଳୀ ଭଳି ଏହିସବୁ ଭାଷାର ମୂଳ ଦୁର୍ବଳ ଥିଲା। ତନ୍ମଧ୍ୟରୁ ଅଧିକାଂଶଙ୍କର ଲେଖନୀ ବା ଲିପି ନ ଥିଲା। ଯାହାର ଲିପି ନାହିଁ ସେହି ଭାଷାସବୁ ମରିଗଲେ। ଗୁଜରାଟୀ ଓ ମରାଠୀ ଲିପିରେ ଦେବନାଗରୀର ପ୍ରଭାବ ଥିଲେ ମଧ୍ୟ ଅଳ୍ପ କିଛି ଭିନ୍ନତା ରହିଛି। ଏହିସବୁ ଭାଷା ଦେବନାଗରୀ ଲିପି ଆପଣାଇ ନେଇଥିବାରୁ ସେହିସବୁ ଅଞ୍ଚଳରେ ହିନ୍ଦୀ କଥନୀ ସହଜରେ ପ୍ରବେଶ କରିଯାଇଥିଲା। କିନ୍ତୁ ଏହି ଭାଷାଗୁଡ଼ିକ ବ୍ୟବହାର କରୁଥିବା ନାଗରିକ ଆଜି ମଧ୍ୟ ସଂଖ୍ୟାଲଘୁ । ଅନ୍ୟପଟେ ମିଜୋରାମ, ମଣିପୁର, ନାଗାଲାଣ୍ଡ, ବଙ୍ଗ, ଓଡ଼ିଶା ଏବଂ ଦକ୍ଷିଣ ଭାରତକୁ ଦେଖିଲେ ସମସ୍ତଙ୍କର ନିଜସ୍ୱ ଲିପି ରହିଛି। ଏହିସବୁ ଲିପି ବଞ୍ଚିରହିବା ପଛରେ ଶାସକମାନଙ୍କ ସକ୍ରିୟ ପ୍ରୋତ୍ସାହନର ଇତିହାସ ମଧ୍ୟ ରହିଛି। କିନ୍ତୁ ଜଣେ ମଣିପୁରୀ କିମ୍ବା ମିଜୋ ଭାରତର ଅନ୍ୟ ଯେଉଁଠିକୁ ଗଲେ ସଂଖ୍ୟାଲଘୁ ହେବ। ସେହିପରି ହିନ୍ଦୀ ଭାଷା ବ୍ୟବହାର କରୁଥିବା ବ୍ୟକ୍ତି ଓଡ଼ିଶା କିମ୍ବା ଦକ୍ଷିଣ ଭାରତର ଗ୍ରାମାଞ୍ଚଳକୁ ଗଲେ ସେହିଭଳି ଭାବେ ସଂଖ୍ୟାଲଘୁ ହେବ।

ଏଥିରୁ ଅନ୍ୟଏକ ଚିନ୍ତା କରାଯାଇପାରେ ଯେ ଭାଷା ଏକମାତ୍ର ପନ୍ଥା ଯାହାଦ୍ୱାରା ଗୋଟିଏ ଅଞ୍ଚଳ ବା ଦେଶର ଅର୍ଥନୀତି ପରିଚାଳିତ ହୋଇଥାଏ। ନିକଟରେ ଘଟିଥିବା ଏକ ଘଟଣାର ଉଦାହରଣ ନିଆଯାଇପାରେ। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିରି ଜେଲେନ୍‌ସ୍କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହିତ ହ୍ୱାଇଟ୍ ହାଉସ୍‌ରେ ଏକ ବୈଠକରେ ଝଗଡ଼ା କରିବସିଲେ। ମାତ୍ର ପୃଥିବୀ ସେହି ଘଟଣାକୁ ଟେଲିଭିଜନ ଓ ୟୁଟ୍ୟୁବ ମାଧ୍ୟମରେ ସିଧାସଳଖ ପ୍ରସାରଣରେ ଦେଖିବାର ସୁଯୋଗ ପାଇଲା। ଜେଲେନ୍‌ସ୍କି ତାଙ୍କ ଦେଶ ପାଇଁ ଯାହା କହିଲେ ତାହା ଅନେକ ଲୋକ ସମର୍ଥନ କରିଥିବା ବେଳେ ଅନ୍ୟ ଏକ ବିରାଟକାୟ ଗୋଷ୍ଠୀ ଟ୍ରମ୍ପ୍‌ଙ୍କୁ ମଧ୍ୟ ସମର୍ଥନ ଜଣାଇଲେ। କିନ୍ତୁ ମୂଳ କଥା ହେଲା ଉଭୟେ ସ୍ପଷ୍ଟ ଭାବେ କଥା ହେଲେ ବୋଲି ଏହି ବାକ୍‌ଯୁଦ୍ଧକୁ ସମସ୍ତେ ବୁଝି ନିଜର ମତ ସୃଷ୍ଟି କଲେ। ଏଠାରେ ଚିନ୍ତା କରାଯାଉ ଏକ ପରିସ୍ଥିତି, ଯେଉଁଥିରେ ଜେଲେନ୍‌ସ୍କି ଇଂଲିଶ୍ ଭାଷାରେ କଥା କହିପାରି ନ ଥାନ୍ତେ। ଅନୁବାଦକଙ୍କ ମାଧ୍ୟମରେ ୟୁକ୍ରେନ୍ ଭାଷାରେ ଯାହା କିଛି ବି କହିଥିଲେ ତାଙ୍କର ଅବିକଳ ମତ ଦୁର୍ବଳ ଓ ଅସ୍ପଷ୍ଟ ଛବି ପୃଥିବୀସାରା ଆଙ୍କିଆନ୍ତା। ସମର୍ଥକ ହୁଅନ୍ତୁ ବା ବିପକ୍ଷବାଦୀ ଉଭୟେ ଜେଲେନ୍‌ସ୍କିଙ୍କ ମତକୁ ସ୍ପଷ୍ଟଭାବେ ବୁଝିପାରିଛନ୍ତି। ଏହି ଗୋଟିଏ ଘଟଣାରୁ ଭାଷାର ଗୁରୁତ୍ୱ ବୁଝାପଡ଼େ। ଯେଉଁ ଦେଶ ପାଖରେ ସ୍ପଷ୍ଟ ଅନ୍ତର୍ଜାତୀୟ ଭାଷାର ଶକ୍ତି ନାହିଁ, ସେଭଳି ଦେଶରେ ଅର୍ଥନୀତିରେ ଅଗ୍ରଗତି କରିବା ମଧ୍ୟ କଷ୍ଟକର। ଏଠାରେ ମନେରଖିବାକୁ ହେବ ଯେ ମାତୃଭାଷାରେ ନିପୁଣ ହୋଇପାରିଥିଲେ ବିଦେଶୀ ଭାଷାରେ ପାରଙ୍ଗମ ହେବା ସମ୍ଭବପର ହୋଇଥାଏ। ଯେଉଁ ଛାତ୍ରୀଛାତ୍ର ମାତୃଭାଷାରେ ନିଜ ମନ କଥାକୁ ସ୍ପଷ୍ଟ ଭାବେ ଲେଖି କିମ୍ବା ବ୍ୟକ୍ତ କରିପାରିବେ, ସେହି ପିଲା ବିଦେଶୀ ଭାଷାରେ ମଧ୍ୟ ସ୍ପଷ୍ଟ କରିପାରିବେ। ଭାରତରେ ତଥାକଥିତ ଆଧୁନିକ ଭାରତୀୟ ଭାଷା ଶିଖିବାର ସୁଯୋଗ ଦେବା ପଛରେ ମହତ୍ ନୁହେଁ, ମନ୍ଦ ଉଦ୍ଦେଶ୍ୟ ରହିଛି। ଉତ୍ତରପ୍ରଦେଶର କୌଣସି ଛାତ୍ରୀଛାତ୍ର ତାମିଲ କିମ୍ବା ଓଡ଼ିଆ ଶିଖିବାର ଆଗ୍ରହ ଦେଖାଇବେ ନାହିଁ। ଆଜି ଓଡ଼ିଆ ଯୁବପିଢ଼ି ହିନ୍ଦୀ ଶିଖିଲେ ମଧ୍ୟ ଅର୍ଥନୈତିକ ଉନ୍ନତି କରିପାରିବେ ନାହିଁ। ସମୟ ଆସିଛି ନିଜ ମାତୃଭାଷା ସହିତ ସ୍ପାନିସ କିମ୍ବା ଇଂଲିଶ୍ ଭାଷାକୁ ଶିଖି ଯୁବପିଢ଼ି ଏଥିପାଇଁ ପ୍ରସ୍ତୁତ ହେବା ଦରକାର। ତ୍ରୁଟିପୂର୍ଣ୍ଣ ନୂତନ ଶିକ୍ଷାନୀତି (ଏନ୍‌ଇପି)ର ପାଠ୍ୟକ୍ରମକୁ ତ୍ୟାଗ କରାଯାଉ ଏବଂ ଭାଷା ଝଗଡ଼ାକୁ ବନ୍ଦ କରାଯାଇ ପିଲାଙ୍କୁ କିଭଳି ଉଚ୍ଚମାନର ଶିକ୍ଷା ଦିଆଯାଇ ପାରିବ, ଯେଉଁଥିରେ ବିଜ୍ଞାନ, ଗଣିତ, ଅର୍ଥନୀତି, ସମାଜବିଜ୍ଞାନ, ଇତିହାସ, ଭୂଗୋଳ ଭଳି ବିଷୟକୁ ଭଲଭାବେ ପଢ଼ାଯାଇ ପାରିବ, ସେହି ଦିଗକୁ ଅଧିକ ଗୁରୁତ୍ୱ ଦେବା ଦରକାର। ଆମ ପିଲା ଭଲ ପାଠ ପଢ଼ିବାର ସୁଯୋଗ ପାଇଲେ ଦେଶ ଆଗେଇବ, ନଚେତ୍ ଏହିଭଳି କଳିଝଗଡ଼ା କରି ଅନ୍ଧବିଶ୍ୱାସ ଓ ଦାରିଦ୍ର୍ୟରେ ବୁଡ଼ିରହିବ।

# ଧାର୍ମିକ ବିଶ୍ୱାସର ବଜାରୀକରଣ



ସୌଭାଗ୍ୟ ସୁନ୍ଦରରାୟ

ମହାଶିବରାତ୍ରି ସ୍ନାନ ସହ ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭର ପରିସମାପ୍ତି ଘଟିଛି। ଦେଶ ଜନସଂଖ୍ୟାର ଅଧାରୁ ସାମାନ୍ୟ କମ୍ ଜନତା କୁମ୍ଭ ସ୍ନାନ କରିଛନ୍ତି। । ଏହି ସଂଖ୍ୟା ୬୫ କୋଟି ବୋଲି ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଲକ୍ଷ୍ୟ କରିବାର କଥା ଏକ ଆଧ୍ୟାତ୍ମିକ ପରିବେଶକୁ କିଭଳି ବଜାରୀକରଣର ରୂପ ଦିଆଯାଇପାରିବ ତାହାର ଏକ ମଡ଼େଲ କୁମ୍ଭମେଳା ମାଧ୍ୟମରେ ଭାରତୀୟ ଜନତା ପାର୍ଟିର ଯୋଗୀ ଆଦିତ୍ୟନାଥ ସରକାର ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିପାରିଛନ୍ତି। ଆୟ–ବ୍ୟୟର ହିସାବରେ ଦେଖିଲେ ଏହି ମେଳା ଆୟୋଜନ ପାଇଁ କେନ୍ଦ୍ର ଅନୁଦାନକୁ ମିଶାଇ ରାଜ୍ୟ ସରକାର ବ୍ୟୟ କରିଛନ୍ତି ପ୍ରାୟ ୭୫୦୦ କୋଟି ଟଙ୍କା। ମୁଖ୍ୟମନ୍ତ୍ରୀଙ୍କ ଦାବି ଅନୁଯାୟୀ ରାଜ୍ୟର ଆୟ ହୋଇଛି ୩ରୁ ୩.୫ ଲକ୍ଷ କୋଟି ଟଙ୍କା। ଯଦିଓ ଏହି ସମସ୍ତ ଆୟ ପ୍ରତ୍ୟକ୍ଷ ଭାବେ ରାଜକୋଷକୁ ଯାଇନାହିଁ, ପରୋକ୍ଷ ଭାବେ ଟିକସ ଆକାରରେ ରାଜ୍ୟ ରାଜକୋଷ କେତେକାଂଶରେ ସମୃଦ୍ଧ ହୋଇପାରିଛି। ପରିବହନକାରୀ, ତେଜରାତି ଦୋକାନୀ, ପରିବା ବ୍ୟବସାୟୀ, ଛୋଟ ଜଳଖିଆ ବା ଚା ଦୋକାନୀ, ବଡ଼ ହୋଟେଲ, ବୁଲା ବିକାଳି, ଉଠା ବ୍ୟବସାୟୀ, ପୂଜକ, ଚାଷୀ ଆଦି ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ମହାକୁମ୍ଭରୁ ଉପକୃତ ହୋଇଛନ୍ତି। ଏହାଦ୍ୱାରା ରାଜ୍ୟର ଆର୍ଥିକ ଅବସ୍ଥାରେ ଉନ୍ନତି ଘଟିଥିବା କୁହାଯାଇପାରେ। କାରଣ ଶ୍ରଦ୍ଧାଳୁଙ୍କ ଆର୍ଥିକ ବ୍ୟୟ ଉତ୍ତରପ୍ରଦେଶରେ ହିଁ ହେଲା।

ପ୍ରୟାଗରାଜ ବା ପୂର୍ବତନ ଏହ୍ଲାବାଦର ଗଙ୍ଗା, ଯମୁନା ଓ ଅଦୃଶ୍ୟ ସରସ୍ୱତୀ ନଦୀର ସଙ୍ଗମରେ ବୁଡ଼ ପକାଇଲେ ପାପ ମୋଚନ ହୋଇଥାଏ। ଜନ୍ମ–ମୃତ୍ୟୁ ଚକ୍ରରୁ ମଣିଷ ମୁକ୍ତି ପାଇଥାଏ। ଓଡ଼ିଶାର ଚନ୍ଦ୍ରଭାଗା ନିକଟରେ ମାଘସପ୍ତମୀ ଓ ପଶ୍ଚିମବଙ୍ଗର ଗଙ୍ଗାସାଗର ବୁଡ଼ ପରି ପ୍ରୟାଗରାଜରେ ତ୍ରିବେଣୀ ବୁଡ଼ ପବିତ୍ର ବୋଲି ବିବେଚନା କରାଯାଇଥାଏ। ଗଙ୍ଗାସାଗର ଓ ଚନ୍ଦ୍ରଭାଗା ବୁଡ଼ ନିୟମିତ ହୋଇଥିବାବେଳେ କୁମ୍ଭ ବୁଡ଼ ନିୟମିତ ନୁହେଁ। ବୃଷ, କୁମ୍ଭ ଓ ସିଂହ ରାଶିରେ ବୃହସ୍ପତିର ପ୍ରବେଶ ଘଟିଲେ କୁମ୍ଭ ଅନୁଷ୍ଠିତ ହୋଇଥାଏ। ଦେଶର ୪ଟି ସ୍ଥାନ ଯଥା ହରିଦ୍ୱାର, ପ୍ରୟାଗରାଜ, ଉଜ୍ଜୟିନୀ ଓ ନାସିକଠାରେ କୁମ୍ଭ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଥାଏ। ଉଜ୍ଜୟିନୀର ସିପ୍ରା ନଦୀ, ନାସିକ ନିକଟରେ ଗୋଦାବରୀ ନଦୀ ଓ ହରିଦ୍ୱାରଠାରେ ଗଙ୍ଗା ନଦୀରେ କୁମ୍ଭ ସ୍ନାନ ଅନୁଷ୍ଠିତ ହୋଇଥାଏ। ତେବେ ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରେ ଏହି କୁମ୍ଭର ଗୁରୁତ୍ୱ ଅଧିକ ରହିଥାଏ।

ପ୍ରୟାଗରାଜ ପାଇଁ ଚଳିତ ବର୍ଷ ଥିଲା ମହାକୁମ୍ଭର ସମୟ। ୧୪୪ ବର୍ଷ ପରେ ଏହି ଯୋଗ ପଡ଼ିଥିଲା ବୋଲି ଗଣକମାନେ ମତ ଦେଇଛନ୍ତି।



ଏଣୁ ଏହା ଏକ ମହାର୍ଘ୍ୟ ମୁହୂର୍ତ୍ତ। ଈଶ୍ୱର ବିଶ୍ୱାସୀ ଦେଶବାସୀ ଏହି ସମୟକୁ ହାତଛଡ଼ା କରିବା ପାଇଁ ଚାହିଁ ନଥିଲେ। କାରଣ ଆଉ ଏ ସୁଯୋଗ ମିଳିବ ନାହିଁ। ମୋକ୍ଷ ପ୍ରାପ୍ତିର ପଥ ସଙ୍କୁଚିତ ହୋଇଯିବ। ଏଥିପାଇଁ ଦେଢ଼ ମାସ ସମୟ ମଧ୍ୟରେ ଦେଶର କୋଣ ଅନୁକୋଣରୁ ପ୍ରୟାଗରାଜରେ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥିଲା। ଶ୍ରଦ୍ଧାଳୁଙ୍କ ସମାଗମରେ ସହର ରାସ୍ତାଘାଟ ଜାମ୍ ହୋଇଥିଲା। ୧୦ରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ଭକ୍ତଙ୍କୁ ବିଭିନ୍ନ ସ୍ଥାନରେ ଅଟକି ରହିବାକୁ ପଡ଼ିଲା। ଦୀର୍ଘ ପଥ ଚାଲିବାକୁ ପଡ଼ିଲା। ଖାଦ୍ୟ ସାମଗ୍ରୀ ମିଳିଲା ନାହିଁ। ପ୍ରୟାଗରାଜରେ ଦଳାଚକଟା ଘଟି ଜନତା ମୃତ୍ୟୁରେ ପଡ଼ିଲେ। ବିଭିନ୍ନ ସ୍ଥାନରେ ଥିବା ଆଶ୍ରୟସ୍ଥଳୀରେ ନିଆଁ ଲାଗିଲା। ରେଳରେ ଯାତାୟାତ ପାଇଁ ସ୍ଥାନ ମିଳିଲା ନାହିଁ। ଉତ୍ତ୍ୟକ୍ତ ଜନତା ରେଳ ଉପରକୁ ଟେକା ମାଡ଼ କଲେ। ଫଳରେ ରେଳବିଭାଗ ସାମୟିକ ସମୟ ପାଇଁ ପ୍ରୟାଗରାଜକୁ ଟ୍ରେନ ବାତିଲ କରିଦେଲା। ଦିଲ୍ଲୀ ରେଳ ଷ୍ଟେଶନରେ ଦଳାଚକଟା ଘଟି ଜନତା ମୃତାହତ ହେଲେ। ତେବେ ସନାତନ ଧର୍ମର ଆବେଗ ଓ ବିଶ୍ୱାସ ନିକଟରେ ଏହି ଦୁର୍ଘଟଣା, ଅଘଟଣ ତୁଚ୍ଛ ଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ବିଶିଷ୍ଟ ଉଦ୍ୟୋଗୀ, ଅଭିନେତା, ଅଭିନେତ୍ରୀ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ବିଦ୍ୱାନ୍, ବୁଦ୍ଧିଜୀବୀ, ବିଦେଶୀ ତ୍ରିବେଣୀରେ ସ୍ନାନ କରି ପରମାତ୍ମାରେ ଲୀନ ହେବା ପାଇଁ ଚାହିଁଛନ୍ତି।

କୁମ୍ଭ ସ୍ନାନର ବଜାରୀକରଣ ସମ୍ପର୍କରେ ପୂର୍ବରୁ ଆଲୋଚିତ ହୋଇଥିବା ବେଳେ ତ୍ରିବେଣୀ ସମ୍ପର୍କରେ ବିଜ୍ଞାନ କ'ଣ କହୁଛି ତାହା ଆଲୋଚନାର ଆବଶ୍ୟକତା ରଖେ। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ଼ ଅନୁଧ୍ୟାନ ଅନୁଯାୟୀ ଜାନୁୟାରୀ ୧୩ ତାରିଖରେ ପ୍ରୟାଗରାଜର ସଙ୍ଗମଠାରେ ବିଓଡି (ବାୟୋଲୋଜିକାଲ ଅକ୍ସିଜେନ ସ୍ତର) ମାତ୍ରା ଥିଲା ଲିଟର ପାଣି ପିଛା ୩.୯୪ ମିଲିଗ୍ରାମ୍। ଏହି ଦିନ ମକର ସଂକ୍ରାନ୍ତି ଅବସରରେ କୁମ୍ଭର ଅୟମାରମ୍ଭ ହୋଇଥିଲା। ସଙ୍ଗମରେ ଏତେ ମାତ୍ରାରେ ବିଓଡି ଯୋଗୁ ଜଳ ସ୍ନାନ ଉପଯୋଗୀ ନୁହେଁ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କହିଥିଲା। ଜଳର ଗୁଣବତ୍ତା ଜାଣିବା ପାଇଁ ବିଓଡି ଏକ ମାନକ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାନୁୟାରୀ ୧୨ ଓ ୧୩ ତାରିଖରେ ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଥିବା ଜଳ ନମୁନା ବିଶ୍ଳେଷଣ କରି ଏହି ଜଳ ସ୍ନାନ ଉପଯୋଗୀ ନଥିବା ଦର୍ଶାଇ କେନ୍ଦ୍ରୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିକଟରେ ନିଜ ରିପୋର୍ଟ ଦାଖଲ କରିଥିଲେ। ଏହା ପରେ ପାଣିର ଗୁଣବତ୍ତା ବଜାୟ ରଖିବା ପାଇଁ ଉତ୍ତରପ୍ରଦେଶ ସରକାର ଗଙ୍ଗାମଧ୍ୟକୁ ୧୦,୦୦୦ରୁ ୧୧,୦୦୦ କ୍ୟୁସେକ ସ୍ୱଚ୍ଛ ଜଳ ଅନ୍ୟ ସୂତ୍ରରୁ ପ୍ରବେଶ କରାଇଥିଲେ। ଏ କ୍ଷେତ୍ରରେ ଉତ୍ତରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କାର୍ଯ୍ୟଶୈଳୀକୁ ସବୁଜ ଟ୍ରିବ୍ୟୁନାଲ ସମାଲୋଚନା ମଧ୍ୟ କରିଛି। ଗଙ୍ଗା ଜଳରେ ଅତ୍ୟଧିକ କୋଲିଫର୍ମ ବୀଜାଣୁ ରହିଛି, ଯାହା ମୁଖ୍ୟତଃ ମନୁଷ୍ୟ ସମେତ ପ୍ରାଣୀ ମଳରୁ ଆସିଥାଏ। ଏହାଦ୍ୱାରା ଗଙ୍ଗାରେ ଜୈବିକ ପ୍ରଦୂଷଣ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଛି। ଏହି ପ୍ରଦୂଷିତ ଜଳ ସଂସ୍ପର୍ଶରେ ଆସିଲେ ପେଟ କାମୁଡ଼ା, ବାନ୍ତି, ଜ୍ୱର ଆଦିରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଥାଏ। ଏନ୍‌ଜିଟି ମଧ୍ୟକ୍ଷ ଜଷ୍ଟିସ ପ୍ରକାଶ ଶ୍ରୀବାସ୍ତବ, ବିଚାର ବିଭାଗୀୟ ସଦସ୍ୟ ସୁଧୀର ଅଗ୍ରୱାଲ ଓ ବିଶେଷଜ୍ଞ ସଦସ୍ୟ ସେନ୍ଥି ଭେଲ ମାମଲାର ଶୁଣାଣି କରି ଉତ୍ତରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ତୀବ୍ର ସମାଲୋଚନା କରିଥିଲେ। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଉତ୍ତରପ୍ରଦେଶ ସରକାର କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟକୁ ଖଣ୍ଡନ କରିଥିଲେ। ଏକ କେନ୍ଦ୍ରୀୟ ସଂସ୍ଥାର ରିପୋର୍ଟକୁ ଉତ୍ତରପ୍ରଦେଶ ସରକାର ଖଣ୍ଡନ କରି ସମ୍ପୃକ୍ତ ସଂସ୍ଥା ପ୍ରତି ଆହ୍ୱାନ ସୃଷ୍ଟି କରିଛନ୍ତି। ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ଏହି ସଂସ୍ଥାର ରିପୋର୍ଟ ଉପରେ ସୁପ୍ରିମକୋର୍ଟ ନିର୍ଭରଶୀଳ ଥିବାବେଳେ ରାଜ୍ୟ ସରକାର ଏହାକୁ ଗ୍ରହଣ ନ କରିବା ପଛରେ ରାଜନୈତିକ ଚିନ୍ତାଧାରା ନିହିତ ଥିବା ମନେହୁଏ। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଠିକ୍ ନୁହେଁ ବୋଲି ଦର୍ଶାଇବା ନିମନ୍ତେ ରାଜ୍ୟ ସରକାର ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବିଜ୍ଞାନୀ ଡ. ଅଜୟ କୁମାର ସୋଙ୍କରଙ୍କୁ ନିଯୁକ୍ତ କଲେ। ଡ. କୁମାରଙ୍କ ରିପୋର୍ଟ ଭିତ୍ତିରେ କେନ୍ଦ୍ର ପ୍ରଦୂଷଣ ବୋର୍ଡ ରିପୋର୍ଟ ତ୍ରୁଟିପୂର୍ଣ୍ଣ ବୋଲି ରାଜ୍ୟ ସରକାର ଦର୍ଶାଇଛନ୍ତି। ଏନ୍‌ଜିଟି ନିକଟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ପୁରୁଣା ତଥ୍ୟ ଦାଖଲ କରିଥିଲେ।

କୁମ୍ଭ ପରି ଏକ ଧାର୍ମିକ କାର୍ଯ୍ୟକ୍ରମ ଉତ୍ତରପ୍ରଦେଶ ପାଇଁ ଏକପ୍ରକାର ଆର୍ଥିକ ଓ ରାଜନୈତିକ ସୁଯୋଗରେ ପରିଣତ ହୋଇପାରିଛି। ଏଥିପାଇଁ ରାଜ୍ୟ ସରକାର ସୁଚିନ୍ତିତ ଭାବେ ଦୀର୍ଘ ଦିନରୁ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୪୦ ବର୍ଗ କି.ମି. ଅଞ୍ଚଳରେ ଅସ୍ଥାୟୀ ସହର ପ୍ରତିଷ୍ଠା କରାଯାଇଥିଲା। ସମଗ୍ର ଦେଶରେ କୁମ୍ଭ ମାହାତ୍ମ୍ୟ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରାଗଲା। ପ୍ରୟାଗରାଜକୁ ପ୍ରାୟୋଜିତ ଭାବେ ସାମ୍ବାଦିକଙ୍କୁ ନିଆଗଲା। ହିନ୍ଦୁ ଧର୍ମାବଲମ୍ବୀଙ୍କ ମଧ୍ୟରେ ଏକପ୍ରକାର ଜାଗରଣ ସୃଷ୍ଟି କରାଗଲା। ୨୦୨୭ରେ ରାଜ୍ୟ ବିଧାନସଭା ନିର୍ବାଚନ। ଆସନ୍ତା ନିର୍ବାଚନରେ ଏହି ଜାଗରଣର କି ପ୍ରଭାବ ରହିବ ତାହା ଆଗକୁ ଜଣାପଡ଼ିବ ।

**ମୋ: ୯୪୩୭୨୨୯୨୩୩**

# ଅସଫଳ ଅନୁଷ୍ଠାନ



ଶ୍ରୁତକୀର୍ତ୍ତି ତ୍ରିପାଠୀ

କିଛିଦିନ ତଳେ ସମ୍ବଲପୁରର ଏକ ମାନସିକ ରୋଗୀ ଥଇଥାନ କେନ୍ଦ୍ରର ଅନ୍ତେବାସୀଙ୍କୁ ନିର୍ଯାତନା ଦେବା ଘଟଣା କେବଳ ସମ୍ବଲପୁର ଜିଲା ନୁହେଁ, ପୂରା ରାଜ୍ୟ ଏବଂ ସମଗ୍ର ଭାରତ ପାଇଁ ଏକ ଲଜ୍ଜାଜନକ ବିଷୟ। ଘଟଣାରେ ଉକ୍ତ କେନ୍ଦ୍ରର ପରିଚାଳକଙ୍କ ପୁଅ ଓ ତାଙ୍କ ସାଙ୍ଗ ମୁଖ୍ୟ ଅଭିଯୁକ୍ତ ରୂପେ ଧରାହେବା ଏକ ବିକୃତ ସମାଜ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି? ଘଟଣାର ଅଧିକ ତଦନ୍ତ ଅନ୍ତେବାସୀଙ୍କ ସହ କେବଳ ମାରପିଟ ନୁହେଁ ବଳାତ୍କାର ଭଳି ଅଭିଯୋଗର ଗୁମର ପଦାକୁ ଆଣିଛି। ଆଶ୍ଚର୍ଯ୍ୟର କଥା ଯେ ଅନୁଷ୍ଠାନର ଅନ୍ତେବାସୀଙ୍କୁ ଅତ୍ୟାଚାର ଯଦି କରାଯାଉଛି, ତା' ହେଲେ ସମାଜସେବା ନାଁରେ ଅନୁଷ୍ଠାନ ଗଢ଼ି ଲୋକଦେଖାଣିଆ ପ୍ରହସନ କ'ଣ ପାଇଁ? ଅନୁଷ୍ଠାନଟିଏ ଗଢ଼ା ହେଲେ ତା'ର ପରିଚାଳନା ପାଇଁ ଉଭୟ ସରକାରୀ ଓ ଘରୋଇ ଅନୁଦାନର ସାହାଯ୍ୟ ମିଳିଥାଏ। ତେବେ ଏଭଳି ଅନୁଷ୍ଠାନର ଗଠନ କ'ଣ ଲୋକଙ୍କ ସ୍ୱାର୍ଥପୂରଣ ପାଇଁ?

ଅନ୍ୟ ଏକ ଲଜ୍ଜାଜନକ ଏବଂ ଚିନ୍ତା ଉଦ୍ରେକକାରୀ ଘଟଣା ହେଉଛି ମାଲକାନଗିରି ଚିତ୍ରକୋଣ୍ଡା ଆବାସିକ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀ ମାତୃତ୍ୱ ଲାଭ କରିବା। ଯଦିଓ ଏହା ରାଜ୍ୟରେ ପ୍ରଥମ ଘଟଣା ନୁହେଁ, କଥା ହେଉଛି ବିଦ୍ୟାଳୟ ଭଳି ଏକ ଅନୁଷ୍ଠାନ ଯେଉଁଠି ଛାତ୍ରୀମାନେ ଜ୍ଞାନ ଆହରଣ କରିବା ପାଇଁ ଯାଉଛନ୍ତି, ସେଠି ସେମାନେ କିଭଳି ପରିବେଶ ଓ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି? ବିଦ୍ୟାଳୟର ପ୍ରଧାନଶିକ୍ଷକ, ମାଟ୍ରନଙ୍କ ଦାୟିତ୍ୱହୀନତା ଭିତରେ ସେମାନଙ୍କ ଭବିଷ୍ୟତ କେତେ ସୁରକ୍ଷିତ? ଏହି ଘଟଣା ଛାତ୍ରୀନିବାସର ସୁରକ୍ଷା ଦିଗରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଦିବାସୀ ଝିଅମାନେ ସହଜେ ସରଳ ଏବଂ ନିରୀହ। ସେମାନଙ୍କର ଏଭଳି ଅବସ୍ଥା ଅଜ୍ଞାନତା, ଶୋଷଣ ନା କୌଣସି ଷଡ଼ଯନ୍ତ୍ରର ଶିକାର ହେଉଛନ୍ତି ସେମାନେ, ତାହା ଅଧିକ ତଦନ୍ତ ପରେ ଜଣାପଡିବ। ୧୫ ବର୍ଷ ବା ତା'ଠାରୁ କମ୍ ବୟସ୍କ ଝିଅମାନେ ଯଦି ବିଦ୍ୟାଳୟରେ ସୁରକ୍ଷିତ ନୁହନ୍ତି ତେବେ ମା'ବାପା ସେମାନଙ୍କ ଶିକ୍ଷା ପାଇଁ କ'ଣ ଆଉ ଅଧିକ ଚିନ୍ତା କରିବେ! ଘଟଣା ପରେ ପ୍ରଧାନଶିକ୍ଷକ ଏବଂ ମାଟ୍ରନଙ୍କୁ ନିଲମ୍ବନ କରାଯାଇଥିଲେ ମଧ୍ୟ ଏହି ସ୍ପର୍ଶକାତର ବିଷୟ ଅନେକ ଦିଗରେ ଭାବିବାକୁ ବାଧ୍ୟ କରୁଛି।

'ମାନବ ସେବା ହିଁ ମାଧବ ସେବା', ଏହି ଉକ୍ତିଟି କେବଳ ପୋଥିଗତ ହୋଇ ରହିଯାଉଛି ବୋଲି ସନ୍ଦେହ ହେଲାଣି। ଚିନ୍ତନରେ ଏବଂ କାର୍ଯ୍ୟରେ ପ୍ରତ୍ୟକ୍ଷ ରୂପରେ ଏହାର ପାଳନ ହେଉନାହିଁ। ଏଭଳି ଅନେକ ଘଟଣା ଆଖି ଆଗକୁ ଆସୁଛି, କିଛି ସମୟ ଧରି ଖବରକାଗଜର ମୁଖ୍ୟ ପ୍ରସଙ୍ଗ ରୂପେ ପୃଷ୍ଠାମଣ୍ଡନ କରୁଛି, ନ୍ୟୁଜ ଚ୍ୟାନେଲଗୁଡ଼ିକରେ ବ୍ରେକିଂ ନ୍ୟୁଜ ଭାବରେ ରହି ପୁଣି ଅଦୃଶ୍ୟ ହୋଇଯାଉଛି। ଆଦିବାସୀ ଛାତ୍ରୀ ବା ମହିଳାଙ୍କୁ ଯୌନ ନିର୍ଯାତନା, ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଅସଦ୍‌ବ୍ୟବହାର, ଦୃଷ୍ଟିବାଧିତ ପିଲାଙ୍କୁ ଅବହେଳା, ଅନାଥାଶ୍ରମ ପିଲାଙ୍କୁ ଭିକ୍ଷାବୃତ୍ତି କିମ୍ବା ଅସାମାଜିକ କାର୍ଯ୍ୟ ପାଇଁ ବ୍ୟବହାର କରିବା ଭଳି ଅନେକ ଘଟଣା ନଜରକୁ ଆସୁଥିଲେ ମଧ୍ୟ ଆହୁରି ଅନେକ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଏ ବିଷୟରେ ପୋଲିସ, ପ୍ରଶାସନ ଏବଂ ସମାଜସେବାରେ ବ୍ରତୀ ଅନୁଷ୍ଠାନଗୁଡ଼ିକ ଭଲ ଭାବରେ ଜାଣନ୍ତି।



ଅନାଥ ପିଲାମାନେ ଆଶ୍ରୟ ପାଇଁ ଅନାଥାଶ୍ରମରେ ରହିବାର ବ୍ୟବସ୍ଥା ଥାଏ ସତ, ମାତ୍ର ସେହି ପିଲାଙ୍କ ଭିତରୁ ଅଧିକାଂଶ ହିଂସା, ଉପେକ୍ଷା ଓ ଦୁର୍ବ୍ୟବହାରର ଶିକାର ହୁଅନ୍ତି। ସେମାନଙ୍କୁ ନାନାଦି ଗୃହକର୍ମରେ ନିୟୋଜିତ କରିବା ଠିକ୍, ମାତ୍ର ବୟସ ଏବଂ କ୍ଷମତା ତୁଳନାରେ ମାତ୍ରାଧିକ କାର୍ଯ୍ୟଭାର ଦେଇ ଚାପଗ୍ରସ୍ତ କରିବାର ମଧ୍ୟ ଅନେକ ଉଦାହରଣ ରହିଛି। ପିଲାମାନେ ନିଶାଚାଲାଣ, ଅସାମାଜିକ କାର୍ଯ୍ୟ, ଭିକ୍ଷାବୃତ୍ତି ଆଦିରେ ନିଜର ଶୈଶବ ବିତେଇ ଯୁବାବସ୍ଥାରେ ପହଞ୍ଚିଲେ ତାଙ୍କର ଭବିଷ୍ୟତ କିଭଳି ହେଉଥିବ, ତାହା ସହଜରେ ଅନୁମାନ କରିହୁଏ। ଏଭଳି ଥଇଥାନ କେନ୍ଦ୍ରଗୁଡ଼ିକରେ ପିଲାଙ୍କ ମାନସିକ ଓ ଶାରୀରିକ ବିକାଶ ଉଭୟ ବାଧାପ୍ରାପ୍ତ ହୁଏ। ପୋଷଣ ଯୁକ୍ତ ଖାଦ୍ୟ ଓ ଯତ୍ନର ଅଭାବ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଠିକ୍ ରୂପେ ସେମାନଙ୍କ ବିକାଶ ହୁଏନାହିଁ। ଆକଳନ କରାଯାଇଛି ଯେ ଅନୁଷ୍ଠାନଗୁଡ଼ିକରେ ବର୍ତ୍ତମାନ ସମୟରେ ୫୪ ଲକ୍ଷରୁ ଅଧିକ ଶିଶୁ ରହୁଛନ୍ତି।

ସେହିଭଳି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଆଶ୍ରମଗୁଡ଼ିକର ମଧ୍ୟ ସମାନ ଦୁରବସ୍ଥା । ଝିଅ ଓ ମହିଳାଙ୍କୁ ଦେହ ବ୍ୟବସାୟ, ଚୋରାଚାଲାଣ, ଚୋରି ଆଦିରେ ନିୟୋଜିତ କରାଯାଉଛି। ଏକ ସହଜ ଓ ସୁସ୍ଥ ଜୀବନ ବଞ୍ଚିବା ପାଇଁ ଆଶା ଦେଖାଇ ସେମାନଙ୍କୁ ନିଶ୍ଚିତ ମୃତ୍ୟୁ ଆଡ଼କୁ ଠେଲି ଦିଆଯାଉଛି। ଦୁଃଖର ବିଷୟ ଯେ ଏଭଳି ଘଟଣାର ଶିକାର ଯେଉଁମାନେ ହୁଅନ୍ତି, ସେମାନେ ଏ ବିଷୟରେ ଟେର ପାଆନ୍ତି ନାହିଁ। ଉପରୁ ସୁରକ୍ଷିତ ମନେହେଉଥିବା ଅନୁଷ୍ଠାନଗୁଡ଼ିକ ହିଁ ତାଙ୍କ ଦୁର୍ଗତିର କାରଣ ବୋଲି ଜାଣିଲା ବେଳକୁ ଖୁବ୍ ଡେରି ହୋଇଯାଇଥାଏ।

ତେବେ ଆଲୋଚନାର ପ୍ରସଙ୍ଗ ହେଉଛି, କେଉଁସବୁ ଉପାୟରେ ଏହି ଅନୁଷ୍ଠାନଗୁଡିକର ଅନ୍ତେବାସୀଙ୍କୁ ସୁରକ୍ଷିତ ରଖାଯାଇ ପାରିବ। ଅନୁଷ୍ଠାନ ଗଢିବା ପୂର୍ବରୁ ପରିଚାଳକମାନେ ଅନ୍ତେବାସୀଙ୍କୁ ଯଥେଷ୍ଟ ପରିମାଣର ସଂସାଧନ, ପୋଷଣଜନିତ ଖାଦ୍ୟ, ସୁସ୍ଥ ପରିବେଶ, ଶୋଷଣମୁକ୍ତ ଜୀବନଶୈଳୀ ଯୋଗାଇଦେବା ପାଇଁ ବ୍ରତୀ ହେବାକୁ ହେବ। ଭୋଜନ, ଆଶ୍ରୟ, ବସ୍ତ୍ର ଏବଂ ଶିକ୍ଷା ଭଳି ମୌଳିକ ସୁବିଧା ଅନୁଷ୍ଠାନର ଅନ୍ତେବାସୀଙ୍କୁ ଯୋଗେଇ ଦେବା ଉଚିତ। ପିଲାଙ୍କୁ ବାଧ୍ୟତାମୂଳକ ଶ୍ରମ, ବିପଦପୂର୍ଣ୍ଣ ଅଞ୍ଚଳରେ ରୋଜଗାରକ୍ଷମ ହେବା ଏବଂ ଚୋରି ଓ ଅସାମାଜିକ କାର୍ଯ୍ୟରୁ ଦୂରେଇ ରଖିବା ଏହି ଅନୁଷ୍ଠାନର ଗୁରୁଦାୟିତ୍ୱ।

ଯଦି ସୁରକ୍ଷାପ୍ରଦାନକାରୀ ଆସ୍ଥା ଦେଇ ଏଭଳି ଅସହାୟ ନିଷ୍ପେଷିତ ବର୍ଗଙ୍କୁ ନିଜର ସ୍ୱାର୍ଥପୂରଣ ପାଇଁ ବ୍ୟବହାର କରେ ସେମାନଙ୍କୁ କଠୋର ଦଣ୍ଡ ଏବଂ ଜରିମାନା ସହ ଅନୁଷ୍ଠାନରେ କାର୍ଯ୍ୟରତ ଥିବା ପଦପଦବୀରୁ ନିଲମ୍ବନ କରିବା ପୋଲିସ, ପ୍ରଶାସନ ଏବଂ ଜନସାଧାରଣଙ୍କ କାମ। କାରଣ କୌଣସି ଦୁର୍ବ୍ୟବହାର ବା ଅପ୍ରୀତିକର ପରିସ୍ଥିତିର ସୂଚନା ସର୍ବପ୍ରଥମେ ପାଖପଡ଼ୋଶୀ, ସ୍ଥାନୀୟ ବାସିନ୍ଦାଙ୍କ ଗୋଚରକୁ ଆସେ। ସେମାନଙ୍କର ଦାୟିତ୍ୱ ସେମାନେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନିଜର କର୍ତ୍ତବ୍ୟ ମନେକରନ୍ତୁ ଏବଂ ସଚେତନ ନାଗରିକ ରୂପେ ଏହାର ଖବର ନିକଟସ୍ଥ ପୋଲିସ ବା ପ୍ରଶାସନ ଅଧିକାରୀଙ୍କ ନଜରକୁ ଆଣନ୍ତୁ।

**ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮**

## ଏଇ ଭାରତରେ

ପାର୍କରେ ବହି ପଢ଼ିବାର ବ୍ୟବସ୍ଥା କରୁଛନ୍ତି ଅହମଦାବାଦର ଜିତ୍ ଜୋଷୀ ଓ ଓମ୍ ଠାକୁର। ସେମାନେ ସହରର ବିଭିନ୍ନ ପାର୍କରେ ମିନି ଲାଇବ୍ରେରି ଖୋଲୁଛନ୍ତି। କହିବାକୁ ଗଲେ ପାର୍କକୁ ସେମାନେ ଏକ ପଠନ କେନ୍ଦ୍ର କରିଦେଇଛନ୍ତି। ଏହାର ଅଗ୍ରଗତି ପାଇଁ 'ୟୋର ରିଡିଂ ସର୍କଲ' ଅଭିଯାନ ଚଳାଇଛନ୍ତି। ସର୍ବସାଧାରଣ ପାର୍କଗୁଡ଼ିକରେ ପ୍ରତିଷ୍ଠା ହୋଇଥିବା ମିନି ଲାଇବ୍ରେରିରୁ ଲୋକେ ମାଗଣାରେ ବହି ନେଇ ପଢୁଛନ୍ତି। ଜିତ୍ ଜୋଷୀଙ୍କ ବୟସ ୨୦ ଓ ସେ ଏବେ ବି.କମ୍ ପଢୁଛନ୍ତି। ୧୯ ବର୍ଷୀୟ ଓମ୍ ଜଣେ ବିବିଏର ଛାତ୍ର। ସେମାନେ ବହି ସଂଗ୍ରହ କରି ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେପ୍ଟେମ୍ବର ୨୦୨୩ରେ 'ୟୋର ରିଡିଂ ସର୍କଲ' ଅଭିଯାନରେ ଅହମଦାବାଦର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିପାଇଁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଖୋଲି ପଢ଼ିବା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ ଏବଂ ପରେ ପ୍ରଥମ ମିନି ଲାଇବ୍ରେରି ପରିମଲ ଗାର୍ଡେନରେ ଖୋଲିଥିଲେ ଏମିତି କା ଲାଇବ୍ରେରି ସରକାରୀ ଅନୁମତିରେ ଖୋଲୁଛନ୍ତି। ପାର୍କରେ ଛୋଟ ଛୋଟ ବକ୍ସ କରି ସେଥିରେ ବହି ରଖାଯାଉଛି ଓ ପ୍ରତ୍ୟେକଟି ପାର୍କ ନିକଟରେ ରହୁଥିବା ଦୁଇଜଣ ସ୍ୱେଚ୍ଛାସେବୀ ଏହାର ଦେଖାରଖା କରୁଛନ୍ତି। ଜିତ୍ ଓ ଓମ୍ ଏବେ ଗୁଜରାଟର ବିଭିନ୍ନ ସ୍କୁଲରେ ଲାଇବ୍ରେରି ଖୋଲିବାକୁ ଯୋଜନା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ମାର୍ଚ୍ଚ ୧୯୭୬

- ନିରପେକ୍ଷ ରାଷ୍ଟ୍ର ସମୂହ ଭିତରେ ଯୋଗାଯୋଗ ରକ୍ଷା ଓ ତଥ୍ୟ ବିନିମୟ କ୍ଷେତ୍ରରେ ନିକଟତର ସହଯୋଗ ସ୍ଥାପନ ନିମନ୍ତେ ଭାରତ ଓ ଯୁଗୋସ୍ଲୋଭିଆ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ମୁସଲମାନ ଧର୍ମ ଅନୁଯାୟୀ ୪ଟି ସ୍ତ୍ରୀ ବିବାହ ବ୍ୟବସ୍ଥା ପରିବର୍ତ୍ତେ ଇଜିପ୍ଟରେ ଏକ ନୂତନ ନିୟମ ପ୍ରଣୟନ କରାଯାଇଛି।

## ଚିରନ୍ତନୀ

ବରଷା ଜଳେ ବସନ ତବ ତିନ୍ତଇ
ବସନହୀନ କି ଦେବି ମୁଁ ଗୋ ଚିନ୍ତଇ।
ଅଙ୍ଗେ ତବ କପୂର ବାସ,
ଅଧରେ ତବ ମଧୁର ହାସ,
କର୍ଣ୍ଣେ ତବ କେୟୂର ଝୁଲେ ଚଞ୍ଚଳେ
ବିଜୁଳି ହସେ ସ୍ୱର୍ଣ୍ଣ–ଜରି ଅଞ୍ଚଳେ।
–(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 1 | |
| | 7 | | 8 | | | | | 3 |
| 8 | | | 5 | 7 | | | 4 | |
| | | | | 5 | 7 | | 9 | 2 |
| | 6 | | 4 | | | | | 8 |
| | | | | | | 7 | | |
| | | 8 | | 6 | 9 | | 2 | |
| | | | 7 | | | | | 4 |
| 1 | | | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 2 | 8 | 6 | 5 | 7 | 9 | 3 |
| 5 | 7 | 9 | 4 | 3 | 1 | 6 | 8 | 2 |
| 3 | 6 | 8 | 2 | 9 | 7 | 5 | 4 | 1 |
| 9 | 2 | 6 | 1 | 7 | 3 | 4 | 5 | 8 |
| 7 | 8 | 1 | 5 | 4 | 2 | 9 | 3 | 6 |
| 4 | 3 | 5 | 9 | 8 | 6 | 1 | 2 | 7 |
| 6 | 9 | 4 | 7 | 2 | 8 | 3 | 1 | 5 |
| 2 | 1 | 3 | 6 | 5 | 9 | 8 | 7 | 4 |
| 8 | 5 | 7 | 3 | 1 | 4 | 2 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାରୁ ଅଚଳ ଗାଡ଼ି ହଟାଯାଉ

ମହାଶୟ,

ନିକଟରେ ଓଡିଶାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ହେବା ଆମେ ଦେଖିଲୁ। ଏହା ସହ କଳାହାଣ୍ଡିର ସିନାପାଲିରୁ ଭାୟା ନବରଙ୍ଗପୁର, ଜୟପୁର–ମାଲକାନଗିରି ଦେଇ ହାଇଦ୍ରାବାଦ ଯାଉଥିବା ଗୁପ୍ତା ବସ୍ ରାସ୍ତାରେ ଠିଆ ହୋଇଥିବା ଅଚଳ ଟ୍ରକର ପଛପଟେ ପିଟି ହୋଇଗଲା। ଫଳରେ ଡ୍ରାଇଭର ସମେତ ପାଞ୍ଚଜଣ ମୃତ୍ୟୁବରଣ କଲେ। ୪ ଜଣ ଦାଦନ ଶ୍ରମିକ ଥିଲେ। ଏବେ ମନଇଚ୍ଛା ରାସ୍ତକଡ଼ରେ ଗାଡ଼ି ପାର୍କିଂ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ଅନେକ ସମୟରେ ରାତିରେ ଆଗପଛ ଇଣ୍ଡିକେଟର ମଧ୍ୟ ଦେଉନାହାନ୍ତି। ଫଳରେ ଏହାଯୋଗୁ ଅନେକ ଦୁର୍ଘଟଣା ଘଟୁଛି। ତେବେ ଏଥିରେ କାହାକୁ ଦାୟୀ କରିବା। ପୋଲିସ, ଚାଳକ ନା ସରକାର ? ରହିଛି ।

**–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆର୍ଟିଷ୍ଟ ରକିଙ୍କ ସମେତ ଦୁଇ ଗିରଫ

ଭୁବନେଶ୍ୱର,୩।୩ (ସତ୍ୟଜିତ୍ ରାଉତ)

ଜଣେ ବିଦେଶୀ ଯୁବତୀଙ୍କ ଜଙ୍ଘରେ ଜଗନ୍ନାଥ ଟାଟୁ କରି ଏହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଘଟଣା ମହଙ୍ଗା ପଡ଼ିଛି। ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇବା ଅଭିଯୋଗରେ ଟାଟୁ ଆର୍ଟିଷ୍ଟ ତଥା 'ରକି ଟାଟୋଜ୍' ଷ୍ଟୁଡିଓର ମାଲିକ ରକି ରଞ୍ଜନ ବିଶୋଇ (୩୩)ଙ୍କ ସମେତ ଦୁଇଜଣଙ୍କୁ ସୋମବାର ଶହୀଦନଗର ଥାନା ପୋଲିସ ଗିରଫ କରିଛି। ଅନ୍ୟ ସହ ଅଭିଯୁକ୍ତ ଜଣକ ହେଲେ ରକି ଟାଟୋଜ୍ ଷ୍ଟୁଡିଓରେ ଆର୍ଟିଷ୍ଟ ଭାବେ କାମ କରୁଥିବା ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳର ଅଶ୍ୱିନୀ କୁମାର ପ୍ରଧାନ(୨୫)। ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଦଫା ୧୯୬, ୨୯୯, ୩(୫)ରେ ଏକ ମାମଲା(ନଂ.୮୫/୨୦୨୫) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ ଅଧିକ ପଚରାଉଚରା କରୁଛି। ମଙ୍ଗଳବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜୋନ-୫ ଏସିପି ବିଶ୍ୱରଞ୍ଜନ ସେନାପତି ଖବରଦାତା ସମ୍ମିଳନୀରେ କହିଛନ୍ତି। ଅପରପକ୍ଷରେ ଟାଟୋ କରିଥିବା ଇଟାଲୀ ଯୁବତୀ ଜଣକ ଭିଡିଓ ଜରିଆରେ କ୍ଷମାପ୍ରାର୍ଥନା କରିଛନ୍ତି। ଯୁବତୀଙ୍କ କହିବା କଥା, ପ୍ରଭୁ ଜଗନ୍ନାଥଙ୍କୁ ଅସମ୍ମାନ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ଜଗନ୍ନାଥଙ୍କ ସେ ଜଣେ ପରମ ଭକ୍ତ ହୋଇଥିବାବେଳେ ପ୍ରତିଦିନ ମନ୍ଦିର ଯାଆନ୍ତି। ଟାଟୁ କରିବାକୁ ସେ ନିଜେ କହିଥିଲେ। ହେଲେ ଏହାକୁ ନେଇ କୌଣସି ସମସ୍ୟା ସୃଷ୍ଟି କରିବାକୁ ଚାହୁଁ ନ ଥିଲେ। ଯୁବତୀ ଜଣକ ଉକ୍ତ ଟାଟୋକୁ ଲିଭାଇବାକୁ ପ୍ରତିଶ୍ରୁତି ଦେବା ସହ ଏଥିପାଇଁ କ୍ଷମା କରିଦେବାକୁ ସେ ନିବେଦନ କରିଛନ୍ତି।



ବିଦେଶିନୀଙ୍କ ଜଙ୍ଘରେ ଜଗନ୍ନାଥଙ୍କ ଟାଟୁକୁ ବିରୋଧରେ ବିକ୍ଷୋଭ(ବାମ), ଗିରଫ ୨ ଅଭିଯୁକ୍ତ।

**ବିଦେଶିନୀଙ୍କ ଜଙ୍ଘରେ ଜଗନ୍ନାଥ ଟାଟୁ କରିବା ମାମଲା**

- ଭିଡିଓ ଜରିଆରେ କ୍ଷମା ମାଗିଲେ ବିଦେଶିନୀ
- ଷ୍ଟୁଡିଓ ଆଗରେ ଜଗନ୍ନାଥପ୍ରେମୀଙ୍କ ବିକ୍ଷୋଭ
- ଏନ୍ଏଚ୍ଆର୍ସିରେ ପିଟିଶନ ଦାଖଲ



ଟାଟୁ କରିଥିବା ଯୁବତୀଙ୍କ ସଂକ୍ରାନ୍ତରେ ଏସିପି ସେନାପତି କହିଛନ୍ତି, ତାଙ୍କୁ ଏନେଇ ପଚରାଉଚରା କରାଯିବ। ଭାରତୀୟ ଆଇନ ଓ ପ୍ରଭୁ ଜଗନ୍ନାଥଙ୍କ ସଂକ୍ରାନ୍ତରେ ବିଦେଶୀ ମହିଳା ଜଣଙ୍କର ଧାରଣା ନାହିଁ। ଆଇନ ଅନୁଯାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସମୀଚୀନ ହେବନାହିଁ ବୋଲି ସେନାପତି କହିଛନ୍ତି। ସେପଟେ ଶହୀଦନଗରସ୍ଥିତ 'ରକି ଟାଟୋଜ୍' ଷ୍ଟୁଡିଓ ସାମ୍ନାରେ ଜଗନ୍ନାଥପ୍ରେମୀମାନେ ସୋମବାର ବିକ୍ଷୋଭ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଏପରି କି ଶ୍ରୀମନ୍ଦିର ସମ୍ମୁଖରେ ଆଣ୍ଠେଇ ଏପରି ଭୁଲ ପାଇଁ କ୍ଷମା ମାଗିବାକୁ ସେମାନେ ଦାବି କରିଛନ୍ତି। ପୋଲିସ ତଦନ୍ତରୁ ଜଣାପଡ଼ିଛି, ଯୁବତୀ ଜଣକ ଶନିବାର ରକି ଟାଟୋଜ୍ ଷ୍ଟୁଡିଓକୁ ଯାଇଥିଲେ। ରକିଙ୍କ ନିର୍ଦ୍ଦେଶରେ ତାଙ୍କ ଜଙ୍ଘରେ ଜଗନ୍ନାଥ ଟାଟୁ କରାଯାଇଥିଲା। ଏପରିକି ରକି ଯୁବତୀଙ୍କ ଟାଟୋର ଫଟୋସୁଟ୍ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଏସିପି କହିଛନ୍ତି। ଅପରପକ୍ଷରେ ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍ସି)ଙ୍କ ନିକଟରେ ନ୍ୟାୟ ପାଇଁ ଲଢ଼େଇ ପରିବାରର ସଭାପତି ସୁବ୍ରତ କୁମାର ଦାଶ ପିଟିଶନ ଦାଖଲ କରିଛନ୍ତି। କମିଶନ ଏହି ଘଟଣାରେ ହସ୍ତକ୍ଷେପ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରବିବାର ହ୍ୱାଟ୍ସଆପ୍ ଓ ଇନ୍ଷ୍ଟାଗ୍ରାମରେ ରକିଙ୍କ ପକ୍ଷରୁ ଉକ୍ତ ଟାଟୋ ଫଟୋକୁ ଶେୟାର କରାଯାଇଥିବାବେଳେ ଏହା ନଜରକୁ ଆସିଥିଲା। ଏନେଇ ସାମାଜିକ କର୍ମୀ ସୁବ୍ରତ କୁମାର ମହାନ୍ତି, ସମ୍ମିତ ମହାନ୍ତି ପ୍ରମୁଖ ଶହୀଦନଗର ଥାନାରେ ଏତଲା ଦେଇଥିଲେ।

# କ୍ରାଇମବ୍ରାଞ୍ଚରେ ହାଜର ହେଲେନି ଦୀପାଳି, ବିଶାଳ

## ଝାରସୁଗୁଡ଼ାରେ ମତ ରଖିବା ପାଇଁ ଆଇଓଙ୍କୁ ଅନୁରୋଧ କଲେ ଦୀପାଳି

ଝାରସୁଗୁଡ଼ା,୩।୩(ଆଶିଷ ରଞ୍ଜନ ଦାଶ)

**ନବ ଦାସ ହତ୍ୟା ମାମଲା**

ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ସୋମବାର ହାଜର ହେବା ପାଇଁ ଦୀପାଳି ଦାସ ଓ ତାଙ୍କ ଭାଇ ବିଶାଳ ଦାସଙ୍କୁ ନୋଟିସ କରାଯାଇଥିଲା। କିନ୍ତୁ ସୋମବାର ଦୀପାଳି କିମ୍ବା ତାଙ୍କ ଭାଇ ବିଶାଳ କ୍ରାଇମବ୍ରାଞ୍ଚ ପାଖରେ ହାଜର ହୋଇ ନ ଥିଲେ। ଖବର ଅନୁସାରେ ଦୀପାଳି ନବ ଦାସ ହତ୍ୟାକାଣ୍ଡର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ଆଇଓଙ୍କୁ ଫୋନ କରି ଅନୁରୋଧ କରି କହିଥିଲେ ଯେ, ତାଙ୍କର ବ୍ୟକ୍ତିଗତ କାରଣରୁ ହାଜାର ହୋଇ ପାରିବେ ନାହିଁ ଏବଂ କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଛାଡି ଝାରସୁଗୁଡ଼ାରେ ମୋର ମତ ରଖିବାକୁ ସୁଯୋଗ ଦେବା ପାଇଁ ଅନୁରୋଧ କରିଥିଲେ। ଏଥି ସହିତ ତାଙ୍କର ଭାଇ ବିଶାଳ ରାଜ୍ୟ ବାହାରେ ଥିବାରୁ ହାଜର ନ ହେବା କଥା କହିଛନ୍ତି। ଦୀପାଳି ଓ ବିଶାଳ କ୍ରାଇମବ୍ରାଞ୍ଚରେ ହାଜର ନ ହେବା ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ରବିବାର ବରଗଡ଼ ଏମ୍ପି ପ୍ରଦୀପ ପୁରୋହିତ କହିଛନ୍ତି ଯେ ସିବିଆଇ ତଦନ୍ତ ନ କରିବାକୁ ବିଜେଡିର ଚାପ ରହିଥିବା ପାଇଁ ଦୀପାଳି ଓ ବିଶାଳ ମୁହଁ ଖୋଲୁ ନାହାନ୍ତି। ପୁରୋହିତ କହିଛନ୍ତି ଯେ, ନବ ଦାସ ହତ୍ୟାକାଣ୍ଡ ନେଇ ବିଜେଡିର ୨ଜଣଙ୍କ ନା ଚର୍ଚ୍ଚାରେ ଥିଲା। ଜଣେ ଆଇଏଏସ୍ ଅଧିକାରୀ ଥିଲେ ଯିଏ ମୁଖ୍ୟମନ୍ତ୍ରୀ ହେବା ପାଇଁ ସ୍ୱପ୍ନ ଦେଖୁଥିଲେ ଏବଂ ଜଣେ ବିଜେଡିର ବଡ଼ ନେତା ଥିଲେ ଯାହାର ଆଇଏଏସ୍ ଅଫିସରଙ୍କ ସହ ଭଲ ସମ୍ପର୍କ ଥିଲା। ଦୀପାଳି ହାଜର ନ ହେବାକୁ ନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ଦୀପାଳି ତାଙ୍କର ବ୍ୟକ୍ତିଗତ କାରଣ ପାଇଁ ହାଜର ହୋଇନାହାନ୍ତି। ଏହି କଥାକୁ ଏତେ ରଙ୍ଗ ଦେବା ଦରକାର ନାହିଁ। ଦୀପାଳି କାହା ଚାପରେ ନା ନିଜର ବ୍ୟକ୍ତଗତ କାରଣକୁ ନେଇ ହାଜର ହେଉ ନାହାନ୍ତି ତାହା ଦେଖିବାକୁ ବାକି ରହିଲା।

# ଶାଶୁଘରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ନିର୍ଯାତନା, ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

କାମାକ୍ଷାନଗର,୩।୩
(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବିଜାଡ଼ିହି ଗୋଡିସାହି ଗ୍ରାମରେ ସୋମବାର ମାନ ରାଉତଙ୍କ ସ୍ତ୍ରୀ ତନୁଜା ରାଉତ (୨୮)ଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଠାବ ହୋଇଛି। ବାରମ୍ବାର ଝିଅ ଜନ୍ମ ହେଉଥିବାରୁ ଶାଶୁଘର ଲୋକେ ନିର୍ଯାତନା ଦେବା ସହ ଅଧିକ ଯୌତୁକ ଦାବିରେ ତନୁଜାଙ୍କୁ ହତ୍ୟା କରିଥିବା ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।



ମୃତଦେହ ନିକଟରେ ପରିବାର ଲୋକେ ଶୋକ ପ୍ରକଟ କରୁଛନ୍ତି।

ପୋଲିସ କହିଛି, ପରଜଙ୍ଗ ଥାନା ବସୁଲେଇ ଗ୍ରାମର ନିତ୍ୟାନନ୍ଦ ଭୂତିଆଙ୍କ ଝିଅ ତନୁଜା ୨୦୧୮ ମସିହାରେ କାମାକ୍ଷାନଗର ଥାନା ବିଜାଡ଼ିହି ଗାଁ ଗୋଡ଼ିସାହିର ବିକଳ ରାଉତଙ୍କ ପୁଅ ମାନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଝିଅ ଘର ତରଫରୁ ଏକ ଲକ୍ଷ ଟଙ୍କା ସହ ଅନ୍ୟ ସାମଗ୍ରୀ ଯୌତୁକ ଆକାରରେ ଦିଆଯାଇଥିଲା। ମାନ ଓ ତନୁଜାଙ୍କ ଗୋଟିଏ ଝିଅ ଥିବାବେଳେ ତନୁଜା କିଛି ମାସ ତଳେ ପୁନଃ ଗର୍ଭବତୀ ହୋଇଥିଲେ। ସେ ଆଉ ଏକ ଝିଅ ଜନ୍ମଦେବାକୁ ଯାଉଥିବା ସ୍ୱାମୀ କିଛି ରିପୋର୍ଟରୁ ସୂଚନା ପାଇଥିଲେ। ତେଣୁ କାହିଁକି ବାରମ୍ବାର ଝିଅ ଜନ୍ମ କରୁଛୁ ବୋଲି ଶାଶୁଘର ଲୋକେ ତନୁଜାଙ୍କୁ କହି ଝଗଡ଼ା କରିଥିଲେ। ସେହିପରି ପୂର୍ବରୁ ଅଧିକ ଯୌତୁକ ଦାବି କରାଯାଇଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଓ ଭଦ୍ରଲୋକଙ୍କ ସହାୟତାରେ ବୁଝାଶୁଝା କରାଯାଇଥିଲା। ହେଲେ ସୋମବାର ପୂର୍ବାହ୍ନ ୧୦ଟାରେ ତନୁଜାଙ୍କ ମୃତଦେହ ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ବାପଘର ଲୋକେ ପହଞ୍ଚି ସ୍ୱାମୀ ଓ ଶାଶୁଘର ଲୋକେ ତନୁଜାଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତନୁଜାଙ୍କ ସ୍ୱାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

# ଶୋଇଥିବା ଅବସ୍ଥାରେ ଯୁବକଙ୍କୁ ହତ୍ୟା

କୁଚିଣ୍ଡା, ୩।୩(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା କୁଇଲାରୀଯୋର ଗ୍ରାମର ଜଣେ ଯୁବକଙ୍କୁ ଶୋଇଥିବା ବେଳେ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଛନ୍ତି ଗଜେନ୍ଦ୍ର କିଷାନ(୩୫)। କୁଚିଣ୍ଡା ଏସ୍ଡିପିଓ ପ୍ରଦୀପ କୁମାର ଦାସ, ଆଇଆଇସି ବାମଦେବ ଶଙ୍ଖୁଆଳ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ଏ ନେଇ ଥାନାରେ ଦଫା ୧୦୩ ବିଏନଏସରେ ଏକ ହତ୍ୟା ମାମଲା(ନଂ.୬୩/୨୫)ରୁଜୁ ହୋଇଛି। ପୋଲିସ ମୃତଦେହ କୁଚିଣ୍ଡା ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ମୃତକଙ୍କ ସ୍ତ୍ରୀଙ୍କୁ ଥାନାକୁ ଆଣି ଘଟଣା ସମ୍ପର୍କରେ ପଚରାଉଚରା କରୁଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ପୋଲିସ ମୃତକଙ୍କ ଘରୁ ଜବତ କରିଛି।

ସୂଚନା ଅନୁଯାୟୀ, ଶିରିଡ ପଞ୍ଚାୟତ କୁଇଲାରୀଯୋର ଗ୍ରାମର ଗଜେନ୍ଦ୍ର ତାମିଲନାଡୁରେ କାମ କରନ୍ତି। ତାଙ୍କର ଏକମାତ୍ର ୧୨ବର୍ଷର ଝିଅ ବାହାରେ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ସ୍ତ୍ରୀ ଯଶୋଦା ଘରେ ଏକା ରୁହନ୍ତି। ଗାଁର ଜଣେ ସମ୍ପର୍କୀୟଙ୍କ ବାହାଘର ଥିବାରୁ ଗଜେନ୍ଦ୍ର ରବିବାର ତାମିଲନାଡୁରୁ ଘରକୁ ଆସିଥିଲେ। ରବିବାର ବାହାଘରରେ ଯୋଗଦେଇ ରାତିରେ ଶୋଇଥିଲେ। ସୋମବାର ସକାଳୁ ସେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଉଠି ନ ଥିଲେ। ପରିବାର ଲୋକେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ବିଛଣାରେ ପଡ଼ିଥିବା ଦେଖି କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। ଶୋଇଥିବା ଅବସ୍ଥାରେ ଗଜେନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି। ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନ ଓ ଗଳାରେ କଟା ଚିହ୍ନ ରହିଛି। ହେଲେ ଗଜେନ୍ଦ୍ରଙ୍କ ପରିବାର ଲୋକେ ଯଶୋଦା ହତ୍ୟାକାଣ୍ଡ ଭିଆଇଥିବା ଅଭିଯୋଗ କରିଛନ୍ତି। ରବିବାର ସନ୍ଧ୍ୟାରେ କୌଣସି କାରଣରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ପରେ ଗାଁରେ ହେଉଥିବା ବାହାଘରକୁ ଗଜେନ୍ଦ୍ର ଚାଲିଯାଇଥିଲେ। ରାତିରେ ଘରକୁ ଫେରି ଶୋଇଥିବା ଅବସ୍ଥାରେ କେହି ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତଦନ୍ତ ଚାଲିଛି, ଖୁବ୍ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।

# ଯୁବକଙ୍କୁ ହତ୍ୟାକରି ଫିଙ୍ଗିଦେଲେ ଦୁର୍ବୃତ୍ତ

ମୋହନା,୩।୩(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡବା ଥାନା କାଟାମା ପଞ୍ଚାୟତ ତୁଆବାଡ଼ି ଗାଁର ତିରିସିଂ ମୁଠାମାଝୀ (୪୫)ଙ୍କୁ କେତେକ ଦୁର୍ବୃତ୍ତ ହତ୍ୟା କରିଛନ୍ତି। ଘଟଣା ପରେ ତାଙ୍କ ମୃତଦେହ ଗାଁଠାରୁ ୩ କି.ମି. ଦୂର କଟାମା ଗାଁ ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପକାଇ ଚାଲିଯାଇଛନ୍ତି। ମୃତଦେହ ନିକଟରେ ତିରିସିଂଙ୍କ ବାଇକ୍ ମଧ୍ୟ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଅଡବା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ହତ୍ୟାର କାରଣ ଅସ୍ପଷ୍ଟ ରହିଛି।

ପରିବାର ଲୋକଙ୍କ କହିବା ଅନୁଯାୟୀ ରବିବାର ତିରିସିଂ କୌଣସି କାମରେ ବାଇକ୍ରେ ରାଇଗଣ୍ଡା ଯାଇଥିଲେ। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ସୋମବାର ସକାଳେ କାଟାମା ଗାଁ ନିକଟରେ ତାଙ୍କ ବାଇକ୍ ପାଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଲୋକେ ଦେଖି ପରିବାରକୁ ଖବର ଦେଇଥିଲେ। ତେବେ ତିରିସିଂ ତୁଆବାଡିର ୱାର୍ଡସଭ୍ୟ ଥିଲେ। ଏଥିସହ ଗତ ବର୍ଷ ଏକ ହତ୍ୟା ଘଟଣାରେ ସେ ସାକ୍ଷୀ ଥିଲେ। ତେଣୁ ପୂର୍ବ ଶତ୍ରୁତାରୁ ହିଁ ତାଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ପାଣିଗଣ୍ଡାରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଏସ୍ଡିପିଓ ଅମିତାଭ ପଣ୍ଡା, ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ନଂ. ୨୬/୨୫ରେ ଏକ ମାମଲା ରୁଜୁ ହୋଇଛି। ବାଇକ୍ ଜବତ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି।

# କେନ୍ଦୁଝରର ବିଜେଡି ନେତା ରାଜା ଚକ୍ରଙ୍କୁ ଇଓଡବ୍ଲ୍ୟୁର ଜେରା

**୫୦ କୋଟି ହେରଫେର ମାମଲା**

ଭୁବନେଶ୍ୱର,୩।୩(ସୂର୍ଯ୍ୟକାନ୍ତ ବେହେରା)

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ପ୍ରାୟ ୫୦କୋଟି ଟଙ୍କା ହେର୍ଫେର୍ ହୋଇଛି। ଏହି ମାମଲାରେ କ୍ରାଇମ୍ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଗତ ଫେବୃଆରୀ ୮ରେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ ଅପରେଟିଭ ଲିମିଟେଡର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ତଦନ୍ତ ସମୟରେ ଏହି ଠକେଇ ର୍ୟାକେଟରେ ଅନେକ ପ୍ରଭାବଶାଳୀ ଲୋକଙ୍କ ସମ୍ପୃକ୍ତି ଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ଏହି ଲିଙ୍କ୍ରେ କେନ୍ଦୁଝରର ବିଜେଡି ନେତା ସୌମ୍ୟ ଓରଫ ରାଜା ଚକ୍ରଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଡାକି ଇଓଡବ୍ଲ୍ୟୁ ସୋମବାର ମାରାଥନ ଜେରା କରିଛି। ରାଜାଙ୍କୁ ଜେରା ପରେ ଇଓଡବ୍ଲ୍ୟୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବା ପରେ ୧୦ଟି ଟିମ୍ ଗଠନ କରାଯାଇଥିବା ସୂଚନା ମିଳିଛି। ଏଥିରୁ ୨ଟି ଟିମ୍ କେନ୍ଦୁଝର ଯାଇଥିବା ଜଣାପଡ଼ିଛି। ସେହିପରି ରାଜା ଚକ୍ର ଏହି ମାମଲାରେ ହାଇକୋର୍ଟରୁ ଆଗୁଆ ଜାମିନ ପାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏପଟେ ଇଡି ଓ ଆଇଟି ଟିମ୍ ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ପହଞ୍ଚିଥିବାରୁ ଉଭୟେ ଏହି ମାମଲାର ତଦନ୍ତ କରୁଥିବା ସୂଚନା ମିଳିଛି।

ସୂଚନାନୁସାରେ, ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ ଅପରେଟିଭ ଲିମିଟେଡ ଖଣିଜ ଲୋଡିଂ କାମ କରୁଛି। ୨୦୦୬ରେ ପଞ୍ଜୀକୃତ ହୋଇଥିବା ଏହି ସଂସ୍ଥା ଗନ୍ଧମାର୍ଦ୍ଦନ ଖଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ କର୍ମସଂସ୍ଥାନ ଯୋଗାଇବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିଥାଏ। ୨୦୧୭-୧୮ରୁ ୨୦୨୩-୨୪ ଆର୍ଥିକବର୍ଷପର୍ଯ୍ୟନ୍ତ କିଛି କ୍ଷମତାଶାଳୀ ବ୍ୟକ୍ତିଙ୍କ ସହ ଏହି ସୋସାଇଟିର କାର୍ଯ୍ୟକର୍ତ୍ତା ଆର୍ଥିକ ଅନିୟମିତତା ଏବଂ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ଶ୍ରମିକମାନଙ୍କୁ ଦେୟ ପ୍ରଦାନଠାରୁ ଆରମ୍ଭ କରି ଭିତ୍ତିଭୂମି ବିକାଶ ଓ କ୍ଷତିଗ୍ରସ୍ତଙ୍କୁ ଅର୍ଥ ପ୍ରଦାନ, ଟ୍ରାନ୍ସପୋର୍ଟ ନାମରେ ପ୍ରାୟ ୫୦କୋଟି ଟଙ୍କା ହେରଫେର ହୋଇଛି। ଏହି ସୋସାଇଟି କୋଟି କୋଟି ଟଙ୍କା ଲାଭ କରୁଥିବାବେଳେ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିଙ୍କୁ ଟଙ୍କା ଦେଉଛି। ମାତ୍ର ଏହାର କୌଣସି ପ୍ରମାଣ ପାଇଁ କାଗଜପତ୍ର ରଖୁ ନ ଥିଲା। ବିଶ୍ୱନାଥ ରାଉଳ ନାମକ ଜଣେ ବ୍ୟକ୍ତି ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା।

# ବୋମା, ଖେଳଣା ବନ୍ଧୁକ ଜବତ: ୪ ଗିରଫ

**ଡକାୟତି ଯୋଜନା ପଣ୍ଡ**

ବଡ଼ବିଲ,୩।୩(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ରବିବାର ବିଳମ୍ବିତ ରାତିରେ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ଘଟଣାରେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ୨ ଜଣ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଦାମୁହଟିଂ ଅଞ୍ଚଳର ଅନିଲ ପାତ୍ର, ଅନିଲ ପଣ୍ଡା, ଗାଡ଼ାହଟିଂର ସାୱନ ଶୁକ୍ଲା ଓ ଶହୀଦ ନଗର ଅଞ୍ଚଳର ଦେବାଶିଷ ପଣ୍ଡା। ସେମାନଙ୍କ ନିକଟରୁ ପୋଲିସ ଏକ ଖେଳଣା ବନ୍ଧୁକ, ବୋମା ଆଦି ମାରଣାସ୍ତ୍ର ଜବତ କରିଛି।

ସୂଚନା ଅନୁଯାୟୀ, ବଡ଼ବିଲ ଥାନା ଅନ୍ତର୍ଗତ ଦାମୁହଟିଂ କ୍ଲବ୍ ଘର ନିକଟରେ ୬ ଜଣ ଡକାୟତି ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସ ଗାଡ଼ି ଦେଖି ୨ ଜଣ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଏକ ଖେଳଣା ବନ୍ଧୁକ, ୫ଟି ସୁତୁଲି ବୋମା, ଏକ ଖଣ୍ଡା, ଏକ ଭୁଜାଲି, ଏକ ଛୁରି, ସକ୍ପଚର ପାଇପ ଓ ଲଙ୍କାଗୁଣ୍ଡ ଆଦି ଜବତ କରିଛି।



ଗିରଫ ୪ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

ଅଭିଯୁକ୍ତମାନେ ଏନ୍ଏଚ୍ ୫୨୦ରେ ବିଭିନ୍ନ ଗାଡ଼ି ଅଟକାଇ ଲୁଟ୍ ଯୋଜନା କରୁଥିବା ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ବଡ଼ବିଲ ଥାନାରେ ପୂର୍ବରୁ ଏକାଧିକ ମାମଲା ରହିଛି। ଅନିଲ ପାତ୍ରଙ୍କ ନାମରେ ୮, ଅନିଲ ପଣ୍ଡାଙ୍କ ନାମରେ ୬ଟି, ସାୱନ ଶୁକ୍ଲାଙ୍କ ନାମରେ ୨ଟି ଓ ଦେବାଶିଷ ପଣ୍ଡାଙ୍କ ନାମରେ ଗୋଟିଏ ମାମଲା ରହିଥିବା ପୋଲିସ କହିଛି। ପୋଲିସ ଏକ ମାମଲା(ନଂ. ୪୯/୨୦୨୫)ରୁଜୁ କରି ସୋମବାର ସନ୍ଧ୍ୟାରେ ସମସ୍ତଙ୍କୁ କୋର୍ଟଚାଲାଣ କରିଛି।



**ହାଇୱା ଧକ୍କାରେ ମହିଳା ଗୁରୁତର**

କୋକସରା (ଦୁଷ୍ମନ୍ତ କୁମାର ପାଢୋଷୀ): କଳାହାଣ୍ଡି ଜିଲା କୋକସରା ଥାନା ଡ଼ହଗାଁ ପଞ୍ଚାୟତ ଡ଼ହଗାଁର କୁମାରମଣି ନାଏକଙ୍କ ସ୍ତ୍ରୀ ଗୀତା ନାଏକ (୫୨) ଦୀର୍ଘବର୍ଷ ହେବେ ମାନସିକ ଅନଗ୍ରସର ଅବସ୍ଥାରେ ଗାଁରେ ବୁଲାବୁଲି କରୁଥିଲେ। ସୋମବାର ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଏକ ହାଇୱା ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ କୋକସରା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

**ଭବାନୀପାଟଣା,୩।୩(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଭବାନୀପାଟଣା ବ୍ଲକ ଦୁଆରସୁନୀ ପଞ୍ଚାୟତରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆର୍ଥିକ ସେବା ଓ ସ୍ୱଳ୍ପ ସଞ୍ଚୟ ବିଭାଗର ସହକାରୀ ନିର୍ଦ୍ଦେଶକ ଯୋଗଦେଇ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଭବାନୀପାଟଣା କୃଷ୍ଣ ପ୍ରସନ୍ନ ପଣ୍ଡା ଯୋଗଦେଇ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ଚିଟ୍‌ଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା, ଅଟଳ ପେନ୍‌ସନ୍ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଶିବିରରେ ସ୍ଥାନୀୟ ମିଶନଶକ୍ତିର ମହିଳା ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

### ମନ୍ଦିରରୁ ଚୋରି, ଥାନାରେ ଅଭିଯୋଗ

**ଲାଞ୍ଜିଗଡ଼,୩।୩(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ହରେକୃଷ୍ଣପୁର ଗାଁର ଆରାଧ୍ୟ ଭୈରବ ମନ୍ଦିରରୁ ଚୋରି ହୋଇଥିବା ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁସାରେ ମୁଖ୍ୟ ପୂଜାରୀ ପିତାମ୍ବର ଦଳେଇ, ବାହୁକ ଜଗବନ୍ଧୁ ଧଙ୍ଗଡାମାଝି, ବାହୁକ ରାଜେନ୍ଦ୍ର ଦଳେଇ ପ୍ରତିଦିନ ଭଳି ମନ୍ଦିର ପୂଜା କରିବା ପାଇଁ ଯାଇଥିଲେ। ସେମାନେ ଦେଖିଥିଲେ ମନ୍ଦିର ଦ୍ୱାର ତାଲା ଭଙ୍ଗାଯାଇଥିବାବେଳେ ଭୈରବଙ୍କ ସୁନାର ମଥାମଣି, ରୁପା ମୁକୁଟ, ସାତଟି ପୂଜା ଖଣ୍ଡା ଓ ଗୋଟିଏ ଟାଙ୍ଗୀ ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଯାଇଛି। ଏ ନେଇ ପୂଜାରୀମାନେ ଗାଁର ଗୌନ୍ତିଆ ହରେକୃଷ୍ଣ ଯୋଶୀଙ୍କୁ ଖବର ଦେଇଥିଲେ। ଗୌନ୍ତିଆ ଗାଁ ଲୋକଙ୍କୁ ଡାକି ଏକ ସଭା କରିଥିଲେ। ପରେ ଗ୍ରାମବାସୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

### କୋମନା ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

**କୋମନା, ୩।୩ (ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ପଞ୍ଚାୟତ ସମିତି ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଭାସ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଉପାଧକ୍ଷା ଦୀପିକା ଦୀପ ମୁଖ୍ୟ ଅତିଥି, ସାଇ କଲେଜ ଅଧକ୍ଷ ଅଶୋକ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ କୋମନା ବ୍ଲକ୍ ଅଧକ୍ଷା ଅନସୂୟା କୁମ୍ଭାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଦେବେନ୍ଦ୍ର ସୁନାନୀ, ଫକୀର ମୋହନ ପାଢ଼ୀ, ଅଧ୍ୟାପିକା ନଳିନୀ ସା ପ୍ରମୁଖ ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ଅଧକ୍ଷ ପଣ୍ଡା ବାର୍ଷିକ ବିବରାଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସରୁନି ଗୋତମୁଣ୍ଡା-ଡାହିମାଲ ରାସ୍ତା କାମ

**କୋକସରା,୩।୩ (ଦୁଷ୍ମନ୍ତ କୁମାର ପାଢୋଷୀ)**

- ଉପକୃତ ହେବେ ଦୁଇ ଜିଲାର ଅଧିବାସୀ
- ଠିକାସଂସ୍ଥାର ମନମାନି ଅଭିଯୋଗ

କଳାହାଣ୍ଡି ଓ ନବରଙ୍ଗପୁର ଜିଲା ମଧ୍ୟରେ ଗମନାଗମନକୁ ଦୃଷ୍ଟିରେ ରଖି ପୂର୍ବତନ ରାଜ୍ୟ ସରକାର କୋକସରା ବ୍ଲକ ଗୋତମୁଣ୍ଡାଠାରୁ ଡାହିମାଲ ରାସ୍ତା ନିର୍ମାଣ ପାଇଁ ନବରଙ୍ଗପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦେଇଥିଲେ। ବିଭାଗୀୟ ଅଟକଳ ୭ କୋଟି ୫୧ ଲକ୍ଷ ୩୨ ହଜାର ୮୨୧ ଟଙ୍କା ରହିଥିବାବେଳେ ବିଗତ ୨ ବର୍ଷ ତଳେ କାମ ଆରମ୍ଭ ହୋଇଥିଲା। ହେଲେ ଅବଧି ସରିଥିଲେ ମଧ୍ୟ ରାସ୍ତା ନିର୍ମାଣ ଶେଷ ହୋଇପାରି ନାହିଁ। ନବରଙ୍ଗପୁର ଓ କଳାହାଣ୍ଡି ଜିଲା ମଧ୍ୟରେ ସାମାଜିକ ଭାଇଚାରା, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟର ସମ୍ପର୍କ ରହିଛି। ଧର୍ମଗଡ଼ ଓ କୋକସରା ବ୍ଲକ, ଦଣ୍ଡପାଟ ଅଞ୍ଚଳର ହଜାର ହଜାର ଲୋକଙ୍କ ନବରଙ୍ଗପୁର ଜିଲା ସହିତ ନିବିଡ଼ ସମ୍ପର୍କ ରହିଛି। ଦୁଇ ଜିଲାର ଜନସାଧାରଣ ଗମନାଗମନ ପାଇଁ ଗୋତୋମୁଣ୍ଡା-ଡାହିମାଲ ରାସ୍ତା ଉପରେ ନିର୍ଭରଶୀଳ। ଏହାକୁ ଦୃଷ୍ଟିରେ ରଖି ପୂର୍ବରୁ ମନ୍ତ୍ରୀ ରହିଥିବା ନବରଙ୍ଗପୁର ଜିଲାର ରମେଶ ଚନ୍ଦ୍ର ମାଝୀ, କଳାହାଣ୍ଡି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ଧର୍ମଗଡ଼ ମୌଷଧି ବାଗ ରାସ୍ତା ନିର୍ମାଣ ପାଇଁ ପୂର୍ବ ସରକାରଙ୍କ ନିକଟରେ ପ୍ରସ୍ତାବ ଆଗତ କରିଥିଲେ। ତଦନୁଯାୟୀ ସାହାଜଖୋଲ ଜଙ୍ଗଲ ମଧ୍ୟରେ ପ୍ରାୟ ୭/୮ କିମି ରାସ୍ତା ନିର୍ମାଣ ପାଇଁ ନବରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅନୁଦାନ ମିଳିଥିଲା। ପରେ ମୂଳ ଠିକାସଂସ୍ଥାରୁ ଏକ ଛାୟା ଠିକାସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲା। ହେଲେ ସଂସ୍ଥା ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ନ କରି ନିମ୍ନମାନର କରୁଥିବା ନେଇ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ ସମେତ ଗୋତମୁଣ୍ଡା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଧୂଳି ନ ଉଡିବା ପାଇଁ ରାସ୍ତାରେ ନିୟମିତ ପାଣି ସିଞ୍ଚନ କରିବା ନିୟମ ରହିଥିଲେ ମଧ୍ୟ ଠିକାସଂସ୍ଥା ପାଳନ କରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ବାଇକ୍ ଆରୋହୀ ଓ ପଥଚାରୀ ଧୂଳିଗୁଣ୍ଡରେ ଅତିଷ୍ଠ ହୋଇପଡୁଛନ୍ତି। ତୁରନ୍ତ ରାସ୍ତାକାମ ସାରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ନବରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ରାସ୍ତା କାର୍ଯ୍ୟ ଜାରି ରହିଛି, ଜଙ୍ଗଲ ମଧ୍ୟରେ ରାସ୍ତା ନିର୍ମାଣରେ ଅନେକ ସମସ୍ୟା ରହିଥାଏ। ଠିକାସଂସ୍ଥା ନିର୍ମାଣ ଜାରି ରଖିଛନ୍ତି। କୌଣସି ଅନିୟମିତତା ହେଉନାହିଁ, ବିଭାଗ ପକ୍ଷରୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଶୀଘ୍ର କାର୍ଯ୍ୟ ସମ୍ପାଦନ ପାଇଁ ପ୍ରୟାସ ଜାରି ରହିଥିବା କହିଥିଲେ।



ନିର୍ମାଣାଧୀନ ରାସ୍ତା।

# ୫ ଦାଦନ ଶ୍ରମିକ ଉଦ୍ଧାର

**ନୂଆପଡ଼ା,୩।୩ (ମକାରୁ ବେମାଲ)**

ହାଇଦ୍ରାବାଦ ଯାଇ ନିର୍ଯାତନାର ଶିକାର ହେଉଥିବା ନୂଆପଡ଼ା ଜିଲାର ୫ ଦାଦନ ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟ ହସ୍ତକ୍ଷେପରେ ଉଦ୍ଧାରହୋଇ ଘରକୁ ଫେରୁଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଖଡ଼ିଆଳ ଥାନା ଲାଞ୍ଜି ପଞ୍ଚାୟତ ମନ୍ତ୍ରୀତରାଇ ଗାଁର ଭୋପେନ୍ଦ୍ର ମାଝି (୩୨), ସ୍ତ୍ରୀ ଭଜନ୍ତି ମାଝି (୨୮), ଭାଇ ଉଗ୍ରସେନ ମାଝି (୨୫)ଙ୍କ ସହ ୨ବର୍ଷର ଏକ ଶିଶୁପୁତ୍ର ଏବଂ କୋମନା ଥାନା କୁରେଶ୍ୱର ଗାଁର ବଂଶୀ ହଂସ (୩୬), ତାଙ୍କ ସ୍ତ୍ରୀ ଦୂର ହଂସ (୨୫) ୧୦ ବର୍ଷର ପୁତ୍ରକୁ ଧରି ୨୦୨୪ ସେପ୍ଟେମ୍ବରରେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ଦାଦନ ସର୍ଦ୍ଦାରଙ୍କ ମଧ୍ୟମରେ ସେମାନେ ସେଠାକାର କର୍ନୋଲ ଜିଲା ଏମ୍ ରୋଡ୍ ଏସ୍‌ବିଆଇ ଇଟାଭାଟିରେ କିଛି ମାସ କାମ କରିଥିଲେ। ପରେ ଇଟାଭାଟି ମାଲିକ ଦିନ ରାତି ଖଟାଇବା ସହ ନିର୍ଯାତନା ଦେଇଥିଲେ। ମୁହଁ ଖୋଲିଲେ ମାଡ଼ ମରାଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଖାଇବା ଖର୍ଚ୍ଚ ମଧ୍ୟ ଠିକ୍ ରୂପେ ଦେଉ ନ ଥିବାରୁ ସେମାନେ ପେଟ ପୂରା ଖାଇପାରୁ ନ ଥିଲେ। ଏ ନେଇ ସେମାନଙ୍କ ପରିବାର ପକ୍ଷରୁ ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ମନୋରଞ୍ଜନ ନାଏକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ନାଏକଙ୍କ ହସ୍ତକ୍ଷେପରେ ଶ୍ରମିକମାନେ ଉଦ୍ଧାର ହୋଇ ବସ୍ ଯୋଗେ ନୂଆପଡ଼ା ଆସୁଛନ୍ତି। ମଙ୍ଗଳବାର ଅପରାହ୍ଣରେ ସେମାନେ ଘରେ ପହଞ୍ଚିବେ ବୋଲି ଜଣାପଡିଛି।

# ବ୍ଲକରେ ଶିକ୍ଷା ସମସ୍ୟା ନେଇ ଆଲୋଚନା



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

**ଲାଞ୍ଜିଗଡ଼,୩।୩(ରମେଶ ଚନ୍ଦ୍ର ନାୟକ)**

## ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ନୂତନ ବିଇଓ ରୁଷିଆ ମେହେରଙ୍କୁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପରେ ବ୍ଲକରେ ଶିକ୍ଷା କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ସଭାନେତ୍ରୀ ଅର୍ଚ୍ଚନା ମିଶ୍ର, ଜିଲା କୋଷାଧ୍ୟକ୍ଷ ଶିବ ପ୍ରସାଦ ଦାସ, ବ୍ଲକ ସଭାପତି ପ୍ରମୋଦ କୁମାର ମହାନ୍ତି, ସମ୍ପାଦକ ଏମ୍.ଏସ୍. ଶେଖର, ଉପସଭାପତି ପ୍ରକାଶ ପ୍ରଧାନ ଓ ରତ୍ନାକର ଦୋରା, ଉପସଭାନେତ୍ରୀ ମୋନାଲିସା ଜେନା, ବ୍ଲକ ସଂଯୋଜକ ସୌଭାଗ୍ୟ ଗଞ୍ଜନ ସାହୁ, କୋଷାଧ୍ୟକ୍ଷ ଗୁରୁଗୋବିନ୍ଦ ମହାନ୍ତି, ଯୁଗ୍ମ ସମ୍ପାଦକ ଜଳନ୍ଧର ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଲୋଚନାରେ ଏବିଇଓ ସୁଢଳଦେବ ମୁଣ୍ଡ ଓ ଭାରତ ଭୂଷଣ ସାହୁ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା, ପିଏମ ପୋଷଣ (ମଧ୍ୟାହ୍ନ ଭୋଜନ) ବ୍ୟବସ୍ଥାର ମାସିକ ଖର୍ଚ୍ଚ, ଚାଉଳ ଓ ପାଚିକାମାନଙ୍କ ପାରିଶ୍ରମିକ ଠିକ ସମୟରେ ମିଳୁ ନ ଥିବା, ଅଧିକାଂଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖାଲି ଥିବା ଶିକ୍ଷୟିତ୍ରୀ ପଦବୀ ପୂରଣ ଆଦି ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଥିଲା। ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଇଓ ମେହେର ପ୍ରତିଶ୍ରୁତି ଦେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଶିବିରରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

**ନୂଆପଡ଼ା,୩।୩ (ମକାରୁ ବେମାଲ)**

## ଶିବିରକୁ ଚାଲି ଚାଲି ଆସିଲେ ଅଧିକାରୀ

ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୮ ଅଭିଯୋଗ ଆସିଥିଲା। ସେଥିରୁ ୭୫ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ରହିଥିଲା। ୨ଟି ଅଭିଯୋଗର ଜିଲାପାଳ ତୁରନ୍ତ ସମାଧାନ କରିଥିଲେ। କେତେଜଣ ବ୍ୟକ୍ତି ଖାଉଟି ଅଦାଲତରୁ ପାଇଥିବା କୋର୍ଟ ଆଦେଶ ପାଳନ ହେବା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ତାହା କୋର୍ଟ ପରିସରଭୁକ୍ତ ଓ ଏଥିରେ ଆମେ ହସ୍ତକ୍ଷେପ କରିପାରିବୁ ନାହିଁ ବୋଲି ବୁଝାଇବା ସହ ସେମାନେ କିପରି କୋର୍ଟରେ ପୁନଃ ଆବେଦନ କରିପାରିବେ ସେ ନେଇ ବ୍ୟବସ୍ଥା କରିଥିଲେ। କେତେଜଣ ହିତାଧିକାରୀ ଗତ ଅଭିଯୋଗ ଶୁଣାଣିରେ ଜିଲାପାଳ ଦେଇଥିବା କଥା ପୂରଣ ହୋଇପାରି ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଜିଲାର ଖବରଦାତା ଜିଲା ସଦର ମହକୁମା ବସ୍‌ଷ୍ଟାଣ୍ଡରେ ଏକ ଏଟିଏମ୍ ଖୋଲିବା ପାଇଁ ଦାବିପତ୍ର ଦେଇଥିଲେ। ଜିଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଲିଡ୍‌ବ୍ୟାଙ୍କ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲାପାଳ ମଧୁସୂଦନ ଦାସ, ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ସଦର ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝି, ଅବନୀ ରଞ୍ଜନ ଯୋଶୀ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପରିବେଷ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସାଇକେଲ କିମ୍ବା ଚାଲି ଚାଲି ନିଜ କାର୍ଯ୍ୟାଳୟକୁ ଆସିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ପାଳନ କରି ସମସ୍ତ ଅଧିକାରୀ ଚାଲି ଚାଲି ଶିବିରକୁ ଆସିଥିଲେ ।

### ଗାନ୍ଧୀ କପ୍ କ୍ରିକେଟ: କାଣ୍ଟେସିର ଚାମ୍ପିୟନ

**ଖଡ଼ିଆଳ,୩।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଗାନ୍ଧୀ କ୍ଲବ୍ ପକ୍ଷରୁ ଗାନ୍ଧୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳର ୧୬ଟି ଦଳ ଭାଗନେଇଥିଲେ। ଫାଇନାଲ ମ୍ୟାଚ ଟୁକୁଲା ଓ କଳାହାଣ୍ଡିର କାଣ୍ଟେସିର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁକୁଲା ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଥିଲା। ଜବାବରେ କଳାହାଣ୍ଡି କାଣ୍ଟେସିର ୧୯.୫ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହକରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ମୁଖ୍ୟ ଅତିଥି ଓ ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଖବରଦାତା କୁନୁ କରୁଆଁ, ବ୍ଲକ୍ ଉପାଧକ୍ଷ ଗୌତମ ତାଣ୍ଡି, କାଉନସିଲର ଯଶୋଦା ସିନ୍ଦୂରପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଦଳକୁ ନଗଦ ୮୧ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ୪୧ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଗାନ୍ଧୀ କ୍ଲବ୍‌ର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର କୁମାର ମଞ୍ଜ ପରିଚାଳନା କରିଥିବା ବେଳେ ଛବିଲାଲ ଦୀପ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଏଡ୍‌ସ ସଚେତନତା ରଥର ଶୁଭାରମ୍ଭ

**କୋକସରା,୩।୩ (ଦୁଷ୍ମନ୍ତ କୁମାର ପାଢୋଷୀ):** କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଡ୍‌ସ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ତତ୍ତ୍ୱଦର୍ଶୀ ଦାଶ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ବ୍ଲକ୍‌ର ସବୁ ଗ୍ରାମକୁ ଯାଇ ଲୋକଙ୍କୁ ଏଚ୍‌ଆଇଭି/ ଏଡ୍‌ସ ବିଷୟରେ ସଚେତନ କରିବ। କାର୍ଯ୍ୟକ୍ରମରେ ଧର୍ମଗଡ଼ ସବ୍‌ଡିଭିଜନ ହସ୍ପିଟାଲର ଆଇସିଟିସି ସୁପରଭାଇଜର ସୁରେନ୍ଦ୍ର କୁମାର ସାହୁ, କୋକସରା ସ୍ୱାସ୍ଥ୍ୟକେନ୍ଦ୍ରର ପରାମର୍ଶଦାତା ଝସକେତନ ବାରିକ, ପିଏଚ୍‌ଇ ଓ ଶର୍ମିଲା ଛତ୍ରିଆ, ସୁପରଭାଇଜର କେତନ ପାତ୍ର, ସ୍ୱାସ୍ଥ୍ୟକର୍ମୀ ନୀଳମଣି ଖମାରୀଙ୍କ ସମେତ ଆଶାକର୍ମୀମାନେ ଉପସ୍ଥିତ ଥିଲେ।

# ପ୍ରଶାସନ ହସ୍ତକ୍ଷେପରେ ଗାଁକୁ ଫେରିଲା ଶ୍ରମିକଙ୍କ ମୃତଦେହ

**ଲାଞ୍ଜିଗଡ଼,୩।୩(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ମାଳିଯୁବାଙ୍ଗ ପଞ୍ଚାୟତର କେନ୍ଦୁପେଟ ଗାଁର ନାବାଳକ ରଘୁ ମାଝୀ (୧୭) ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲାକୁ ଦାଦନ ଖଟିବାକୁ ଯାଇଥିବା ବେଳେ ଗତ ଶନିବାର ସେଠାରେ ମୃତ୍ୟୁ ଘଟିଥିଲା। ଶେଷରେ ପ୍ରଶାସନ ହସ୍ତକ୍ଷେପରେ ତାଙ୍କ ମୃତଦେହ ଗାଁକୁ ଫେରିଛି। ସୂଚନାକ୍ରମେ ସେଠାକାର ଜବାହାରଲାଲ ନେହେରୁ ଫର୍ମାଷ୍ଟିକ ନାମକ ଏକ କମ୍ପାନୀରେ ରଘୁ ଗାଁର ଅନ୍ୟ ପିଲାଙ୍କ ସହିତ ମିଶି କାମ କରୁଥିବାବେଳେ ଗତ ଶୁକ୍ରବାର ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସୁପରଭାଇଜର ଓ ଅନ୍ୟ ପିଲାମାନେ ତାଙ୍କୁ ଶନିବାର ନିକଟରେ ଥିବା ଅନକାପାଲି ସରକାରୀ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୃତଦେହ ଆଣିବାକୁ ଅସମର୍ଥ ହେବାରୁ ଜିଲା ଶ୍ରମ ଅଧିକାରୀଙ୍କୁ ନିବେଦନ କରିଥିଲେ। ପରେ ଜିଲା ଶ୍ରମ ବିଭାଗ ମୃତଦେହ ଫେରାଇଆଣିବା ପାଇଁ ବ୍ୟବସ୍ଥା କରିଥିଲା। ଅତିରିକ୍ତ ଶ୍ରମ ଅଧିକାରୀ ଜିତମ ମାଝୀଙ୍କୁ ପଚାରିବାରୁ ରବିବାର ରାତି ସାଢେ ୮ଟାରେ ଆମ୍ବୁଲାନ୍ସ ଯୋଗେ ମୃତଦେହ କେନ୍ଦୁପେଟ ଗାଁରେ ପହଞ୍ଚିଛି। କମ୍ପାନୀ ତରଫରୁ ଶୁଦ୍ଧିକ୍ରିୟା ପାଇଁ ୧୫ ହଜାର ଟଙ୍କା ଦିଆଯାଇଥିବା ବେଳେ ମୃତକ ପରିବାର କାଗଜପତ୍ର ଦାଖଲ କଲେ ସରକାରଙ୍କ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ପ୍ରକାଶ କରିଥିଲେ। ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଶବଦାହ କରାଯାଇଛି।

# କେସିଙ୍ଗା ରେଳଯାତ୍ରୀ ସଂଘର ବୈଠକ





ବୈଠକରେ ଯୋଗଦେଇଥିବା ସଂଘ କର୍ମକର୍ତ୍ତା।

**କେସିଙ୍ଗା,୩।୩(ତୁମେଶର ସାହୁ)**

କଳାହାଣ୍ଡି ଜିଲା ରେଳଯାତ୍ରୀ ସଂଘ କେସିଙ୍ଗା ଶାଖାର ଏକ ବୈଠକ ୟଙ୍ଗ୍‌ବ୍ଲଡ୍ ପବ୍ଲିକ ସ୍କୁଲ ପରିସରରେ ସଭାପତି ସୁଭାଷ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେସିଙ୍ଗା ରେଳଷ୍ଟେଶନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କେସିଙ୍ଗାରୁ ସିଧାସଳଖ ରାଜଧାନୀ ଭୁବନେଶ୍ୱର ଓ ରାୟଗଡ଼ାଠାରୁ ଭାୟା କେସିଙ୍ଗା, ଟିଟିଲାଗଡ଼ ଦେଇ ଭୁବନେଶ୍ୱରକୁ ଟ୍ରେନ୍ ଚଳାଇବାକୁ ମୁଖ୍ୟ ପରାମର୍ଶଦାତା ତଥା ଜେଡ୍‌ଆର୍‌ୟୁସିସି ମେମ୍ବର ଡ. ହେମସାଗର ସାହା ଦାବି କରିଥିଲେ। ସେହିପରି ସମତା ଏକ୍ସପ୍ରେସ୍‌କୁ ଦିଲ୍ଲୀ ଦେଇ ବଠିଣ୍ଡା ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ବିଭାଗକୁ ପତ୍ର ଲେଖିବାକୁ ନିଷ୍ପତ୍ତି ନିଆଯାଇଥିଲା। କେସିଙ୍ଗା ରେଳଷ୍ଟେଶନରେ ଯାନବାହନ ପାର୍କିଂ ଫି କମାଇବା ପାଇଁ ଡିଆର୍‌ଏମ୍‌ଙ୍କ ସହ ଯୋଗାଯୋଗ କରିବାକୁ ଆଲୋଚନା ହୋଇଥିଲା। ୪ନଂ. ପ୍ଲାଟ୍‌ଫର୍ମରେ ପାନୀୟଜଳ ବ୍ୟବସ୍ଥା ପାଇଁ ଡିଆର୍‌ଏମ୍ ଦୃଷ୍ଟିଦେବାକୁ ଦାବି ହୋଇଥିଲା। ବୈଠକରେ ପରାମର୍ଶଦାତା ରାମକୁମାର ଜୈନ, ଉପସଭାପତି ପ୍ରଶାନ୍ତ ବାନାର୍ଜୀ, ସାଧାରଣ ସମ୍ପାଦକ ଡମ୍ବରୁଧର ଭୋଇ, ଯୁଗ୍ମ ସମ୍ପାଦକ ରମାକାନ୍ତ ଜେନା, ସୁରେଶ ଅଗ୍ରୱାଲା, ରମେଶ ପଟ୍ଟନାୟକ, ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଆନ୍ଦୋଳନକୁ ଓହ୍ଲାଇଲେ କର୍ମଚାରୀ

**ଭବାନୀପାଟଣା,୩।୩(ଉତ୍ତମ କୁମାର ଦାଶ)**

## ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି, ଚାକିରି ସ୍ଥାୟୀ ଦାବି

ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ସୋମବାର ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ କଳାହାଣ୍ଡି ଜିଲା ଶାଖା ୨ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି। ଏଥିରେ ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ଓ ଚାକିରୀ ସ୍ଥାୟୀ କରିବା ଦାବି ରହିଛି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ସେମାନେ କଳାବ୍ୟାଜ୍ ପରିଧାନ କରି ସରକାରଙ୍କୁ ଅସହଯୋଗ କରିବା ସହ ୧୦ ତାରିଖରୁ ଭୁବନେଶ୍ୱର ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ସୋମବାର ଅପରାହ୍ଣରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦିଆଯାଇଛି। ଏହି ଆନ୍ଦୋଳନରେ କଳାହାଣ୍ଡି ଜିଲାର ୧୩ଟି ବ୍ଲକର ୧୨୫ ଜଣ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସାମିଲ ହୋଇଛନ୍ତି। ସରକାର ଦାବି ନ ଶୁଣିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଭବାନୀ ଶଙ୍କର ସିଂ, ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଭୋଇ, ଯୁଗ୍ମ ସମ୍ପାଦକ ପ୍ରିୟ ରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ନାୟକ, ରୀତା ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହା ପୂର୍ବରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।





ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

# ଶିବିରରେ ୯୦ ଅଭିଯୋଗ ପଞ୍ଜୀକୃତ

**ଭବାନୀପାଟଣା,୩।୩(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଛୁଟିରେ ରହିଥିବାରୁ ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇତୁରା ଦୀପ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳର ୯୦ଟି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥି ମଧ୍ୟରୁ ୭୯ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ରହିଥିଲା। ୧୦ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ସେହିପରି ୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା।



ଶିବିରରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

ଏହି ଶିବିରରେ ଘରଡିହ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ରାଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ ଇତ୍ୟାଦି ବିଭାଗ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ଦୀପ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକମା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିନତୀ ଲତା ଦାସ, ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ସ୍ଥାନୀୟ ତହସିଲଦାର, ବିଡିଓ ଓ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ଗରିବ, ଖଟିଖିଆଙ୍କୁ ଉଚ୍ଛେଦ, ବଡ଼ବଡ଼ିଆଙ୍କୁ ମାଫ୍

**ବରଗଡ଼, ୩।୩(ପ୍ରେମାନନ୍ଦ ଖମାରୀ)**

- ଲେଙ୍ଗୁମିଶ୍ର ଛକ- ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ
- ଚାପ, ଭୟ ନା ଜବରଦଖଲକାରୀଙ୍କୁ ଅନୁକମ୍ପା


ବରଗଡ଼-ପୁରୁଣା ଜୀରାବ୍ରିଜ ରାସ୍ତା।

ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଉଛି। ପ୍ରଶାସନର ଏହି ଉଚ୍ଛେଦରେ ଗରିବ, ଖଟିଖିଆ ଲୋକଙ୍କ ଘରଦ୍ୱାର, ଠେଲା ଦୋକାନ ଭାଙ୍ଗି ଦିଆଯାଉଛି। ଅନ୍ୟପଟେ ବଡ଼ବଡ଼ିଆ ଲୋକେ ସରକାରୀ ଜମିରେ କୋଠାବାଡ଼ି କରିଥିଲେ ସୁଦ୍ଧା ସେଠାକୁ ପ୍ରଶାସନର ହାତ ଅପହଞ୍ଚ ହୋଇପଡ଼ିଛି। ଉଚ୍ଛେଦ ପ୍ରକ୍ରିୟାରେ ଥିଲାବାଲାଙ୍କୁ ଅହେତୁକ ଅନୁକମ୍ପା ଏବଂ ଗରିବ ଖଟିଖିଆଙ୍କୁ ବିନା ଥଇଥାନରେ ହଟାଇ ଦିଆଯିବା ଘଟଣାକୁ ନେଇ ସଚେତନ ନାଗରିକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସେଭଳି ପାତରଅନ୍ତର ନୀତି ଯୋଗୁ ଉଚ୍ଛେଦରେ ବିଭାଗୀୟ ଅଧିକାରୀଙ୍କ ଭୂମିକାକୁ ନେଇ ସାଧାରଣରେ ଭିନ୍ନ ସନ୍ଦେହ ସୃଷ୍ଟି ହେଉଥିବାବେଳେ ପ୍ରଶାସନ ଉପରେ ମଧ୍ୟ ଲୋକେ ଆସ୍ଥା ହରାଇ ବସିଛନ୍ତି। କେବଳ ସେତିକି ନୁହେଁ, ଶାସକ ଦଳର ନେତା, ମନ୍ତ୍ରୀଙ୍କ ପ୍ରତି ମଧ୍ୟ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ବରଗଡ଼ ଗସ୍ତରେ ପ୍ରଥମେ ଆସିଥିବାବେଳେ ଜବରଦଖଲରେ ରହିଥିବା ବଡ଼ବଡ଼ିଆଙ୍କ ଅଟ୍ଟାଳିକାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଗଣମାଧ୍ୟମ ଆଗରେ ଖୋଦ୍ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବଡ଼ ବୟାନ ଦେଇଥିଲେ। କିନ୍ତୁ ବରଗଡ଼ରେ ଯେଭଳି ଢଙ୍ଗରେ ଉଚ୍ଛେଦ ଚାଲିଛି, ସେଥିରେ ବଡ଼ବଡ଼ିଆ ଜବରଦଖଲକାରୀ ଖସି ଯାଉ ଥିବାବେଳେ ଗରିବ, ଖଟିଖିଆ ଲୋକେ ପ୍ରଭାବିତ ହେଉଛନ୍ତି। ବଡ଼ବଡ଼ିଆଙ୍କୁ ମାଫ୍ ଏବଂ ଗରିବ, ଖଟିଖିଆଙ୍କୁ ଉଚ୍ଛେଦ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ବରଗଡ଼ ସହରବାସୀଙ୍କ ଦୀର୍ଘବର୍ଷର ଦାବି ହୋଇ ରହି ଆସିଥିବା ସ୍ଥାନୀୟ ଲେଙ୍ଗୁମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତାପାର୍ଶ୍ୱ ଜବରଦଖଲକୁ ଏ ଯାଏ ଉଚ୍ଛେଦ କରାଯାଇ ପାରିନାହିଁ। ଜବରଦଖଲକାରୀଙ୍କୁ ନୋଟିସ୍ ପରେ ନୋଟିସ୍ କରାଯାଉଛି। ହେଲେ ତାହା ନୋଟିସ୍‌ରେ କେବଳ ସୀମିତ ରହିଯାଉଛି। ୨୦୨୩ରୁ ଲେଙ୍ଗୁମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ନେଇ ଦାବି ଜୋର୍ ଧରିଥିଲା। ଜିଲା ଓକିଲ ସଂଘ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର ଦୃଢ଼ ଦାବି ପରେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ମାତ୍ର ଉଚ୍ଛେଦ ପ୍ରକ୍ରିୟାରେ ପ୍ରଭାବିତ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ସେ ନେଇ ବିଚାର ପ୍ରକ୍ରିୟାରେ ସମୟ ଗଡ଼ିଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟ ଥରେ ନୁହେଁ, ୨ଥର ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରି ସାରିଛନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଜବରଦଖଲକୁ ପ୍ରଶାସନ ଏ ଯାଏ ହଟାଇ ନାହିଁ। ଜବରଦଖଲକାରୀଙ୍କୁ ଚିରାଚରିତ ଢଙ୍ଗରେ ପୌର ପ୍ରଶାସନ ନୋଟିସ୍ ଦେଇଛି। କିଛି ଲୋକଙ୍କ ଶୁଣାଣି ବି ସରିଛି। ଏହାସତ୍ତ୍ୱେ ଉଚ୍ଛେଦ ହେଉ ନାହିଁ। ଅନ୍ୟପଟେ ପ୍ରଶାସନକୁ ଚ୍ୟାଲେଞ୍ଜ କରି ପୂର୍ବରୁ ହୋଇଥିବା ଆଂଶିକ ଉଚ୍ଛେଦ ସ୍ଥାନରେ ପୁଣି ନିର୍ମାଣ କାର୍ଯ୍ୟ ଚାଲିବା ଚର୍ଚ୍ଚାର ବିଷୟ ହୋଇଛି।

ସେହିପରି ଗତ ସାଧାରଣ ନିର୍ବାଚନ ପୂର୍ବରୁ ଉଚ୍ଛେଦ ଦାବି ଜୋର୍ ଧରିଥିଲା। ନିର୍ବାଚନରେ ମଧ୍ୟ ଏହା ପ୍ରଭାବ ପକାଇଥିଲା। ଏପରି କି ଏହି ପ୍ରସଙ୍ଗ ଯୋଗୁ ବିଜେଡିକୁ ବରଗଡ଼ ଆସନ ହରାଇବାକୁ ପଡ଼ିଲା ବୋଲି ସାଧାରଣରେ ଆଲୋଚିତ ହେଉଛି। ଅନ୍ୟପଟେ ବିଧାୟକ ବଦଳିଲେ, ସରକାର ବି ବଦଳି ଗଲା। କିନ୍ତୁ ସହରବାସୀଙ୍କ ଦୀର୍ଘବର୍ଷର ଏହି ଉଚ୍ଛେଦ ଦାବି ଯେଉଁ ତିମିରେକୁ ସେହି ତିମିରେ ରହି ଯାଇଛି। ଉଚ୍ଛେଦ ଦାବି ଆରମ୍ଭ ହେବା ପରଠାରୁ ତତ୍କାଳୀନ ଜିଲାପାଳଙ୍କ ବଦଳି ହୋଇଛି। ଏହା ସହିତ ୨ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ୨ଉପଜିଲାପାଳ ମଧ୍ୟ ବଦଳି ସାରିଲେଣି। କିନ୍ତୁ ରାସ୍ତା ଜବରଦଖଲ ଯେମିତିକୁ ସେମିତି ରହିଛି।

ଅପରପକ୍ଷେ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ କରା ନ ଯାଇ ବୁଲଡୋଜର ଲଗାଇ ଗରିବ, ଖଟିଖିଆଙ୍କ ଘର, ଠେଲା ଦୋକାନକୁ ହଟାଇ ଦିଆଯାଉଥିବାରୁ ପ୍ରଶାସନକୁ ମଧ୍ୟ ଲୋକହସା ହେବାକୁ ପଡୁଛି। ଏପରି କି ଏହି ପ୍ରସଙ୍ଗ ଉଠାଇ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ଉପୁଜୁଛି। ଗତ କିଛିଦିନ ତଳେ ବାନ୍ଧୁଟିକ୍ରା ଛକରେ ହୋଇଥିବା ଉଚ୍ଛେଦକୁ ନେଇ ଏଭଳି ସ୍ଥିତି ଉପୁଜିଥିଲା। ଦୋକାନୀ ଜଣକ ପ୍ରୟାଗରାଜ କୁମ୍ଭମେଳାକୁ ଯାଇଥିବାବେଳେ ସେଠାରେ ରହିଥିବା ତାଙ୍କ ଦୋକାନକୁ ଉଚ୍ଛେଦ ପ୍ରକ୍ରିୟାରେ ଭାଙ୍ଗି ଦିଆଯାଇଥିଲା। ସେ କୁମ୍ଭମେଳାରୁ ଫେରିବା ପରେ ତାହା ଦେଖି ପ୍ରତିବାଦ କରିବାରୁ କିଛି ସମୟ ଧରି ରାସ୍ତାରେ ଗାଡ଼ି ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ପୋଲିସ ବୁଝାଶୁଝା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ସେହିପରି ଧନୁଯାତ୍ରା ପୂର୍ବରୁ ଜୀରାନଦୀ କୂଳ ନିକଟରେ ଜଣେ ବୃଦ୍ଧାଙ୍କ ଘରକୁ ଉଚ୍ଛେଦ ସମୟରେ ବୃଦ୍ଧା ଜଣକ ବୁଲଡୋଜର ଉପରକୁ ଚଢ଼ି ପ୍ରତିବାଦ କରିଥିଲେ ଏବଂ ଘଟଣାଟି ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏଭଳି ପ୍ରତିବାଦ, ଆଇନଶୃଙ୍ଖଳା ପରିସ୍ଥିତି ଏବଂ ପ୍ରଶାସନକୁ ସମାଲୋଚିତ ହେବାକୁ ପଡୁଥିବା ସତ୍ତ୍ୱେ ଚାପ, ଭୟ ନା ଅନୁକମ୍ପାରୁ ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ କରାଯାଉ ନାହିଁ ବୋଲି ସବୁଦିନ ଚା ଖଟିରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଲୋକଙ୍କ ଚର୍ଚ୍ଚା ଚାଲିଛି।

## କିଷାନ ମହାପଞ୍ଚାୟତ ପାଇଁ ବୈଠକ


ବରିକେଲରେ ଆୟୋଜିତ ସଙ୍ଗଠନ ବୈଠକ।

**ପଦ୍ମପୁର, ୩।୩(ପ୍ରଦୀପ୍ତ ଦାଶ)**

ମାର୍ଚ୍ଚ ୧୭ ତାରିଖ ବରଗଡ଼ଠାରେ ହେବାକୁ ଥିବା କିଷାନ ମହାପଞ୍ଚାୟତ ପାଇଁ ବରିକେଲଠାରେ ପଞ୍ଚାୟତସ୍ତରୀୟ ପ୍ରସ୍ତୁତି ବୈଠକ ସୁବାସ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତି ଯୋଗୁ ଚାଷୀମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି କୃଷିକ୍ଷେତ୍ରରେ ବ୍ୟବହୃତ ବିଜୁଳି ଚାଷୀମାନେ ଅଧିକ ଦରରେ କମ୍ପାନୀଠାରୁ କିଣୁଥିବାଯୋଗୁ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି ଏବଂ ଉତ୍ପାଦନ ଖର୍ଚ୍ଚ ମଧ୍ୟ ବାହାରୁ ନାହିଁ। କୃଷି ଉତ୍ପାଦର ମୂଲ୍ୟ ବୃଦ୍ଧି ହେଉଥିବା ବେଳେ ଚାଷୀମାନଙ୍କ ଆୟ ବୃଦ୍ଧି ହେଉନାହିଁ. ଶୀତଳ ଭଣ୍ଡାର ନଥିବାରୁ ଶାଗ ମାଛ ଦରରେ ପରିବା ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ବକେୟା କୃଷିଋଣ ଓ ବିଜୁଳି ବିଲ ଚାଷୀମାନେ ପରିଶୋଧ କରିବାକୁ ଅସମର୍ଥ ହେଲେଣି,ଏହା ଛାଡ଼ ନ କରାଗଲେ ଆଗାମୀ ଦିନେ ଆଉ ଚାଷ କରିପାରିବେ ନାହିଁ । ଏହା ସମ୍ପୂର୍ଣ୍ଣ ଛାଡ଼ କରାଯିବା ସହିତ ସରକାର ଘୋଷଣା କରିଥିବା ୩୦୦ ୟୁନିଟ ବିଜୁଳି ତୁରନ୍ତ ଯୋଗାଇ ଦେବାକୁ ଦାବି ଉଠିଥିଲା। ଲଘୁ ବନଜାତ ଦ୍ରବ୍ୟ ମହୁଲ ଓ ଚାରର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା ଓ ମଣ୍ଡି ବ୍ୟବସ୍ଥା କରାଯାଉ ବୋଲି ସରକାରଙ୍କୁ ଦାବି କରାଯିବ ତଥା ସମସ୍ତ ଚାଷ ଜମିକୁ ସମ୍ପୂର୍ଣ୍ଣ ଜଳସେଚନ କରାଯାଉ ବୋଲି ରାଜବୋରାସମ୍ବର କୃଷକ ସଂଗଠନର ଉପଦେଷ୍ଟା ଅଜିତ ଶତପଥୀ ଦାବି କରିଥିଲେ। ବରଗଡ଼ କିଷାନ ମହାପଞ୍ଚାୟତରେ ବରିକେଲ ଗ୍ରାମ ପଞ୍ଚାୟତରୁ ସହ ସହ ସଂଖ୍ୟାରେ ଚାଷୀ ଯୋଗଦାନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ରୋହିତ ପ୍ରଧାନ, କାହ୍ନୁ ମେହେର, ସାନନ୍ଦ ବେହେରା, ପ୍ରକାଶ ମିଶ୍ର, ଗୋଲକ ମେହେର, ରମେଶ ମେହେର ଜୟନ୍ତ ରଣା ନରହରି ପାଣ୍ଡେ ଏବଂ ଅନେକ ଚାଷୀ ଉପସ୍ଥିତ ଥିଲେ।

## ପଞ୍ଚଦଶ ଦିବସରେ ଗଣଧାରଣା

**ଗନ୍ଧମାର୍ଦ୍ଦନ ପର୍ବତରେ ସ୍ଥାୟୀ ସୁରକ୍ଷା ଆଇନ ଦାବି**

**ପାଇକମାଳ ୩।୩(ବଡ଼ ଶତପଥି):** ପାଇକମାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣ ଧାରଣା ସୋମବାର ପଞ୍ଚଦଶ ଦିବସରେ ପହଞ୍ଚିଛି। ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ଯୁବ ପରିଷଦ କପିଳ ମୁନି ଆଶ୍ରମ ନୃସିଂହନାଥ ଓ ହରିଶଙ୍କର ଶାଖା ମିଳିତ ଉଦ୍ୟମରେ ଅଣ୍ଟା ଭିଡିଛି ଏହାର ସ୍ଥାଇ ପ୍ରତିକାର ପାଇଁ। ସୋମବାର ଗଣଧାରଣା ସଭାରେ ମୁଖ୍ୟତଃ ମିଠାପାଲି ଗ୍ରାମ ସହିତ ଅଞ୍ଚଳର ବିଭିନ୍ନ ଗ୍ରାମରୁ ମହିଳା ଓ ଭଦ୍ର ବ୍ୟକ୍ତି ଯୋଗଦେଇ ଥିଲେ। ମିଠାପାଲି ଗ୍ରାମରେ ଶ୍ରୀ ଜଗଦେବ ଧାରୁଆ ସଭାରେ ସଭାପତିତ୍ୱ କରିଥିଲେ। ଦଶରଥ ଚାନ୍ଦ, ନରସିଂହ ବଞ୍ଛୋର , ତ୍ରିଲୋଚନ ସାହୁ, ଗୌରହରି ସାହୁ, ଗିରିଶ ଡନସେନା, ସୁଭଦ୍ରା ସେଠ, ସୁଧାଂଶୁ ବାରିକ, ଅନ୍ୟମାନେ ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ସମସ୍ତଙ୍କ ଦ୍ୱାରା ଗୋଟିଏ ପ୍ରସ୍ତାବ ଗୃହୀତ କରାଗଲା ଯେ ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ଆଇନ କରାଯାଉ ନହେଲେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ପ୍ରସ୍ତାବ ଗୃହୀତ କରାଗଲା।


ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

## ଜିଲାପାଳଙ୍କ କଳା ଚାଉଳ ଉତ୍ପାଦନ କେନ୍ଦ୍ର ପରିଦର୍ଶନ

**ବରଗଡ଼/ଝାରବନ୍ଧ,୩।୩ (ପ୍ରେମାନନ୍ଦ ଖମାରୀନ୍/ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ସୋମବାର ଝାରବନ୍ଧ ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ସେ ଚଣ୍ଡୀଭଟାସ୍ଥିତ କଳା ଚାଉଳ ଧାନ କ୍ଷେତ ଏବଂ କଳା ଚାଉଳ ଉତ୍ପାଦନ କେନ୍ଦ୍ର ବୁଲି ଦେଖିଥିଲେ। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ପଦ୍ମପୁର ଅତିରିକ୍ତ ଜିଲାପାଳ କୃଣାଳ ମୋତିରାମ ଚୌହାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ଗୋଷ୍ଠୀ କୃଷି ଅଧିକାରୀ ନୀତା ସାବର, ଜୀବିକା ମିଶନର ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ସତ୍ୟ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଚଣ୍ଡୀଭଟା ଅର୍ଗାନିକ୍ ଲାଇଫ୍ ଫାର୍ମିଂ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପୁଷ୍ପା ବିଶ୍ୱାଳ, କୁଳମଣି ପ୍ରଧାନ, ଜ୍ୟୋତି ସେଠ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳ ଗୋୟଲ ନିଲଜୀପତ୍ରା ପିଏମଶ୍ରୀ ବିଦ୍ୟାଳୟ ନିର୍ମାଣ ନିମନ୍ତେ ପରିଦର୍ଶନ କରିଥିଲେ।

## ଖରସଲ ଜମିଦାରଙ୍କ ବୀରତା ଦିବସ

**ବରଗଡ଼,୩।୩(ପ୍ରେମାନନ୍ଦ ଖମାରୀ):** ଭଟଲି ବ୍ଲକ ଖରସଲ ଗ୍ରାମରେ ମହାନ ସ୍ୱାଧୀନତା ସଂଗ୍ରାମୀ ଜମିଦାର ସର୍ଦ୍ଦାର ଦୟାଲ ସିଂଙ୍କ ବୀରତା ଦିବସ ସୋମବାର ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ପଦ୍ମଶ୍ରୀ ହଳଧର ନାଗ, ଭାଜପା ଜିଲା ସଭାପତି ଡା. ଅରୁପାନନ୍ଦ ସାହୁ, ଭାଜପା ରାଜ୍ୟ ଆଦିବାସୀ ସଂଘ ସମ୍ପାଦକ ଗୋବର୍ଦ୍ଧନ ଭୋଏ, ଜିଲା ଆଦିବାସୀ ସଂଘ ସଭାପତି ଗୋବିନ୍ଦ ବରିହା ଯୋଗଦେଇ ଜମିଦାରଙ୍କ ବୀର ଗାଥା ବର୍ଣ୍ଣନା କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ବାହାରି ଗ୍ରାମର ସମଲେଶରୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଶହୀଦ ଜମିଦାର ସର୍ଦ୍ଦାର ଦୟାଲ ସିଂଙ୍କ ପ୍ରତିମୂର୍ତ୍ତୀରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ। ବାଳକୃଷ୍ଣ ଭୋଇଙ୍କ ସଭାପତିତ୍ୱ କରିଥିଲେ। ଡୁମାଲପାଲି ସରପଞ୍ଚ ମନୋରଞ୍ଜନ ଦୋରା ସଭା ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ


ବୈଠକରେ ଆଲୋଚନା ଚାଲିଛି।

**ଗାଇସିଲେଟ,୩।୩(ଦୁର୍ଗାପ୍ରସାଦ ତ୍ରିବେଦୀ)**

ଗାଇସିଲେଟ ସ୍ୱରସ୍ୱତୀ ଶିଶୁ ମନ୍ଦିରର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ପରିଚାଳନା କମିଟିର ସଭାପତି ଅରୁଣକୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏହି ସଭା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା, ପଦ୍ମପୁର ଶିଶୁ ମନ୍ଦିରର ଶିକ୍ଷକ ଭକ୍ତବନ୍ଧୁ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବୟୋଜ୍ୟେଷ୍ଠ ସଭ୍ୟ ଲମ୍ବୋଦର ପୁରୋହିତ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମଟି ଚଳିତମାସ ୩୦ ତାରିଖରେ ହିନ୍ଦୁ ନବବର୍ଷରେ ପାଳନ କରାଯିବ। ସେହି ଦିନଠାରୁ ଏକ ବର୍ଷ ସକାଶେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ପୂର୍ବତନ ସମ୍ପାଦକ ସଞ୍ଜୟ କୁମାର ପୁରୋହିତ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ବ୍ୟାସଦେବ ପଧାନ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ଶିକ୍ଷକ କୁନା ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ୯୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ



ଶିବିରରେ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

**ଝାରବନ୍ଧ,୩।୩(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ କୁଣାଲ ମୋତିରାମ ଚହାନ, ଡେପୁଟି କଲେକ୍ଟର ନିତୁଶ୍ରୀ ମେହେର, ଝାରବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା, ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଆଶୁତୋଷ ହୋତା ଏବଂ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅମୃତପାଲ କୌର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟ, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୯୭ ଅଭିଯୋଗର ଶୁଣାଣି କରାଯାଇଛି।

## ୩୬ କେନ୍ଦୁ ଗଣ୍ଡି ବୋଝେଇ ଭ୍ୟାନ୍ ଜବତ

**ଖୁଣ୍ଟିଗୋରା,୩।୩(ମକରନ୍ଦ ସାହୁ):** ବୌଦ୍ଧ ଜିଲା ୪୧ ନଂ. ଜାତୀୟ ରାଜପଥର



ଘଣ୍ଟାପଡ଼ା ମିଶ୍ର ଢ଼ାବା ରାସ୍ତାରେ ରବିବାର ରାତିରେ ପାଟ୍ରୋଲିଂ ବେଳେ ଘଣ୍ଟାପଡା ପୋଲିସ ୩୬ଖଣ୍ଡ କେନ୍ଦୁ ଗଣ୍ଡି ବୋଝେଇ ଟାଟା ୪୦୭କୁ ଜବତ କରିଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ଘଣ୍ଟାପଡ଼ା ଥାନାରେ ସୋମବାର ଏକ ମାମଲା (ନଂ.୨୭/୨୪) ରୁଜୁ ହେଇଥିବା ଥାନାଧିକାରୀ ନରସିଂହ ମହାପାତ୍ର ସୂଚନା ଦେଇଛନ୍ତି।

## ଗୌଡ଼ପାଲିରେ ଉଦଣ୍ଡ ସଙ୍କୀର୍ତ୍ତନ ସମାବେଶ

**ବରଗଡ଼, ୩।୩(ପ୍ରେମାନନ୍ଦ ଖମାରୀ)**



ଭଟଲି ବ୍ଲକ ଗୌଡ଼ପାଲିଠାରେ ଚବିଶ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ନାମ ଯଜ୍ଞରେ ସମ୍ବଲପୁର ଜିଲା ଅନ୍ତର୍ଗତ ଧନକଉଡ଼ା, ବରଗଡ଼ ବ୍ଲକ ନୁନିଆ ଜାମପାଲି, ଅତାବିରା ବ୍ଲକ ଲହଣ୍ଡା ଗ୍ରାମର ଉଦଣ୍ଡ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ନଗର ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଭାବଭକ୍ତିର ଉଦଣ୍ଡ ସଙ୍କୀର୍ତ୍ତନ ଦେଖିବା ପାଇଁ ଆଖପାଖ ଅଞ୍ଚଳର ପ୍ରବଳ ଜନ ସମାଗମ ପରିଲକ୍ଷିତ ହୋଇଥିଲା। ଗତ ବୁଧବାର ନାମଯଜ୍ଞ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ ସଙ୍କୀର୍ତ୍ତନ ଗୁରୁ ପ୍ରମୋଦ ଦାଶ, ସୁଶୀଲ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦଣ୍ଡ ସଙ୍କୀର୍ତ୍ତନ କଳାକାରଙ୍କ ଏକ ସମାବେଶ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞର କର୍ତ୍ତାଭାବେ ରାଜେନ୍ଦ୍ର ଦାଶ ଓ ତାଙ୍କ ସ୍ତ୍ରୀ ନପୂର୍ ଦାଶ ଦାୟିତ୍ୱ ବହନ କରିଥିଲେ। ସାଂପ୍ରତିକ ଅପସଂସ୍କୃତିସମ୍ପନ୍ନ ସଙ୍କୀର୍ତ୍ତନର ବହୁଳ ପ୍ରଚାର ସତ୍ତ୍ୱେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଦୀର୍ଘ ସାତ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଭାବଭକ୍ତିର ଉଦଣ୍ଡ ସଙ୍କୀର୍ତ୍ତନ ପରମ୍ପରାକୁ ବଞ୍ଚାଇ ଆସୁଥିବାରୁ ଜିଲା ସଙ୍କୀର୍ତ୍ତନ ପରିଷଦ ସମେତ ଅଗଣିତ ସଙ୍କୀର୍ତ୍ତନପ୍ରେମୀ ଗୌଡପାଲି ଗ୍ରାମବାସୀଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ବରଗଡ଼ ଜିଲା ସଙ୍କୀର୍ତ୍ତନ ସମନ୍ୱୟ ପରିଷଦର ଆବାହକ ତଥା ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସଂପାଦକ ଗୋପବନ୍ଧୁ ପୁରୋହିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଜିଲା ସଙ୍କୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ଉପସ୍ଥିତ ରହି ଆଗାମୀ ଦିନରେ ଜିଲା ସଙ୍କୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସଙ୍କୀର୍ତ୍ତନ ସମ୍ମିଳନୀରେ ଅଶ୍ଳୀଳ ଓ ଦ୍ୱିଅର୍ଥ ବୋଧକ ସଙ୍କୀର୍ତ୍ତନକୁ ବିରୋଧ କରାଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ପ୍ରଦାନ କରିଥିଲେ।

## ବୌଦ୍ଧକୁ ହରାଇ ସେମିରେ ବରଗଡ଼

**ସର୍ବଭାରତୀୟ ଡିଏସ୍ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

**ବୌଦ୍ଧ,୩।୩ (ଅଜିତ କୁମାର ବାରିକ)**


ଫୁଟ୍‌ବଲ ମ୍ୟାଚ୍‌ର ଏକ ଦୃଶ୍ୟ।

ବୌଦ୍ଧ ଜିଲା ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ସର୍ବଭାରତୀୟ ଡିଏସ୍ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସୋମବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ ବରଗଡ ଓ ବୌଦ୍ଧ ଜିଲା ଫୁଟବଲ ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଖେଳରେ ଅତିଥି ଭାବେ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁନ୍ଦର ପ୍ରକାଶ ଅଗ୍ରୱାଲା, ଜିଲା ପରିଷଦ ସଭ୍ୟ ରାକେଶ କୁମାର ତ୍ରିପାଠୀ, ଭାଜପା ନେତା ଯୁଗଳ କିଶୋର ସାହୁ, ଉପ ସଭାପତି ସତ୍ୟ ପ୍ରକାଶ ଦାଶ, ସମ୍ପାଦକ ଯୁଗଳ କିଶୋର ସାମଲ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚ୍‌ରେ ବରଗଡ ଦଳ ୩-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରି ତରୁଣ ବିଶ୍ୱାସ ମ୍ୟାଚ୍ ପରିଚାଳନା କରିଥିବାବେଳେ ଲାଇନରେ ଦିଲ୍ଲୀପ କୁମାର ରାଉତ ଓ ଜିତେନ୍ଦ୍ର ପାତ୍ର ସହାୟତା କରିଥିଲେ। ସେହିପରି ଶଶିକାନ୍ତ ଦାସିଆ ଚତୁର୍ଥ ରେଫରି ଥିଲେ। ମଙ୍ଗଳବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଏମ୍‌ଇଜି ସେଣ୍ଟର ବାଙ୍ଗାଲୋର ଓ ବରଗଡ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଶପଥପାଠ

**ବରଗଡ଼,୩।୩(ପ୍ରେମାନନ୍ଦ ଖମାରୀ)**


ଗାପାଳପୁର ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ବିଶ୍ୱ ବନ୍ୟପ୍ରାଣୀ ଦିବସ**

ବରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରେ ସୋମବାର ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀଙ୍କ ଆହ୍ୱାନକ୍ରମେ ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁର ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ଉଚ୍ଛବ ଭୁଏ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ନୀଳକଣ୍ଠ ସା ମୁଖ୍ୟଅତିଥି, ବଡ଼ମାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ପ୍ରକୃତିବନ୍ଧୁ ଅଶୋକ ଡନସନା ମୁଖ୍ୟବକ୍ତା ଏବଂ ପ୍ରକୃତିପ୍ରେମୀ ଗଣେଶ ମହାକୁଡ଼ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବାରେ ବନ୍ୟପ୍ରାଣୀଙ୍କ ପ୍ରମୁଖ ଭୂମିକା ରହିଛି। ଫଳରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଇକୋକ୍ଲବ ଏବଂ ବିଜ୍ଞାନ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅନନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଭଟଲିସ୍ଥିତ ଶାନ୍ତି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ନନ୍ଦନକାନନ ଜୁ ଆମ୍ବାସୋଡ଼ାର କ୍ଷଣିକା ପ୍ରସନ୍ନା ଷଡ଼ଙ୍ଗୀ ଉଦ୍ଦେଶ୍ୟ ଜ୍ଞାପନ ସହିତ ବନ୍ୟପ୍ରାଣୀର ସୁରକ୍ଷା ନିମନ୍ତେ ଶପଥ ପାଠ କରାଇଥିଲେ। ଏହି ଅବସରରେ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଇନ୍ଦିରା ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ନଦୀରେ ବୁଡ଼ି ଯୁବକ ମୃତ

**ବନ୍ଧମୁଣ୍ଡା,୩।୩(ସୁବ୍ରତ ଦେ):** ବିଶ୍ରା ଥାନା ଅଧୀନ ମିଟକୁନ୍ଦି ଗାଁଠାରେ ଥିବା କୋଏଲ ନଦୀରେ ଗାଧୋଇବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକହେଲେ ରାଉରକେଲା ପ୍ଲାଣ୍ଟ ସାଇଟ ଥାନା ଅଧୀନ ରେଳବାଇ କଲୋନୀ ନିବାସୀ ସିମି ଲାକଡ଼ା (୨୨)। ବିଶ୍ରା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁଯାୟୀ, ସିମି ତାଙ୍କର କେତେଜଣ ସାଙ୍ଗଙ୍କ ସହ ମିଶି ମିଟକୁନ୍ଦି ସ୍ଥିତ କୋଏଲ ନଦୀରେ ଗାଧୋଇବାକୁ ଯାଇ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସମାଜସେବୀ ଶଶୀକାନ୍ତ ଆଚାର୍ଯ୍ୟଙ୍କ ପରଲୋକ

**ରାଉରକେଲା,୩।୩(ସଙ୍ଗୀତା ଜେନା):** ତତ୍କାଳୀନ ଆର୍‌ଇସି, ବର୍ତ୍ତମାନର ରାଉରକେଲା ଏନ୍‌ଆଇଟି ଓ ସିଲଚର ଏନ୍‌ଆଇଟି ତଥା ଜର୍ମାନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ପ୍ରଫେସର ଶଶୀକାନ୍ତ



ଆଚାର୍ଯ୍ୟଙ୍କ ୮୪ ବର୍ଷ ବୟସରେ ରବିବାର ରାତି ୧୦ଟାରେ ପରଲୋକ ହୋଇଛି। ଜଗଦାସ୍ଥିତ ମାନବସେବା ପ୍ରତିଷ୍ଠାନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ଏକାଧାରରେ ଶିକ୍ଷାବିତ୍, ସମାଜ ସୁଧାରକ ଓ ବୈଜ୍ଞାନିକ ଥିଲେ। ତାଙ୍କ ପ୍ରଚେଷ୍ଟାରେ ଜଗଦା ଏବଂ ଗୁରୁଣ୍ଡିଆ ବ୍ଲକର ଗୁଡ଼ୁଡ଼ାଠାରେ ଅନାଥାଳୟ ମାନବସେବା ପ୍ରତିଷ୍ଠାନ ସ୍ଥାପନ ହୋଇଥିଲା। ସୋମବାର ସକାଳ ୮ଟାରେ ପ୍ରଫେସର ଆଚାର୍ଯ୍ୟଙ୍କ ମରଶରୀରକୁ ଶୋଭାଯାତ୍ରାରେ ବେଦବ୍ୟାସ ତ୍ରିବେଣୀସଙ୍ଗମ ନିଆଯାଇ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଥିଲା। ବଡ଼ପୁତ୍ର ସୌରଜିତ୍ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ। ଜଗଦା ସାଂସ୍କୃତିକ ପରିଷଦର ପିତାମ୍ବର ଲେଙ୍କା, ଡି.ଏନ୍ ପୃଷ୍ଟି, କ୍ରିଷ୍ଣା ସିଂହ, ସୁଦାମ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

### ଗଛରେ ପିଟିହେଲା ବାଇକ୍, ଜଣେ ମୃତ

**କୁତ୍ରା,୩।୩(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ଲିଟିବେଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ରାସ୍ତା କଡରେ ଗଛକୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣକର ମୃତ୍ୟୁ ଘଟିଛି। ସେ ହେଲେ କୁତ୍ରା ବ୍ଲକ କଟଙ୍ଗ ଗ୍ରାମର ଅନିଲ ଲାକଡା(୩୨)। ଅନ୍ୟ ଜଣେ ଗୁରୁତରଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଉଭୟେ ଅପରାହ୍ନ ସାଢ଼େ ୪ଟା ବେଳେ ଏକ ବାଇକ ନଂ. ଓଡ଼ି୨୯ଜି ୯୯୭୭ ଯୋଗେ କୁତ୍ରା ଲିଟିବେଡା ରାସ୍ତାରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡରେ ଏକ ଗଛକୁ ଧକ୍କା ଦେଇଥିଲେ। ଘଟଣା ସ୍ଥଳରୁ ଉଭୟଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିବା ବେଳେ ଅନିଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତଖାନାକୁ ସ୍ଥାନାନ୍ତର କରାଯାଇଛି।



ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ଉତ୍ତ୍ୟକ୍ତ ଲୋକଙ୍କ ୨ ଘଣ୍ଟା ରାସ୍ତାରୋକୋ

**ବଡ଼ଗାଁ, ୩।୩(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆକ୍ସିସ ବ୍ୟାଙ୍କ ସମ୍ମୁଖ ରାଜ୍ୟ ରାଜପଥରେ ସୋମବାର ସାଢ଼େ ୧୧ଟା ବେଳେ ସ୍କୁଟି ପଛକୁ ଟ୍ରକ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ସାହାଜବାହାଲ ଗ୍ରାମର ବନମାଳୀ କାକ(୩୫)। କ୍ଷତିପୂରଣ ଦାବିରେ ସାହାଜବାହାଲ ଗ୍ରାମର ଯୁବକମାନେ

**ଟ୍ରକ୍ ଧକ୍କାରେ ଯୁବକ ମୃତ**

ରାସ୍ତା ଅବରୋଧ କରିଥିଲେ। ପୂର୍ବାହ୍ନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ, ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା, କୁତ୍ରା ଥାନା ଆଇଆଇସି ମନୋରଞ୍ଜନ ବିଶି, ବଡ଼ଗାଁ ଥାନା ଏସ୍‌ଆଇ ଖଗପତି ବିଶାଳ, ଏଏସ୍‌ଆଇ ଅରୁପାନନ୍ଦ ଦାସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ରେଡକ୍ରସ ପାଣ୍ଠିରୁ ସହାୟତା ସହ ପୋଲିସ ମୃତକଙ୍କ ପରିବାରକୁ ସମସ୍ତ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି। ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ି ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବଡ଼ଗାଁ ଓ ସାହାଜବାହାଲ ଗ୍ରାମବାସୀମାନେ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବନମାଳୀ ନିଜ ଦୋକାନ ପାଇଁ ପେଟ୍ରୋଲ ନେବାକୁ ବଡ଼ଗାଁ ଆସି ବସଷ୍ଟାଣ୍ଡରୁ ମହାବୀର ଛକ ଯାଉଥିବା ବେଳେ ତାଙ୍କୁ ଏକ ଟ୍ରକ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ବନମାଳୀଙ୍କ ମୃତ୍ୟୁ ଘଟିଥିଲା। ବଡ଼ଗାଁ କଲେଜଠାରୁ ମହାବୀର ଛକ ମଧ୍ୟରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଗତି ନିୟନ୍ତ୍ରଣ କରିବାକୁ ଦାବି କରାଯାଇଛି।

## ସୁନ୍ଦରଗଡ଼ ସରକାରୀ କଲେଜରେ ଜାତୀୟ ବିଜ୍ଞାନ ଦିବସ

**ସୁନ୍ଦରଗଡ଼,୩।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ବିଜ୍ଞାନ ସମାଜ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ସାଂପ୍ରତିକ ସମୟରେ ସମାଜର ବିକାଶ ପାଇଁ ବିଜ୍ଞାନର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ତଥା ବିଷୟ ବିଶେଷଜ୍ଞଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରଫେସର ଡକ୍ଟର ସୂର୍ଯ୍ୟ ନାରାୟଣ ନାୟକ ଯୋଗଦାନ କରିଥିଲେ। ମହାବିଦ୍ୟାଳୟ ବିଜ୍ଞାନ ସମାଜର ଅଧିକାରୀ ସହକାରୀ ପ୍ରଫେସର ଡ. ଦୀପକ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ପ୍ରଦୀପ କୁମାର ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କନିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା। ବରିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ପୋଷ୍ଟର ପ୍ରସ୍ତୁତି ଓ ସେମିନାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ମହିଳାଙ୍କୁ ଗୁଣିଆଙ୍କ ଚାବୁକମାଡ଼ ଘଟଣା: ମାମଲା ରୁଜୁ

**ବଡ଼ଗାଁ,୩।୩(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଲିଟିପଡ଼ାର ଜଣେ ମହିଳାଙ୍କ ଘରକୁ ଶୁକ୍ରବାର ରାତିରେ ତନ୍ତ୍ର ପୂଜା କରିବାକୁ ଆସିଥିବା ମଚାମରା ଗ୍ରାମର ୨ଜଣ ଗୁଣିଆ ଓ ତାଙ୍କର ୨ଜଣ ମହିଳା ସହଯୋଗୀ ଉକ୍ତ ମହିଳାଙ୍କୁ ୫ ଘଣ୍ଟା ଚାବୁକରେ ମାଡ ମାରିବା ଓ ତାଙ୍କ ଘରେ ଜବରଦସ୍ତ ପଶି ପୂଜା କୋଠରିରୁ ଦେବଦେବୀଙ୍କ ଫଟୋ ଓ ମୂର୍ତ୍ତିକୁ ଗୋଇଠା ମାରି ବାହାରେ ଫିଙ୍ଗିଦେବା ଘଟଣାରେ ପୋଲିସ ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ଲିଟିପଡ଼ାର ଜଣେ ମହିଳା ତାଙ୍କ ଘରେ ତନ୍ତ୍ର ପୂଜା କରିବା ପାଇଁ ମଚାମରା ଗ୍ରାମର ଗୁଣିଆଙ୍କୁ ଡକାଇଥିଲେ। ପୂଜା ଚାଲିଥିବାବେଳେ ପଡ଼ିଶା ଘରର ସଙ୍ଗୀତା ବାଗେ ନଡ଼ିଆ ଓ ଗାମୁଛା ନେଇ ସେଠାକୁ ଯାଇଥିଲେ। କିଛି ସମୟ ପୂଜା କଳାପରେ ରାତି ୮ଟାରେ ଗୁଣିଆଦ୍ୱୟ ହଠାତ୍ ସଙ୍ଗୀତାଙ୍କୁ ଚାବୁକରେ ପିଟିବା ଆରମ୍ଭ କରିଥିଲେ। ରାତି ୧୦ ଟାରେ ତାଙ୍କ ଘରେ ଜବରଦସ୍ତ ପଶି ପୂଜା କୋଠରିରେ ଥିବା ଦେବଦେବୀଙ୍କ ଫଟୋ ଓ ମୂର୍ତ୍ତିଗୁଡ଼ିକୁ ଗୋଇଠା ମାରି ଫିଙ୍ଗି ଦେଇଥିଲେ ଓ ରାତି ୧୨ଟା ପର୍ଯ୍ୟନ୍ତ କିଛି ସମୟ ବ୍ୟବଧାନରେ ଚାବୁକ ପ୍ରହାର କରିଥିଲେ। ଏ ସବୁ ଦେଖି ତାଙ୍କ ସ୍ୱାମୀ ମୁନା ବାଗେ ଅନ୍ଧବିଶ୍ୱାସ କହି ବିରୋଧ କରିଥିଲେ ମଧ୍ୟ ଗୁଣିଆମାନେ ଶୁଣି ନ ଥିଲେ। ସୋମବାର ପୀଡ଼ିତାଙ୍କ ସ୍ୱାମୀ ମୁନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ଅଭିଯୋଗ ପତ୍ରରେ ମଚାମରା ଗ୍ରାମର ଗୁଣିଆ ମଙ୍ଗଲୁ ଟପୋ, ତାଙ୍କର ଜଣେ ପୁରୁଷ ଓ ୨ଜଣ ମହିଳା ସହଯୋଗୀ ତନ୍ତ୍ର ପୂଜା କରିବାକୁ ଆସି ଏଭଳି କରିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ତଦନ୍ତ କରି ଥାନା କେସ୍ ନଂ.୫୦, ଦଫା ୩୨୯ (୪), ୧୧୫ (୨), ୩(୫)ବିଏନ୍‌ଏସ୍, ୪, (୧), ୫,୬ରେ ମାମଲା ରୁଜୁ କରିଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

**ରାଉରକେଲା,୩।୩(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ବିଶ୍ରା ଛକରୁ ଏକ କାର୍ ଯୋଗେ ପ୍ରାୟ ୨୨ କେଜି ୪୨୦ ଗ୍ରାମ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଧରାପଡ଼ିଛି। ଏହାର ବଜାର ଦର ଲକ୍ଷାଧିକ ଟଙ୍କା ହେବ ପୋଲିସ ଆକଳନ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗାନ୍ଧୀରୋଡ୍‌ର କରଣ ସିଂହ(୩୦)। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୬/୨୫) ରୁଜୁ କରିଛି। ତାଙ୍କ ଠାରୁ ଗଞ୍ଜେଇ ସମେତ ଏକ ପିସ୍ତଲ, ୨ଟି ମାଗାଜିନ୍, କାର୍ (ନଂ.ଓଆର୦୨ବିଜେ/୦୦୦୫) ଜବତ ହୋଇଛି। କରଣଙ୍କ ନାମରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ୩ଟି ଆପରାଧିକ ମାମଲା ରହିଛି। ପୋଲିସ ପାଟ୍ରୋଲିଂ ବେଳେ କରଣ ଓ ତାଙ୍କ ସାଥୀ ଗଞ୍ଜେଇ ଚାଲାଣ କରୁଥିବା ଅବସ୍ଥାରେ ଧରାପଡ଼ିଥିଲେ।

## ଲକ୍ଷେ ଘର ସମାଜର ପଞ୍ଚାୟତ କମିଟି ଗଠନ



କାର୍ଯ୍ୟକ୍ରମରେ ଉପସ୍ଥିତ ସମାଜର କର୍ମକର୍ତ୍ତା।

**କୁତ୍ରା,୩।୩ (ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ତରକେରା ପଞ୍ଚାୟତ ଲକ୍ଷେଘର ସମାଜର ଏକ ସାମାଜିକ ବୈଠକ ଅନୁଷ୍ଠିତ ହେବା ସହ ଏହି ପଞ୍ଚାୟତର ଲକ୍ଷେଘର ସମାଜର ଏକ ନୂତନ କମିଟି ଗଠନ କରାଯାଇଛି। ତରକେରା ପଞ୍ଚାୟତ ଅନ୍ତର୍ଗତ ଉଡୁରୁମା ଗ୍ରାମଠାରେ ଅନୁଷ୍ଠିତ ସାମାଜିକ ବୈଠକରେ ଏହି ପଞ୍ଚାୟତର ୪ ଟି ଗ୍ରାମର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ବ୍ଲକ ଉପସଭାପତି ମିଶ୍ର ଗନ୍ଧାଙ୍କ ଦ୍ୱାରା ପରିଚାଳିତ ବୈଠକରେ ପୂର୍ବତନ ସଭାପତି ଶୁକଦେବ ସୁନ୍ୟାନୀଙ୍କ ସମେତ ଶଙ୍କର ନିଖଣ୍ଡିଆ, ଫୁଲେଶ୍ୱର୍ ସୁନ୍ୟାନି ପ୍ରମୁଖ ସମାଜର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଆଗକୁ କିଭଳି ଉନ୍ନତି ହୋଇପାରିବ ସେନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ ତରକେରା ପଞ୍ଚାୟତର ଲକ୍ଷେଘର ସମାଜର ସଭାପତିଭାବେ ବିନୋଦ ସୁନ୍ୟାନୀ, ଉପସଭାପତି ଭାବେ ସଂଯୁକ୍ତା ସୁନ୍ୟାନୀ ଓ ଶଙ୍କର ରାଜଗନ୍ଧା, ସମ୍ପାଦକ ଗୁଣବତୀ ସୁନ୍ୟାନୀ, କୋଷାଧ୍ୟକ୍ଷ ଭାବେ ପୂର୍ଣ୍ଣିମା ସୁନ୍ୟାନୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରଯାଇଥିଲା।

## ଡେଲକି ଖଡିଆ ସମାଜର ଆଞ୍ଚଳିକ ମହାସଭା



ସମାଜ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

**ବଡ଼ଗାଁ,୩।୩(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଇତମା ଗ୍ରାମରେ ସୋମବାର ୫ ଶହ ଘର ଡେଲକି ଖଡିଆ ସମାଜର ଆଞ୍ଚଳିକ ମହାସଭା ସୋମବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ମହାସଭାରେ ଜିଲାର ବିଭିନ୍ନ ବ୍ଲକରୁ ହଜାରେରୁ ଊର୍ଦ୍ଧ୍ୱ ସାମାଜିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ମହାସଭାରେ ସମାଜର ରାଜ୍ୟ ସଭାପତି ନୃପ ଚରଣ ଦଣ୍ଡସେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜର ପରମ୍ପରା, ଚାଲିଚଳନ, ରୀତିନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ସେ ସମାଜରୁ କୁ ସଂସ୍କାର, ଅନ୍ଧ ବିଶ୍ୱାସ ଦୂରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ବକ୍ତାଭାବେ ଜିଲା ସଭାପତି ପରମାନନ୍ଦ ବାଗ ଯୋଗଦେଇଥିଲେ। ସେ ସମାଜର ପରମ୍ପରା ବିଷୟରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ଦୁର୍ଯ୍ୟୋଧନ ବାଗ, କେ. ନାଏକ, ଯଦୁମଣି ପ୍ରଧାନ, ଯୁବ ସଙ୍ଗଠକ ଗୋପାଲ ପ୍ରଧାନ, ସ୍ଥାନୀୟ ସରପଞ୍ଚ ରଜନୀ ବାଗ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବ୍ଲକର ସାମାଜିକ ସାଂସ୍କୃତିକ ଦଳମାନେ ଅଂଶଗ୍ରହଣ କରିଥିଲେ।

## ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ

**କୁତ୍ରା, ୩।୩(ଦେବାଶିଷ ସାହୁ)**

କୁତ୍ରା ଏବଂ ବଡ଼ଗାଁ ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ସ୍ୱୟଂ ସହାୟକ ଦଳଗୁଡ଼ିକୁ ଆର୍ଥିକ ଭାବେ ସ୍ୱଚ୍ଛଳ କରିବା ପାଇଁ କୁତ୍ରାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଙ୍ଗଠନ ଆଙ୍ଗନା ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୨ଟି ବ୍ଲକର ଯେଉଁ ୧୬ଟି ସ୍ୱୟଂ ସହାୟକ ଦଳ ନିଜ ଦଳକୁ ଆର୍ଥିକ ସ୍ୱଚ୍ଛଳ କରିବା ପାଇଁ ବିଭିନ୍ନ ପ୍ରକାର ବ୍ୟବସାୟ କରୁଛନ୍ତି ତାଙ୍କୁ ଆହୁରି ତୃଣମୂଳ ସ୍ତରରୁ ସୁଦୃଢ କରିବା ପାଇଁ ଏହି ଆର୍ଥିକ ସହାୟତା ପ୍ରଦାନ କରିଥିବା କହିଛନ୍ତି ଆଙ୍ଗନାର




କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱୟଂସାହାୟକ ଗୋଷ୍ଠୀର ମହିଳା ଓ ଅନ୍ୟମାନେ।

ସମ୍ପାଦିକା ମିନୁ କୁମାରୀ ଡୁଙ୍ଗଡୁଙ୍ଗ। ପ୍ରଥମେ ୨୯ହଜାର ୬୦୦ ଓ ପରେ ୨ ଲକ୍ଷ ୫୨ ହଜାର ଟଙ୍କାର ସହାୟତା କରିଛନ୍ତି। ଆଗକୁ ମଧ୍ୟ ଏହିଭଳି ମହିଳାଙ୍କୁ ସଶକ୍ତ କରିବା ପାଇଁ ସହାୟତା କରୁଥିବେ ବୋଲି କହିଛନ୍ତି ସମ୍ପାଦିକା।

## ଜିଲା ସ୍ତରରେ ଚାମ୍ପିୟନ ଦଳକୁ ସମ୍ବର୍ଦ୍ଧନା

**କୁତ୍ରା,୩।୩(ଦେବାଶିଷ ସାହୁ)**

ଆନ୍ତର୍ଜାତୀୟ ମହିଳା ଦିବସ ପରିପେକ୍ଷୀରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ସୁନ୍ଦରଗଡ଼ ଜିଲା ତରଫରୁ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାମାନଙ୍କୁ ନେଇ ପ୍ରଥମ ଥର ପାଇଁ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା ଗତ ୨ ତାରିଖ ସୁନ୍ଦରଗଡ଼ ପୋଲିସ ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁତ୍ରା ବ୍ଲକ ଆଇସିଡିଏସ ତରଫରୁ ଅଂଶ ଗ୍ରହଣ କରିଥିବା ଦଉଡି ଟଣା , ଖୋଖୋ ଦଳ ଚାମ୍ପିୟନ ହୋଇଥିଲେ। ଏହି ୨ ଦଳର ଖେଳାଳିମାନେ ସୋମବାର କୁତ୍ରା ଫେରିବା ପରେ ସେମାନଙ୍କୁ ଆଇସିଡିଏସ କାର୍ଯ୍ୟାଳୟ ଓ ବ୍ଲକ ଅଙ୍ଗନୱାଡ଼ି ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କୁତ୍ରା ବ୍ଲକରୁ ଦଉଡି ଟଣା, ଖୋଖୋ ଓ କବାଡି ଦଳ ସୁପରଭାଇଜର ବୁଟ କଇଥ,କର୍ମୀ ବିମଳା ଲାକ୍ରା, ଅନୀତା ମିଞ୍ଜ ଏବଂ ସୁନିତା ମିଞ୍ଜଙ୍କ ତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗୀମାନେ



ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନିଜର ଦକ୍ଷତା ପ୍ରତିପାଦନ କରିବାରେ ସକ୍ଷମ ହୋଇ ଖୋଖୋ ତଥା ଦଉଡି ଟଣା ଉଭୟ ପ୍ରତିଯୋଗିତାରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବ୍ଲକ ୟୁନିୟନ ତଥା ସିଡିପିଓ ଆନ୍ନା ଭାଲେରିଆ କୁଜୁରଙ୍କ ତରଫରୁ ଅଫିସ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ କୁଜୁରଙ୍କ ସହ ଏବିଡିଓ ଲିଲି ସଞ୍ଜିତା ମିଞ୍ଜ, ସୁପରଭାଇଜର ବୁଟ କଇଥ, କ୍ଲାରା କେର୍କେଟା, ତୁଳସା ଲାକ୍ରା, ମମତା କାର୍ଯ୍ୟ ନିର୍ବାହୀ ରତ୍ନାମଞ୍ଜରୀ ସାମଲ, ମିଶନ ଶକ୍ତି ବ୍ଲକ ସଭାପତି ତରୁଣି ସୁନାନୀ, ମନ୍ଦାକିନୀ ପଟେଲ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ତରୀୟ ତଥା ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଉକ୍ତ ବୈଠକକୁ ବିମଳା ଲାକ୍ରା ପରିଚାଳନା କରିଥିଲେ। ଶେଷରେ ବ୍ଲକ ସମ୍ପାଦିକା ଅନୀତା ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ଜିଲାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ସମେତ ବ୍ଲକ ସଭାପତି ସୁନିତା ମିଞ୍ଜ, ଗ୍ଲୋରିଆ ମିଞ୍ଜ, ଲିଲି ବାହାଲା, ଭାରତୀ ଡନସନା, ସରୋଜିନୀ ଲାକ୍ରା ପ୍ରମୁଖ ଯୋଗଦାନ କରିଥିଲେ ଏବଂ ବାଦ୍ୟର ତାଳେ ତାଳେ ସମସ୍ତେ ମିଶିକି ନାଚିଥିଲେ।

## ଜାତୀୟ ହୁଇଲଚେୟାର କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ

**ସୁନ୍ଦରଗଡ଼,୩।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଭବାନୀଭବନ ଷ୍ଟାଡିୟମରେ ଚାଲିଥିବା ଜାତୀୟ ହୁଇଲଚେୟାର କ୍ରିକେଟ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ ଦିନଥିଲା। ପ୍ରୟାସ ଇଣ୍ଡିଆ ଚାରିଟି ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ୯ଟି ରାଜ୍ୟର ଦିବ୍ୟାଙ୍ଗ ଖେଳାଳିମାନେ ଭାଗ ନେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ଯାହା ଭିନ୍ନକ୍ଷମ ଖେଳାଳିମାନଙ୍କୁ ସଶକ୍ତୀକରଣ ଏବଂ କ୍ରୀଡା ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ। ଦ୍ୱିତୀୟ ଦିବସର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଅନେକ ସମ୍ମାନିତ ଅତିଥି ଯୋଗଦେଇଥିଲେ। ଯେଉଁମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଏହି ଅନନ୍ୟ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିରେ ଅନ୍ତର୍ଭୁକ୍ତ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସ୍ଥାନୀୟ ଏମପି ଜୁଏଲ ଓରାମ, ସୁନ୍ଦରଗଡ ବିଧାୟକ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଯୋଗେଶ କୁମାର ସିଂହ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ସୁନ୍ଦରଗଡର ପୂର୍ବତନ ବିଧାୟିକା କୁସୁମ ଟେଟେଙ୍କ ସହ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନରେ ପ୍ରୟାସ ଇଣ୍ଡିଆ ଚାରିଟି ଫାଉଣ୍ଡେଶନ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ଅତିଥିମାନେ ପ୍ରଶଂସା କରିଥିଲେ। ପ୍ରୟାସ ଇଣ୍ଡିଆ ଚାରିଟି ଫାଉଣ୍ଡେଶନର ସିଇଓ ଏବଂ ପ୍ରତିଷ୍ଠାତା ପ୍ରବୀଣ ସିଂହ ସେଙ୍ଗାର, ସଭାପତି ଯଶୋବନ୍ତ ନାଏକ ଯୋଗଦେଇଥିଲେ। ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ ଓଡ଼ିଶା ବନାମ ଛତିଶଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ଛତିଶଗଡ଼ ୭ ଉଇକେଟରେ ବିଜୟ ଲାଭ କରିଛି। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ମନୋଜ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ହରିୟାଣା ବନାମ ହରିୟାଣା (ଦୁଇ ଦଳ ମ୍ୟାଚ) ମଧ୍ୟରେ ହୋଇଥିଲା। ଏଥିରେ ହରିୟାଣା ୮ ଉଇକେଟରେ ବିଜୟ ଲାଭ କରିଛି। ଏଥିରେ ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ଗୁଡ୍ଡୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୃତୀୟ ମ୍ୟାଚ ତେଲେଙ୍ଗାନା ବନାମ ଓଡ଼ିଶା ମଧ୍ୟରେ ହୋଇଥିଲା। ଏଥିରେ ତେଲେଙ୍ଗାନା ୧୦୪ ରନରେ ଜିତିଛି। ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ରାମାବତ କୋଟେଶ୍ୱରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହୁଇଲଚେୟାର କ୍ରିକେଟ ଏକ ଶକ୍ତିଶାଳୀ ପଦକ୍ଷେପ। ଏହି ଜାତୀୟ ହୁଇଲଚେୟାର କ୍ରିକେଟ ପ୍ରତିଯୋଗିତା କେବଳ କ୍ରୀଡାର ଭାବନାକୁ ଆଗକୁ ବଢ଼ାଉଛି ତାହା ନୁହେଁ ବରଂ ଦିବ୍ୟାଙ୍ଗ ଖେଳାଳିମାନଙ୍କୁ ଆତ୍ମନିର୍ଭରଶୀଳ ଏବଂ ପ୍ରେରଣା ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି। ଆସନ୍ତା ୫ତାରିଖ ଅପରାହ୍ନରେ ଏହା ଉଦ୍‌ଯାପିତ ହେବ।

## ସଂକ୍ଷେପରେ

### ଭାସ୍କର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଝାରସୁଗୁଡ଼ା,୩।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହର ବିଟିଏମ୍‌ସ୍ଥିତ ଭାସ୍କର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ମଧ୍ୟାହ୍ନ ୧୨ଟା ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସିଆର୍‌ସିସି ସୁରଜ ପଟେଲ ମୁଖ୍ୟଅତିଥି ଓ ବିଦ୍ୟାଳୟ ଅଧ୍ୟକ୍ଷା ସାବିତ୍ରୀ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ନନ୍ଦିନୀ ପଟେଲ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ବିବରଣୀ ଉପସ୍ଥାପନା କରିଥିଲେ। ସହକାରୀ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ଦେବଗଡ଼,୩।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ସକାଶେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ଏ ନେଇ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ପ୍ରେସ ବିବୃତୀରେ ସୂଚନା ପ୍ରଦାନ କରାଯାଇଛି। ଦୀର୍ଘ ଦିନରୁ ସରକାରୀ ଜମିକୁ ଦଖଲରେ ରଖି ଚାଷ କରୁଥିବା ଜମିର ସ୍ଥାୟୀ ପଟ୍ଟା ଚାଷୀଙ୍କୁ ପ୍ରଦାନ, ଆଦିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର ଏବଂ ସ୍ଥାୟୀ ପଟ୍ଟା ପ୍ରଦାନ, ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ୪ ଡିସିମିଲ ଘରଡିହ ପଟ୍ଟା ପ୍ରଦାନ, ଜମିର କିଷମ ପରିବର୍ତ୍ତନ ଏବଂ ରେଙ୍ଗାଲି ବାସଚ୍ୟୁତଙ୍କୁ ବକେୟା ଜମି ପ୍ରଦାନ ଓ ଚିହ୍ନଟ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

# ପିଡବ୍ଲ୍ୟୁଡି ଅଫିସରେ ତାଲା ପକାଇଲା ଠିକାଦାର ସଂଘ

- ଖାଲି ପଡ଼ିଥିବା ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ, ଅନ୍ୟ କର୍ମଚାରୀ ନିଯୁକ୍ତି ଦାବି
- ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ: ଜିଲା ଠିକାଦାର ସଂଘ

**ଦେବଗଡ଼,୩।୩(ଶଶାଙ୍କ ଶେଖର ଝାଙ୍କର)**



ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଠିକାଦାର ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ଦେବଗଡ଼ ଜିଲା ରାସ୍ତା ଓ ଗୃହ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ତଥା ପିଡବ୍ଲ୍ୟୁଡି କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇଛି ଠିକାଦାର ସଂଘ। ସୋମବାର ଖାଲି ପଡିଥିବା ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ଏବଂ ଅନ୍ୟ କର୍ମଚାରୀ ନିଯୁକ୍ତି ଦାବିରେ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଯାଇଛି। ଠିକଦାର ସଂଘ ସଭାପତି ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବିଭିନ୍ନ ସ୍ଲୋଗାନ ଦେଇ ଅଫିସ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ରାସ୍ତା ଓ ଗୃହ ବିଭାଜନ ବିଭାଗ ଏସ୍‌ଡିଓ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ନିଷ୍କର୍ଷ ବାହାରି ନ ଥିବାରୁ ଆଗକୁ ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। ପୂର୍ବାହ୍ନ ୧୦ଟାରୁ କାର୍ଯ୍ୟାଳୟରେ ତାଲା ପକାଇ ଠିକାଦାର ସଂଘର ବହୁ ସଦସ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଠିକାଦାର ସଂଘକୁ ସମର୍ଥନ ଜଣାଇ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ମଧ୍ୟ ଧାରଣାରେ ବସିଥିଲେ। ମାସ ମାସ ଧରି ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ନିଯୁକ୍ତି ହେଉ ନ ଥିବାରୁ ଜିଲାର ବିକାଶ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି। ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ। ଦେବଗଡ଼ ଅଧୀକ୍ଷଣ ଯନ୍ତ୍ରୀଙ୍କ ବଦଳି ପରେ ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ବିଭୁପ୍ରସାଦ ଲେଙ୍କାଙ୍କୁ ଦେବଗଡ଼ ଜିଲା ପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କିନ୍ତୁ ସେ ଦେବଗଡ଼ ଆସୁନାହାନ୍ତି ଏବଂ ଦେବଗଡ଼ର ଠିକାଦାର ସମ୍ବଲପୁର ଦେଖା କରିବାକୁ ଗଲେ ଦେଖା ଦେଉ ନ ଥିବା ଅଭିଯୋଗ ହୋଇଛି। ମାର୍ଚ୍ଚ ୨ ତାରିଖ ସୁଦ୍ଧା ଠିକାଦାର ସଂଘର ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ଦାବି ପୂରଣ ହୋଇ ନ ଥିବାରୁ ସୋମବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ମୁଖ୍ୟ ଫାଟକରେ ତାଲା ପଡିଥିବାରୁ ଅଫିସ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆନ୍ଦୋଳନରେ ବରିଷ୍ଠ ଠିକଦାର ପ୍ରସନ୍ନ ବେହେରା, ଇଂ. ଅଜୟ ପ୍ରଧାନ, କିଶୋର ଚନ୍ଦ୍ର ଦାଶ, ମୁରଲୀଧର ବିଶ୍ୱାଳ, ପ୍ରଦୀପ୍ତ ଦେବତା, ନନ୍ଦକିଶୋର ମହାପାତ୍ର, ଇଂ. ନିରଞ୍ଜନ ମହାପାତ୍ର, କ୍ଷୀରୋଦ ବେହେରା, ଇଂ. ତପନ କୁମାର ସାହୁ, ଇଂ. ନିହାର ରଞ୍ଜନ ପଟେଲ, ଇଂ. ଶିବାନନ୍ଦ ଗଡନାୟକ, ଇଂ. କୁମାର ସ୍ୱସ୍ତିକ ମହାପାତ୍ର, ପ୍ରତାପ ଦେବ, ନିରୁପମ ପାଣିଗ୍ରାହୀ, ଅରବିନ୍ଦ ପ୍ରଧାନ, ଚନ୍ଦ୍ରଶେଖର ପ୍ରଧାନ, ଇଂ. ସଚିନ ପ୍ରଧାନ, ଯୁଗଳ କିଶୋର ନାୟକ, ମନୋଜ ସାହୁ, ପ୍ରୀତମ ଦେବ, ଜୟ ନାରାୟଣ ସାହୁ ଏବଂ ଅନେକ ଯୁବ ଠିକାଦାର ଉପସ୍ଥିତ ଥିଲେ।

# ଲିଚୁ ଚାଷ ସମ୍ବନ୍ଧିତ ଉଦ୍ୟାନକୃଷି କର୍ମଶାଳା



କୃଷି କର୍ମଶାଳାରେ ଉପସ୍ଥିତ ଅତିଥି।

**ଦେବଗଡ଼,୩।୩ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଉଦ୍ୟାନ କୃଷି ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଉଦ୍ୟାନ କୃଷି ବିଭାଗ ଅଧୀନ ବାରକୋଟ ଫାର୍ମରେ ଲିଚୁ ଚାଷ ସମ୍ବନ୍ଧିତ ଏକ ଉଦ୍ୟାନ କୃଷି କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏବଂ ବରିଷ୍ଠ ବୈଜ୍ଞାନିକ ମାନଷୀ ଭୋଳ, କୃଷି ବିଜ୍ଞାନ କେନ୍ଦ୍ର ରୋଗପୋକ ବିଶେଷଜ୍ଞ ଡ. କ୍ଷିରୋଦ କୁମାର ବିଶ୍ୱାଳ, ସାମାଜିକ କର୍ମୀ ସନ୍ତୋଷ କୁମାର ସାହୁ, ମୁଜାଫରପୁର ରାଷ୍ଟ୍ରୀୟ ଲିଚୁ ଅନୁସନ୍ଧାନ କେନ୍ଦ୍ର ନିର୍ଦ୍ଦେଶକ ଡ. ବିକାଶ ଦାସ ପ୍ରମୁଖ ମଞ୍ଚାସୀନ ରହି ଲିଚୁ ଚାଷ ସମ୍ବନ୍ଧରେ ଚାଷୀଙ୍କୁ ସଚେତନ କରିଥିଲେ। ଲିଚୁ ଚାଷରେ ରୋଗପୋକ ନିୟନ୍ତ୍ରଣ, ବିଭିନ୍ନ ଜ୍ଞାନ କୌଶଳ ଏବଂ ଲିଚୁ ଚାଷ ଦ୍ୱାରା ଜଣେ ଚାଷୀ କିଭଳି ଲାଭବାନ ହୋଇପାରିବ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବାରକୋଟ ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରତାପ କୁମାର ସୁନାନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରକୋଟ ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦୦ଜଣ ଚାଷୀ ସାମିଲ ହୋଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଉଦ୍ୟାନ କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଦେବଗଡ଼,୩।୩ (ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୫ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୦ଟି ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ଜମି ବିବାଦ, ଜଙ୍ଗଲ ଜମି ପଟ୍ଟା, ସୁଭଦ୍ରା ଯୋଜନା, ମଧୁବାବୁ ପେନସନ ଯୋଜନା ଉପରେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଉପ ଜିଲାପାଳ ପରକ୍ଷିତ ସାହୁ, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କ ପଣ୍ଡକିମାଲ ପରମାଣୁ ଶକ୍ତି ବିଭାଗର କ୍ଷେତ୍ର ପରିଦର୍ଶନ

**ଝାରସୁଗୁଡ଼ା,୩।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଏଲ୍‌ଏନ୍ କଲେଜ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ସମ୍ମାନ ଛାତ୍ରୀଛାତ୍ରମାନଙ୍କୁ ନେଇ କୁଲାବିରା ବ୍ଲକ ଅନ୍ତର୍ଗତ ଭାରତ ସରକାରଙ୍କ ପଣ୍ଡକିମାଲ ପରମାଣୁ ଶକ୍ତି ତଥା ବିରଳ ଖଣିଜ ସନ୍ଧାନ କ୍ଷେତ୍ର ସୋମବାର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ କ୍ଷେତ୍ର ପରିଦର୍ଶନ ସହିତ ବିଜ୍ଞାନର ପ୍ରତ୍ୟକ୍ଷ ଅନୁଭୂତି, ଜିଲାରେ ଅବସ୍ଥିତ ବିରଳ ଖଣିଜ ପଦାର୍ଥ, ତାହାର ଉପଯୋଗ ଓ ଭବିଷ୍ୟତ ସଂରକ୍ଷଣ ଉପରେ ଏକ ସଂପାନରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ପରମାଣୁ ବୈଜ୍ଞାନିକ ଅଙ୍କିତ କୁମାର ଗୁପ୍ତା, ଡାକ୍ତର ଜଳନ୍ଧର, ଦିପାୟନ ସାହୁ, ଆୟୁଷ କୁମାର ଓ ରନ୍ଦିପ ତିୱାରୀ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରକଳ୍ପ ତଥା ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ କୁଇଜ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ରସାୟନ ବିଜ୍ଞାନ ଛାତ୍ର ଆଶୁତୋଷ ପଣ୍ଡା, ଦ୍ୱିତୀୟ ସ୍ଥାନରେ ପଦାର୍ଥ ବିଜ୍ଞାନ ଛାତ୍ରୀ ସଙ୍ଗୀତା ପ୍ରଧାନ ଓ ତୃତୀୟ ସ୍ଥାନରେ ପଦାର୍ଥ ବିଜ୍ଞାନ ଛାତ୍ରୀ ନନ୍ଦିନୀ ପ୍ରଧାନ ପୁରସ୍କାର ଲାଭ କରିଥିଲେ। କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ ପ୍ରାଧ୍ୟାପିକା ସୌଦାମିନୀ ପାଣ୍ଡେ, ଅଧ୍ୟାପକ ବିଜେନ୍ଦ୍ର ଜ୍ୟୋତିଷ, ଅଧ୍ୟାପକ ଭାରତ ଭବେଶ ପତି, ଅଧ୍ୟାପିକା ପ୍ରିୟଦର୍ଶିନୀ ସିଂ, ଅଧ୍ୟାପିକା ପୂର୍ଣ୍ଣିମା ଚୌଧୁରୀ, ବିଜ୍ଞାନ ସହାୟକ ହିତେଶ୍ୱର ବିରତିଆ, ମୁକେଶ କୁମାର ମେହେର ଓ ମନୋହର ପଟ୍ଟନାୟକ ଯୋଗଦାନ କରିଥିଲେ।

# ବାଲ୍ୟବିବାହ ରୋକିଲା ଜିଲା ପ୍ରଶାସନ

**ବେଦିରୁ ଉଠାଇନେଲେ, ବର ଥାନାରେ ଅଟକ**

**ଦେବଗଡ଼,୩।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ ଜିଲା ପରିଚୟ ଦେବାକୁ ଜିଲା ପ୍ରଶାସନ ପ୍ରସ୍ତୁତ ହେଉଥିବା ବେଳେ ଚାଇଲ୍ଡ ହେଲ୍ପ ଲାଇନ ନମ୍ବର ୧୦୯୮କୁ ଫୋନ ଯୋଗେ ଲଇମୁରା ଅଞ୍ଚଳର ପାଣିଭଣ୍ଡାର ଗ୍ରାମରେ ଏକ ବାଲ୍ୟବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ଅଭିଯୋଗ ଆସିଥିଲା। ଖବର ପାଇ ତିଲେଇବଣି ସିଡିପିଓ ତଥା ବାଲ୍ୟବିବାହ ନିଷେଧ ଅଧିକାରିଣୀ ବନ୍ଦିତା ରାଉତରାୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ଚାଇଲ୍ଡ ଲାଇନ, ସଖୀ କେନ୍ଦ୍ରର କର୍ମକର୍ତ୍ତା ଓ ଲଇମୁରା ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବାଲ୍ୟବିବାହକୁ ରୋକିଥିଲେ। ବାଲ୍ୟବିବାହ ନିଷେଧ ଅଧିକାରିଣୀ ବନ୍ଦିତାଙ୍କ ଏତଲାକ୍ରମେ ବରଙ୍କୁ ବେଦୀରୁ ଉଠାଇ ଥାନାରେ ଅଧିକ ତଦନ୍ତ ପାଇଁ ଅଟକ ରଖାଯାଇଛି। ନାବାଳିକାଙ୍କୁ ଉଦ୍ଧାର କରାଯାଇ ସଖୀ କେନ୍ଦ୍ରରେ ଆନୁଷ୍ଠାନିକ ଯତ୍ନ ମଧ୍ୟରେ ରଖାଯାଇଛି। ମଙ୍ଗଳବାର ସଖୀ କେନ୍ଦ୍ର ଓ ଚାଇଲ୍ଡ ଲାଇନ ପକ୍ଷରୁ ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ଉପସ୍ଥାପନ କରାଯିବ। ସୂଚନାଯୋଗ୍ୟ ଯେ, କିଛି ଦିନ ତଳେ କୁଚିଣ୍ଡାର କୁସୁମି ଅଞ୍ଚଳର ଜିତୁ ଶବରଙ୍କ ସହ ପାଣିଭଣ୍ଡାର ଅଞ୍ଚଳର ଜଣେ ନାବାଳିକା ନିର୍ବନ୍ଧ କରିଥିଲେ। ନିର୍ବନ୍ଧ ଖବର ପାଇ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଓ ୱାର୍ଡମେମ୍ବର ଝିଅର ବୟସ ୧୭ ବର୍ଷ ହୋଇଥିବାରୁ ସେମାନଙ୍କୁ ବାଲ୍ୟ ବିବାହରୁ ନିବୃତ୍ତ ରହିବାକୁ ବୁଝାଶୁଝା କରିଥିଲେ। ହେଲେ ମହୁଲପଦା ଥାନାରେ କାର୍ଯ୍ୟରତ ଝିଅର ମାମୁ ପୋଲିସ କଥା ମୁଁ ବୁଝିବି କହି ନିର୍ଭୟରେ ବିବାହକୁ ସମ୍ପନ୍ନ କରିବାକୁ ଆଶ୍ୱାସନା ଦେଇ ଭାଣିଜୀଙ୍କ ବାହାଘର ପାଇଁ ଲାଗିପଡ଼ିଥିଲେ। ସୋମବାର କୁଚିଣ୍ଡାର କୁସୁମି ଗ୍ରାମରୁ ବାଜା ବରଯାତ୍ରୀ ସହ ବର ଆସି ପହଞ୍ଚିଥିଲେ। ବାହାଘର ପାଇଁ ମଣ୍ଡପ ସଜ୍ଜା ହୋଇଥିଲା। ବରଯାତ୍ରୀ, ସାହି ସମାଜ, କୁଣିଆମାନେ ମଧ୍ୟ ଭୋଜି ଖାଇବା ଆରମ୍ଭ କରି ଦେଇଥିଲେ। ଏହି ସମୟରେ ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଚାଇଲ୍ଡ ଲାଇନ ପକ୍ଷରୁ ପୋଲିସ ସହାୟତାରେ ଅଚାନକ ପହଞ୍ଚି ବାଲ୍ୟବିବାହକୁ ପ୍ରତିହତ କରାଯାଇଥିଲା। ବାଲ୍ୟ ବିବାହକୁ ବନ୍ଦ କରିବା ସମୟରେ ବିଭାଗୀୟ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁଙ୍କ ସମେତ ଲଇମୁରା ଥାନା ଅଧିକାରୀ ପଙ୍କଜ ମାଝି, ସଖୀ କେନ୍ଦ୍ରର ଜ୍ୟୋତିର୍ମୟୀ ସାହୁ, ସୁନିତା ପ୍ରଧାନ, ଚାଇଲ୍ଡ ଲାଇନର ଲିଙ୍ଗରାଜ ପ୍ରଧାନ, ସୁଜିତ ନାୟକ, ପିଙ୍କୁ ମୁଣ୍ଡା, ତପସ୍ୱିନୀ ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ ସାମୂହିକ, ୫୨ ବ୍ୟକ୍ତିଗତ ଅଭିଯୋଗର ଶୁଣାଣି

**ଝାରସୁଗୁଡ଼ା,୩।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ମୁଖ୍ୟାଳୟଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୬୬ଟି ଅଭିଯୋଗରୁ ୧୪ଟି ସାମୂହିକ ଓ ୫୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଶିବିରରେ କୁମୁଡ଼ାପାଲି ମୌଜାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅଧିଗୃହୀତ ଚାଷଜମି ପାଇଁ ବର୍ତ୍ତମାନ ଦରରେ ସର୍ବୋଚ୍ଚ ମୂଲ୍ୟ ଧାର୍ଯ୍ୟ କିମ୍ବା ୪(୧) ନୋଟିସ ଖାରଜ କରାଯିବା, ଗୋଆଠାରେ ଅନୁଷ୍ଠିତ ହେବାକୁ ଥିବା ଅଲ୍ ଇଣ୍ଡିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ଝାସୁଗୁଡ଼ାର ଖେଳାଳି ଅଂଶ ଗ୍ରହଣ ସକାଶେ ଆର୍ଥିକ ସହାୟତା ପ୍ରଦାନ, ତାଳମାଲରୁ ମଙ୍ଗଲୁପଡ଼ାକୁ ପକ୍କା ସଡ଼କ ନିର୍ମାଣ ଓ ଦେବାଡ଼ିହିରେ ବେଆଇନ ଭାବେ ପୌର ପାଳିକା ରାସ୍ତା ଅବରୋଧ ପୂର୍ବକ ପାଚେରି ନିର୍ମାଣ ବନ୍ଦ କରାଯିବା ଆଦି ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ମଧ୍ୟ ଶୁଣାଣି କରାଯାଇଥିଲା। ଶିବିରରେ ୨ଜଣଙ୍କୁ ଚିକିତ୍ସା ବାବଦକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଦିବ୍ୟାଙ୍ଗଙ୍କୁ ବିବାହ ପାଇଁ ପ୍ରୋତ୍ସାହନ ରାଶି ବାବଦକୁ ଜଣେ ଦମ୍ପତିଙ୍କୁ ଅଢ଼େଇ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅଭିଯୋଗ ସମ୍ବନ୍ଧରେ ତର୍ଜମା ପୂର୍ବକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


ଜିଲା ମୁଖ୍ୟାଳୟଠାରେ ଲୋକଙ୍କ ଅଭିଯୋଗର ଶୁଣାଣି କରାଯାଉଛି।

# ଷଷ୍ଠଦଶ ଲଖନପୁର ଲୋକ ମହୋତ୍ସବ-ତିହାର ୨୦୨୫ ପାଇଁ କଳସ ଶୋଭାଯାତ୍ରା

**ଝାରସୁଗୁଡ଼ା,୩।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁରର ଷଷ୍ଠଦଶ ଲଖନପୁର ଲୋକ ମହୋତ୍ସବ-ତିହାର ୨୦୨୫ର ପାଇଁ କଳସ ଶୋଭାଯାତ୍ରା ସୋମବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ଲଖନପୁରସ୍ଥିତ ମା' ସମଲେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରିବା ପରେ ଉକ୍ତ ମାଙ୍ଗଳିକ ଶୋଭାଯାତ୍ରା ପ୍ରାରମ୍ଭ ହୋଇଥିଲା। ଜଗନ୍ନାଥ ମନ୍ଦିର ପାର୍ଶ୍ୱସ୍ଥ ପ୍ରଭାହିତ ଝରଣାରୁ କଳସଧାରୀ ମହିଳାମାନେ ପବିତ୍ର ଜଳ ସଂଗ୍ରହ କରି ପରେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ପରେ ଶୋଭାଯାତ୍ରା ବାହାରି ବସ୍ତି ଅଞ୍ଚଳ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ପାର୍ଶ୍ୱ ଦେଇ ମା' ସମଲେଶ୍ୱରୀ ମହୋତ୍ସବ ପଡ଼ିଆଠାରେ ଶେଷ କରିଥିଲେ। ଶେଷରେ ମହୋତ୍ସବ ଶୁଭସ୍ତମ୍ଭ ପ୍ରତିଷ୍ଠା ବିଧିବଦ୍ଧ ଭାବେ ସ୍ଥାପନ କରାଯାଇଥିଲା। ଏଥିରେ ପୀତାମ୍ବର ମିଶ୍ରଙ୍କ ଅଗ୍ରଣୀରେ ତଥା କର୍ତ୍ତା ଶଶିଭୂଷଣ ପାତ୍ର ଏବଂ ପୂଜକ ଜନାର୍ଦ୍ଦନ ପଣ୍ଡାଙ୍କ ସହିତ ପୂଜାରୀ ପ୍ରେମାନନ୍ଦଙ୍କ ମାଧ୍ୟମରେ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା। ଏତଦ୍ ବ୍ୟତୀତ ସମ୍ପାଦକ ଭାସ୍କର ଗର୍ଡିଆ, ସାଂସ୍କୃତିକ ସମ୍ପାଦକ ନରୋତ୍ତମ ପଧାନ, ମହେନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ବେନିଆ, ଦିପକ ତନସନା, ଗନେଶରାମ ଧୁରୁଆ ପ୍ରମୁଖ ଶୋଭାଯାତ୍ରାରେ ଭାଗ ନେଇଥିଲେ। ବିଶେଷ ଭାବେ ଭଅଁରଖୋଲ ଗ୍ରାମର ଜୟ ଜଗନ୍ନାଥ ଯାତ୍ରା ସମ୍ପ୍ରଦା ମଣ୍ଡଳୀ ଶୋଭାଯାତ୍ରାର ମାଙ୍ଗଳିକ ବାଦ୍ୟ ପରିବେଷଣ କରିଥିଲେ।


ଆୟୋଜିତ କଳସ ଶୋଭାଯାତ୍ରା।

## ଜେଏନ୍ ଟାଟାଙ୍କ ଜୟନ୍ତୀ ପାଳିତ

**ଝାରସୁଗୁଡ଼ା,୩।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟିଆରଏଲ କ୍ରୋସାକି କମ୍ପାନୀ ପକ୍ଷରୁ ଟାଟା ପାର୍କଠାରେ ଟାଟା ଶିଳ୍ପ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଜେଏନ୍ ଟାଟାଙ୍କ ୧୮୬ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ସ୍ୱର୍ଗତ ଜେଏନ୍ ଟାଟା ଶିଳ୍ପ ଅନୁଷ୍ଠାନର ପ୍ରତିଷ୍ଠାତା ସହିତ ଭାରତ ଇତିହାସରେ ଶିଳ୍ପର ଶ୍ରଷ୍ଟା ଭାବେ ସ୍ୱତନ୍ତ୍ର ପରିଚିତ ସୃଷ୍ଟି କରିପାରିଥିଲେ। ଭାରତ ବିକାଶ କ୍ଷେତ୍ରରେ ଜେଏନ ଟାଟାଙ୍କ ଅନେକ ଅବଦାନ ରହି ଥିବାରୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମ ଦିନକୁ ଥାର୍ଡ଼ ମାର୍ଚ୍ଚ ଭାବେ ପାଳନ କରାଯାଇଥାଏ। ଏଥିରେ ଟିଆରଏଲ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକଙ୍କ ସମେତ ବରିଷ୍ଠ ଅଧିକାରୀ ଡ. ତାରାପଦ ଦାଶ, ଏମଭି ରାଓ, ଡା. ତୁଷାରକାନ୍ତି ଦାଶ, ଡ. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଟାଟା ଗ୍ରୁପର ବରିଷ୍ଠ ଅଧିକାରୀ ଅଶୋକ ତ୍ରିପାଠୀ, କ୍ରିଷ୍ଣେନ୍ଦୁ କୁମାର, ଅମିତ ବଣିକ, ଟିଆରଏଲ କ୍ରୋସାକି ଶ୍ରମିକ ସଂଘର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସାଧାରଣ ସମ୍ପାଦକ ରାଜକିଶୋର ରାଉତ, ଜାଗୃତି ମହିଳା କ୍ଲବର ଅନିତା ନାଏକ, କ୍ରିଷ୍ଣା ସାହୁ, ବର୍ଷୀୟାନ ନାଗରିକ ସଂଗଠନର କହ୍ନେଇ ଚରଣ ସେଠ, ସଚ୍ଚିଦାନନ୍ଦ ପଣ୍ଡା, ସୁରେଶ ପ୍ରଧାନ, ଗଣେଶ ଭୋଇ, କୁଳମଣି ବଗାର, ଗୋକୁଳାନନ୍ଦ ପ୍ରଧାନ, ସରୋଜ ମିର୍ଦ୍ଧା, ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଜେଏନ୍ ଟାଟାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ରାତ୍ରି କ୍ରିକେଟ୍ ଟୁର୍ନାମେଣ୍ଟ ମାର୍କେଟ୍ ବୟଜ୍ ଟିମ୍ ଚାମ୍ପିୟନ

**ଝାରସୁଗୁଡ଼ା,୩।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ର ମାର୍କେଟ୍ ବୟଜ୍ ଆସୋସିଏଶନ୍ ଦ୍ୱାରା ଆୟୋଜିତ ୯ତମ ରାତ୍ରି କ୍ରିକେଟ୍ ଟୁର୍ନାମେଣ୍ଟ "ଗୁମାଡେରା କପ୍ ୨୦୨୫" ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ବେଲପାହାଡ଼ ଅଞ୍ଚଳର ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଉଭୟ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲରେ ପ୍ରିୟାଂଶୁ ଏକାଦଶ ପେଣ୍ଟର ଜୁନିୟରକୁ ୧୫ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ମାର୍କେଟ ବଏଜ୍ ଦଳ ମିଧା ବ୍ରଦର୍ସଙ୍କୁ ୫ ଲୁଇକେରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ୍‌ରେ ମାର୍କେଟ୍ ବୟଜ୍ ଦଳ ପ୍ରିୟାଂଶୁ ଏକାଦଶକୁ ୨୩ ରନ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ୍ ମାର୍କେଟ୍ ବୟଜ୍ ଦଳକୁ ଟ୍ରଫି ସହିତ ୨୧,୧୧୧ ଟଙ୍କା ନଗଦ ଏବଂ ରନର୍ ଅପ୍ ଦଳ ପ୍ରିୟାଂଶୁ ଟ୍ରଫି ସହିତ ୧୫,୫୫୫ ଟଙ୍କା ନଗଦ ପୁରସ୍କାର ଦିଆଯାଇଥିଲା। ଅକ୍ଷୟ ଛତ୍ରିୟା (ଚାର୍ଲି) ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିବା ବେଳେ ଆନନ୍ଦ ଦୁବେ ଶ୍ରେଷ୍ଠ କ୍ଷେତ୍ରରକ୍ଷକ, ଜଗଜିତ ମହାନ୍ତି ଶ୍ରେଷ୍ଠ ବୋଲର, ଲୁଡୁ ପାଣ୍ଡେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଶ୍ରେଷ୍ଠ କ୍ୟାଚ ପାଇଁ ସୁନିଲ ଅଗ୍ରୱାଲ ଏବଂ ଶୃଙ୍ଖଳା ଦଳ ଭାବେ ମିଦା ବ୍ରଦର୍ସ ଦଳକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବେଲପାହାଡ଼ ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ମେହେର ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡା ସଙ୍ଗଠକ ହମିଦ କୁମାର ମହାପାତ୍ର, ଶିକ୍ଷକ ଯୁବରାଜ ସିଂହ, ଜିଲା ପ୍ରେସ ଆସୋସିଏଶନ ସଭାପତି ସନ୍ତୋଷ ମିଶ୍ର, ଡକ୍ଟର ସୁବାଷ ପ୍ରଧାନ, ଫଗୁ ବଂଶଲ, ସନ୍ତୋଷ ସାହୁ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାଷ୍ୟକାର ବିକାଶ ଶର୍ମା, ଏମ.ଡ଼ି ଅଲତାପ, ସ୍କୋରର ରାଜେଶ ଜେନା, ସଞ୍ଜିବ ବେହେରା ଏବଂ ଅମ୍ପାୟର ସୁଶାନ୍ତ ଲେଙ୍କା, ସୁଜିତ ଗୁପ୍ତା ଦାୟିତ୍ୱ ସମ୍ପାଦନା କରିଥିଲେ। ଆନନ୍ଦ ଦୁବେ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକଙ୍କ ମଧ୍ୟରେ ମାର୍କେଟ ବୟଜ୍ ଆସୋସିଏଶନ ସଭାପତି ନବୀନ ଅଗ୍ରୱାଲ, ସମ୍ପାଦକ ଶିବମ୍ ଦୁବେ, ହରପ୍ରୀତ ସିଂହ, ସୁନୀଲ ଅଗ୍ରୱାଲ, ସହରୁକ ମିଞ୍ଜା, ଆନନ୍ଦ ଦୁବେ, ଗୋବିନ୍ଦ ଗୁପ୍ତା, ସୁନୀଲ ଗୁପ୍ତା, ଏମଡି ଇଜାଜ, ଜିତେନ୍ଦର ରାୟ, ରାଜେଶ ଗର୍ଗ, ରାକେଶ ଅଗ୍ରୱାଲ ଏବଂ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ବିଜୟୀ ଦଳର ଖେଳାଳି।

## ସରଗଡାରୁ ବଡଙ୍ଗୋମୁଣ୍ଡା ରାସ୍ତା ଶୋଚନୀୟ

**ଗୁଡଭେଲା, ୩।୩(ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ସରଗଡା ଗ୍ରାମଠାରୁ ବଡଙ୍ଗୋମୁଣ୍ଡା ସ୍କୁଲ ପର୍ଯ୍ୟନ୍ତ ମାଟିରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। କିଛି ଦିନ ତଳେ ଏହି ରାସ୍ତାରେ ବ୍ଲକ ପ୍ରଶାସନ ପକ୍ଷରୁ ସାମାନ୍ୟ ମୋରମ ବିଛା ଯାଇ ଲକ୍ଷଲକ୍ଷ ଟଙ୍କା ବିଲ୍ କରାଯାଇଥିଲା। କିନ୍ତୁ ଉକ୍ତ ମୋରମ ଏବେ ଏଣେତେଣେ ହୋଇଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟତ କରିବା କଷ୍ଟକର ହୋଇପଡିଛି। ସରଗଡା ଗ୍ରାମର ଛାତ୍ରୀଛାତ୍ର ସହ ଲୋକେ ରାସ୍ତାରେ ପଡି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଗୁଡଭେଲା ବିଡିଓ ରାମଦତ୍ତ ଭୋଇଙ୍କୁ ପଚାରିବାରୁ କହନ୍ତି, କଣ ହୋଇଛି ଦେଖିବା। ପରେ ଆଇନ ଅନୁଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଅଚଳ ହୋଇପଡ଼ିଛି ଜଳ ଯୋଗାଣ ପ୍ରକଳ୍ପ

## ଗ୍ରାମବାସୀ ପାନୀୟ ଜଳ ପାଇଁ ହନ୍ତସନ୍ତ

**ଲାଠୋର, ୩।୩ (ଭୁବନେଶ୍ୱର ବାରିକ)**



ଅଚଳ ହୋଇ ପଡ଼ିଥିବା ସୁନାମୁଦି ଜଳ ଯୋଗାଣ ପ୍ରକଳ୍ପ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅଧିନ ସୁନାମୁଦି ଗ୍ରାମରେ ଥିବା ସ୍ୱଚ୍ଛ ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ସେଥିପ୍ରତି କାହା ନଜର ପଡୁ ନ ଥିବା ଅଭିଯୋଗ ହେଉଛି। ଦୁଇ ୱାର୍ଡ଼ ବିଶିଷ୍ଟ ଉକ୍ତ ଗ୍ରାମରେ ୨୫୯ ପରିବାର ବସବାସ କରୁଛନ୍ତି। ଗ୍ରାମର ଲୋକସଂଖ୍ୟା ୧୨ଶହରୁ ଉର୍ଦ୍ଧ୍ୱ। ଗ୍ରାମବାସୀଙ୍କ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇ ଓଭର ହେଡ୍ ଟ୍ୟାଙ୍କରୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ହେଲେ ପ୍ରାୟ ୨୦ ଦିନରୁ ଉର୍ଦ୍ଧ୍ୱ ହେବ ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଗ୍ରାମବାସୀ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ମଚାରୀ ତଥା ଟୋଲ ଫ୍ରି ନମ୍ବରକୁ ଫୋନକରି ସମସ୍ୟା ଉପରେ ଅବଗତ କରିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସମାଧାନ ହୋଇପାରି ନାହିଁ। ବର୍ତ୍ତମାନ ତାତି ବଢିବା ସାଙ୍ଗକୁ ପାନୀୟଜଳର ଆବଶ୍ୟତା ମଧ୍ୟ ବଢି ଚାଲିଛି। ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଥିବା ହେତୁ ଗ୍ରାମବାସୀ ବାଧ୍ୟ ହୋଇ ଦୂଷିତ ନଳକୂପ ଏବଂ ଖୋଲା କୂଅରୁ ଜଳ ସଂଗ୍ରହ କରି ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଫଳରେ ସେମାନେ ନାନାପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଖପ୍ରାଖୋଲ ଗ୍ରାମ୍ଯ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ ଘଟଣା ବିଷୟରେ ଖବରପାଇ ନାହିଁ। କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ତେବେ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସେବା କାର୍ଯ୍ୟକ୍ରମରେ ଭାରତ ସ୍କାଉଟ୍ସ ଗାଇଡ୍ସ



ସେବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ସ୍ୱେଚ୍ଛାସେବୀ।

**ଟିଁଟିଲାଗଡ଼ ୩।୩(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଁଟିଲାଗଡ଼ ବ୍ଲକରେ ଭାରତ ସ୍କାଉଟ୍ସ ଗାଇଡ୍ସର ସେବା କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକ ସଂଯୋଜିକା ପଦ୍ମଜା ନନ୍ଦିନୀ ବହିଦାରଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମୁଦାୟ ୫ଟି ସ୍କୁଲରୁ ୪୦ ସ୍କାଉଟ୍ସ, ଗାଇଡ୍ସ ଓ ୨ଜଣ ଗାଇଡର୍, ୪ ସ୍କାଉଟର୍ ଅଂଶଗ୍ରହଣ କରି ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଜଳବଣ୍ଟନ, ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସୂଚାରୁ ରୂପେ ତୁଲାଇଥିଲେ। ପ୍ରଥମ ଦିନରେ ଭାରତ ସ୍କାଉଟ୍ସ ଗାଇଡ୍ସ ଜିଲା ସଂଯୋଜକ ବିନୋଦ ମହାପାତ୍ର, ଜିଲା ତାଲିମଦାତ୍ରୀ, ବ୍ଲକ ସଂଯୋଜିକା ପଦ୍ମଜା ନନ୍ଦିନୀ ବହିଦାର, ଭାରତ ସ୍କାଉଟ୍ସ ଗାଇଡ୍ସର ଶ୍ୟାମସୁନ୍ଦର ମହାପାତ୍ର, ଟିଁଟିଲାଗଡ ସରସତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସ୍କାଉଟ୍ସ, ଗାଇଡ୍ସ ତଥା ସ୍କାଉଟର୍ ଗାଇଡର୍‌ମାନଙ୍କର କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ସହ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ୩ୟ ଦିବସରେ ଭୂପତି ବାରିକ, ଦଧିବାବନ ଧବଳେଶ୍ୱର ଟ୍ରଷ୍ଟ କୋଷାଧ୍ୟକ୍ଷ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହି ସେବା କାର୍ଯ୍ୟକ୍ରମକୁ ବ୍ଲକର କାଞ୍ଚନଲତା ବାରିକ ଗାଇଡର୍, ସରସତୀ ଶିଶୁ ବିଦ୍ୟା ମନ୍ଦିର, ଅମିୟ ମିଶ୍ର, ସ୍କାଉଟର୍, ସରସତୀ ଶିଶୁ ବିଦ୍ୟା ମନ୍ଦିର, ଦନାର୍ଦନ ପାଣ୍ଡେ, ସ୍କାଉଟର୍ ସରକାରୀ ଉଚ୍ଚ ବିଦ୍ୟାଳୟ,ବିନେକେଲା, ଅଶୋକ କୁମାର୍ ଡୁଡୁକା, ସ୍କାଉଟର୍, ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ, ଟିଁଟିଲାଗଡ, ଦିବ୍ୟରଞ୍ଜନ ପଣ୍ଡା, ସ୍କାଉଟର୍ ୟୁ.ଜି. ହାଇସ୍କୁଲ, ଶଗଡଘାଟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଡୁରେକେଲା କ୍ଲଷ୍ଟରରେ ବାର୍ଷିକ ଉତ୍ସବ



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରଙ୍କ ସହ ଅତିଥି।

**କଣ୍ଟାବାଞ୍ଜି, ୩।୩(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ଡୁରେକେଲା କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଡୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ବଗବାହାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁନି ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ଼ ମୁଖ୍ୟ ଅତିଥି, ସିଆରସିସି ବିରଞ୍ଚି ନାରାୟଣ ଦାଶ ମୁଖ୍ୟବକ୍ତା, ମାନ୍ଦଲା ସିଆରସିସି ଧନସିଂ ମାଝୀ, ବନ ଅଧିକାରୀ ଗୋବର୍ଦ୍ଧନ ପଟେଲ, କ୍ଷମା ରଣା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସେହିପରି ଡୁରେକେଲା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଡୁରେକେଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀରଚରଣ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସରପଞ୍ଚ ଜଳନ୍ଧର ମହାକୁଡ଼ ମୁଖ୍ୟଅତିଥି, ସିଆର୍‌ସିସି ବିରଞ୍ଚି ନାରାୟଣ ଦାଶ ମୁଖ୍ୟବକ୍ତା, ଲର୍କି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ରଥ, ମାଧବୀଲତା ସାହୁ, ବିଦ୍ୟାଳୟ କମିଟିର ସଭାପତି ହରି ବାଗ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ମେହେର ସଭା ପରିଚାଳନା ଓ ଶିକ୍ଷୟିତ୍ରୀ ଧରିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଘରୋଇ କ୍ଲିନିକରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଚଢ଼ାଉ

### ବେଆଇନ ଗଚ୍ଛିତ ଔଷଧ ନମୁନା ସଂଗ୍ରହ

**ଲୋଇସିଂହା, ୩।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଭାଲିଆମୁଣ୍ଡା ସାପ୍ତାହିକ ବଜାର ନିକଟସ୍ଥ ସରକାରୀ ଜମି ଉପରେ ବେଆଇନ ଭାବେ ଏକ ଘରୋଇ କ୍ଲିନିକ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ କ୍ରମେ ସୋମବାର ବଲାଙ୍ଗୀର ଡ୍ରଗ୍ସଇନ୍ସପେକ୍ଟର ବାବୁଲାଲ ଗୁଡୁ କ୍ଲିନିକରେ ଚଢାଉ କରି ଗଚ୍ଛିତ ଥିବା ଔଷଧ ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ନେଇଛନ୍ତି। କ୍ଲିନିକକୁ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ଖୋଲିଛନ୍ତି। ସକାଳ ଓ ସନ୍ଧ୍ୟାରେ ଡାକ୍ତର ବସି ରୋଗୀ ଦେଖୁଥିବାବେଳେ ବାକି ସମୟରେ କେତେକ ଅନଭିଜ୍ଞ ବ୍ୟକ୍ତି ରୋଗୀ ଦେଖିଥାନ୍ତି। ଉକ୍ତ କ୍ଲିନିକ ନାମରେ ବିଭିନ୍ନ ସମୟରେ ଅନେକ ଅଭିଯୋଗ ରହିଛି। ଅଭିଯୋଗ ହେବାପରେ ସୋମବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରମେଶଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଉପସ୍ଥିତିରେ ଲୋଇସିଂହା ତହସିଲଦାର ସଂଘମିତ୍ରା କାଲୋ, ଡ୍ରଗ୍ସଇନ୍ସପେକ୍ଟର ଗୁଡୁ ଏବଂ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଶେଖରଲାଲ ପଧାନ ପ୍ରମୁଖ ଚଢାଉ କରିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

## ଭାଗନେଲେ ୭୮ ଛାତ୍ରୀ

**ମୁରିବାହାଲ, ୩।୩ (ଶ୍ରୀବସ୍ଥ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟଠାରେ ସୋମବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ୭୮ଛାତ୍ରୀ ତାଲିମ ନେବା ପାଇଁ ଭାଗନେଇଥିଲେ। ଏହି ଅବସରରେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଏଥିରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶ୍ରୀବସ୍ଥ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଆତ୍ମ ସୁରକ୍ଷା ପାଇଁ ଛାତ୍ରୀମାନେ ନିର୍ଭୟ ହେବା ସହ ଦୃଢ ମନରେ କାର୍ଯ୍ୟ କରିବା ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ମୁରିବାହାଲ ଥାନା ଅଧିକାରୀ ସିପୋରା ସୂରିଆ ଲୁଗୁଲ, ଶିକ୍ଷା ବିଭାଗର ଅଧ୍ୟାପକ ସରିତା ରଣା, ତାଲିମଦାତା ଭାବରେ ମାଷ୍ଟର ଟ୍ରେନର ଯାଜ୍ଞସେନି ମାଝୀ ପ୍ରମୁଖ ଉପସ୍ଥିତ ରହି ଆଇନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ୭ଦିନ ଧରି ହେବାକୁ ଥିବା ତାଲିମ ଶିବିରର କାର୍ଯ୍ୟକ୍ରମକୁ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଯୋଗେଶ୍ୱରୀ ବେହେରା ସଂଯୋଜନା କରିଥିଲେ। ଅଧ୍ୟାପକ ଭୀମରାଓ ରଣା, ଘନଶ୍ୟାମ ଖମାରି, ଗୁଣାସାଗର ମେହେର, ଶରତ ପଧାନ ପ୍ରମୁଖ ସହଯୋଗ କରିଥିବାବେଳେ ଅଧ୍ୟାପିକା ମୀରାବାଈ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल,**
**पथ निर्माण विभाग, देवघर, झारखण्ड**

**सूचना**

इस कार्यालय द्वारा आमंत्रित ई–निविदा प्रसंग संख्या :– NH/Deoghar/JHR/F2/14/2024-25 (2nd Call) दिनांक : 06.02.2025 [PR No. 345917 Deoghar (24-25)_D दिनांक 07.02.2025 को प्रकाशित] अपरिहार्य कारणवश रद्द किया जाता है।

कार्यपालक अभियंता
राष्ट्रीय उच्च पथ प्रमंडल,
देवघर

PR 347601 Deoghar(24-25).D

## ଆୟୁର୍ବେଦାଚାର୍ଯ୍ୟଙ୍କ ପରଲୋକ

**ବଲାଙ୍ଗୀର,୩।୩ (ବୀରେନ୍ଦ୍ର କୁମାର ଝାଙ୍କର)**



ଡା. ଦଶରଥ ମିଶ୍ରଙ୍କ ଫାଇଲ ଫଟୋ।

ବଲାଙ୍ଗୀର ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଆୟୁର୍ବେଦାଚାର୍ଯ୍ୟ, ଜଣାଶୁଣା କବିରାଜ ଡା. ଦଶରଥ ମିଶ୍ର (୮୯)ଙ୍କ ସୋମବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ କିଛିଦିନ ହେଲା ଶଯ୍ୟାଶାୟୀ ହୋଇପଡିଥିଲେ। ସୋମବାର ପୂର୍ବାହ୍ନ ୧୦ଟାରେ ବଲାଙ୍ଗୀର ମାଲପଡା ସ୍ଥିତ ବାସଭବନରେ ତାଙ୍କ ପରଲୋକ ଘଟିଥିଲା। ମୃତ୍ୟୁବେଳକୁ ୩ପୁଅ ଡା. ସନ୍ତୋଷ ମିଶ୍ର, ଡା. ଅଶୋକ ମିଶ୍ର ଏବଂ ପ୍ରେସ୍ କ୍ଲବ୍ ସଭାପତି ଅରୁଣ ମିଶ୍ର, ବୋହୂ, ଝିଅ ପଦ୍ମିନୀ, ନଳିନୀ, ଜ୍ୱାଇଁ ଓ ନାତିନାତୁଣି ଉପସ୍ଥିତ ଥିଲେ। ମାଲପଡା ନାଗରିକ କମିଟି, ଜିଲା ସଂସ୍କୃତ ପରିଷଦ, ବୈଦ୍ୟ ସମାଜ ଏବଂ ବ୍ରାହ୍ମଣ ସମାଜର ପ୍ରତିଷ୍ଠାତା ସଭ୍ୟ ଥିଲେ। ବଲାଙ୍ଗୀର ଆୟୁର୍ବେଦ କଲେଜ ପୁରାତନ ଛାତ୍ର ସଂଘର ଡା. ବାସୁଦେବ ପତି, ଡା. ବିପିନ ବିହାରୀ ମିଶ୍ର, ଡା. ପ୍ରକାଶ ଦାଶ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜ୍ୟେଷ୍ଠପୁତ୍ର ଡା. ସନ୍ତୋଷ ମିଶ୍ର ମୁଖାଗ୍ନି ଦେଇଥିଲେ।

## ଯୁଗ୍ମ ଜନଶୁଣାଣି ଶିବିର

**ଦେଓଗାଁ, ୩।୩ (କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲାପାଳ ଗୌରବ ଶିବାଜୀ ଇସଲୱର, ଉପଜିଲାପାଳ ଆଲୋକ କୁମାର ପଟେଲ, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଏବିଡିଓ ପୁଷ୍ପାଞ୍ଜଳୀ ନାଏକ ଉପସ୍ଥିତ ଥିଲେ। ଜିଲାପାଳ ଶିବିରରେ ୧୬ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

# ପରୀକ୍ଷାର୍ଥୀଙ୍କ ସମୟ ନଷ୍ଟ କଲେ ସୁପରିଣ୍ଟେଣ୍ଡେଣ୍ଟ

## ପାଣି ଟ୍ୟାପ୍ ଭାଙ୍ଗି ଦେବା ଘଟଣା

### ଅଭିଭାବକଙ୍କଠାରୁ ୫ଶହ ଟଙ୍କା ଜରିମାନା ଆଦାୟ

**ଲୋଇସିଂହା, ୩।୩ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ପୁଇଁତଲା ବ୍ଲକ ଜାମଗାଁ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ସୋମବାର ଅଭାବନୀୟ ଘଟଣା ଘଟିଛି। ଜଣେ ପରୀକ୍ଷାର୍ଥୀ ଶୌଚାଳୟ ଯାଇଥିବାବେଳେ ପାଣି ଟ୍ୟାପ ଭାଙ୍ଗି ଯାଇଥିଲା। ଏହାଜାଣି କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ପରୀକ୍ଷାର୍ଥୀଙ୍କୁ ଦୀର୍ଘ ସମୟ ଧରି ବାହାରେ ଅଟକାଇ ରଖି ପରୀକ୍ଷା ସମୟ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏପରିକି ସରକାରୀ ସମ୍ପତ୍ତି ନଷ୍ଟ ଅଭିଯୋଗରେ ସମ୍ପୃକ୍ତ ଛାତ୍ରଙ୍କ ଅଭିଭାବକଙ୍କ ଠାରୁ ୫ ଶହ ଟଙ୍କା ଜରିମାନା ଆଦାୟ ହୋଇଥିବା ଅଭିଯୋଗ ହୋଇଛି। ଜାମଗାଁ ପରୀକ୍ଷା କେନ୍ଦ୍ରରେ ବିଲାଇସର୍ଡା ଓ ବୁବେଲ ହାଇସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ବିଲାଇସର୍ଡା ସ୍କୁଲର ପ୍ରଧାନ ଶିକ୍ଷକ ସ୍ୱାଧୀନ ସାହୁ କହିଛନ୍ତି, ଛାତ୍ରଙ୍କ ଅଭିଭାବକଙ୍କଠାରୁ ଅଭିଯୋଗ ପାଇ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ କଥା ହୋଇଥିଲି। ଟ୍ୟାପ ଭାଙ୍ଗିବା ଘଟଣା ଛାତ୍ର ସ୍ୱୀକାର କରିଥିଲେ। ଛାତ୍ର ଅଭିଭାବକଙ୍କଠାରୁ ମଧ୍ୟ ୫ ଶହ ଟଙ୍କା ଅସୁଲ କରିଥିବା ସୁପରିଣ୍ଟେଣ୍ଡେଣ୍ଟ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ବାଗଙ୍କୁ ପଚାରିବାରୁ କହିଥିଲେ, ଯଦି ଘଟିଲା। ପରୀକ୍ଷାର୍ଥଙ୍କୁ ନ ଅଟକାଇ ପରୀକ୍ଷା ଦେଇଦେବା କଥା। କଣ ହୋଇଛି ମଙ୍ଗଳବାର ଘଟଣା ସଂକ୍ରାନ୍ତରେ ବୁଝିବିବୋଲିକହିଥିଲେ।

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchary Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com
NIT No.: JUIDCO/NIT/RH/Chakuliya/647 Date 03.03.2025
**e-Procurement (Tender Notice)**

| | | |
|---|---|---|
| 1 | Name of Work | Construction of G+2 Recreation Hall at Chakuliya Nagar Panchayat, Chakuliya, East Singhbhum |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 7,72,07,700/- (Rupees Seven Crore Seventy-Two Lakh Seven Thousand and Seven Hundred) only. |
| 4 | Time of Completion | 11 Months (Including Monsoon & Mobilization Period) |
| 5 | Tender Fee and Bid Security to be submitted online | Tender document fee : Rs 25,000/- (Rupees Twenty-Five Thousand) only Non-Refundable. Bid Security : Rs 7,72,500/- (Rupees Seven Lakh Seventy-Two Thousand and Five Hundred) only |
| 6 | Date/Time of Publication of Tender on Website | 04.03.2025 17:00 Hrs |
| 7 | Last Date/Time of Bid Submission | 25.03.2025 17:00 Hrs |
| 8 | Date/Time of opening of Bid | 26.03.2025 11:30 Hrs |
| 9 | Bid Submission Address | Jharkhand Urban Infrastructure Development Company Ltd., JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in

Sd/-
Project Director (Technical)
JUIDCO Ltd, Ranchi

PR 347628 Urban Development and Housing(24-25)D

# ସହଯୋଗ ଫାଉଣ୍ଡେସନ୍ ପକ୍ଷରୁ ରକ୍ତଦାନ ଶିବିର

**ବଲାଙ୍ଗୀର, ୩।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଅଗ୍ରଣୀ ସଙ୍ଗଠନ ସହଯୋଗ ଫାଉଣ୍ଡେସନ୍ ପକ୍ଷରୁ ଭୀମଭୋଇ ମେଡିକାଲ କଲେଜସ୍ଥିତ ରକ୍ତ ବ୍ୟାଙ୍କଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ୩୮ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରରେ ସାମାଜିକ କର୍ମୀ ବିଷ୍ଣୁପ୍ରସାଦ କେଡିଆ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ରକ୍ତଦାନର ଅର୍ଥ ଜୀବନ ଦାନ। ଏହି ମହାନ କାର୍ଯ୍ୟରେ ସାମିଲ ହୋଇ ଅନ୍ୟର ଜୀବନ ବଞ୍ଚାଇବା ଦିଗରେ ଆଗଭର ହେବାକୁ ମୁଖ୍ୟଅତିଥି କେଡିଆ ଅନୁରୋଧ କରିଥିଲେ। ସହଯୋଗ ଫାଉଣ୍ଡେସନ୍‌ର ସକ୍ରିୟ ସଦସ୍ୟ ରାମନାରାୟଣ ଦାଶ, ସୁଦୀପ୍ତ ତ୍ରିପାଠୀ, ତୋଫାନ ପାତ୍ର, ଆର୍ତ୍ତତ୍ରାଣ ପାଢୀ, ଲୀଳାମୟୀ ସାହୁ, ରାଜେଶ ଲଖାନି, ପ୍ରଭାତ ଶ୍ରୀବାସ୍ତବ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ମଗନଲାଲ ପଟେଲ ଏବଂ ଗଜାନନ ଅଗ୍ରୱାଲ ଉପସ୍ଥିତ ରହି ବିଶେଷ ସହଯୋଗ କରିଥିଲେ। ସହଯୋଗ ଫାଉଣ୍ଡେସନର ମହାସଚିବ ପିଙ୍କି ମୋଦି ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଫାଉଣ୍ଡେସନ ପକ୍ଷରୁ ନିୟମିତ ବ୍ୟବଧାନରେ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଆଗକୁ ମଧ ଏହି ଧାରା ଜାରିରହିବ ବୋଲି ସେ କହିଛନ୍ତି। ରବିବାର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଖାଦ୍ୟ ବିତରଣ, ନିଶୁଳ୍କ ଯୋଗ ଏବଂ ଧ୍ୟାନ କ୍ଲାସ, ପ୍ରେରଣା ଶିକ୍ଷଣ, ସ୍ୱାସ୍ଥ୍ୟ ଶିବିର, ଆମ୍ବୁଲେନ୍ସ ସେବା, ପୋଷାକ ଓ ପାଠ୍ୟପୁସ୍ତକ ଦାନ କରାଯାଇଥିଲା।




ସହଯୋଗ ଫାଉଣ୍ଡେସନ୍ ପକ୍ଷରୁ କରାଯାଉଥିବା ରକ୍ତଦାନ ଶିବିର।

**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जमशेदपुर**

ई–अल्पकालिन पुनर्निविदा आमंत्रण सूचना
ई–अल्पकालिन पुनर्निविदा संख्या:- **09/2024-25/RII/STPKG/RWD/EE/JSR**
दिनांक :- **01.03.2025**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र स | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1 | RWD/EE/JSR/STPKG/07/2024-25 | निरूडीह से पलासबानी तक पथ का सुदृढ़ीकरण कार्य। (लम्बाई–1.700 कि0मी0) | 77,06,600.00 | सतहत्तर लाख छः हजार छः सौ रू0 मात्र | 15 माह | तृतीय |
| | | आर0ई0ओ0 रोड से कोलाबरीया तक पथ का सुदृढ़ीकरण कार्य। (लम्बाई–1.350 कि0मी0) | 1,26,95,800.00 | एक करोड़ छब्बीस लाख पन्चानवे हजार आठ सौ रू0 मात्र | | |
| | | बेसारपहाड़ी से चटानीपानी तक पथ का सुदृढ़ीकरण कार्य। (लम्बाई–7.000 कि0मी0) | 4,80,48,500.00 | चार करोड़ अस्सी लाख अड़तालीस हजार पॉच सौ रू0 मात्र | | |
| | | आर0ई0ओ0 रोड से चिंगरा तक पथ का सुदृढ़ीकरण कार्य। (लम्बाई–1.850 कि0मी0) | 1,39,61,200.00 | एक करोड़ उन्चालीस लाख एकसठ हजार दो सौ रू0 मात्र | | |
| | | L063 आर0ई0ओ0 पथ से जामबनी तक पथ का सुदृढ़ीकरण कार्य। (लम्बाई–1.825 कि0मी0) | 94,72,500.00 | चौरानवे लाख बहत्तर हजार पॉच सौ रू0 मात्र | | |
| | कुल | | 9,18,84,600.00 | नौ करोड़अठारह लाख चौरासी हजार छः सौ रू0 मात्र | | |

2. वेबसाईट में निविदा प्रकाशन की तिथि:– **05.03.2025** ।
3. ई–निविदा प्राप्ति की अंतिम तिथि एवं समय:– **19.03.2025** अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– **20.03.2025** अपराह्न 5.00 बजे ।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल,जमशेदपुर

PR 347552 Rural Development(24-25).D

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
No.A-1146

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର**
**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**

ପତ୍ର ସଂଖ୍ୟା. ୩୦୩ ତାରିଖ. ୨୭.୦୨.୨୦୨୫
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ–୦୯/କ୍ଷୁ.ଜ.ବି. ନବରଙ୍ଗପୁର/୨୦୨୪–୨୫
**Bid Identification No. SEMIDNGPUR-09/2024-25**
ଇ–ମେଲ୍ : mingpur@yahoo.in, ଟେଲିଫୋନ ନମ୍ବର : ୦୬୮୫୮–୨୨୨୧୩୦

| | | |
|---|---|---|
| ୧. | କାର୍ଯ୍ୟର ନାମ | : ନବରଙ୍ଗପୁର ଜିଲ୍ଲାରେ ବିଭିନ୍ନ ଆଡ଼ିବନ୍ଧ ମରାମତି କାର୍ଯ୍ୟ ଏବଂ ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ ୨୦୨୪–୨୫ ବର୍ଷ ପାଇଁ। |
| ୨. | ସର୍ବମୋଟ କାମର ସଂଖ୍ୟା | : ୯ (ନଅ) ମାତ୍ର |
| ୩. | ଅଟକଳ ମୂଲ୍ୟ | : ଆନୁମାନିକ ୫.୨୯ ରୁ ୪୯.୬୨ ଲକ୍ଷ |
| ୪. | ଠିକାଦାରଙ୍କ ଶ୍ରେଣୀ | : "ଘ", "ଗ" ଏବଂ "ଖ" ଶ୍ରେଣୀ |
| ୫. | ଟେଣ୍ଡର କାଗଜ ମୂଲ୍ୟ (Online) | : ଟଙ୍କା ୪,୦୦୦.୦୦ ରୁ ଟଙ୍କା ୬,୦୦୦.୦୦ |
| ୬. | ନିଲାମ ସୁରକ୍ଷା (Online) | : ଡି.ଟି.ସି.ଏନ୍. ରେ ଉପଲବ୍ଧ |
| ୭. | କାର୍ଯ୍ୟ ସମାପ୍ତି ସମୟ | : ୦୨ (ଦୁଇ) ମାସ ରୁ ୦୪ (ଚାରି) ମାସ |
| ୮. | ନିଲାମ ଉପଲବ୍ଧତା ତାରିଖ ଓ ସମୟ | : ତା. ୦୪.୦୩.୨୦୨୫ ରିଖ ଦିବା ୧୦:୦୦ ଘଟିକା ଠାରୁ ତା. ୧୦.୦୩.୨୦୨୫ ରିଖ ସନ୍ଧ୍ୟା ୫:୦୦ ଘଟିକା ପର୍ଯ୍ୟନ୍ତ ୱେବ୍‌ସାଇଟ (www.tendersorissa.gov.in) ରେ ଉପଲବ୍ଧ |
| ୯. | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : ତା. ୦୪.୦୩.୨୦୨୫ ରିଖ ଦିବା ୧୦:୦୦ ଘଟିକା ଠାରୁ ତା. ୧୦.୦୩.୨୦୨୫ ରିଖ ସନ୍ଧ୍ୟା ୫:୦୦ ଘଟିକା ପର୍ଯ୍ୟନ୍ତ ଅନ୍‌ଲାଇନ ୱେବ୍‌ସାଇଟ ମାଧ୍ୟମରେ |
| ୧୦. | ନିଲାମ ଖୋଲିବା ତାରିଖ ଓ ସମୟ | : ତା. ୧୧.୦୩.୨୦୨୫ ରିଖ ଦିବା ୧୧:୦୦ ଘଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ |
| ୧୧. | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର, ସ୍ଥାନ/ପୋଷ୍ଟ : ନବରଙ୍ଗପୁର, ଜିଲ୍ଲା : ନବରଙ୍ଗପୁର, ପିନ୍‌କୋଡ୍ – ୭୬୪୦୫୯ |
| ୧୨. | ଓଡ଼ିଶା ସରକାରଙ୍କ ୱେବ୍‌ସାଇଟରେ ଅଧିକ ବିବରଣୀ ଦେଖିବାକୁ ମିଳିବ | : www.tendersorissa.gov.in |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର

OIPR-32294/11/0014/2425

# ୫୮ ଗଭୀର ନଳକୂପକୁ ହେଉନି ବିଦ୍ୟୁତ୍ ସଂଯୋଗ

**ଅମରପାଲି,୩।୩(ପୀତାମ୍ବର ସାହୁ)**

- ଅଭିଯୋଗ କଲେ ଶୁଣୁନାହାନ୍ତି ଅଧିକାରୀ: ଚାଷୀ
- ଖୁବ୍‌ଶୀଘ୍ର ବୋରୱେଲକୁ ହେବ ବିଦ୍ୟୁତ୍ ସଂଯୋଗ: ଯନ୍ତ୍ରୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାଷଜମିରେ ଜଳସେଚନ ପାଇଁ ଖୋଳା ଯାଇଥିବା ଡଇପ ବୋରୱେଲ(ଗଭୀର ନଳକୂପ)ଗୁଡ଼ିକୁ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଫଳରେ ଚାଷୀମାନେ ଚାଷ ପାଇଁ ପାଣି ନ ପାଇ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଅବିଭକ୍ତ ବହଳପଦର ପଞ୍ଚାୟତ ଏକ ଅଣ ଜଳସେଚିତ ଅଞ୍ଚଳ। ଅଞ୍ଚଳର ଚାଷୀମାନେ ୨୦୨୧ ମସିହାରେ ନିଜ ଚାଷ ଜମିରେ ଡିପ୍ ବୋରୱେଲ ଖୋଳିବା ପାଇଁ ୨୦ ହଜାର ଟଙ୍କା ଲେଖାଏ ଜମା କରିଥିଲେ। ଫଳରେ ୨୦୨୨ରେ ପଞ୍ଚାୟତର ୭ଟି ଗ୍ରାମର ଚାଷ ଜମିରେ ୫୮ଟି ଡିପ ବୋରୱେଲ ଖନନ କରାଯାଇଥିଲା। ମାତ୍ର ଏଯାଏ ଏସବୁକୁ ବିଦ୍ୟୁତ ସଂଯୋଗ କରାଗଲା ନାହିଁ। ଏପରିକି ବୋରୱେଲରେ ମୋଟର ବି ଲଗାଯାଇ ନାହିଁ।

ସୂଚନା ଅନୁସାରେ ବହଳପଦର ପଞ୍ଚାୟତର ଅମରପାଲିରେ ୧୨ଟି, ଗୌଡଗାଡରେ ୫ଟି, ବହଳପଦରରେ ୩ଟି, ଭାଲୁଡୁଙ୍ଗୁରିରେ ୯ଟି, ବିଶାଳପାଲିରେ ୧୪ଟି, ପାତ୍ରପାଲିରେ ୩ଟି ଓ ବଡ଼ମାଳରେ ୧୨ଟି ଡିପ ବୋରୱେଲ ଉଠାଜଳ ସେଚନ ବିଭାଗ ଦ୍ୱାରା ଖନନ କରାଯାଇଛି। ବାରମ୍ବାର ବିଦ୍ୟୁତ୍ ସଂଯୋଗ ସହିତ ମୋଟର ଲଗାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କଲେ ମଧ୍ୟ କେହି ଶୁଣୁ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସମାନ ସମୟରେ ଅନ୍ୟ କେତେକ ସ୍ଥାନର ଚାଷଜମିରେ ଡିପ ବୋରୱେଲ ଖନନ କରାଯାଇଥିଲେ ମଧ୍ୟ ସେଠାରେ ବିଦ୍ୟୁତ ସଂଯୋଗ ସହ ମୋଟର ଲଗାଇ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଗଲାଣି। ମାତ୍ର ବହଳପଦର ପଞ୍ଚାୟତର ଚାଷୀଙ୍କୁ ଅବହେଳା କରାଯାଉଛି। ଚାଷୀମାନେ ବିଭାଗୀୟ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ବୋରୱେଲକୁ ବିଦ୍ୟୁତ୍ ସଂଯୋଗ ଓ ମୋଟର ଲଗାଯାଉ ନ ଥିବା ଅଭିଯୋଗ କରିଛନ୍ତି। ଅମରପାଲି ଗ୍ରାମର ଚାଷୀ ବିମ୍ବାଧର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ବିନୋଦ ସେଠୀ ଏହି ପ୍ରକଳ୍ପ ପାଇଁ ଟଙ୍କା ଜମା କରିଥିଲେ। ତାଙ୍କ ଜମିରେ ଡିପ ବୋରୱେଲ ଖୋଲା ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ଓ ମୋଟର ଲଗାଯାଇ ନ ଥିବା ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ସୁକାନ୍ତ ସାମଲଙ୍କୁ ପଚାରିବାରୁ ଯଥାଶୀଘ୍ର ସବୁ ଡିପବୋର ୱେଲ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି। ତେବେ ବିଭାଗ ଯଥାଶୀଘ୍ର ଏହି ସମସ୍ୟାକୁ ଦୃଷ୍ଟି ଦେଇ ଡିପ ବୋରୱେଲକୁ ବିଦ୍ୟୁତ ସଂଯୋଗ କରି ମୋଟର ଲଗାଇ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।



ଏକ ଚାଷଜମିରେ ଖୋଳା ହୋଇଥିବା ଡ଼ିପ୍ ବୋରୱେଲ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବରଗଡ଼,୩।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ରୁନିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। କ୍ଲଷ୍ଟର ସଂଯୋଜକ ଜୟରାଜ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅବସରପ୍ରାପ୍ତ ଶିକ୍ଷକ ଜୀବର୍ଦ୍ଧନ ଭୋଇ ମୁଖ୍ୟଅତିଥି, ଶିକ୍ଷକ କୈଳାସ ଭୁଏ, ନିରଞ୍ଜନ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଭୋଇଙ୍କ ଗୁଣଗାନ କରିଥିଲେ। ଶିକ୍ଷକ କ୍ଷମାସାଗର ମାଝୀ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦଶରଥ ଗଡ଼ତିଆ ମଧ୍ୟ ମଞ୍ଚାସୀନ ଥିଲେ। ରାଉତପଡ଼ା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରକାନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କୁ ପନିକିରେ ହାଣି ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବୌଦ୍ଧ,୩।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ସୋମବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ବାଉଁଶୁଣୀ ଥାନାର ପଲସପାଟ ଗ୍ରାମରେ ଗତ ୨।୭।୪।୨୦୨୩ରିଖରେ ଦଣ୍ଡନାଚ ହେଉଥିଲା। ସୂର୍ଯ୍ୟକାନ୍ତି ପ୍ରଧାନ ନାମକ ଜଣେ ମହିଳା ନାଚ ଦେଖିବାକୁ ଯାଉଥିବା ବେଳେ ଉକ୍ତ ଥାନା ଅଧୀନ କମ୍ପରା ଗ୍ରାମର ଅଭିଯୁକ୍ତ ଉଗ୍ରସେନ ସେଠୀ (୩୨) ମନ୍ଦ ଉଦ୍ଦେଶ୍ୟ ରଖି ଉକ୍ତ ମହିଳାଙ୍କୁ ପାଖକୁ ଆସିବାକୁ ଡାକିଥିଲେ। କିନ୍ତୁ ସୂର୍ଯ୍ୟକାନ୍ତି ନ ଶୁଣିବାରୁ ଉଗ୍ରସେନ ତାଙ୍କ ପାଖକୁ ଯିବାରୁ ସୂର୍ଯ୍ୟକାନ୍ତି ଭୟରେ ଗ୍ରାମର ବନଗିରି ପ୍ରଧାନଙ୍କ ଘର ଭିତରକୁ ପଶିଯାଇଥିଲେ। ଅଭିଯୁକ୍ତ ଉଗ୍ରସେନ ମଧ୍ୟ ତାଙ୍କ ପଛେ ପଛେ ଘରକୁ ପଶିଯାଇଥିଲେ। ସୂର୍ଯ୍ୟକାନ୍ତି ପ୍ରତିବାଦ କରିବାରୁ ଅଭିଯୁକ୍ତ ପାଖରେ ଥିବା ପନିକିରେ ତାଙ୍କୁ ହାଣି ଦେଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ଦେଖି ଅଭିଯୁକ୍ତ ଘର କବାଟ ବନ୍ଦ କରିଦେଇଥିଲେ। ଗ୍ରାମବାସୀ କବାଟ ଠେଲି ଘର ଭିତରକୁ ଯିବା ପାଇଁ ଚେଷ୍ଟା କରିବାରୁ ସେ ଗ୍ରାମବାସୀଙ୍କୁ ମଧ୍ୟ ଧମକ ଦେଇଥିଲେ। ଖବର ପାଇ ବାଉଁଶୁଣୀ ପୋଲିସ ସେଠାରେ ପହଞ୍ଚିବାରୁ ଅଭିଯୁକ୍ତ ଘର ଛାତ ଡେଇଁ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ହାତରେ ଧରାପଡିଥିଲେ। ଉଗ୍ରସେନଙ୍କ ଦେହରେ କ୍ଷତ ଥିବାରୁ ପୋଲିସ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେହିପରି ସୂର୍ଯ୍ୟକାନ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଉଁଶୁଣୀ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସୂର୍ଯ୍ୟକାନ୍ତିଙ୍କ ସ୍ୱାମୀ ସତ୍ୟପ୍ରିୟ ପ୍ରଧାନ ବାଉଁଶୁଣୀ ଥାନାରେ ଉକ୍ତ ଦିନ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୫୮/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଉଗ୍ରସେନ ସୁସ୍ଥ ହେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜଙ୍କ ଅଦାଲତରେ ଏସ୍‌ଟି କେସ୍ (ନଂ.୫୩/୨୦୨୩) ହୋଇ ବିଚାରାଧୀନ ଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୩୦ ଜଣ ସାକ୍ଷୀଙ୍କ ବୟାନଙ୍କୁ ଭିତ୍ତିକରି ଅଦାଲତ ଅଭିଯୁକ୍ତ ଉଗ୍ରସେନଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ସବିତା କୁମାରୀ ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ସାକ୍ଷରତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ସୋନପୁର,୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ତରଫରୁ ସାଗରପାଲି ଗଙ୍ଗାଧର କ୍ଲବରେ ଆର୍ଥିକ ଆନ୍ତର୍ଭୁକ୍ତିକରଣ ଓ ସାକ୍ଷରତା ତଥା ସୁକନ୍ୟା ଗ୍ରାମ ଉପରେ ସଚେତନତା ସଭା ସୋମବାର ଅନୁଷ୍ଠିତ ହୋଇଛି। ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମଙ୍ଗଳ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲିସ ନିରୀକ୍ଷକ ରମେଶ କୁମାର ମାହାନା ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଇବର ଠକେଇ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ସଞ୍ଚୟ ଅଧିକାରୀ ମଙ୍ଗଳ ପ୍ରଧାନ ଆର୍ଥକ ଅନ୍ତର୍ଭୁକ୍ତିକରଣରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ପ୍ରତ୍ୟେକ ପରିବାର ନିଜର ଆୟରୁ ସଞ୍ଚୟ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ଆର୍ଥକ ସାକ୍ଷରତା ସପ୍ତାହ ୨୦୨୫ର ବିଷୟବସ୍ତୁ ଆର୍ଥିକ ବୁଦ୍ଧିମତା ଯାହାର, ସେ ସମୃଦ୍ଧ ନାରୀ ବିଷୟରେ ଆଲୋଚନା ହୋଇଥିଲା। ସମ୍ମାନିତ ଅତିଥି ବଲାଙ୍ଗୀର ସହକାରୀ ଡାକ ଅଧୀକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇ ସୁକନ୍ୟା ସମୃଦ୍ଧି ଯୋଜନାର ବିଶେଷତା ସହ ଲାଭ ଉପରେ ଆଲୋକପାତ କରିଥିଲେ। ଭାରତୀୟ ପୋଷ୍ଟାଲ ପେମେଣ୍ଟ ମ୍ୟାନେଜର ସତ୍ୟବ୍ରତ ପ୍ରଧାନ ନିଜ ଉପାର୍ଜିତ ଧନକୁ ସଞ୍ଚୟ ଓ ସୁରକ୍ଷିତ ରଖିବା ପାଇଁ ଡାକଘର ଉତ୍ତମ ଓ ନିର୍ଭରଯୋଗ୍ୟ ସ୍ଥାନ ବୋଲି କହିଥିଲେ। ସଞ୍ଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା, ଗୋପାଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପୋଷ୍ଟାଲ ଏଜେଣ୍ଟ ହିରଣ୍ମୟୀ ମେହେର, ଦିବ୍ୟାସିନୀ ମେହେର, ବିନୋଦିନୀ ମେହେର, ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗର ସଞ୍ଜୟ କୁମାର ବାରିକ ଉପସ୍ଥିତ ଥିଲେ।

# ଜବରଦଖଲ ହେଉଛି ପୌରପରିଷଦ ଜମି

**ସୋନପୁର,୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ସରକାରୀ ଜମିରୁ ଜବରଦଖଲ ହଟାଇବା ପାଇଁ ରାଜ୍ୟ ସରକାର କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଦୀର୍ଘବର୍ଷ ଧରି ଜବରଦଖଲକାରୀଙ୍କ କବଜାରେ ଥିବା ସରକାରୀ ଜମିକୁ ରାଜ୍ୟ ସରକାର ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିନେଇ ଗତ ଜୁଲାଇ ମାସରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସମସ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସୁବର୍ଣ୍ଣପୁର ଜିଲାରେ ଏହାର ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳୁଛି। ସରକାରୀ ଜମିରୁ ଜବରଦଖଲ ହଟିବା ବଦଳରେ ବଢିବାରେ ଲାଗିଛି। ପୂର୍ବରୁ ଦେବୋତ୍ତର ବିଭାଗ, ରାଜସ୍ୱ ବିଭାଗ ଓ ପୌର ପରିଷଦର ଶତାଧିକ ଏକର ଜମି ଜବରଦଖଲକାରୀଙ୍କ କବଜାରେ ରହିଛି। କିଛି ସେବାୟତ ଚଞ୍ଚକତା କରି ଦେବୋତ୍ତର ଜମିକୁ ବିକ୍ରି କରିଛନ୍ତି। ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ଦେବୋତ୍ତର ଜମିରୁ ଜବରଦଖଲ ହଟାଇବା ସହ ବିକ୍ରି ହୋଇଥିବା ଜମି ପୁନଃ ଦେବାଦେବୀଙ୍କ ନାମକୁ ଫେରାଇ ଆଣିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଇନାହାନ୍ତି। ଦେବୋତ୍ତର ବିଭାଗର ଜମି ଗୁଡିକ ଅସୁରକ୍ଷିତ ହୋଇ ପଡିଥିବା ବେଳେ ଏବେ ସୁବର୍ଣ୍ଣପୁର ପୌର ପରିଷଦର ଜମିଗୁଡିକ ଜବରଦଖଲ ହେବାରେ ଲାଗିଛି। ଏହି ଜମି ଜବରଦଖଲ ପଛରେ କେତେଜଣ ବରିଷ୍ଠ ରାଜନେତା ମାନେ ସାମିଲ ଥିବା ଅଭିଯୋଗ ହୋଇଛି। ସୋନପୁର ବ୍ଲକ ଛକ ଭେଣ୍ଡିଂ ଜୋନ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଥିବା ପୌରପରିଷଦର ମୂଲ୍ୟବାନ ଜମିକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି କବ୍‌ଜା କରି ନେଲେଣି। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଜମିରେ ପୂର୍ବରୁ ତାରବାଡ ବୁଲା ଯାଇଥିଲା। ଜବରଦଖଲକାରୀ ଉକ୍ତ ତାରବାଡ ଭାଙ୍ଗି ପ୍ରଥମେ ଜମିକୁ ଜେସିବି ଦ୍ୱାରା ସମତୁଲ କରିଥିଲେ। ପରେ ନିଅଁ ଖୋଳି ସେଠାରେ ଏକ ଅସ୍ଥାୟୀ ଆଜବେଷ୍ଟସ ଘର କରିଛନ୍ତି। ଜମିକୁ କବ୍‌ଜା କରିବାକୁ ଯାଇ ଜବରଦଖଲକାରୀ ସେହି ସ୍ଥାନରେ କାର ପାର୍କିଂ କରିଥିବା ଜଣାପଡିଛି। ଏହି ଘଟଣାରେ ସହରର ଜଣେ ବରିଷ୍ଠ ନେତା ସମ୍ପୃକ୍ତ ଥିବାରୁ ପୌର ପ୍ରଶାସନ ଆଖିବୁଜି ଦେଇଥିବା ଅଭିଯୋଗ ହୋଇଛି। ଏହା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷେ ବାଡ ହୋଇ ଫସଲ ଖାଉଥିବାରୁ



ଜବରଦଖଲରେ ଥିବା ସୋନପୁର ବ୍ଲକ ଛକ ଭଣ୍ଡିଂ ଜୋନ୍ ସମ୍ମୁଖ ଜମି।

### ସାମିଲ ଅଛନ୍ତି ରାଜନେତା

ପୌର ପ୍ରଶାସନ କିଭଳି ନିଜ ଜମିକୁ ସୁରକ୍ଷା ଯୋଗାଇବ ତାହା ମଧ୍ୟ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝୀ କୁହନ୍ତି, ଜିଲାରେ ଜବରଦଖଲକାରୀଙ୍କ କବଜାରେ ଥିବା ସରକାରୀ ଜମିକୁ ରାଜ୍ୟ ସରକାର ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଜମି ଗୁଡିକ ମୁଖ୍ୟତଃ ବିକାଶ ଓ ସର୍ବସାଧାରଣ କଲ୍ୟାଣ କାର୍ଯ୍ୟ ପାଇଁ ବ୍ୟବହୃତ ହେବ। ବ୍ଲକ ଛକ ଅଞ୍ଚଳରେ ଜବରଦଖଲ ହୋଇଥିବା ଜମିକୁ ମୁକ୍ତ କରିବା ପାଇଁ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ। ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷୀ ମାଝୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ପରିଷଦର ଜମି ଜବରଦଖଲ ହୋଇଥିବା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ସେ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିବେ। ଜମିକୁ ପୌର ପ୍ରଶାସନ ନିଜ ଅଧୀନକୁ ନେବା ସହିତ ତୁରନ୍ତ ତାର ବାଡ ବୁଲାଇ ସୂଚନାଫଳକ ଲଗାଯିବ ବୋଲି କହିଥିଲେ।


**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल,**
**पथ निर्माण विभाग, देवघर, झारखण्ड**

**सूचना**

इस कार्यालय द्वारा आमंत्रित ई–निविदा प्रसंग संख्या :– NH/Deoghar/JHR/F2/14/2024-25 (2nd Call) दिनांक : 06.02.2025 [PR No. 345917 Deoghar (24-25)_D दिनांक 07.02.2025 को प्रकाशित] अपरिहार्य कारणवश रद्द किया जाता है।

कार्यपालक अभियंता
राष्ट्रीय उच्च पथ प्रमंडल,
देवघर

PR 347601 Deoghar(24-25).D


## ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି ତେଜିଲା

# ସ୍କୁଲ ଫାଟକରେ ତାଲା ପକାଇ ଆନ୍ଦୋଳନ

**ହରଭଙ୍ଗା,୩।୩ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜକଟା ଗ୍ରାମପଞ୍ଚାୟତ ଅଧୀନ ଡୁକୁଲୁଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ଗ୍ରାମବାସୀ ସୋମବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ସୂଚନା ମୁତାବକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚ୍ଚି ପ୍ରଧାନ କିଛିଦିନ ତଳେ ବିଦ୍ୟାଳୟର ଦୁଇଜଣ ଛାତ୍ରୀଙ୍କୁ ଦଣ୍ଡ ଦେଇଥିଲେ। ଫଳରେ ଛାତ୍ରୀଦ୍ୱୟ ଗୁରୁତର ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏ ନେଇ ଗ୍ରାମବାସୀ ବୌଦ୍ଧ ଜିଲା ଶିକ୍ଷାଧିକାରୀ ଓ ହରଭଙ୍ଗା ବିଇଓଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଶିକ୍ଷା ବିଭାଗ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଫଳରେ ସୋମବାର ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ସେମାନେ ବିଦ୍ୟାଳୟ ଭିତରକୁ କାହାକୁ ଛାଡି ନ ଥିଲେ। ଫଳରେ ଖରାରେ ଗଛ ତଳେ ଛାତ୍ରୀଛାତ୍ର ପାଠ ପଢିଥିଲେ। ଖବର ପାଇ ହରଭଙ୍ଗା ଏବିଇଓ ଜ୍ୟୋତ୍ସ୍ନାମୟୀ ମହାପାତ୍ର ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ତେବେ ଉକ୍ତ ପ୍ରଧାନ ଶିକ୍ଷକଙ୍କୁ ବଦଳି ନ କଲେ ଆନ୍ଦୋଳନ ପୁଣି ଚାଲିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ବିଦ୍ୟାଳୟରେ ତାଲା ଯୋଗୁ ଛାତ୍ରୀଛାତ୍ରୀ ଗଛ ତଳେ ପାଠ ପଢୁଛନ୍ତି।

### ଗଛ ତଳେ ବସି ପଢ଼ିଲେ ଛାତ୍ରୀଛାତ୍ର

## ୨ଥର ଉଦ୍‌ଘାଟନ ହେଲା ପଞ୍ଚାୟତ କାର୍ଯ୍ୟାଳୟ

**ଅମରପାଲି,୩।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ୨ଥର ଉଦ୍‌ଘାଟନ ପରେ ଚର୍ଚ୍ଚା ଯୋର ଧରିଛି। ଚମ୍ପାମାଳ ନୂତନ ପଞ୍ଚାୟତ ଘୋଷଣା ପରେ ଏହାର ନିଜସ୍ୱ କୋଠା ନ ଥିବାରୁ ଏହା ବ୍ଲକ ପରିସରରେ ଏକ ପ୍ରକୋଷ୍ଠରେ କାର୍ଯ୍ୟାଳୟ ହୋଇଥିଲା। ଚମ୍ପାମାଳରେ ପ୍ରାୟ ୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ଘର ହୋଇଥିଲା। ତେବେ ଗତ ଜାନୁଆରୀ ୨୬ରେ ଏହି କାର୍ଯ୍ୟାଳୟକୁ ପ୍ରଥମେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ଉଦ୍‌ଘାଟନ କରିଥିଲେ। ସେହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ବିଡିଓ ରାଜୀବ ହାଁସଦା, ସରପଞ୍ଚ ମହେନ୍ଦ୍ର ଜଗଦଳା, ସମିତିସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ଯୋଗଦେଇଥିଲେ। ମାତ୍ର ଗତ ମାର୍ଚ୍ଚ ୨ରେ ପୁଣିଥରେ ପୂର୍ବରୁ ଉଦ୍‌ଘାଟିତ କାର୍ଯ୍ୟାଳୟକୁ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀଙ୍କ ସହିତ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂ ଦେଓ, ସ୍ଥାନୀୟ ବିଧାୟକ ରଘୁନାଥ ଜଗଦଳା, ଜିଲାପାଳ ଅନ୍ୟା ଦାସ, ସରପଞ୍ଚ ମହେନ୍ଦ୍ର ଜଗଦଳା ଯୋଗଦେଇଥିଲେ। ୨ ମାସ ମଧ୍ୟରେ ଗୋଟିଏ ପ୍ରକଳ୍ପ ୨ ଥର ଉଦ୍‌ଘାଟନ ହେବା ନେଇ ଏବେ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ଯୋର ଧରିଛି।


**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchary Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com
NIT No.: JUIDCO/NIT/RH/Chakuliya/647 Date 03.03.2025
**e-Procurement (Tender Notice)**

| | | |
|---|---|---|
| 1 | Name of Work | Construction of G+2 Recreation Hall at Chakuliya Nagar Panchayat, Chakuliya, East Singhbhum |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 7,72,07,700/- (Rupees Seven Crore Seventy-Two Lakh Seven Thousand and Seven Hundred) only. |
| 4 | Time of Completion | 11 Months (Including Monsoon & Mobilization Period) |
| 5 | Tender Fee and Bid Security to be submitted online | Tender document fee : Rs 25,000/- (Rupees Twenty-Five Thousand) only Non-Refundable. Bid Security : Rs 7,72,500/- (Rupees Seven Lakh Seventy-Two Thousand and Five Hundred) only |
| 6 | Date/Time of Publication of Tender on Website | 04.03.2025 17:00 Hrs |
| 7 | Last Date/Time of Bid Submission | 25.03.2025 17:00 Hrs |
| 8 | Date/Time of opening of Bid | 26.03.2025 11:30 Hrs |
| 9 | Bid Submission Address | Jharkhand Urban Infrastructure Development Company Ltd., JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in

Sd/-
Project Director (Technical)
JUIDCO Ltd, Ranchi

PR 347628 Urban Development and Housing(24-25)D


# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ ଶିବିରରେ ଯୋଗଦାନ କରି ୨୩ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ଓ ୨ଟି ସାମୂହିକ ଥିଲା। ୪ଟି ଦରଖାସ୍ତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ଉଦ୍ଦିଷ୍ଟ ଥିଲା। ଗୋଟିଏ ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିବା ବେଳେ ଅନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ସଞ୍ଜିବ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୌମ୍ୟାରୂପା ରଥ, ସୋନପୁର ତହସିଲଦାର ଜି ରଶ୍ମିରେଖା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ତିଲେଶ୍ୱର ଖାଖା, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲା ସାମଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଡେପୁଟି କଲେକ୍ଟର କୃଷ୍ଣ ମୋହନ ସିଂ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଋଷି ମାଝି ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ।



ଜିଲାପାଳ ଅନ୍ୟା ଦାସ ଓ ଏସ୍‌ପି ରାମପ୍ରସାଦ ସାହୁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।


**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जमशेदपुर**

**ई–अल्पकालिन पुनर्निविदा आमंत्रण सूचना**
**ई–अल्पकालिन पुनर्निविदा संख्या:- 09/2024-25/RII/STPKG/RWD/EE/JSR**
**दिनांक :- 01.03.2025**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र स | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1 | RWD/EE/JSR/STPKG/07/2024-25 | निरूडीह से पलासबानी तक पथ का सुदृढ़ीकरण कार्य। (लम्बाई–1.700 कि0मी0) | 77,06,600.00 | सतहत्तर लाख छः हजार छः सौ रू0 मात्र | 15 माह | तृतीय |
| | | आर0ई0ओ0 रोड से कोलाबरीया तक पथ का सुदृढ़ीकरण कार्य। (लम्बाई–1.350 कि0मी0) | 1,26,95,800.00 | एक करोड़ छब्बीस लाख पन्चानवे हजार आठ सौ रू0 मात्र | | |
| | | बेसारपहाड़ी से चटानीपानी तक पथ का सुदृढ़ीकरण कार्य। (लम्बाई–7.000 कि0मी0) | 4,80,48,500.00 | चार करोड़ अस्सी लाख अड़तालीस हजार पाँच सौ रू0 मात्र | | |
| | | आर0ई0ओ0 रोड से चिंगरा तक पथ का सुदृढ़ीकरण कार्य। (लम्बाई–1.850 कि0मी0) | 1,39,61,200.00 | एक करोड़ उन्चालीस लाख एकसठ हजार दो सौ रू0 मात्र | | |
| | | L063 आर0ई0ओ0 पथ से जामबनी तक पथ का सुदृढ़ीकरण कार्य। (लम्बाई–1.825 कि0मी0) | 94,72,500.00 | चौरानवे लाख बहत्तर हजार पाँच सौ रू0 मात्र | | |
| | कुल | | 9,18,84,600.00 | नौ करोड़अठारह लाख चौरासी हजार छः सौ रू0 मात्र | | |

2. वेबसाईट में निविदा प्रकाशन की तिथिः– 05.03.2025।
3. ई–निविदा प्राप्ति की अंतिम तिथि एवं समयः– 19.03.2025 अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– 20.03.2025 अपराह्न 5.00 बजे ।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल,जमशेदपुर

PR 347552 Rural Development(24-25).D



ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
No.A-1146

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର**
**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**

ପତ୍ର ସଂଖ୍ୟା. ୩୦୩ ତାରିଖ. ୨୭.୦୨.୨୦୨୫

ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ–୦୯/କ୍ଷୁ.ଜ.ବି. ନବରଙ୍ଗପୁର/୨୦୨୪–୨୫

**Bid Identification No. SEMIDNGPUR-09/2024-25**

ଇ–ମେଲ୍ : mingpur@yahoo.in, ଟେଲିଫୋନ ନମ୍ବର : ୦୬୮୫୮–୨୨୨୧୩୦

| | | |
|---|---|---|
| ୧. | କାର୍ଯ୍ୟର ନାମ | ନବରଙ୍ଗପୁର ଜିଲ୍ଲାରେ ବିଭିନ୍ନ ଆଡ଼ିବନ୍ଧ ମରାମତି କାର୍ଯ୍ୟ ଏବଂ ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ ୨୦୨୪–୨୫ ବର୍ଷ ପାଇଁ। |
| ୨. | ସର୍ବମୋଟ କାମର ସଂଖ୍ୟା | ୯ (ନଅ) ମାତ୍ର |
| ୩. | ଅଟକଳ ମୂଲ୍ୟ | ଆନୁମାନିକ ୫.୨୯ ରୁ ୪୯.୬୨ ଲକ୍ଷ |
| ୪. | ଠିକାଦାରଙ୍କ ଶ୍ରେଣୀ | "ଘ", "ଗ" ଏବଂ "ଖ" ଶ୍ରେଣୀ |
| ୫. | ଟେଣ୍ଡର କାଗଜ ମୂଲ୍ୟ (Online) | ଟଙ୍କା ୪,୦୦୦.୦୦ ରୁ ଟଙ୍କା ୬,୦୦୦.୦୦ |
| ୬. | ନିଲାମ ସୁରକ୍ଷା (Online) | ଡି.ଟି.ସି.ଏନ୍. ରେ ଉପଲବ୍ଧ |
| ୭. | କାର୍ଯ୍ୟ ସମାପ୍ତି ସମୟ | ୦୨ (ଦୁଇ) ମାସ ରୁ ୦୪ (ଚାରି) ମାସ |
| ୮. | ନିଲାମ ଉପଲବ୍ଧତା ତାରିଖ ଓ ସମୟ | ତା. ୦୪.୦୩.୨୦୨୫ ରିଖ ଦିବା ୧୦:୦୦ ଘଟିକା ଠାରୁ ତା. ୧୦.୦୩.୨୦୨୫ ରିଖ ସନ୍ଧ୍ୟା ୫:୦୦ ଘଟିକା ପର୍ଯ୍ୟନ୍ତ ୱେବ୍‌ସାଇଟ (www.tendersorissa.gov.in) ରେ ଉପଲବ୍ଧ |
| ୯. | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | ତା. ୦୪.୦୩.୨୦୨୫ ରିଖ ଦିବା ୧୦:୦୦ ଘଟିକା ଠାରୁ ତା. ୧୦.୦୩.୨୦୨୫ ରିଖ ସନ୍ଧ୍ୟା ୫:୦୦ ଘଟିକା ପର୍ଯ୍ୟନ୍ତ ଅନ୍‌ଲାଇନ ୱେବ୍‌ସାଇଟ ମାଧ୍ୟମରେ |
| ୧୦. | ନିଲାମ ଖୋଲିବା ତାରିଖ ଓ ସମୟ | ତା. ୧୧.୦୩.୨୦୨୫ ରିଖ ଦିବା ୧୧:୦୦ ଘଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ |
| ୧୧. | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର, ସ୍ଥାନ/ପୋଷ୍ଟ : ନବରଙ୍ଗପୁର, ଜିଲ୍ଲା : ନବରଙ୍ଗପୁର, ପିନ୍‌କୋଡ୍ – ୭୬୪୦୫୯ |
| ୧୨. | ଓଡ଼ିଶା ସରକାରଙ୍କ ୱେବ୍‌ସାଇଟରେ ଅଧିକ ବିବରଣୀ ଦେଖିବାକୁ ମିଳିବ | www.tendersorissa.gov.in |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର

OIPR-32294/11/0014/2425

## ସଂକ୍ଷେପରେ

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସମ୍ବଲପୁର,୩।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଜାମଲୋଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସୌଦାଗର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଯୁଯୁମୁରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଭଞ୍ଜନ ପ୍ରଧାନ ମୁଖ୍ୟବକ୍ତାଭାବେ ସାମିଲ ହୋଇଥିଲେ। ସିଆରସିସି ଅଶ୍ୱିନୀ ମହାନନ୍ଦ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁଳମଣୀ କାଣ୍ଡ ସମ୍ମାନୀତ ଅତିଥିଭାବେ ସାମିଲ ହୋଇଥିଲେ। ମୁଖ୍ୟବକ୍ତା ପ୍ରଧାନ ଛାତ୍ରୀଛାତ୍ର ମାନଙ୍କୁ ପାଠ ପଢା ପ୍ରତି ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଚନ୍ଦ୍ରଶେଖର ସେଠ, ଶିକ୍ଷୟିତ୍ରୀ ଗୀତା ମୁଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେକ। ଶିକ୍ଷକ ଦିଲୀପ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ୫ରୁ ଶ୍ରୀରାମ ବାଟିକାରେ ୨୪ ପ୍ରହର ନାମଯଜ୍ଞ

■ଭାଗନେବେ ୪୦ ସଙ୍କୀର୍ତ୍ତନ ଦଳ
■ଯୋଗଦେବେ ଶହେରୁ ଉର୍ଦ୍ଧ୍ୱ ସାଧୁସନ୍ଥ

ସମ୍ବଲପୁର,୩।୩(ପ୍ରମୋଦ ବହିଦାର)

କେନଘାଟିସ୍ଥିତ ଶ୍ରୀରାମ ବାଟିକାରେ ଆସନ୍ତା ୫ ତାରିଖରୁ ଆରମ୍ଭ ହେବ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀରାମ ବାଟିକାକୁ ରଙ୍ଗ ବେରଙ୍ଗ ତୋରଣ ଓ ଉଜ୍ଜ୍ୱଳ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ୫ ତାରିଖ ଅଧିବାସ, ୬ ତାରିଖ ପ୍ରଥମ ପ୍ରହରରୁ ନାମଯଜ୍ଞ ଆରମ୍ଭ ହୋଇ ୯ ତାରିଖ ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ୪୦ଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହ ଶହେରୁ ଉର୍ଦ୍ଧ୍ୱ ବିଶିଷ୍ଟ ସାଧୁସନ୍ଥ, ପ୍ରତିଷ୍ଠିତ ନାଗାବାବା, ମହାମଣ୍ଡଳେଶ୍ୱର ପ୍ରମୁଖ ଯୋଗଦେବେ ବୋଲି ଶ୍ରୀରାମ ବାଟିକା ପରିଚାଳନା କମିଟି ମୁଖ୍ୟ ଶତ୍ରୁଘ୍ନଲାଲ ସାହାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବିଶିଷ୍ଟ ବଲିଉଡ ଗାୟକ କୈଳାଶ ଖେରଙ୍କ ଭାଇ ସନ୍ଥ ମହାରାଜ ପ୍ରଦୀପ ଖେର, ପୁରୀର ମହାମଣ୍ଡଳେଶ୍ୱର ବଂଶୀଧର ଦାସ ଜୀ ମହାରାଜ, ଗୋପାଳଜୀ ମଠ ମହନ୍ତ ହୃଷୀକେଶ ଦାସ ମହାରାଜ, ମଣ୍ଡଳଶ୍ରୀ ରାଜେନ୍ଦ୍ର ପୁରୀ ଜୀ ମହାରାଜ, ମଣ୍ଡଳଶ୍ରୀ ମହନ୍ତ ରମାନନ୍ଦ ପୁରୀ ଜୀ ମହାରାଜ, ନାମ ଆଚାର୍ଯ୍ୟ ମହନ୍ତ ସନ୍ଥ ଚରଣ ଦାସ ଜୀ ମହାରାଜ ଅଧିବାସ ଦିନରୁ ଯଜ୍ଞସ୍ଥଳୀରେ ଉପସ୍ଥିତ ରହିବେ ବୋଲି ପରିଚାଳନା କମିଟି ମୁଖ୍ୟ ସାହା କହିଛନ୍ତି।

# ହାଇଦ୍ରାବାଦ ଚାମ୍ପିୟନ, ଓଡ଼ିଶା ରନରଅପ

### ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟ୍‌ବଲ

ସମ୍ବଲପୁର,୩।୩(ବି.ଶଙ୍କର)

ସମଲେଶ୍ୱରୀ ସ୍ପୋର୍ଟିଂ ଓ ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘ ଆୟୋଜିତ ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀନିଧି ଡେକାନ ହାଇଦ୍ରାବାଦ ଚାମ୍ପିୟନ ଟ୍ରଫି ହାସଲ କରିଥିବାବେଳେ ଓଡ଼ିଶା ଫୁଟବଲ ଆସୋସିଏଶନ ରନରଅପ ଟ୍ରଫିରେ ସନ୍ତୁଷ୍ଟ ହୋଇଛି।

ସୋମବାର ସମ୍ବଲପୁର ସହରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ହାଇଦ୍ରାବାଦ ବନାମ ଓଡ଼ିଶା ଦଳ ମଧ୍ୟରେ ହୋଇଥିଲା। ମ୍ୟାଚର ୧୮ ତମ ମିନିଟରେ ହାଇଦ୍ରାବାଦ ଖେଳାଳି ଜର୍ସି ନମ୍ବର ୮ଲାଲଫାମ କିମା ଏକ ଗୋଲ ସ୍କୋର କରି ଦଳକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ଓଡ଼ିଶାର ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ହେଁ ଫିନିସିଂ ଅଭାବରୁ ଗୋଲ ସ୍କୋର କରି ପାରି ନ ଥିଲେ। ଯଦ୍ୱାରା ହାଇଦ୍ରାବାଦ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ଟାଇଟଲ




ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ହାଇଦ୍ରାବାଦ ଦଳର ଖେଳାଳିମାନେ ।

ହାସଲ କରିଛି। ମ୍ୟାଚକୁ ରେଫରୀ ଶିବାଶଙ୍କର ପଣ୍ଡା ପରିଚାଳନା କରିଥିଲେ । ତାଙ୍କୁ ଲାଇନରେ ନବୀନ କୁମାର ନାଏକ, ଓ ଜିତେନ୍ଦ୍ରିୟ ଥନାପତି ସହାୟତା କରିଥିଲେ । ଏବଂ ଉତ୍କଳମଣୀ ବେହେରା ଚତୁର୍ଥ ରେଫେରି ଥିଲେ । ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଥିଲେ ।

ଟୁର୍ନାମେଣ୍ଟ ଆୟୋଜନ କମିଟି ଅଧକ୍ଷ ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଫୁଟବଲ ଫେଡେରେଶନ ଅଫ ଇଣ୍ଡିଆ ସଭାପତି କଲ୍ୟାଣ ଚୌବେ ମୁଖ୍ୟ ଅତିଥି, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଓଡ଼ିଶା କ୍ରିକେଟ ଆସୋସିଏଶନ ସାଧାରଣ ସମ୍ପାଦକ ସଞ୍ଜୟ ବେହେରା, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ହୀରାକୁଦ ହିଣ୍ଡାଲକୋ ପ୍ଲାଣ୍ଟ ମୁଖ୍ୟ ଦେବାଶିଷ ମଲ୍ଲିକ, ଜେଏସଡବ୍ଲ୍ୟୁ-ବିପିଏସଏଲ ଜନସମ୍ପର୍କ ଅଧିକାରୀ ପ୍ରମୋଦ ପାତ୍ର, ସମ୍ବଲପୁର ଜିଲ୍ଲା କ୍ରୀଡା ସଂଘ ଉପସଭାପତି ଦୂଲାଲଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଜେତା ଦଳକୁ ଟ୍ରଫି ସହ ୩ଲକ୍ଷ ଟଙ୍କା, ଉପବିଜେତା ଦଳକୁ ଟ୍ରଫି ସହ ୨ଲକ୍ଷ ଟଙ୍କାର ଚେକ ଦିଆଯାଇଥିଲା । ଫୁଟବଲ ଏକାଡେମୀ ସମ୍ପାଦକ ଅତନୁ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଫୁଟବଲ ପ୍ରଶିକ୍ଷଣରେ ଉଲ୍ଲେଖନୀୟ ଅବଦାନ ସକାଶେ ସନମୟ ବସୁ, କେ.କେ. ଶତିସେନ, ଅଶୋକ ପଣ୍ଡା ଓ ପରାସର ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସରକାରୀ ବସ୍‌ସେବାରୁ ବଞ୍ଚିତ ୨ ପଞ୍ଚାୟତବାସୀ

ନାକଟୀଦେଉଳ, ୩।୩(ବୈକୁଣ୍ଠନାଥ ସାହୁ)

ଗ୍ରାମାଞ୍ଚଳର ଜନ ସାଧାରଣ ବିଶେଷ କରି ମହିଳାମାନଙ୍କୁ କମ୍‌ଖର୍ଚ୍ଚରେ ଯାତାୟାତ କରିବାକୁ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ କାର୍ଯ୍ୟାଳୟକୁ ସିଧାସଳଖ ସଂଯୋଗ ପାଇଁ ଲକ୍ଷ୍ମୀବସ୍ (ଏବେ ମୁଖ୍ୟମନ୍ତ୍ରୀ ବସ୍‌ସେବା) ଚଳାଚଳ ଆରମ୍ଭ ହୋଇଥିଲା। ତେବେ ଏହ ବସ୍ ସେବାର ଲାଭ ଉଠାଇ ପାରୁ ନାହାନ୍ତି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ପାଣିମୁରା ଏବଂ ସାଲେଭଟା ଗ୍ରାମ ପଞ୍ଚାୟତର ଜନ ସାଧାରଣ। ସାଲେଭଟା ପଞ୍ଚାୟତରେ ୧୫ଟି ୱାର୍ଡ ରହିଥିବା ବେଳେ ଲୋକସଂଖ୍ୟା ୧୦ ହଜାରରୁ ଉର୍ଦ୍ଧ୍ୱ। ସେହିପରି ପାଣିମୁରା ପଞ୍ଚାୟତରେ ୧୩ଟି ୱାର୍ଡର ଲୋକସଂଖ୍ୟା ପ୍ରାୟ ୬ ହଜାର। ପାଣିମୁରା ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ୩୫ କିମି ଏବଂ ସାଲେଭଟା ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ୨୨କିମି ଦୂରତାରେ ରହିଛି। ଅଞ୍ଚଳର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଦୁଇ ପଞ୍ଚାୟତକୁ ସରକାରୀ ବସ୍‌ସେବା ଯୋଗାଇ ଦେବାକୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନେ ଦୀର୍ଘ ଦିନ ହେଲା ଦାବି କରି ଆସୁଛନ୍ତି । ଏ ନେଇ ପାଣିମୁରା ସରପଞ୍ଚ ଜଗନ୍ନାଥ ସାହୁ ଏବଂ ସାଲେଭଟା ସରପଞ୍ଚ ପାଣ୍ଡବ ଚରଣ ପ୍ରଧାନ ନାକଟିଦେଉଳଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ଦୁଇ ପଞ୍ଚାୟତର ଜନସାଧାରଣ ବ୍ୟାଙ୍କ, ପୋଷ୍ଟ ଅଫିସ, ତହସିଲ ଅଫିସ, ଡାକ୍ତରଖାନା, ବ୍ଲକ ଅଫିସ ଆଦିକୁ ପ୍ରତ୍ୟେକ ଦିନ ବିଭିନ୍ନ କାମରେ ଆସୁଥିବା ବେଳେ ନାକଟିଦେଉଳ ଠାରେ ଥିବା ଏକ ମାତ୍ର ସ୍ନାତକ କଲେଜକୁ ମଧ ପଢିବା ପାଇଁ ପ୍ରତିଦିନ ଛାତ୍ରୀଛାତ୍ରମାନେ ସେମାନଙ୍କ ପଞ୍ଚାୟତରେ ସରକାରୀ ବସ ସେବା ଉପଲବ୍ଧ ନ ଥିବାରୁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ବିଡ଼ିଓ କ୍ଷମାନିଧି ଭୋଇଙ୍କୁ ପଚାରିବାରୁ ୨ ପଞ୍ଚାୟତର ଲୋକେ ଲିଖିତ ଅଭିଯୋଗ କଲେ ଆମେ ଓଏସ୍‌ଆରଟିସି କର୍ତ୍ତୃପକ୍ଷ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଛନ୍ତି।

## ୪୩ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

ସମ୍ବଲପୁର,୩।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ମୁକେଶ କୁମାର ଭାମୁଙ୍କ ମୋଟ ୪୩ଟି ଅଭିଯୋଗର ଶୁଣାଣି କରି ସମାଧାନ କରିଥିଲେ। ସେଥିମଧ୍ୟରେ ୩୫ଟି ବ୍ୟକ୍ତିଗତ, ୮ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଥିଲା। ଅଭିଯୋଗ ଶୁଣାଣିର ସମାଧାନ ପୂର୍ବକ ଜଣେ ହିତାଧିକାରୀଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା।

# ରାସ୍ତାରେ ଭାସୁଛି ଡ୍ରେନ୍ ପାଣି

ସମ୍ବଲପୁର,୩।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୪ନମ୍ବର ୱାର୍ଡ ସାରସ୍ୱତ କଲୋନୀ ରାସ୍ତାରେ ଡ୍ରେନ ପାଣି ବୋହୁଛି। କଲୋନୀରେ ଆବଶ୍ୟକ ଡ୍ରେନ ସଂଯୋଗ ନଥିବାରୁ ଆବର୍ଜନା ପାଣି ମୁଖ୍ୟ ଡ୍ରେନରେ ପଡି ପାରୁନାହିଁ। ମହାନଗର ନିଗମ ଅଧିକାରୀଙ୍କୁ ଅଭିଯୋଗ କଲେ ସେମାନେ କଲୋନୀ ଡ୍ରେନ ସଫା କରିବା ପରେ କିଛି ଦିନ ପାଣିଯାଉଛି। କିନ୍ତୁ ଅଧିକାଂଶ ସମୟରେ ସାରସ୍ୱତ କଲୋନୀରୁ ଚାରଭାଟିକୁ ସଂଯୋଗ କରୁଥିବା ଗଳିରାସ୍ତାରେ ନର୍ଦ୍ଦମା ପାଣି ଜମି ରହୁଥିବାରୁ ପଡାବାସୀ ରାସ୍ତାରେ ପଥର ପକାଇ ଯା'ଆସ କରିବାକୁ ବାଧ ହେଉଛନ୍ତି। ତେବେ ଏଥିରେ



ସାରସ୍ୱତ କଲୋନୀ ରାସ୍ତାରେ ଜମିଥିବା ଡ୍ରେନ ପାଣି।

ବୟସ୍କରୁ ଛୋଟ ପିଲାଙ୍କ ପାଇଁ ବିପଦ ରହିଛି। ଟିକିଏ ଅସାବଧାନ ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏହାକୁ ନେଇ କଲୋନୀ ବାସିନ୍ଦା ମହାନଗର ନିଗମର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସହରରେ ଡ୍ରେନେଜ ମାଷ୍ଟର ପ୍ଲାନ କରାଯାଉଛି ଏବଂ ଖୁବ୍‌ଶୀଘ୍ର ଡ୍ରେନ ନିର୍ମାଣ କରାଯିବା ନେଇ ପ୍ରତିଶ୍ରୁତି ମିଳୁଥିବା କଲୋନୀ ବାସିନ୍ଦା କହୁଛନ୍ତି । ତେବେ କେବେ ମାଷ୍ଟର ପ୍ଲାନ କାମ ସରିବ ଏବଂ ଡ୍ରେନ ନିର୍ମାଣ ହେବ ତାହାକୁ ନେଇ ଲୋକେ ସନ୍ଦେହରେ ରହିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ୱାର୍ଡ ଦାୟିତ୍ୱରେ ଥିବା ଯନ୍ତ୍ରୀ ଇନ୍ଦ୍ରମଣି ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ତ୍ତ ବିଭାଗ ମୁଖ୍ୟ ଡ୍ରେନ ନିର୍ମାଣ ସମ୍ପୂର୍ଣ୍ଣ କରି ନ ଥିବାରୁ ଏଭଳି ସମସ୍ୟା ହେଉଛି । ତେବେ ମହାନଗର ନିଗମ ପକ୍ଷରୁ ଶୀଘ୍ର ଏହାର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ।

### ସାକ୍ଷୀଗୋପୀନାଥ ମହାପ୍ରଭୁଙ୍କ ନାମଯଜ୍ଞ ପାଇଁ ପ୍ରସ୍ତୁତି

ସମ୍ବଲପୁର,୩।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରର ସାକ୍ଷୀପଡ଼ାରେ ଥିବା ସାକ୍ଷୀ ଗୋପୀନାଥ ଦେବ ମହାପ୍ରଭୁଙ୍କ ମନ୍ଦିରରେ ନାମଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ପ୍ରଥମ ସପ୍ତାହରେ ନାମଯଜ୍ଞ ଅନୁଷ୍ଠିତ ହେବା ନେଇ ବୈଠକରେ ସ୍ଥିର ହେଇଛି। ବୈଠକରେ ନାମଯଜ୍ଞ ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ଦୁଲାଲଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ବକ୍ସି, ଉପସଭାପତି ପ୍ରବୀଣ ସିଂଦେଓ, ସମ୍ପାଦକ ଭାବେ ଦୀପକ ବୋହିଦାର, ଯୁଗ୍ମ ସମ୍ପାଦକ ପ୍ରକାଶ ପଟ୍ଟନାୟକ, ସହ ସମ୍ପାଦିକା ସୁଶ୍ରୀ ସଞ୍ଜୁକ୍ତା ପଟ୍ଟନାୟକ, କୋଷାଧକ୍ଷ କୁବେର ପଟ୍ଟନାୟକ, ସହ କୋଷାଧକ୍ଷ ଭାବେ ପ୍ରସନ୍ନ କୁମାର ବିଶ୍ୱାଳ, ଭୋଗଘର ଦାୟିତ୍ୱରେ ଅଜିତ ପଟ୍ଟନାୟକ ଓ ଅନୀଲ ବହିଦାରଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ପ୍ରଦୀପ ପଟ୍ଟନାୟକ, ଇଂ. ଶ୍ରୀକାନ୍ତ ପାଣିଗ୍ରାହୀ ଓ ଜ୍ୟୋତି ରଞ୍ଜନ ପ୍ରଧାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେହିପରି ବିଜୟ ସାହୁ, ଶ୍ରୀଧର ଦାସ, ଜିତେଶ ପାଣିଗ୍ରାହୀ, ଗଙ୍ଗା ସାହୁ, ବିଶ୍ୱନାଥ ମେହେରଙ୍କୁ କାର୍ଯ୍ୟକାରିଣୀ ସଦସ୍ୟଭାବେ ମନୋନୀତ କରାଯାଇଛି। ବୈଠକରେ ଆନ୍ୟମାନଙ୍କ ମଧ୍ୟରେ ଗଣେଷ ବାବୁ, ନବୀନ ପଟ୍ଟନାୟକ, ବଳରାମ ମଟାରୀ, ଲିଲି ପଟ୍ଟନାୟକ, ସନ୍ତୋଷିନୀ ନାଥ, ମିନା ବହିଦାର ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀଙ୍କୁ ନେଇ କର୍ମଶାଳା

# ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବତାକୁ ଗୁରୁତ୍ୱ

ସମ୍ବଲପୁର,୩।୩(ପ୍ରମୋଦ ବହିଦାର)

ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି କର୍ମଶାଳରେ ଜିଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ ଅଧକ୍ଷତା କରିଥିଲେ। ଛଟେଲାଲ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ଶିବ ପ୍ରସାଦ ବେହେରା ଯୋଗଦେଇ ମହିଳାମାନେ କିଭଳି ଆତ୍ମନିର୍ଭରଶୀଳ ହୋଇ ଆର୍ଥିକଭାବେ ସୁଦୃଢ଼ ହୋଇପାରିବେ ସେନେଇ ଆଲୋଚନା କରିଥିଲେ। ୱାନ୍‌ଷ୍ଟୋପ କେନ୍ଦ୍ର ପ୍ରଶାସିକା ମୌସୁମୀ ଦୋରା ମହିଳାମାନଙ୍କ ପାଇଁ ରହିଥିବା ଆଇନଗତ ଅଧିକାର ଉପରେ ଆଲୋକପାତ କରିଥିଲେ। କିଶୋରୀ ବାଳିକା ସଭ୍ୟ ସଞ୍ଜନା ପ୍ରଧାନ ଅଦ୍ୱିକା ଯୋଜନାର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହା ସହ ଏହି ଯୋଜନାରେ କଶୋରୀ ଓ ଯୁବତୀମାନଙ୍କ କାର୍ଯ୍ୟକାରିତାର ବ୍ୟାଖ୍ୟାନ କରିଥିଲେ। ବ୍ୟାଙ୍କ ମିତ୍ର ପାର୍ବତୀ ଦଣ୍ଡସେନା ନିଜର ସଫଳ କାହାଣୀ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହି ଅବସରରେ ବାଲ୍ୟବିବାହ ବନ୍ଦ କରିବା ଓ ମହିଳା ସଶକ୍ତିକରଣ ଉପରେ ସମସ୍ତେ ମିଳିତଭାବେ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ପୂର୍ଣ୍ଣିମା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ପତଙ୍ଗ, ଆଦର୍ଶ, ଆଶା, ଏଏସ୍‌ଏସ୍ ଓ ଏସ୍‌ଏଆର୍‌କେ ଆଦି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟା ଉପସ୍ଥିତ ଥିଲେ। ଏଡ୍‌ଏଟ୍ ଆକ୍ସନର ସଂଯୋଜିକା ସୁନୀତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ଏକତା ଶିବିର ଅଂଶଗ୍ରହଣକାରୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କୁଚିଣ୍ଡା,୩।୩(ବିରଞ୍ଚି ଦର୍ଶୀ)

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ଏକତା ଶିବିରରେ କୁଚିଣ୍ଡା କଲେଜର ୩ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ରାକ୍ଷୀ ଅର୍କ ଓ ସୀମା କିଷାନ କନ୍ୟାକୁମାରୀରେ ହୋଇଥିବା ଶିବିରରେ ଅଂଶଗ୍ରହଣ କରିଥିଲେ। ସେମାନେ ସାମୂହିକ ଲୋକନୃତ୍ୟରେ ଅଂଶଗ୍ରହଣ କରି ଦ୍ୱିତୀୟ ଓ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଶିକ୍ଷା ଓ ଅନୁସନ୍ଧାନ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ ଏକତା ଶିବିରରେ କଲେଜର ଅନ୍ୟ ଜଣେ ଛାତ୍ରୀ କନିକା ପଟେଲ ଅଂଶଗ୍ରହଣ କରିଥିଲେ। ଛାତ୍ରୀମାନେ କୃତିତ୍ୱ ଅର୍ଜନ କରି କୁଚିଣ୍ଡା ଫେରିବା ପରେ ସୋମବାର କଲେଜ ଅଧକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ଓ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସୁଶ୍ରୀ ବେଳମତୀ କୁମୁରା ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶାନ୍ତନୁ ପଧାନଙ୍କ ସମେତ କଲେଜର ସମସ୍ତ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ରମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।



କଲେଜ ଅଧକ୍ଷା ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି।


**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल,**
**पथ निर्माण विभाग, देवघर, झारखण्ड**

**सूचना**

इस कार्यालय द्वारा आमंत्रित ई–निविदा प्रसंग संख्या :– NH/Deoghar/JHR/F2/14/2024-25 (2nd Call) दिनांक : 06.02.2025 [PR No. 345917 Deoghar (24-25)_D दिनांक 07.02.2025 को प्रकाशित] अपरिहार्य कारणवश रद्द किया जाता है।

कार्यपालक अभियंता
राष्ट्रीय उच्च पथ प्रमंडल,
देवघर

PR 347601 Deoghar(24-25).D

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchary Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com
NIT No.: JUIDCO/NIT/RH/Chakuliya/647 Date 03.03.2025
**e-Procurement (Tender Notice)**

| | | |
|---|---|---|
| 1 | Name of Work | Construction of G+2 Recreation Hall at Chakuliya Nagar Panchayat, Chakuliya, East Singhbhum |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 7,72,07,700/- (Rupees Seven Crore Seventy-Two Lakh Seven Thousand and Seven Hundred) only. |
| 4 | Time of Completion | 11 Months (Including Monsoon & Mobilization Period) |
| 5 | Tender Fee and Bid Security to be submitted online | Tender document fee : Rs 25,000/- (Rupees Twenty-Five Thousand) only Non-Refundable. Bid Security : Rs 7,72,500/- (Rupees Seven Lakh Seventy-Two Thousand and Five Hundred) only |
| 6 | Date/Time of Publication of Tender on Website | 04.03.2025 17:00 Hrs |
| 7 | Last Date/Time of Bid Submission | 25.03.2025 17:00 Hrs |
| 8 | Date/Time of opening of Bid | 26.03.2025 11:30 Hrs |
| 9 | Bid Submission Address | Jharkhand Urban Infrastructure Development Company Ltd., JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in

Sd/-
Project Director (Technical)
JUIDCO Ltd, Ranchi

PR 347628 Urban Development and Housing(24-25)D

**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जमशेदपुर**

**ई–अल्पकालिन पुनर्निविदा आमंत्रण सूचना**
**ई–अल्पकालिन पुनर्निविदा संख्या:- 09/2024-25/RII/STPKG/RWD/EE/JSR**
**दिनांक :- 01.03.2025**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र स | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1 | RWD/EE/JSR/STPKG/07/2024-25 | निरूडीह से पलासबानी तक पथ का सुदृढ़ीकरण कार्य। (लम्बाई–1.700 कि0मी0) | 77,06,600.00 | सतहत्तर लाख छः हजार छः सौ रू0 मात्र | 15 माह | तृतीय |
| | | आर0ई0ओ0 रोड से कोलाबरीया तक पथ का सुदृढ़ीकरण कार्य। (लम्बाई–1.350 कि0मी0) | 1,26,95,800.00 | एक करोड़ छब्बीस लाख पन्चानवे हजार आठ सौ रू0 मात्र | | |
| | | बेसारपहाड़ी से चटानीपानी तक पथ का सुदृढ़ीकरण कार्य। (लम्बाई–7.000 कि0मी0) | 4,80,48,500.00 | चार करोड़ अस्सी लाख अड़तालीस हजार पाँच सौ रू0 मात्र | | |
| | | आर0ई0ओ0 रोड से चिंगरा तक पथ का सुदृढ़ीकरण कार्य। (लम्बाई–1.850 कि0मी0) | 1,39,61,200.00 | एक करोड़ उन्चालीस लाख एकसठ हजार दो सौ रू0 मात्र | | |
| | | L063 आर0ई0ओ0 पथ से जामबनी तक पथ का सुदृढ़ीकरण कार्य। (लम्बाई–1.825 कि0मी0) | 94,72,500.00 | चौरानवे लाख बहत्तर हजार पाँच सौ रू0 मात्र | | |
| | | कुल | 9,18,84,600.00 | नौ करोड़अठारह लाख चौरासी हजार छः सौ रू0 मात्र | | |

2. वेबसाईट में निविदा प्रकाशन की तिथि:– **05.03.2025।**
3. ई–निविदा प्राप्ति की अंतिम तिथि एवं समय:– **19.03.2025** अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– **20.03.2025** अपराह्न 5.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल,जमशेदपुर

PR 347552 Rural Development(24-25).D

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
No.A-1146

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର**
**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**

ପତ୍ର ସଂଖ୍ୟା. ୩୦୩ ତାରିଖ. ୨୭.୦୨.୨୦୨୫
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ–୦୯/କ୍ଷୁ.ଜ.ବି. ନବରଙ୍ଗପୁର/୨୦୨୪–୨୫
**Bid Identification No. SEMIDNGPUR-09/2024-25**
ଇ–ମେଲ୍ : mingpur@yahoo.in, ଟେଲିଫୋନ ନମ୍ବର : ୦୬୮୫୮–୨୨୨୧୩୦

| | | |
|---|---|---|
| ୧. | କାର୍ଯ୍ୟର ନାମ | : ନବରଙ୍ଗପୁର ଜିଲ୍ଲାରେ ବିଭିନ୍ନ ଆଡ଼ିବନ୍ଧ ମରାମତି କାର୍ଯ୍ୟ ଏବଂ ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ ୨୦୨୪–୨୫ ବର୍ଷ ପାଇଁ। |
| ୨. | ସର୍ବମୋଟ କାମର ସଂଖ୍ୟା | : ୯ (ନଅ) ମାତ୍ର |
| ୩. | ଅଟକଳ ମୂଲ୍ୟ | : ଆନୁମାନିକ ୫.୨୯ ରୁ ୪୯.୭୨ ଲକ୍ଷ |
| ୪. | ଠିକାଦାରଙ୍କ ଶ୍ରେଣୀ | : "ଘ", "ଗ" ଏବଂ "ଖ" ଶ୍ରେଣୀ |
| ୫. | ଟେଣ୍ଡର କାଗଜ ମୂଲ୍ୟ (Online) | : ଟଙ୍କା ୪,୦୦୦.୦୦ ରୁ ଟଙ୍କା ୬,୦୦୦.୦୦ |
| ୬. | ନିଲାମ ସୁରକ୍ଷା (Online) | : ଡି.ଟି.ସି.ଏନ୍. ରେ ଉପଲବ୍ଧ |
| ୭. | କାର୍ଯ୍ୟ ସମାପ୍ତି ସମୟ | : ୦୨ (ଦୁଇ) ମାସ ରୁ ୦୪ (ଚାରି) ମାସ |
| ୮. | ନିଲାମ ଉପଲବ୍ଧତା ତାରିଖ ଓ ସମୟ | : ତା. ୦୪.୦୩.୨୦୨୫ ରିଖ ଦିବା ୧୦:୦୦ ଘଟିକା ଠାରୁ ତା. ୧୦.୦୩.୨୦୨୫ ରିଖ ସନ୍ଧ୍ୟା ୫:୦୦ ଘଟିକା ପର୍ଯ୍ୟନ୍ତ ୱେବ୍‌ସାଇଟ (www.tendersorissa.gov.in) ରେ ଉପଲବ୍ଧ |
| ୯. | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | ତା. ୦୪.୦୩.୨୦୨୫ ରିଖ ଦିବା ୧୦:୦୦ ଘଟିକା ଠାରୁ ତା. ୧୦.୦୩.୨୦୨୫ ରିଖ ସନ୍ଧ୍ୟା ୫:୦୦ ଘଟିକା ପର୍ଯ୍ୟନ୍ତ ଅନ୍‌ଲାଇନ ୱେବ୍‌ସାଇଟ ମାଧ୍ୟମରେ |
| ୧୦. | ନିଲାମ ଖୋଲିବା ତାରିଖ ଓ ସମୟ | : ତା. ୧୧.୦୩.୨୦୨୫ ରିଖ ଦିବା ୧୧:୦୦ ଘଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ |
| ୧୧. | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର, ସ୍ଥାନ/ପୋଷ୍ଟ : ନବରଙ୍ଗପୁର, ଜିଲ୍ଲା : ନବରଙ୍ଗପୁର, ପିନ୍‌କୋଡ୍ – ୭୬୪୦୫୯ |
| ୧୨. | ଓଡ଼ିଶା ସରକାରଙ୍କ ୱେବ୍‌ସାଇଟରେ ଅଧିକ ବିବରଣୀ ଦେଖିବାକୁ ମିଳିବ | : www.tendersorissa.gov.in |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର

OIPR-32294/11/0014/2425

# ବିଏସ୍‌ପିରୁ ଆକାଶ ଆନନ୍ଦ ବହିଷ୍କୃତ

ଲକ୍ଷ୍ନୌ, ୩।୩

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ସୋମବାର ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ଦଳରୁ ବହିଷ୍କୃତ କରିଛନ୍ତି। ଏନେଇ ମାୟାବତୀ ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ମାୟାବତୀ ଲେଖିଛନ୍ତି, ରବିବାର ଅନୁଷ୍ଠିତ ହୋଇଥିବା ବିଏସ୍‌ପିର ଅଲ୍ ଇଣ୍ଡିଆ ବୈଠକରେ ଦଳର ହିତକୁ ଦୃଷ୍ଟିରେ ରଖି ଆକାଶଙ୍କୁ ତାଙ୍କ ଶ୍ୱଶୁର ଅଶୋକ ସିଦ୍ଧାର୍ଥଙ୍କ ପରି ଦଳରୁ ବହିଷ୍କୃତ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଦର୍ଶାଇ ଅଶୋକଙ୍କୁ ଗତ ବର୍ଷ ବିଏସ୍‌ପିରୁ ବହିଷ୍କୃତ କରାଯାଇଥିଲା। ଆକାଶ ନିଜ ଶ୍ୱଶୁର ଅଶୋକଙ୍କ ସହ ସମ୍ପର୍କରେ ଥିବା ନେଇ ଦଳକୁ ଖବର ମିଳିଥିବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମାୟାବତୀ କହିଛନ୍ତି। ଏହାପୂର୍ବରୁ ରବିବାର ମାୟାବତୀ ଆକାଶଙ୍କୁ ଦଳର ସମସ୍ତ ପଦରୁ ହଟାଇଦେଇଥିଲେ।


ପୁତୁରା ଆକାଶ ଆନନ୍ଦଙ୍କ ସହ ମାୟାବତୀ।

# ଭାଜପା-ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଧସ୍ତାଧସ୍ତି

ସାକ୍ଷୀଗୋପାଳ,୩।୩(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

**ରଣକ୍ଷେତ୍ର ପାଲଟିଲା ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସର**

- ବିଡିଓଙ୍କ ଗାଡ଼ି ଆଗରେ ଶୋଇଲେ ବିଜେଡି ସଭ୍ୟାସଭ୍ୟ
- ମୋତେ ଦୁର୍ବ୍ୟବହାର କରାଯାଇଛି: ଉପାଧ୍ୟକ୍ଷା
- ଅଧ୍ୟକ୍ଷଙ୍କ ନାମରେ ଅଭିଯୋଗ ହେବ: ବିଧାୟକ

ପୁରୀ ଜିଲା ସତ୍ୟବାଦୀ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ ସୋମବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପ୍ରବଳ ହଟ୍ଟଗୋଳ ଓ ଧସ୍ତାଧସ୍ତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ସମୟରେ ବିଜେଡି ଏବଂ ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ମଧ୍ୟରେ ଧସ୍ତାଧସ୍ତି ସାଙ୍ଗକୁ ପାଟିତୁଣ୍ଡ ଯୋଗୁ ବ୍ଲକ କାର୍ଯ୍ୟାଳୟ ପରିସର ଏକପ୍ରକାର ରଣକ୍ଷେତ୍ର ପାଲଟିଥିଲା।

ସମିତି ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ନୂଆସୋମେଶ୍ୱରପୁର ସରପଞ୍ଚ ପ୍ରଶାନ୍ତ ପାଣି ପୂର୍ବ ଅର୍ଥାତ ଷଷ୍ଠ ପଞ୍ଚାୟତ ସମିତି ବୈଠକରେ ଗୃହରେ ଆଲୋଚନା କରାଯାଇ ନ ଥିବା ଅନେକ ପ୍ରସ୍ତାବ କିଭଳି ଚିଠାରେ ଲିପିବଦ୍ଧ ହେଲା ତାହାର ଉତ୍ତର ଖୋଜିଥିଲେ। ଏହିଠାରୁ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ସେ ଓ ତାଙ୍କ ସମର୍ଥିତ ସଦସ୍ୟମାନେ ଗୃହତ୍ୟାଗ କରି ଚାଲିଯିବା ସହ ଉପାଧ୍ୟକ୍ଷା ନିବେଦିତା ପାତ୍ରଙ୍କୁ ଯିବା ପାଇଁ କହିଥିଲେ। କିନ୍ତୁ ପାତ୍ର ବସିରହିଥିଲେ। ଏସବୁକୁ ନେଇ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଓ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଉଭୟ ବିଜେଡି ଏବଂ ଭାଜପା ସମର୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ଏହି ସମୟରେ ଅଧ୍ୟକ୍ଷ ପଣ୍ଡାଙ୍କ ସମେତ ବିଜେଡିର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଜିଲାପରିଷଦ ସଦସ୍ୟା ସଦସ୍ୟମାନେ ଗୃହରୁ ବାହାରି ଆସି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘସମୟ ଧାରଣା ଦେଇଥିଲେ। ସେପଟେ ଉପାଧ୍ୟକ୍ଷା ପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ପୁନର୍ବାର ଆରମ୍ଭ ହୋଇଥିଲା। ଆବାସ, ଅଙ୍ଗନୱାଡ଼ି କେନ୍ଦ୍ର, ପାନୀୟଜଳ, ରାସ୍ତାଘାଟ ସମସ୍ୟା ସହ 'ମୋ ଗାଁ ମୋ ବିକାଶ' ଯୋଜନା କିଭଳି ତୃଣମୂଳ ସ୍ତରରେ ସଫଳ ରୂପାୟନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ସତ୍ୟବାଦୀ ବିଦ୍ୟୁତ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ଉପଭୋକ୍ତାଙ୍କୁ ମନଇଚ୍ଛା ଆର୍ଥିକ ଦଣ୍ଡ ବିଧାନ କରାଯାଉଥିବା ଅଭିଯୋଗରେ ବିଧାୟକ ମିଶ୍ର ବିଭାଗୀୟ ଯନ୍ତ୍ରୀ ନୀଳାଚଳ ପାତ୍ରଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧ୍ୟକ୍ଷ ପଣ୍ଡା ଓ ତାଙ୍କ ନେତୃତ୍ୱରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ଦାୟୀ ବ୍ୟକ୍ତିବିଶେଷଙ୍କ ନାମରେ ସତ୍ୟବାଦୀ ଥାନାରେ ଅଭିଯୋଗ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଉପାଧ୍ୟକ୍ଷା ପାତ୍ର ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ତାଙ୍କ ସମେତ ବିଜେଡିର ଅନେକ ସଭ୍ୟାସଭ୍ୟଙ୍କ ଅନୁପସ୍ଥିତିରେ ବୈଠକରେ ଗୃହୀତ ପ୍ରସ୍ତାବ ଅଗଣତାନ୍ତ୍ରିକ ଏବଂ ଏହା ସତ୍ୟବାଦୀବାସୀଙ୍କ ନିମନ୍ତେ ଶୁଭଙ୍କର ନୁହେଁ ବୋଲି ଅଧ୍ୟକ୍ଷ ପଣ୍ଡା କହିଛନ୍ତି। ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଅଧ୍ୟକ୍ଷ ପଣ୍ଡା ଓ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ବିଡିଓ ଦେବାଶିଷ ନାୟକଙ୍କୁ ଘେରାଉ କରି ବିଭିନ୍ନ ପ୍ରଶ୍ନ ପଚାରିବା ସହ ତାଙ୍କ ଗାଡ଼ି ଆଗରେ ଶୋଇ ବିଭିନ୍ନ ସ୍ଲୋଗାନ ଦେଇ ହୋହଲ୍ଲା କରିଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଏକ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରିବା ସହ ଅଧିକାରୀମାନେ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବିଡିଓ, ବ୍ଲକ ଅଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଏକ ବୁଝାମଣା ମଧ୍ୟ ହୋଇଥିଲା। ବୈଠକରେ ଜିଲାପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସଭ୍ୟ ରତିକାନ୍ତ ମିଶ୍ର, ଅତିରିକ୍ତ ବିଡିଓ ସଲିଳ ଦାସ, ଭାଜପା ନେତା ତ୍ରିଲୋଚନ ରଥ, ଦୀପକ ଶତପଥୀଙ୍କ ସହ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ବିଡିଓଙ୍କ ଗାଡ଼ି ଆଗରେ ବିଜେଡି ସମର୍ଥିତ ସଦସ୍ୟା ସଦସ୍ୟମାନେ ଶୋଇ ରହି ହୋହଲ୍ଲା କରୁଛନ୍ତି।

# ଗ୍ରାମସଭାକୁ ନେଇ ଜିଲାପରିଷଦ ସଭ୍ୟ-ସମିତିସଭ୍ୟ ମୁହାଁମୁହିଁ

ଖଇରା, ୩।୩(ଉତ୍କଳବନ୍ଧୁ ପଣ୍ଡା)

**ଖଇରା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ**

ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ସୋମବାର ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ୩୭ ପଞ୍ଚାୟତର ଗ୍ରାମସଭା ମାଧ୍ୟମରେ ପାରିତ ହୋଇଆସିଥିବା ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ପ୍ରଥମେ କୁପାରୀ ପଞ୍ଚାୟତର ସମିତିସଭ୍ୟ ଅକ୍ଷୟ କୁମାର ଜେନା କୁପାରୀ ପଞ୍ଚାୟତର ଗ୍ରାମସଭାରେ ପାରିତ ହୋଇଥିବା ପ୍ରକଳ୍ପ ତାଲିକାରୁ ୩୫ଟି ବାଦ୍ ଦିଆଯାଇଥିବା ନେଇ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବିଡିଓ ନାରାୟଣ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ୩ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଆଣିଥିଲେ।

ବୈଠକରେ ଉପସ୍ଥିତ ଥିବା ୩ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଏଭଳି ଅଭିଯୋଗକୁ ଖଣ୍ଡନ କରି ଅନାବଶ୍ୟକ ପ୍ରକଳ୍ପ ବାଦ୍ ଦିଆଯାଇ ସାଧାରଣ ଲୋକେ ଦେଇଥିବା ପ୍ରସ୍ତାବକୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି କହିଥିଲେ। ଦୀର୍ଘସମୟ ଧରି ଉଭୟଙ୍କ ମଧ୍ୟରେ ବାକ୍‌ବିତଣ୍ଡା ଚାଲିବା ପରେ ବିଧାୟକ ସମାଧାନ ଉଦ୍ୟମ କରି ବିଫଳ ହୋଇଥିଲେ। ପଞ୍ଚାୟତ ସମିତି ବୈଠକରେ ଉପଯୁକ୍ତ ସମ୍ମାନ ମିଳୁ ନ ଥିବା ଅଭିଯୋଗ ଆଣି ଦାସ ସଭାଗୃହରୁ ଉଠି ପଳାଇଥିଲେ। ବିଡିଓ କୁପାରୀ ପ୍ରସଙ୍ଗରେ ଜିଲପାଳଙ୍କୁ ଅବଗତ କରାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବାକି ପଞ୍ଚାୟତରୁ ଆସିଥିବା ଏହି ୫ବର୍ଷିଆ ପ୍ରକଳ୍ପ ତାଲିକାକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ବୈଠକରେ ସହକାରୀ ଯନ୍ତ୍ରୀ ଉତ୍ତମ ସାହୁ, ପଞ୍ଚାୟତ ଅଧିକାରୀ ଅଶୋକ କୁମାର ପାତ୍ର, ଆର୍‌ଡି ଏସ୍‌ଡିଓ ବୁଦ୍ଧଦେବ ସିଂ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ହଟ୍ଟଗୋଳ ସମୟର ଦୃଶ୍ୟ।

# ଦେବାଶିଷଙ୍କୁ ତାଗିଦ୍ କଲେ ଭକ୍ତ

କଟକ,୩।୩(ଶିଳ୍ପା ପ୍ରିୟଦର୍ଶିନୀ)

ପୂର୍ବତନ ବାଙ୍କୀ ବିଧାୟକ ତଥା କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକଙ୍କୁ ପିସିସି ସଭାପତି ଭକ୍ତଚରଣ ଦାସ କିଟ୍ ବିଶ୍ୱବିଦ୍ୟାଳୟ ପ୍ରସଙ୍ଗ ନେଇ ତାଗିଦ କରିଛନ୍ତି। ସୋମବାର କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସଂଗ୍ରହାଳୟ ଠାରେ ଦାସ କହିଛନ୍ତି, କିଟ୍ ପ୍ରସଙ୍ଗ ନେଇ ଦେବାଶିଷ ପଟ୍ଟନାୟକଙ୍କୁ ତାଗିଦ କରାଯାଇଛି। ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଥାଇପାରେ, କିନ୍ତୁ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା ନେଇ ସେ କିଟ୍‌କୁ ପ୍ରଶଂସା କରିପାରିବେ ନାହିଁ। ସେ ଦଳୀୟ ଆଭିମୁଖ୍ୟରୁ ବାହାରି ଗଣମାଧ୍ୟମକୁ କିଛି କହିପାରିବେ ନାହିଁ। କିଟ୍ ପ୍ରସଙ୍ଗ ଏକ ସଙ୍ଗିନ ଘଟଣା, ଯାହାକି ଦୁଇ ଦେଶ ମଧ୍ୟରେ ଥିବା ସୁସମ୍ପର୍କକୁ ଖରାପ କରିଛି ବୋଲି ଦାସ ପ୍ରକାଶ କରିଛନ୍ତି। ସୂଚନାଥାଉକି, ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା ନେଇ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିବାବେଳେ ଦେବାଶିଷ କହିଥିଲେ ଯେ, କିଟ୍ ଅନୁଷ୍ଠାନ ବହୁ ଲୋକଙ୍କ ସେବା କରିଆସୁଛି। ପଜିଟିଭ ଭାବେ ଏହାକୁ ଦେଖିବା ଆବଶ୍ୟକ ବୋଲି ପଟ୍ଟନାୟକ ପ୍ରକାଶ କରିଥିଲେ। ପରେ ଦେବାଶିଷଙ୍କ ଏହି ମନ୍ତବ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା।

## Business

# ୪ ବର୍ଷରେ ଭାରତର ସ୍ୱାସ୍ଥ୍ୟସେବା ବଜାର ଦ୍ୱିଗୁଣିତ

ଭୁବନେଶ୍ୱର,୩।୩ (ଅନୁରାଧା ମହାରଣା)



କରୋନା ମହାମାରୀ ପରଠାରୁ ଦେଶରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ସମ୍ବନ୍ଧରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଛି। ଫଳରେ ଦେଶରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ବଜାର କ୍ରମାଗତ ଭାବରେ ବିସ୍ତାର କରୁଛି। ଜେରୋଡାର ସହ-ପ୍ରତିଷ୍ଠାତା ନିଖିଲ କାମାଥଙ୍କ ଅନୁଯାୟୀ, ଗତ ୪ ବର୍ଷ ମଧ୍ୟରେ ଭାରତର ପ୍ରତିଷେଧକ ସ୍ୱାସ୍ଥ୍ୟସେବା ବଜାର ଦ୍ୱିଗୁଣିତ ହୋଇଛି ଏବଂ କେବଳ 'ହେଲଥ୍ ଏବଂ ଫିଟନେସ'ର ଯୋଗଦାନ ୯୮ ବିଲିୟନ ଡଲାର ହୋଇଥିବାବେଳେ ମୋଟ ବଜାର ଆକାରର ୫୧% ଅଟେ। ପ୍ରତିଷେଧକ ସ୍ୱାସ୍ଥ୍ୟସେବାରେ ମଧ୍ୟ ଟଙ୍କା ରୋଜଗାର କରିବାର ଏକ ବଡ଼ ସୁଯୋଗ ରହିଛି। ୨୦୨୫ ସୁଦ୍ଧା ବଜାରର ଆନୁମାନିକ ଆକାର ୧୯୭ ବିଲିୟନ ଡ଼ଲାର ଅର୍ଥାତ୍ ପ୍ରାୟ ୮ ଲକ୍ଷ କୋଟି ଟଙ୍କା ରହିବ ବୋଲି ଆଶା କରାଯାଉଛି। କାମାଥଙ୍କ ତଥ୍ୟ ଅନୁଯାୟୀ, କୋଭିଡ ମହାମାରୀ ସମୟରୁ ଲାଇଭ ଫିଟନେସ କଣ୍ଟେଣ୍ଟର ବ୍ୟବହାର ୧,୩୦୦% ବୃଦ୍ଧି ପାଇଛି, ଯାହା ସ୍ୱାସ୍ଥ୍ୟସେବା ଉପରେ ବିଶ୍ୱର ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଛି। କାମାଥ ତାଙ୍କ ପୋଷ୍ଟରେ କହିଛନ୍ତି ଯେ, ୨୦୨୧ ତଥ୍ୟ ଅନୁଯାୟୀ ଭାରତରେ ୧୦,୦୦୦ ଲୋକଙ୍କ ପାଇଁ ୧୧୪ ୟୁନିଟ ଫିଟନେସ ୱିୟରବେଲ୍ ବିକ୍ରି ହେଉଥିବାବେଳେ ବିଶ୍ୱର ହାରାହାରି ୬୪୫ ୟୁନିଟ୍ ରହିଛି। ଏହି କାରଣରୁ, ବୈଶ୍ୱିକ ସଂଖ୍ୟା ତୁଳନାରେ ଭାରତରେ ଫିଟନେସ ପୋଷାକର ବିକ୍ରି ୮୨% କମ ରହିଛି। ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପାଇଁ ଭାରତୀୟମାନେ ବାର୍ଷିକ ୪,୦୦୦ ରୁ ୧୦,୦୦୦ ଟଙ୍କା ଖର୍ଚ୍ଚ କରନ୍ତି। ତେବେ ପ୍ରତିଷେଧକ ସ୍ୱାସ୍ଥ୍ୟସେବାରେ ବ୍ୟାୟାମ, ସୁସ୍ଥ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ବୀମା, ନିରାକରଣ ଏବଂ ସ୍ୱାସ୍ଥ୍ୟ ଟ୍ରାକିଂ ଆଦି ରହିଛି। ତେବେ ଜିମ ସବସ୍କ୍ରିପସନ କ୍ଷେତ୍ରରେ ଭାରତ ବହୁ ପଛରେ ଅଛି, ଯାହା ବିଶ୍ୱରେ ମୋଟ ୦.୨% ଅଟେ। ବିଶ୍ୱରେ ଭାରତର ସର୍ବନିମ୍ନ ଜିମ ସବସ୍କ୍ରିପସନ ରହିଛି। ସେହିପରି ୫୦% ରୁ ଅଧିକ ଜିମ ମେମ୍ବର ନିୟମିତ ଜିମ ଯାଆନ୍ତି ନାହିଁ। ଏହି ତଥ୍ୟରୁ ଜଣାପଡିଛି ଯେ ଭାରତରେ ବର୍ତ୍ତମାନ ମୋଟ ୯୬,୨୭୮ ଜିମ ଅଛି।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୩।୩

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୨ (୧୧୨.୧୬) ପଏଣ୍ଟ ହ୍ରାସ ଘଟି ୭୩,୦୮୬ (୭୩,୦୮୫.୯୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୫ (୫.୪୦) ପଏଣ୍ଟ ହ୍ରାସ ଘଟି ୨୨,୧୧୯(୨୨,୧୧୯.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ୟୁବିଆଇର ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ ପ୍ରୋଗ୍ରାମ


ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ ପ୍ରୋଗ୍ରାମରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୩।୩

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ ପ୍ରୋଗାମ ଭୁବନେଶ୍ୱରର ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ମହାପ୍ରବନ୍ଧକ ଏ.କେ. ବିନୋଦ, ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ତଥା ମହାପ୍ରବନ୍ଧକ ସର୍ଭେଶ ରଞ୍ଜନ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ଗ୍ରାହକ ସଂଯୋଗୀକରଣ ସହିତ ଗ୍ରାହକମାନଙ୍କୁ ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ ଓ ଅଗ୍ରାଧିକାର ଭିତ୍ତିରେ ଓଡ଼ିଶା ସରକାର ଏବଂ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିଆଯାଇଥିବା ଏମ୍‌ଏସ୍‌ଏମ୍‌ଇର ବିଭିନ୍ନ ସଦ୍ୟତମ ପଦକ୍ଷେପ ବିଷୟରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏଥିରେ ମୂଲ୍ୟବାନ ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନଙ୍କୁ ମଲ୍ଲିକ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଗ୍ରାହକ ଯୋଗ ଦେଇଥିଲେ।

## ବଜାରରେ ଆଇସିଆଇସିଆଇ ପ୍ରୁର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୩।୩

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନସ୍ୟୁରାନ୍ସର ନୂତନ ଉତ୍ପାଦ 'ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଦୀର୍ଘମିଆଦୀ ସଞ୍ଚୟ ଉତ୍ପାଦ ହୋଇଥିଲାବେଳେ ଗ୍ରାହକଙ୍କୁ ତୁରନ୍ତ ଆୟ ପ୍ରଦାନ କରିଥାଏ। ଏହି ପ୍ରଡକ୍ଟ ଗ୍ରାହକଙ୍କୁ ସେମାନେ ନିଶ୍ଚିତ ଆୟ କେବେ ଆରମ୍ଭ କରିବାକୁ ଚାହୁଁଛନ୍ତି, ନିଶ୍ଚିତ ଆୟର ଅବଧି ଏବଂ ପରିପକ୍ୱତା ସମୟରେ ସେମାନେ କେତେ ପରିମାଣ ପାଇପାରିବେ ତାହା ଚୟନ କରିବାର ସୁବିଧା ପ୍ରଦାନ କରିଥାଏ । ଏହାବ୍ୟତୀତ ଲାଇଫ କଭର ଉପାଦାନ ପରିବାର ପାଇଁ ଆର୍ଥିକ ନିରାପତ୍ତା ସୁନିଶ୍ଚିତ କରିଥାଏ। ଏହି ଉତ୍ପାଦର ଅନ୍ୟତମ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ବର୍ଦ୍ଧିତ ଆୟ ବିକଳ୍ପ ଯେଉଁଥିରେ ଆୟ ବାର୍ଷିକ ୫% କମ୍ପାଉଣ୍ଡିଂ ହାରରେ ବୃଦ୍ଧି ପାଇଥାଏ, ଯାହା ଗ୍ରାହକମାନଙ୍କୁ ମୁଦ୍ରାସ୍ଫୀତି ପରିଚାଳନା କରିବାରେ ସାହାଯ୍ୟ କରିଥାଏ।

ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନସ୍ୟୁରାନ୍ସର ମୁଖ୍ୟ ଉତ୍ପାଦ ଏବଂ ବିତରଣ ଅଧିକାରୀ ଅମିତ ପାଲଟା କହିଛନ୍ତି, ଆମର ପ୍ରଡକ୍ଟ ପୋର୍ଟଫୋଲିଓରେ ନୂଆ ଉତ୍ପାଦ ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟକୁ ଯୋଗ କରି ଆମେ ବେଶ ଉତ୍ସାହିତ ଅଛୁ। ଏପରିକି ଆମ ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅଭିନବତାର ପରମ୍ପରାକୁ ଆଗକୁ ବଢ଼ାଉଛୁ। ଏହି ଅନନ୍ୟ ଉତ୍ପାଦ ଆମର ଗ୍ରାହକମାନଙ୍କୁ ନିଶ୍ଚିତ ଆୟର ଲାଭ ପାଇବାକୁ ଅନୁମତି ଦେବ। ଯାହାକୁ ସେମାନେ ସେମାନଙ୍କ ଜୀବନ ଲକ୍ଷ୍ୟ ଏବଂ ନଗଦ ପ୍ରବାହ ଆବଶ୍ୟକତା ଅନୁଯାୟୀ କଷ୍ଟମାଇଜ୍ କରିପାରିବେ।

ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟ ଗ୍ରାହକମାନଙ୍କୁ ସେମାନଙ୍କର ଆର୍ଥିକ ସଞ୍ଚୟକୁ ବଜାରର ଅସ୍ଥିରତାରୁ ରକ୍ଷା କରିବା ଏବଂ ସେମାନଙ୍କର ଆର୍ଥିକ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ କରିବ।

## ଓଓଏସିର ପ୍ରଥମ ସଂସ୍କରଣ ଉଦ୍‌ଘାଟିତ


ଓଓଏସି-୨୦୨୫ର ପ୍ରଥମ ସଂସ୍କରଣରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୩।୩ (ଅଭୟ ଦାଶ)

ଓଡ଼ିଶା ଆର୍ଥୋସ୍କୋପି ସୋସାଇଟି ଏବଂ କଳିଙ୍ଗ ହସ୍ପିଟାଲ ଲିମିଟେଡର ମିଳିତ ତତ୍ତ୍ୱାବଧାନରେ ଓଡ଼ିଶା ଅପରେଟିଭ୍ ଆର୍ଥୋସ୍କୋପି ବା ଓଓଏସି-୨୦୨୫ର ପ୍ରଥମ ସଂସ୍କରଣ ନିକଟରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ଅନ୍ୟମାନେ ଅତିଥି ଭାବେ ଯୋଗ ଦେଇଥିଲେ। ଅପରପକ୍ଷରେ ଏହି କାର୍ଯ୍ୟକ୍ରମ ଓଡ଼ିଶାରେ ଅସ୍ଥିଶଲ୍ୟ ଏବଂ ଆର୍ଥୋସ୍କୋପି ତାଲିମକୁ ଆଗକୁ ବଢାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଓଡ଼ିଶା ଅପରେଟିଭ୍ ଆର୍ଥୋସ୍କୋପି ସୋସାଇଟି ଏବଂ କଳିଙ୍ଗ ହସ୍ପିଟାଲ ଲିମିଟେଡର୍ ପରିଚାଳନା ନିର୍ଦ୍ଦେଶିକା ସୁଶ୍ରୀ ନୀଳଞ୍ଜନା ମୁଖାର୍ଜୀ ଏହି କାର୍ଯ୍ୟକ୍ରମ ପଛରେ ଥିବା ସମଗ୍ର ଦଳକୁ ଚିକିତ୍ସା ଶିକ୍ଷା ଏବଂ ନବ ସୃଜନ ପ୍ରତି ସେମାନଙ୍କର ଉତ୍ସର୍ଗ ପାଇଁ ପ୍ରଶଂସା କରିଛନ୍ତି। ଏହି ପଦକ୍ଷେପ ନିଃସନ୍ଦେହରେ ଆମ ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତିରେ ଯୋଗଦାନ ଦେବ ଏବଂ ଅନେକଙ୍କ ଜୀବନର ମାନ ଉନ୍ନତ କରିବ। ସେହିଭଳି ବରିଷ୍ଠ ଅସ୍ଥିଶଲ୍ୟ ପରାମର୍ଶଦାତା ଏବଂ ପ୍ରସିଦ୍ଧ କ୍ରୀଡା ସର୍ଜନ ଡା. ରଣଜିତ ପାଣିଗ୍ରାହୀ ଏହି ଉଲ୍ଲେଖନୀୟ ପଦକ୍ଷେପର ନେତୃତ୍ୱ ନେଉଛନ୍ତି। ଏପରିକି ଆର୍ଥୋସ୍କୋପି ଏବଂ କ୍ରୀଡା ସର୍ଜରି କ୍ଷେତ୍ରରେ ତାଙ୍କର ଉତ୍ସର୍ଗୀକୃତତା ବେଶ ପ୍ରଶଂସନୀୟ ଏବଂ ବିଶେଷଜ୍ଞଙ୍କ ଏକ ସମ୍ମାନିତ ପ୍ୟାନେଲକୁ ଏକାଠି କରିବାରେ ତାଙ୍କର ପ୍ରୟାସ ରହିଛି।

## ୱଣ୍ଡର୍‌ଲାର ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୩।୩




ୱଣ୍ଡର୍‌ଲା ହଲିଡେଜ ଲିମିଟେଡ଼ର ବହୁ ପ୍ରତିକ୍ଷିତ ଅଫର 'ବାୟ ୱାନ୍ ଗେଟ୍ ୱାନ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷ ମହିଳା ଦିବସ ଉପଲକ୍ଷେ ଏହି ଅଫର ଆରମ୍ଭ କରାଯାଇଛି। ୨୦୨୫ ମାର୍ଚ୍ଚ ୮ରେ ୱଣ୍ଡର୍‌ଲା ଭୁବନେଶ୍ୱରରେ ମଧ୍ୟ ମହିଳାମାନଙ୍କ ପାଇଁ ବାୟ ୱାନ୍ ଗେଟ୍ ୱାନ୍ ଫ୍ରିର ଏକ ଏକ୍ସକ୍ଲୁସିଭ ଟିକେଟର ବ୍ୟବସ୍ଥା କରିଛି ଏବଂ ରହିଥିବା ଏହାର ପାର୍କଗୁଡ଼ିକ ମଧ୍ୟରେ ବିଶେଷ ଭାବେ କେବଳ ମହିଳାମାନେ ଏଥିରେ ସୁଯୋଗ ପାଇବେ, ଯାହା ମଧ୍ୟରେ କୋଚି, ହାଇଦ୍ରାବାଦ, ବେଙ୍ଗାଲୁରୁ ଏବଂ ଭୁବନେଶ୍ୱର ପାର୍କ ରହିଛି। ଭୁବନେଶ୍ୱର ପାର୍କ ସୃଷ୍ଟି କରିବାକୁ ଯାଉଛି ଏକ ରଙ୍ଗାରଙ୍ଗ ପରିବେଶ, ଯାହା ମଧ୍ୟରେ ରହିଛି ପାରମ୍ପରିକ ଢୋଲ ୱେଲକମ୍, ଲାଇଭ ପରଫରମାନ୍ସ, ୱେଭ ପୁଲ ଡିଜେ ଏବଂ ଏମସି-ଲେଡ଼ଯୁକ୍ତ କୌତକିଆ ଗେମ୍।

ଏ ସମ୍ପର୍କରେ ୱଣ୍ଡର୍‌ଲା ହଲିଡେଜ ଲିମିଟେଡ଼ର ଏକ୍‌ଜିକ୍ୟୁଟିଭ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅରୁଣ କେ. ଚିଟ୍ଟିଲାପିଲ୍ଲି କହିଛନ୍ତି, ୱଣ୍ଡର୍‌ଲାରେ ଆମେ ଆନନ୍ଦଦାୟକତାର ଅଭିଜ୍ଞତା ସୃଷ୍ଟି କରିବା ସହିତ ଆମୋଦପ୍ରମୋଦର ଊର୍ଦ୍ଧ୍ୱକୁ ଯାଇ ଲୋକମାନଙ୍କ ମଧ୍ୟରେ ଏହି ଆନନ୍ଦ ପ୍ରଦାନକୁ ଏକ ଠିକ୍ ମୂଲ୍ୟ ଦେବା ସହିତ ଉତ୍ସବ ପାଳନ ଉପରେ ବିଶ୍ୱାସ ରଖିଥାଉ। ଏହି ମହିଳା ଦିବସରେ ଆମେ ସମ୍ପୂର୍ଣ୍ଣ ଦିବସଟିକୁ ସେହି ମହିଳାମାନଙ୍କ ପାଇଁ ଉତ୍ସର୍ଗ କରିବା ସହିତ ସୁନିଶ୍ଚିତ କରିଥାଉ।

ଧରିତ୍ରୀ 51 Years
ଭୁବନେଶ୍ୱର, ମଙ୍ଗଳବାର, ୪ ମାର୍ଚ୍ଚ, ୨୦୨୫



## ସଂକ୍ଷେପରେ

### ପଥଚାରୀଙ୍କ ଉପରେ କାର୍ ମଡ଼ାଇଦେବାରୁ ଜଣେ ମୃତ

ମାନ୍‌ହେଇମ୍,୩।୩

ଜର୍ମାନୀର ମାନହେଇମ୍ ସହରରେ ଜଣେ ଡ୍ରାଇଭର ପଥଚାରୀମାନଙ୍କ ଉପରେ କାର୍ ମଡ଼ାଇଦେବାରୁ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। କଳାରଙ୍ଗର ଏସ୍‌ୟୁଭିଟି ଦ୍ରୁତ ବେଗରେ ଶପିଂ ଷ୍ଟ୍ରିଟ୍‌ର ଜନଗହଳି ମଧ୍ୟକୁ ପଶିଆସିବା ସହ ବହୁ ଲୋକଙ୍କୁ ଧକ୍କା ଦେଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୋଲିସ ଜଣକୁ ଗିରଫ କରିଥିବାବେଳେ ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଥିବା ନେଇ ତଦନ୍ତ ଚଳାଇଛି। ଗତବର୍ଷ ଡିସେମ୍ବରରେ ମାଗଡେବର୍ଗରେ ଏବଂ ଗତ ମାସରେ ମ୍ୟୁନିକ୍‌ରେ ଅନୁରୂପ ଭାବେ ଲୋକଙ୍କ ଉପରେ ଗାଡ଼ି ମଡ଼ାଇ ଦିଆଯାଇଥିଲା। ସୋମବାର ମାନ୍‌ହେଇମ୍‌ରେ ଦୁର୍ଘଟଣା ପରେ ସୁରକ୍ଷା ବଢ଼ାଇ ଦିଆଯାଇଛି।

### ଶିଶୁକନ୍ୟାକୁ ଦଳି ମାରିଦେଲା ପୋଲିସ

#### ମୁସଲମାନ ମହିଳାଙ୍କ ଅଭିଯୋଗ

ଅଲୱାର,୩।୩

ରାଜସ୍ଥାନର ଅଲ୍‌ୱାର ସହରରେ ଜଣେ ମାସକର ଶିଶୁକନ୍ୟାକୁ ପୋଲିସ ଦଳି ମାରିଦେଇଥିବା ଅଭିଯୋଗ ହୋଇଛି। ପୋଲିସ ପୂର୍ବରୁ କୌଣସି ସୂଚନା ନ ଦେଇ ରବିବାର ସକାଳେ ହଠାତ୍ ନୂଆଗାଁ ଥାନା ଅନ୍ତର୍ଗତ ରଘୁନାଥଗଡ଼ ଗ୍ରାମର ଇମ୍ରାନ୍ ଖାନ୍‌ଙ୍କ ଘରେ ଚଢ଼ାଉ କରିଥିଲା। ଇମ୍ରାନ୍‌ଙ୍କ ସ୍ତ୍ରୀ ରାଜିଦା ନିଜ ଶିଶୁକନ୍ୟା ଆଲିସ୍‌ବାଙ୍କ ସହ ଖଟରେ ଶୋଇଥିବାବେଳେ ପୋଲିସ ତାଙ୍କୁ ଓ ସ୍ୱାମୀ ଇମ୍ରାନ୍‌ଙ୍କୁ ଟାଣିନେଇଥିଲା। ଏହି ସମୟରେ ପୋଲିସ ଅଧିକାରୀ ଶିଶୁଟି ଉପରେ ଗୋଡ଼ ପକାଇଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ରାଜିଦା ଅଭିଯୋଗ କରିଛନ୍ତି। ଇମ୍ରାନଙ୍କ ନାଁରେ ମାମଲା ନ ଥାଇ ସାଇବର ଅପରାଧୀଙ୍କୁ ଧରିବାକୁ ଯାଇ ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିଲା। ଗ୍ରାମବାସୀ ନ୍ୟାୟ ଦାବିରେ ଅଲୱାର ଏସ୍‌ପିଙ୍କ ବାସଭବନ ଆଗରେ ବିକ୍ଷୋଭ କରିବା ପରେ ପୋଲିସ ଏତଲା ଦାଏର କରିଛି। ବିରୋଧୀ ଦଳ ନେତା ଟିକାରାମ ଜୁଲି ଘଟଣାକୁ ନିନ୍ଦା କରିବା ସହ ପୋଲିସ ଆତଙ୍କବାଦୀ ଭଳି କାର୍ଯ୍ୟ କରୁଥିବା କହିଛନ୍ତି।

# ନୈତିକତା, ଅଭିବ୍ୟକ୍ତି ସ୍ୱାଧୀନତାର ସନ୍ତୁଳନ ଜରୁରୀ

## ଆଲ୍ଲାହାବାଦିଆଙ୍କୁ 'ଦି ରଣବୀର ଶୋ' ପାଇଁ ଅନୁମତି ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩।୩





ରଣବୀର ଆଲ୍ଲାହାବାଦିଆ

> କେତେଜଣ ବ୍ୟକ୍ତି ବାକ୍ ସ୍ୱାଧୀନତା ଉପରେ ସ୍ତମ୍ଭ ଲେଖୁଛନ୍ତି। ପ୍ରତ୍ୟେକ ମୌଳିକ ଅଧିକାର ସହ କର୍ତ୍ତବ୍ୟ ଯୋଡ଼ିହୋଇ ରହିଛି। ସେହିପରି କଟକଣା ମଧ୍ୟ ରହିଛି। ସାଧାରଣ ଶୃଙ୍ଖଳା ଓ ନୈତିକତା ସ୍ୱାର୍ଥରେ ଯୁକ୍ତିଯୁକ୍ତ କଟକଣା ଲଗାଇବାକୁ ସମ୍ବିଧାନରେ ବ୍ୟବସ୍ଥା ରହିଛି। ଏହା ହେଉଛି ସମ୍ବିଧାନ ପ୍ରଣେତାମାନଙ୍କ ଦୂରଦୃଷ୍ଟି।
> –ଜଷ୍ଟିସ୍ ସୂର୍ଯ୍ୟକାନ୍ତ

ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆଙ୍କୁ ସୋମବାର ସୁପ୍ରିମକୋର୍ଟ ପୂର୍ବ ଭଳି ପୋଡ୍‌କାଷ୍ଟରେ ଶୋ' କରିବାକୁ ଅନୁମତି ପ୍ରଦାନ କରିଛନ୍ତି। କିନ୍ତୁ ଆଗକୁ ସେ ଯେପରି ନିଜ ସୀମା ନ ଲଙ୍ଘନ୍ତି ସେଥିପାଇଁ ସର୍ବୋଚ୍ଚ ଅଦାଲତ ତାଙ୍କୁ ତାଗିଦ କରିଛନ୍ତି। ନୈତିକତା ଓ ଅଭିବ୍ୟକ୍ତି ସ୍ୱାଧୀନତାର ସନ୍ତୁଳନ ଜରୁରୀ ବୋଲି ଅଦାଲତ କହିବା ସହ ଡିଜିଟାଲ କଣ୍ଟେଣ୍ଟ ପାଇଁ ଗାଇଡ୍‌ଲାଇନ୍ ପ୍ରସ୍ତୁତିବେଳେ ଏହି ପ୍ରସଙ୍ଗକୁ ଧ୍ୟାନଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୟରବାଇସେପ୍ସ ନାମରେ ପରିଚିତ ୩୧ ବର୍ଷୀୟ ୟୁଟ୍ୟୁବର ଗତ ମାସରେ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ ଶୋ' ବେଳେ ମା'ବାପାମାନଙ୍କ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ସେହି ଦୃଶ୍ୟ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବା ପରେ ଦେଶରେ ବଡ଼ ବିବାଦ ମୁଣ୍ଡ ଟେକିଥିଲା। ଆଲ୍ଲାହାବାଦିଆଙ୍କ ମନ୍ତବ୍ୟକୁ ନିନ୍ଦାକରି ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ କରାଯାଇଥିଲା। ଆଲ୍ଲାହାବାଦିଆ, ସମୟ ରୈନା ଓ ଶୋ' ସହ ଜଡ଼ିତ ଅନ୍ୟମାନଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଥିଲା। ଶେଷରେ ସେ ଏଥିପାଇଁ କ୍ଷମା ମାଗିଥିଲେ। ତେବେ ଅନେକ ରାଜ୍ୟରେ ତାଙ୍କ ବିରୋଧରେ ଦାଏର ମାମଲାଗୁଡ଼ିକର ଏକତ୍ରିତ ଶୁଣାଣି ପାଇଁ ଆହ୍ଲାବାଦିଆ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ଆବଦନର ଶୁଣାଣି କରି କହିଛନ୍ତି, ପୋଡ୍‌କାଷ୍ଟର ଆହ୍ଲାବାଦିଆ ନିଜ 'ଦି ରଣବୀର ଶୋ' ଚଳାଇପାରିବେ। କିନ୍ତୁ ଏଥିପାଇଁ ତାଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ନୈତିକତା ଓ ଶିଷ୍ଟତା ବଜାୟ ରଖିବାକୁ ପଡ଼ିବ। ଏପରି କି 'ଉକ୍ତ ଶୋ' ସବୁ ବୟସର ଲୋକଙ୍କ ପାଇଁ ଉପଯୁକ୍ତ' ବୋଲି ଆହ୍ଲାବାଦିଆଙ୍କୁ ଅଣ୍ଡରଟେକିଂ ଦେବାକୁ ପଡ଼ିବ।

ଆଲ୍ଲାହାବାଦିଆଙ୍କ ଶୋ'ରେ ୨୮୦ ଜଣ ନିଯୁକ୍ତ ଥିବାରୁ ଏହାର ପ୍ରଦର୍ଶନ ଉପରେ ଲାଗିଥିବା କଟକଣା ହଟାଇବା ପାଇଁ ତାଙ୍କ ଓକିଲ ଅଭିନବ ଚନ୍ଦ୍ରଚୂଡ଼ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଆଲ୍ଲାହାବାଦିଆଙ୍କ ମନ୍ତବ୍ୟ ଅଭଦ୍ର ନୁହେଁ, ବରଂ ବିକୃତି। ମୁଁ ଉତ୍ସୁକତାର ସହ ଶୋ' ଦେଖୁଥିଲି। ହ୍ୟୁମର ଗୋଟିଏ ବିଷୟ, ଭଲ୍‌ଗାର ଆଉ ଗୋଟିଏ କଥା ଏବଂ ବିକୃତି ତହୁଁ ବଳିକି ଏକ ଭିନ୍ନ ସ୍ତର। ଏହା କାହା ସହ ମିଶି ଦେଖିବା ଭଳି ମଧ୍ୟ ନ ଥିଲା। ବିଚାରପତିମାନେ ଏହାକୁ ମିଳିତ ଭାବେ ଦେଖିପାରିବେ ନାହିଁ। ସେମାନଙ୍କୁ କିଛି ସମୟ ଚୁପ୍ ରହିବାକୁ ଦିଆଯାଉ ବୋଲି ମେହେଟ୍ଟା ଯୁକ୍ତି ବାଢ଼ିଥିଲେ।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଲେ, କେତେଜଣ ବ୍ୟକ୍ତି ବାକ୍ ସ୍ୱାଧୀନତା ଉପରେ ସ୍ତମ୍ଭ ଲେଖୁଛନ୍ତି। ପ୍ରତ୍ୟେକ ମୌଳିକ ଅଧିକାର ସହ କର୍ତ୍ତବ୍ୟ ଯୋଡ଼ିହୋଇ ରହିଛି। ସେହିପରି କଟକଣା ମଧ୍ୟ ରହିଛି। ସଲିସିଟର ଜେନେରାଲ ଏହା ଉପରେ ଗାଇଡ୍‌ଲାଇନ୍ ପ୍ରସ୍ତୁତିର ଆବଶ୍ୟକତା ରହିଥିବା କହିବାରୁ ବିଚାରପତି ସୂର୍ଯ୍ୟକାନ୍ତ କହିଲେ, ଆମେ କୌଣସି ସେନ୍‌ସରଶିପ୍ ନିୟାମକ ବ୍ୟବସ୍ଥା ଚାହୁଁନାହୁଁ। ଏହା ସମସ୍ତଙ୍କ ପାଇଁ ଅବାଧ ପ୍ଲାଟ୍‌ଫର୍ମ ମଧ୍ୟ ହେବା ଅନୁଚିତ। ଅଶ୍ଳୀଳ ଭାଷା ଟ୍ୟାଲେଣ୍ଟ ନୁହେଁ। ଜଣେ ୭୫ ବର୍ଷୀୟ ବ୍ୟକ୍ତି ମଧ୍ୟ ହ୍ୟୁମର ଶୋ' କରୁଛନ୍ତି। ସେ କିପରି ଏହା କରୁଛନ୍ତି, ତାକୁ ଆପଣମାନେ ଦେଖିବା ଉଚିତ। ପୂରା ପରିବାର ଦେଖିପାରିବ। ତାହା ହିଁ ପ୍ରକୃତ ମେଧା ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି। ସାଧାରଣ ଶୃଙ୍ଖଳା ଓ ନୈତିକତା ସ୍ୱାର୍ଥରେ ଯୁକ୍ତିଯୁକ୍ତ କଟକଣା ଲଗାଇବାକୁ ସମ୍ବିଧାନରେ ବ୍ୟବସ୍ଥା ରହିଛି। ଏହା ହେଉଛି ସମ୍ବିଧାନ ପ୍ରଣେତାମାନଙ୍କ ଦୂରଦୃଷ୍ଟି। ଏହା ଏଭଳି ସୁନ୍ଦର ଭାବେ ପ୍ରସ୍ତୁତ ଦସ୍ତାବିଜ। ଆମେ ସେମାନଙ୍କ ବିଚାରଧାରାକୁ ସମ୍ମାନ ଦେବା ଉଚିତ, ଯାହାକି ସାରା ଭାରତର ନାଗରିକମାନଙ୍କୁ ପ୍ରତିନିଧିତ୍ୱ କରିଥାଏ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି।

## ଗାଜାକୁ ସହାୟତା ବନ୍ଦ କରାଇ ଇସ୍ରାଏଲ୍ ସମାଲୋଚିତ

ତେଲ୍ ଆଭିଭ୍,୩।୩

ନୂଆ ଯୁଦ୍ଧବିରତି ପ୍ରସ୍ତାବ ମାନିନେବା ଲାଗି ହମାସ୍ ଉପରେ ଚାପ ପକାଇବା ସହ ଭୟଙ୍କର ପରିଣତି ହେବ ବୋଲି ଧମକ ଦେବା ଏବଂ ଗାଜାକୁ ଖାଦ୍ୟ ଓ ଅନ୍ୟାନ୍ୟ ସହାୟତା ସାମଗ୍ରୀ ନେଇ ଯାଉଥିବା ଟ୍ରକ୍‌ଗୁଡ଼ିକୁ ରୋକିବା ଘଟଣାରେ ଇସ୍ରାଏଲ୍ କଡ଼ା ସମାଲୋଚିତ ହୋଇଛି। ଇସ୍ରାଏଲ୍ କ୍ଷୁଧାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରି ମାନବୀୟ ଆଇନର ଉଲ୍ଲଂଘନ କରୁଥିବା ମଧ୍ୟସ୍ଥ ରାଷ୍ଟ୍ର ଇଜିପ୍ଟ ଏବଂ କାତାର କହିଛନ୍ତି। ଜାନୁଆରୀ ୧୯ରୁ ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ରାଜିନାମା କାର୍ଯ୍ୟକାରୀ ହେବା ପରେ ଗାଜାକୁ ମାନବୀୟ ସହାୟତା ଯୋଗାଣ ବଢ଼ିଥିଲା। ସହାୟତା ହ୍ରାସ କରିବା ଲାଗି ଇସ୍ରାଏଲ୍‌ର ନିଷ୍ପତ୍ତି ଏକ ଯୁଦ୍ଧ ଅପରାଧ ଏବଂ ଯୁଦ୍ଧବିରତି ଉପରେ ଆକ୍ରମଣ ବୋଲି ଗାଜା ଶାସକ ହମାସ୍ କହିଛି। ଅସ୍ତ୍ରବିରତି ଯୋଗୁ ଅଗଣିତ ଜୀବନ ରକ୍ଷା ହୋଇଥିଲା ବୋଲି ଅନ୍ତର୍ଜାତୀୟ ରେଡ୍‌କ୍ରସ୍ ସୋସାଇଟି କହିଛି। ଗାଜାକୁ ପୁଣିଥରେ ଯୁଦ୍ଧ ଯେପରି ନ ଫେରେ, ସେଥିପାଇଁ ସବୁ ଦଳ ଉଦ୍ୟମ କରିବା ସହ ତୁରନ୍ତ ସେଠାକୁ ସହାୟତା ପଠାଇବା ନିମନ୍ତେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସମସ୍ତ ପକ୍ଷଙ୍କୁ ନିବେଦନ କରିଛନ୍ତି।

# ୟୁକ୍ରେନ୍‌ରେ ମାସେ ଯୁଦ୍ଧବିରତି ପାଇଁ ଫ୍ରାନ୍ସ, ବ୍ରିଟେନ୍‌ର ପ୍ରସ୍ତାବ

ଲଣ୍ଡନ,୩।୩




କେନ୍ଦ୍ରୀୟ ଲଣ୍ଡନ୍‌ରେ ଅନୁଷ୍ଠିତ ସମିଟ୍‌ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି, ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟର୍ମର ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ମୁହାଁମୁହିଁ ଘଟଣା ପରେ ସମଗ୍ର ୟୁରୋପ ୟୁକ୍ରେନ୍‌କୁ ସମର୍ଥନ ଜଣାଇଛି। ବ୍ରିଟେନ୍ ଏବଂ ଫ୍ରାନ୍ସ ଆମେରିକା ନିକଟରେ ଏକ ଯୁଦ୍ଧବିରତି ଯୋଜନା ଉପସ୍ଥାପନ କରିବାକୁ ଯାଉଛନ୍ତି। ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଗୋଟିଏ ମାସ ପାଇଁ ଆଂଶିକ ଯୁଦ୍ଧବିରତି ଲାଗି ସେମାନେ ପ୍ରସ୍ତାବ ରଖିଛନ୍ତି। ସେଥିରେ ସ୍ଥଳଯୁଦ୍ଧକୁ ସାମିଲ କରାଯିବ ନାହିଁ। କେବଳ ଆକାଶ ଓ ସମୁଦ୍ରପଥରେ ଆକ୍ରମଣ ଏବଂ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ ରହିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି।

ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ-ଜେଲେନ୍‌ସ୍କି ମୁହାଁମୁହିଁ ଘଟଣାର ୨ ଦିନ ପରେ ଲଣ୍ଡନରେ ୟୁରୋପୀୟ ନେତାମାନଙ୍କ ଏକ ସମିଟି ଅନୁଷ୍ଠିତ ହୋଇଛି। ବିଶ୍ୱ ନେତାମାନେ ୟୁକ୍ରେନ୍‌କୁ ଦୃଢ଼ ସମର୍ଥନ ଜଣାଇବା ସହ ସହାୟତା ଲାଗି ଅଧିକ କିଛି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଫ୍ରାନ୍ସ-ବ୍ରିଟେନ୍ ପ୍ରସ୍ତାବ ଅନୁଯାୟୀ, ଦ୍ୱିତୀୟ ପର୍ଯ୍ୟାୟରେ ୟୁକ୍ରେନ୍‌ରେ ୟୁରୋପୀୟ ସ୍ଥଳସେନା ମୁତୟନ ହେବେ। ବୁଝାମଣା ମାଧ୍ୟମରେ ଯୁଦ୍ଧବିରତି ହାସଲ ନିମନ୍ତେ ଅଧିକ ସମୟ ଦିଆଯିବ। ଶାନ୍ତି ରାଜିନାମା ସ୍ୱାକ୍ଷର ହେବା ପରେ ସୈନ୍ୟ ମୁତୟନ ହେବେ ବୋଲି ମାକ୍ରଁ କହିଛନ୍ତି।

## ଶିଶୁଙ୍କ ଶ୍ରବଣଶକ୍ତି ହ୍ରାସ ରୋକିବାକୁ ମୋବାଇଲ, ଟିଭି ଦେଖିବା ସମୟ କମାନ୍ତୁ

ନୂଆଦିଲ୍ଲୀ,୩।୩

### ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପରାମର୍ଶ

ପିଲାମାନଙ୍କଠାରେ ଶ୍ରବଣ ଶକ୍ତି ହ୍ରାସ ରୋକିବାକୁ ହେଲେ ମୋବାଇଲ ଏବଂ ଟିଭି ଦେଖିବା ସମୟ କମାଇବା ଜରୁରୀ ବୋଲି ସୋମବାର ବିଶ୍ୱ ଶ୍ରବଣ ଦିବସ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କହିଛି। ବଧିରତା ଏବଂ ଶ୍ରବଣଶକ୍ତି ହ୍ରାସ ରୋକିବା ଦିଗରେ ସଚେତନତା ବଢ଼ାଇବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୩ରେ ବିଶ୍ୱ ଶ୍ରବଣ ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ବିଶ୍ୱବ୍ୟାପୀ କାନ ଏବଂ ଶ୍ରବଣ ଯତ୍ନ ସମ୍ପର୍କରେ ପରାମର୍ଶ ଦିଆଯାଇଥାଏ। 'ମାସନିକତାରେ ପରିବର୍ତ୍ତନ: ସମସ୍ତଙ୍କ ପାଇଁ କାନ ଓ ଶ୍ରବଣ ଯତ୍ନକୁ ବାସ୍ତବ ରୂପ ଦେବାରେ ନିଜକୁ ସଶକ୍ତ କରିବା' ଚଳିତ ବର୍ଷର ଶୀର୍ଷକ ରହିଛି।

ଶିଶୁଙ୍କ ଶ୍ରବଣ ଶକ୍ତି ହ୍ରାସ ପାଇଁ ସବୁଠୁ ବଡ଼ କ୍ଷତିକାରକ ହେଉଛି ଅତ୍ୟଧିକ ସମୟ ଟିଭି ଦେଖିବା ଏବଂ ଅନ୍‌ଲାଇନ ଗେମ୍‌ର ଉଚ୍ଚ ଶବ୍ଦ। ପିଲାଙ୍କୁ ଏହାଠାରୁ ଦୂରେଇ ରଖିବା ପାଇଁ ମନ୍ତ୍ରଣାଳୟ ପରାମର୍ଶ ଦେବା ସହ ନିୟମିତ ଶ୍ରବଣ ପରୀକ୍ଷା କରାଇବା ଏବଂ ନିରାପଦ ଶ୍ରବଣ ଅଭ୍ୟାସ କରାଇବାକୁ କହିଛି।




ଜର୍ମାନୀର ଡୁସେଲଡୋର୍ଫରେ ସୋମବାର ଅନୁଷ୍ଠିତ କାର୍ନିଭାଲ ପରେଡ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କଟାକ୍ଷ କରି ଏକ ଫ୍ଲୋଟ୍ ତିଆରି କରାଯାଇଛି। ସେଥିରେ 'ଭୂଖଣ୍ଡ ମିଶ୍ରଣ, ଟାରିଫ୍, ଜଳବାୟୁ ନଷ୍ଟ, ଗଣବହିଷ୍କାର' ଉଲ୍ଲେଖ ରହିଛି।

# ଭାରତର ନଦୀରେ ୬,୩୨୭ ଡଲ୍‌ଫିନ୍

ନୂଆଦିଲ୍ଲୀ,୩।୩ (ପି.ଟି.)



ଭାରତର ଗଙ୍ଗା, ବ୍ରହ୍ମପୁତ୍ର ଏବଂ ସିନ୍ଧୁ ଆଦି ନଦୀଗୁଡ଼ିକରେ ମୋଟ ୬,୩୨୭ ଡଲ୍‌ଫିନ୍ ରହିଥିବା ସୋମବାର ପ୍ରକାଶିତ ଏକ ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ଡଲ୍‌ଫିନ୍ ସଂଖ୍ୟା ଆକଳନ ଲାଗି ଏହା ଥିଲା ପ୍ରଥମ ସର୍ଭେ। ଅନନ୍ୟ ବୈଶିଷ୍ଟ୍ୟ ପାଇଁ ଜଣାଶୁଣା ଗଙ୍ଗାନଦୀ ଡଲ୍‌ଫିନ୍ ଗଙ୍ଗା-ବ୍ରହ୍ମପୁତ୍ର-ମେଘନା ନଦୀ ଏବଂ ଭାରତ, ବାଂଲାଦେଶ, ନେପାଳ ଓ ଭୁଟାନରେ ଥିବା ସେଗୁଡ଼ିକର ଶାଖାନଦୀଗୁଡ଼ିକରେ ଦେଖାଯାଇଥାନ୍ତି। ସିନ୍ଧୁ ନଦୀ ଡଲ୍‌ଫିନ୍‌ର ଗଙ୍ଗାନଦୀ ଡଲ୍‌ଫିନ୍ ସହ ଘନିଷ୍ଠ ସାଦୃଶ୍ୟ ଥିବାବେଳେ ସେମାନେ ଭାରତର ସିନ୍ଧୁନଦୀ ପ୍ରଣାଳୀରେ ମିଳିଥାନ୍ତି। ଉତ୍ତରପ୍ରଦେଶ,

### ପ୍ରଥମ ସର୍ଭେ

ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଆସାମ ଓ ପଞ୍ଜାବରେ ରହିଥିବା ନଦୀ ଡଲ୍‌ଫିନ୍‌ର ଆକଳନ ନିମନ୍ତେ 'ପ୍ରୋଜେକ୍ଟ ଡଲ୍‌ଫିନ୍'ର ଅଂଶବିଶେଷ ଭାବେ ପ୍ରଥମ ଥର ପାଇଁ ଏକ ବିସ୍ତୃତ ସର୍ଭେ କରାଯାଇଥିଲା। ସମ୍ପୂର୍ଣ୍ଣ ଗଙ୍ଗା, ବ୍ରହ୍ମପୁତ୍ର, ସିନ୍ଧୁ ଏବଂ ବ୍ୟାସ ନଦୀକୁ ନେଇ ଏହା ବିଶ୍ୱର ସର୍ବବୃହତ୍ ମଧୁର ଜଳ ସର୍ଭେ। ପ୍ରଚୁର ତଥା ଗଭୀର ଜଳରାଶି ଏବଂ ସର୍ବନିମ୍ନ ମାନବ ପ୍ରତିବନ୍ଧକ ଥିବା ଅଞ୍ଚଳରେ ଡଲ୍‌ଫିନ୍ ବଂଶବିସ୍ତାର କରିଥାନ୍ତି ବୋଲି ସର୍ଭେରୁ ଜଣାପଡ଼ିଛି। ଡଲ୍‌ଫିନ୍ ଏବଂ ଅନ୍ୟାନ୍ୟ ଜଳୀୟ ପରିବେଶର ସଂରକ୍ଷଣ ପାଇଁ ୨୦୨୦ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରୋଜେକ୍ଟ ଡଲ୍‌ଫିନ୍ ଘୋଷଣା କରିଥିଲେ। ମନ୍ଥର ଅଭିବୃଦ୍ଧି ହାର ଥିବା ନଦୀ ଡଲ୍‌ଫିନ୍‌ଗୁଡ଼ିକର ସଂଖ୍ୟା ଉପରେ ନଜର ରଖିବା ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ୨୦୨୧ରୁ ୨୦୨୩ ମଧ୍ୟରେ ୮,୦୦୦ କିଲୋମିଟରରୁ ଅଧିକ ଅଞ୍ଚଳରେ ସର୍ବେକ୍ଷଣ କରାଯାଇଥିଲା। ମୋଟ ୫୮ ନଦୀ ମଧ୍ୟରୁ ୨୮ଟିରେ ବୋଟ୍ ଦ୍ୱାରା ସକ୍ରିୟ ଭାବେ ସର୍ଭେ କରାଯାଇଥିବାବେଳେ ଅନ୍ୟ ୩୦ଟି ନଦୀକୁ ସଡ଼କ ପଥରେ ସର୍ଭେ କରାଯାଇଥିଲା।

## ଫୁର୍‌ସତ୍

# ଲଗାତର ୧୦ ମାସ ଉଡ଼ିପାରୁଛି ପକ୍ଷୀ

ଲଣ୍ଡନ



ପୃଥିବୀରେ ଏପରି ଅନେକ ପ୍ରାଣୀ ରହିଛନ୍ତି, ଯାହାଙ୍କ ବିଭିନ୍ନ ବିଶେଷତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ବୈଜ୍ଞାନିକଙ୍କ ଅନୁଯାୟୀ, କମନ ସ୍ୱିଫ୍ଟ ନାମକ ରହସ୍ୟମୟ ପକ୍ଷୀ ଆକାଶରେ ଲଗାତର ୧୦ ମାସ ପର୍ଯ୍ୟନ୍ତ ଉଡ଼ିପାରିଥାଏ। ସେହିପରି ଏହି ପକ୍ଷୀ ଆକାଶରେ ଉଡୁଥିବା ସମୟରେ ଖାଇ ପାରୁଥିବା ଏବଂ ଶୋଇ ପାରୁଥିବା ନେଇ ମଧ୍ୟ ବିଭିନ୍ନ ଅଧ୍ୟୟନରୁ ଜଣାପଡ଼ିଛି। ସାଧାରଣତଃ ଏହି ପ୍ରଜାତିର ପକ୍ଷୀଙ୍କୁ ୟୁରୋପ ମହାଦେଶରେ ଦେଖିବାକୁ ମିଳିଥାଏ। ଏହି ମଧ୍ୟମ ଆକାରର ପକ୍ଷୀ ବର୍ଷର ଅଧିକାଂଶ ସମୟରେ କ୍ରମାଗତ ଭାବେ ଉଡୁଥିବା ବୈଜ୍ଞାନିକମାନେ କହିଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ, ଯେତେବେଳେ ଏହି ପକ୍ଷୀମାନେ ଲଗାତର ଉଡ଼ିବା ସହ ଅତ୍ୟଧିକ ଉଚ୍ଚତାରେ ପହଞ୍ଚି ଯାଇଥାନ୍ତି, ସେଠାରୁ ଧୀରେ ଧୀରେ ତଳକୁ ଆସିବା ସମୟରେ ସେମାନେ ହାଲୁକା ଭାବେ ଶୋଇ ପାରିଥାନ୍ତି। ସେହିପରି ଦ୍ରୁତ ଗତିରେ ଉଡୁଥିବା ସମୟରେ କମନ ସ୍ୱିଫ୍ଟ ପକ୍ଷୀ ଆକାଶରେ ଥିବା ଛୋଟ କୀଟପତଙ୍ଗଙ୍କୁ ଧରି ଖାଇଥାନ୍ତି ଏବଂ ନିଜ ଭୋକ ମେଣ୍ଟାଇଥାନ୍ତି। ଅନ୍ୟପକ୍ଷରେ, ଏହି ପକ୍ଷୀମାନେ ଉଡୁଥିବା ସମୟରେ ନିଜ ସାଥୀ ପକ୍ଷୀଙ୍କ ସହ ସମ୍ପର୍କ ମଧ୍ୟ ସ୍ଥାପନ କରିପାରନ୍ତି ବୋଲି ବୈଜ୍ଞାନିକମାନେ କହିଛନ୍ତି। ଯଦିଓ ୧୦ ମାସ ପର୍ଯ୍ୟନ୍ତ ଏହି ପକ୍ଷୀ ବିନା ଭୂମିକୁ ସ୍ପର୍ଶ କରି ଉଡ଼ିପାରିଥାନ୍ତି, ତେବେ କେବେ କେବେ ଖରାପ ପାଣିପାଗ ଯୋଗୁ ଏହା ଭୂମିକୁ ଚାଲି ଆସିଥାନ୍ତି। ପ୍ରାଣୀ ବିଜ୍ଞାନୀଙ୍କ ଅନୁଯାୟୀ, ଏହି ପକ୍ଷୀ ଯେତେବେଳେ କୌଣସି ଗଛର ଶାଖା କିମ୍ବା ଭୂମିରେ ଅବତରଣ କରିଥାନ୍ତି ସେଠାରେ ମାତ୍ର ୧ରୁ ୨ ଘଣ୍ଟା ରହିଥାନ୍ତି। ଏହାପରେ ଏହି ପକ୍ଷୀ ପୁନର୍ବାର ନିଜ ଉଡ଼ାଣ ଆରମ୍ଭ କରିଥାନ୍ତି।

କମନ ସ୍ୱିଫ୍ଟ ପକ୍ଷୀର ଆକାର ଟର୍ପିଡୋ ମିଶାଇଲ ସଦୃଶ ରହିଥାଏ। ଏହାର ଡେଣା ତୀକ୍ଷ୍ଣ ଏବଂ ଲମ୍ବା ହୋଇଥିବା ବେଳେ ଏହାର ଗୋଡ଼ ମଜଭୁତ ଥାଏ। ଶୀତ ଋତୁରେ ପକ୍ଷୀପ୍ରେମୀମାନେ କମନ ସ୍ୱିଫ୍ଟର ଉଡ଼ିବା କୌଶଳ ଦ୍ୱାରା ଆକର୍ଷିତ ହୋଇଥାନ୍ତି। କ୍ରମାଗତ ଭାବେ ସବୁଠାରୁ ଅଧିକ ସମୟ ଧରି ଉଡୁଥିବା ପକ୍ଷୀ ଭାବେ କମନ ସ୍ୱିଫ୍ଟ ପକ୍ଷୀର ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହୋଇଛି। ଅଧିକାଂଶ ସମୟ ଆକାଶରେ ରହୁଥିବାରୁ ଅନ୍ୟ ପକ୍ଷୀଙ୍କ ତୁଳନାରେ କମନ ସ୍ୱିଫ୍ଟ ପ୍ରଜାତିର ପକ୍ଷୀଙ୍କୁ ବିଶେଷ ରୋଗ ହୋଇ ନ ଥାଏ ବୋଲି ବିଭିନ୍ନ ଅଧ୍ୟୟନରୁ ଜଣାପଡ଼ିଛି।

# ରାହୁଲ ମୋଦିଙ୍କୁ ଡେଟ୍ କରୁଛନ୍ତି ଶ୍ରଦ୍ଧା

ମୁମ୍ବାଇ



ଶ୍ରଦ୍ଧା କପୁର

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ସୋମବାର ନିଜର ୩୮ ତମ ଜନ୍ମଦିନକୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ଗତ କିଛି ମାସ ହେବ ଶ୍ରଦ୍ଧା ତାଙ୍କ ଫିଲ୍ମ ସହ ନିଜ ଡେଟିଂ ଲାଇଫ୍‌କୁ ନେଇ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି। ଅଭିନେତ୍ରୀ ଜଣକ ବଲିଉଡ୍‌ର ସ୍କ୍ରିନ୍ ରାଇଟର ରାହୁଲ ମୋଦିଙ୍କୁ ଡେଟ୍ କରୁଥିବା ନେଇ ପୂର୍ବରୁ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଗତବର୍ଷ ଅକ୍ଟୋବରରେ ଏକ ସାକ୍ଷାତ୍‌କାର ସମୟରେ ଶ୍ରଦ୍ଧା ରାହୁଲଙ୍କ ନାଁ ନ ନେଇ ରିଲେଶନ୍‌ଶିପ୍‌ରେ ଥିବା ନେଇ ସ୍ପଷ୍ଟ କରିଥିଲେ। ତେବେ ନିକଟରେ ଶ୍ରଦ୍ଧାଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ରାହୁଲଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଚର୍ଚ୍ଚା ବଢ଼ିଛି।

ଫିଲ୍ମ ତାରକାଙ୍କର ଜୀବନ ଶୈଳୀକୁ କଭର୍ କରୁଥିବା ଫଟୋଗ୍ରାଫର ସଂସ୍ଥା 'ପେପରାଜି' ପକ୍ଷରୁ ନିକଟରେ ଶ୍ରଦ୍ଧାଙ୍କୁ ମୁମ୍ବାଇର ଏକ ସ୍ଥାନରେ ସ୍ପଟ୍ କରାଯାଇଥିଲା। ସେଠାରେ ଶ୍ରଦ୍ଧା ଜିମ୍ ଆଉଟ୍‌ଫିଟ୍‌ରେ ନଜରକୁ ଆସିଥିଲେ। ଶ୍ରଦ୍ଧା ସେତେବେଳେ କୌଣସି ସ୍ଥାନକୁ ଯିବା ପାଇଁ ତରତର ହେଉଥିବା ବେଳେ ସେ ତାଙ୍କ ହାତରେ ନିଜ ମୋବାଇଲକୁ ଧରିଥିଲେ। ତେବେ ଶ୍ରଦ୍ଧାଙ୍କ ଫୋନ୍‌ର ୱାଲ୍‌ପେପରରେ ରାହୁଲଙ୍କ ସହ ତାଙ୍କର ଏକ ରୋମାଣ୍ଟିକ ଫଟୋ ଥିବା ନେଇ 'ପେପରାଜି'ର କ୍ୟାମେରାରେ ରେକର୍ଡ ହୋଇଯାଇଥିଲା। ଏହି ଫଟୋରେ ଉଭୟ ଶ୍ରଦ୍ଧା ଏବଂ ରାହୁଲ ପରସ୍ପରକୁ ଆଲିଙ୍ଗନ କରୁଥିବାର ଦେଖିବାକୁ ମିଳିଛି। ପେପରାଜି ପକ୍ଷରୁ ରେକର୍ଡ ହୋଇଥିବା ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହାପୂର୍ବରୁ ଗତ ବର୍ଷ ମଧ୍ୟ ଶ୍ରଦ୍ଧା ଓ ରାହୁଲଙ୍କୁ ଏକ ବିବାହ ଉତ୍ସବରେ ଏକାଠି ଦେଖିବାକୁ ମିଳୁଥିଲା। ସେତେବେଳେ ଏହାର ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ପ୍ରକାଶ ଯେ, ସ୍କ୍ରିନ୍ ରାଇଟର ରାହୁଲ ମୋଦି ଫିଲ୍ମ ନିର୍ମାତା ଲଭ୍ ରଞ୍ଜନଙ୍କ ପ୍ରଡକ୍ସନ ହାଉସ୍ 'ଲଭ୍ ଫିଲ୍ମସ୍' ସହ ଜଡ଼ିତ। ୨୦୨୩ରେ ରିଲିଜ୍ ହୋଇଥିବା 'ତୁ ଝୁଟି ମେଁ ମକ୍କାର' ଫିଲ୍ମର ସେ ସହ ଲେଖକ ଥିଲେ। ଏହି ଫିଲ୍ମରେ ଶ୍ରଦ୍ଧା ମୁଖ୍ୟ ଅଭିନେତ୍ରୀ ଭାବେ ନଜରକୁ ଆସିଥିଲେ। ଉକ୍ତ ଫିଲ୍ମ ରିଲିଜ୍ ହେବା ପରଠାରୁ ଉଭୟେ ରାହୁଲ ଓ ଶ୍ରଦ୍ଧା ପରସ୍ପରକୁ ଡେଟ୍ କରୁଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ

**ଦୁବାଇ, ୩।୩(ପି.ଟି.)**

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ମଙ୍ଗଳବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ଉଭୟ ଦଳ ସେମାନଙ୍କ ଗ୍ରୁପରେ ଅପରାଜେୟ ରହି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭାରତ ତା'ର ୩ରୁ ୩ ମ୍ୟାଚ ଜିତିଥିବା ବେଳେ ଅଷ୍ଟ୍ରେଲିଆ କେବଳ ଗୋଟିଏ ମ୍ୟାଚ ଜିତିଥିଲା। ଅନ୍ୟ ଦୁଇଟି ମ୍ୟାଚ ବର୍ଷାରେ ଧୋଇ ଯାଇଥିଲା।

## ଚାମ୍ପିୟନ୍ସ ଟ୍ରଫି

ଦୁଇ ଦଳ ଆଇସିସି ଟୁର୍ନାମେଣ୍ଟର ନକଆଉଟ ପର୍ଯ୍ୟାୟରେ ପରସ୍ପରକୁ ୫ ଥର ଭେଟିଛନ୍ତି। ଏଥିରୁ ଭାରତ ଦୁଇ ଥର ଜିତିଥିବା ବେଳେ ଅଷ୍ଟ୍ରେଲିଆ ୩ ଥର ବାଜିମାତ କରିଛି। ଭାରତ ଅନ୍ତିମ ଥର ୨୦୧୧ ବିଶ୍ୱକପ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ୨୦୧୫ ବିଶ୍ୱକପ ସେମିଫାଇନାଲରେ ଓ ୨୦୨୩ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ଭାରତ ପରାଜିତ ହୋଇଥିଲା। ଏଥିପୂର୍ବରୁ ୨୦୨୩ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ମଧ୍ୟ ଭାରତକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। କିନ୍ତୁ ଭାରତୀୟ ଦଳ ପାଖରେ ଅଷ୍ଟ୍ରେଲିଆକୁ ଚଳିତ ଥର ଆଇସିସି ଟୁର୍ନାମେଣ୍ଟର ନକଆଉଟରେ ପରାସ୍ତ କରିବାର ଭଲ ସୁଯୋଗ ରହିଛି। ଏହା ପଛର କାରଣ ହେଉଛି ଦଳରେ ଟପ ସ୍ପିନରଙ୍କ ଉପସ୍ଥିତି। ଟୁର୍ନାମେଣ୍ଟ ପୂର୍ବରୁ ଭାରତୀୟ ଦଳରେ ୫ ସ୍ପିନରଙ୍କ ଚୟନକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ହେଲେ ଏବେ ତାହା ଦୁବାଇର ଧିମା ପିଚରେ ମାଷ୍ଟରଷ୍ଟ୍ରୋକ୍ ସାବ୍ୟସ୍ତ ହୋଇଛି। ଭାରତୀୟ ଦଳ ତା'ର ସମସ୍ତ ମ୍ୟାଚ ଦୁବାଇରେ ଖେଳୁଛି। ଏଥିଯୋଗୁ ଦଳୀୟ ଖେଳାଳିଙ୍କୁ ପିଚ୍‌ର ପରିସ୍ଥିତି ସମ୍ପର୍କରେ ଭଲ ଭାବେ ଜଣା ଅଛି। ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କୁ ନେଇ ଗଠିତ ଭାରତୀୟ ସ୍ପିନ ବିଭାଗ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ୯ ଉଇକେଟ ଅକ୍ତିଆର କରିଥିଲା। କିନ୍ତୁ ସେମାନଙ୍କୁ ଉଇକେଟ ନେବା ପାଇଁ ପ୍ରତିପକ୍ଷ ଦଳ ଉପରେ ଲଗାତର ଚାପ ପକାଇବାକୁ ପଡ଼ିଥିଲା। ସେମାନେ ୩୯ ଓଭରରେ ୧୨୮ ଡଟ୍ ବଲ ପକାଇଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପାଖରେ କେବଳ ଏକମାତ୍ର ବିଶେଷଜ୍ଞ ସ୍ପିନର ଭାବେ ଆଡାମ ଜାମ୍ପା ରହିଛନ୍ତି। ତାଙ୍କୁ ଟ୍ରାଭିସ ହେଡ ଓ ଗ୍ଲେନ ମ୍ୟାକ୍ସୱେଲଙ୍କ ଭଳି ପାର୍ଟ-ଟାଇମ ସ୍ପିନର ସହାୟତା କରିବେ। ପେଣ୍ଡାଜନିତ ଇଞ୍ଜୁରି କାରଣରୁ ମାଥ୍ୟୁ ଶର୍ଟ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ କୁପର କନୋଲୀଙ୍କୁ ଦଳରେ ସାମିଲ କରାଯାଇଛି। ମିଚେଲ ଷ୍ଟାର୍କ, ଅଧିନାୟକ ପାଟ କମିନ୍ସ ଓ ଜୋଶ ହାଜେଲଉଡଙ୍କ ଅନୁପସ୍ଥିତିରେ ଅଷ୍ଟ୍ରେଲିଆର ବୋଲିଂ ଲାଇନ ଅପ ଦୁର୍ବଳ ହୋଇପଡ଼ିଛି। ଏହାର ପ୍ରମାଣ ଇଂଲଣ୍ଡ ଓ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଦେଖିବାକୁ ମିଳିଥିଲା। ଏହି ଦୁଇ ମ୍ୟାଚରେ ବୋଲରମାନେ ଯଥାକ୍ରମେ ୩୫୨ ଓ ୨୭୩ ରନ ଖର୍ଚ୍ଚ କରିଥିଲେ। ଏଣୁ ଭାରତର ବିରାଟ କୋହଲି, ରୋହିତ ଶର୍ମା, ଶ୍ରେୟସ ଆୟର ଓ ଶୁବମନ ଗିଲ ଅଷ୍ଟ୍ରେଲିଆର ପେସରଙ୍କ ଲାଗି ଆକ୍ରମଣାତ୍ମକ ରଣନୀତି ଆପଣେଇବେ। କିନ୍ତୁ ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଅଷ୍ଟ୍ରେଲିଆ ୩୫୦ରୁ ଊର୍ଦ୍ଧ୍ୱ ଟାର୍ଗେଟ ପିଛା କରି ମ୍ୟାଚ ଜିତିଥିଲା। ଏହି ମ୍ୟାଚରେ ଅଧିନାୟକ ଷ୍ଟିଭେନ ସ୍ମିଥ ଓ ଓପନର ଟ୍ରାଭିସ ହେଡ ଆଖିଦୃଶିଆ ଯୋଗଦାନ ଦେଇ ନ ଥିଲେ। ମାତ୍ର ଭାରତୀୟ ଦଳ ସେମାନଙ୍କୁ ଯଥାଶୀଘ୍ର ପାଭିଲିଅନ ପଠାଇବାକୁ ଚାହିଁବ। ଗତ କିଛିବର୍ଷ ହେଲା ହେଡ୍ ଅନେକ ଥର ଭାରତ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛନ୍ତି। ଏହି ମ୍ୟାଚରେ ଭାରତୀୟ ଦଳ ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ (ଉପ ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା, ମହମ୍ମଦ ଶାମି, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।

**ଅଷ୍ଟ୍ରେଲିଆ ଦଳ:** ଷ୍ଟିଭ ସ୍ମିଥ (ଅଧିନାୟକ), ଆଲେକ୍ସ କାରେ, ଟ୍ରାଭିସ ହେଡ, ବେନ ଡ୍ୱାରଶୁଇସ, ନାଥନ ଏଲିସ, ମାର୍ନସ ଲାବୁସେନ, ଗ୍ଲେନ ମ୍ୟାକ୍ସୱେଲ, ଆଡାମ ଜାମ୍ପା, ଜୋଶ ଇଙ୍ଗଲିସ, ସ୍ପେନସର ଜନସନ, ଜେକ ଫ୍ରେଜର-ମ୍ୟାକଗର୍କ।


ଅଭ୍ୟାସ ସେସନରେ ଷ୍ଟ୍ରେଚିଂ କରୁଛନ୍ତି ରୋହିତ ଶର୍ମା।

# ଓଡିଏମ୍, କିସ୍ ବିଜୟୀ


କିସ୍ ଓ ଫାଓ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଅସ୍ମିତା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୩।୩ (ବିଜୟ ରଣା)**

ଚଳିତ ଅସ୍ମିତା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍‌ର ୧୩ ବର୍ଷରୁ କମ୍ ମହିଳା କାଟେଗୋରୀରେ ସୋମବାର କଟକରେ ଖେଳାଯାଇଥିବା ଦୁଇଟି ମ୍ୟାଚରେ ଓଡିଏମ୍ ଓ କିସ୍ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଟୁର୍ନାମେଣ୍ଟର ୧୦ମ ଦିବସରେ ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଏମ୍ ଫୁଟ୍‌ବଲ ସ୍କୁଲ ୨-୦ଗୋଲ୍‌ରେ ଓଜିପି କ୍ଲବକୁ ପରାସ୍ତ କରିଛି। ବିଜୟ ଦଳ ପକ୍ଷରୁ ମୀନାକ୍ଷି ମିଞ୍ଜ ଦୁଇଟିଯାକ ଗୋଲ୍ ଖେଳର ୨୨ତମ ଓ ୨୭ତମ ମିନିଟ୍‌ରେ ସ୍କୋର କରିଥିଲେ। ପରେ ଫାଓ ଏକାଡେମୀ ଓ କିସ୍/କିଟ୍ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ କିସ୍ ଦଳ ୧-୦ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ବିଜୟସୂଚକ ଗୋଲ୍‌ଟିକୁ ସ୍ୱପ୍ନା କହଁର ୪ର୍ଥ ମିନିଟରେ ସ୍କୋର କରିଥିଲେ।

# ଅଜିଙ୍କ୍ୟ ରାହାନେ କେକେଆର ଅଧିନାୟକ

**ନୂଆଦିଲ୍ଲୀ, ୩।୩ (ପି.ଟି.):** ଆଗାମୀ ଆଇପିଏଲ ସିଜନ ଲାଗି ଭାରତର ଭେଟେରାନ ବ୍ୟାଟର ଅଜିଙ୍କ୍ୟ ରାହାନେଙ୍କୁ କୋଲକାତା ନାଇଟ ରାଇଡର୍ସ (କେକେଆର)ର ଅଧିନାୟକ ଘୋଷଣା କରାଯାଇଛି। ଅନ୍ତର୍ଜାତୀୟ କ୍ୟାରିୟରରେ ପ୍ରାୟତଃ ଟେଷ୍ଟ ମ୍ୟାଚ ଖେଳିଥିବା ରାହାନେ ଗତ ବର୍ଷ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟରେ ୧୬୪.୫୬ ଷ୍ଟ୍ରାଇକରେଟରେ ସର୍ବାଧିକ ୪୬୯ ରନ କରିଥିଲେ। ଆଇପିଏଲର ଗତ ଦୁଇ ସଂସ୍କରଣରେ ମଧ୍ୟ ଏହି ଡାହାଣ ହାତୀ ବ୍ୟାଟର ଚେନ୍ନାଇ ସୁପର କିଙ୍ଗ୍ସ ଲାଗି ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ। ଗତ ସିଜନରେ ଶ୍ରେୟସ ଆୟାରଙ୍କ ନେତୃତ୍ୱରେ କେକେଆର ଟାଇଟଲ ଜିତିଥିଲା। ହେଲେ ଗତ ବର୍ଷ ଆୟୋଜିତ ମେଗା ଅକ୍ସନରେ ଶ୍ରେୟସ ପଞ୍ଜାବ କିଙ୍ଗ୍ସ ଦଳରେ ଯୋଗ ଦେଇଥିଲେ। ଏହି ଅକ୍ସନରେ ରାହାନେଙ୍କୁ କେକେଆର ୧.୫ କୋଟି ଟଙ୍କାରେ କିଣିଥିଲା। ଭେଙ୍କଟେଶ ଆୟରଙ୍କୁ ତାଙ୍କ ଡେପୁଟି ଦାୟିତ୍ୱ ଦିଆଯାଇଛି। କେକେଆରର ନେତୃତ୍ୱ ନେବା ସମ୍ମାନର ବିଷୟ, ଯାହାକି ଆଇପିଏଲର ଅନ୍ୟତମ ସଫଳ ଫ୍ରାଞ୍ଚାଇଜ। ମୋ ମତରେ ଆମ ପାଖରେ ଏକ ଜବରଦସ୍ତ ଓ ସନ୍ତୁଳିତ ଦଳ ରହିଛି। ମୁଁ ସଭିଙ୍କ ସହିତ କାର୍ଯ୍ୟ କରିବାକୁ ଓ ଟାଇଟଲ ଡିଫେଣ୍ଡ କରିବା ଲାଗି ଉତ୍ସାହିତ ଅଛି ବୋଲି ରାହାନେ କହିଛନ୍ତି। ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଥିବା ଆଇପିଏଲର ଉଦ୍‌ଘାଟନୀ ମ୍ୟାଚରେ କେକେଆର ଇଡେନ ଗାର୍ଡେନ୍ସରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଭେଟିବ।


# Classified Everyday
0674-2580101, 9692975378


REAL ESTATE

SALE

ଭୁବନେଶ୍ୱର Sum Hospital-2 ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9090142564, 8018608500. D-76243

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125


FOR RENT

Ground floor single room attached toilet for Office space at VSSnagar-7873657633. D-3087

Tolet for Office and Banking purposes Chandrasekharpur District Center. 9668089688, 9938014391. D-3097


Healthcare

Positively health benefited spa by expert therapist. 7750040475. D-76199

Newly open Jyoti spa positively health benefits (Expert therapist). 8458067955. D-76200

AFFIDAVIT

By virtue of an affidavit sworn before the Executive Magistrate, Saintala, dt. 30.01.2025, I, Sarojini Bhitria, D/o- Gopal Bhitria, R/o. Village- Gaidega, P.O.- Bandhbahal, P.S.- Kinjirkela, Dist.- Sundargarh (Odisha), PIN- 770015 declare that now I have changed my name from Sarojini Pradhan to Sarojini Bhitria. Henceforth, I shall be known as Sarojini Bhitria for all purposes. Sarojini Bhitria D-3136

By virtue of an affidavit sworn before the Executive Magistrate, Barpali, dated 27.02.2025, I, Aarti Gahir, Address: Barpali, Nrusingha Mandir Road, Dist.-Bargarh, Odisha-768029, declare that I have changed my name from Aarti Yadav to Aarti Gahir. Henceforth, I shall be known as Aarti Gahir for all purposes. Aarti Gahir D-3140

By virtue of an affidavit sworn before Executive Magistrate, Cuttack, dated 21.02.2025, I, Danduru Kandha Pradhan, At- Matiapalli, P.O.- Sankuda, P.S.- Kodala, Ganjam, Odisha declare that I have changed my name from D. Kandha Pradhan to Danduru Kandha Pradhan. Henceforth, I shall be known as Danduru Kandha Pradhan for all purposes. Danduru Kandha Pradhan D-4146

By virtue of an affidavit sworn before in the Court of Executive Magistrate, Anandapur, dated 03.02.2025, I, Shibani Mana, Address: At/ P.O./ Via- Hatadihi, P.S.- Nandipada, PIN-758083, Dist.- Keonjhar, State- Odisha declare that I have changed my name from Shibani Baitha to Shibani Mana. Henceforth, I shall be known as Shibani Mana for all purposes. D-3141

I, Pranay Ketan Jena, S/o-Late Prafulla Kumar Jena, Resident of At/ P.O.-Deulapara, P.S.- Mahakalapara, Dist.- Kendrapara, Odisha, declare by this affidavit CF No.- 55, dated-01.03.2025, that now onwards I shall be known as PRANAYA KETAN JENA for all future purposes. D-3144

ଘୋଷଣାନାମା ଏହିକି ଆମ୍ଭେ ଘୋଷଣାନାମାକାରୀ ଧର୍ମତଃ ଅତ୍ର ଘୋଷଣା ଫର୍ଦ୍ଦରେ ଦୃଢ଼ୋକ୍ତି ପୂର୍ବକ ଜଣାଉଅଛୁ ଯେ, ପ୍ରକାଶ ଚନ୍ଦ୍ର ସ୍ୱାଇଁ ବ୩୯ର୍ଷ, ପି: କ୍ଷେତ୍ରମଣି ସ୍ୱାଇଁ, ସା: ଭାରତୀପୁର ସୁଲତାନ ନଗର, ଥା. ପୋ: ପିପିଲି, ଜି: ପୁରୀଙ୍କ ଆଧାର କାର୍ଡ ନଂ XXXX XXXX ୦୦୪୩ମ୍ବର ଉପରେ ପ୍ରକାଶ ସ୍ୱାଇଁ ଭୁଲ୍‌ବଶତଃ ଉଲ୍ଲେଖ ହୋଇଯାଇଅଛି ଯେ, ଯାହାକି ଆମ୍ଭର ଅସଲ ନାମ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ବ୩୯ର୍ଷ ପି: କ୍ଷେତ୍ରମଣି ସ୍ୱାଇଁ ଥାଇ ଆମର ଜନତାରିଖ ୦୪।୦୭।୧୯୮୬ ସହିତ ଶିକ୍ଷାଗତ ଯୋଗ୍ୟତା ମାନପତ୍ର ଉପରେ ଲିପିବଦ୍ଧ ଥିବାରୁ ତହିଁ ପକ୍ଷେ ଆମ୍ଭେ ଘୋଷଣାନାମାକାରୀ ପ୍ରକାଶ ଚନ୍ଦ୍ର ସ୍ୱାଇଁ ମାନ୍ୟବର କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ୍, ପିପିଲିଙ୍କ ଇଜିଲାସରେ ତା୨୪।୦୨।୨୫ରିଖେ ସତ୍ୟାପନ୍ନ ନଂ. ୧୦୮୩ମ୍ବର ଏଥି ସମ୍ପର୍କେ ସତ୍ୟାପନ୍ନ ସମ୍ପନ୍ନ କରି ଅତ୍ର ଘୋଷଣାନାମାରେ ଉଚିତ ଆଇନଗତ କାର୍ଯ୍ୟ ସମ୍ପାଦନା ନିମନ୍ତେ ଆପଣଙ୍କ ଅବଗତ ନିମନ୍ତେ ଜଣାଉଅଛୁ। Prakash Chandra Swain D-3145

I, Kamal Kumar Agarwal (49 yrs.), S/o- Hardayal Agarwal, Vill.- Baralpokhari, P.O.– Charampa, P.S./ Dist.– Bhadrak, Odisha, PIN–756101, declare by this Affidavit No.1020, dated 04.02.2025 that now onwards I shall be known as Kamal Kumar Agarwal for all future purposes. D-3143

I Padmalochan Rout (41), S/o: Ashok Rout, Vill: Jharadia, P.O.- Kalyani, P.S.- Dhusuri, Dist.- Bhadrak, PIN- 756118 declare that I have an LIC policy bearing No.589902198. Where is my name and Father's name is wrongly mentioned Pradeep Kumar Rout, S/o- Kulamani Rout. But my actual name is Padmalochan Rout, S/o – Ashok Rout. Further I declare that Padmalochan Rout and Pradeep Kumar Rout S/o - Kulamani Rout and Ashok Rout same and one person. D-3142

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

LEGAL NOTICE

**IN THE COURT OF THE CIVIL JUDGE (SR.D), KAMAKHYANAGAR**
Intest case No.- 1 of 2024.
Anindita Mantry & another .... Petitioners.
Verus
Suresh Chandra Patra & other ... Opp Parties.
**NOTICE UNDER ORDER 5 RULE 20 C.P.C.**

Take Notice that Anindita Mantry wife of Late Satyambad Patra and Swetambari Patra minor daughter of Late Satyambad Patra son of Suresh Chandra Patra and Sabita Kumari Sahoo resident of Vill- Bhusal Mathasahi, P.O.- Bhusal, P.S.- Bhuban, Dist.- Dhenkanal (Odisha), have filed the petition under section 276 of Indian succession Act, for grant of succession Certificate in their favour for claim of Rs. 2,14,75,208/-.

Take notice that any person interested to contest, may appear before the undersigned Court by yourself or throgh pleader, duly instructed positively on the 20th day of March 2025 failing which the case shall be decided in your absence as per Law.

**Sd./- (Civil Judge, Sr. Divn.) Kamakhyanagar**
D-3137

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସହିଦ ସ୍ପୋର୍ଟିଂ ସେମିରେ

**ଭୁବନେଶ୍ୱର,୩।୩ (ଅନାଦି କର)**

ଟାଉନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ମହେନ୍ଦ୍ର କୁମାର ଜେନା ସ୍ମାରକୀ କ୍ରିକେଟ ଟର୍ନାମେଣ୍ଟରେ ଖେଳାଯାଇଥିବା ଚତୁର୍ଥ ମ୍ୟାଚରେ ସହିଦ ସ୍ପୋର୍ଟିଂ ୭ ଉଇକେଟରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଗ୍ରୁପ-ବି'ର ଦ୍ୱିତୀୟ ଲିଗ ମ୍ୟାଚରେ ଟସ୍ ଜିତି ସହିଦ ସ୍ପୋର୍ଟିଂ ପ୍ରଥମେ ବୋଲିଂ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୩୫ ଓଭରରେ ୮ ଉଇକେଟ ହରାଇ ୧୯୫ ରନ କରିଥିଲା। ଦଳ ପକ୍ଷରୁ ତନୟ ବିଶ୍ୱାଳ ୭୦, ରିତେଶ ସାହୁ ୫୪ ଓ ସନ୍ଦୀପ ପଟ୍ଟନାୟକ ୩୩ ରନ କରିଥିଲେ। ସହିଦ ସ୍ପୋର୍ଟିଂ ଲାଗି ପାର୍ଥ ସାରଥି ନାୟକ ୩ଟି ଓ ଶୁଭମ ଶତ୍ରୁଜିତ ଦୁଇଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୩୧ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳ ପକ୍ଷରୁ ଶୁଭମ ଶତ୍ରୁଜିତ ୬୪ ରନ କରି ଅପରାଜିତ ଥିବା ବେଳେ ବିଶ୍ୱ ଭୂଷଣ ମୁଦୁଲି ୫୬ ଓ ଶୁସିଲ ବାରିକ ୩୬ ରନ କରିଥିଲେ। ମୁକ୍ତେଶ୍ୱର ପକ୍ଷରୁ ଜୀବନ କୁମାର ଜେନା ଦୁଇଟି ଓ ଶୋଭନ ସ୍ୱାଇଁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ଭାବେ ଶୁଭମ ଶତ୍ରୁଜିତଙ୍କୁ ସ୍ଥାନୀୟ କର୍ପୋରେଟର ୱାର୍ଡ ନଂ-୬୦ ଚନ୍ଦ୍ରଶେଖର ମଲିଆ ପୁରସ୍କୃତ କରିଥିଲେ। ଏହି ମ୍ୟାଚକୁ ଅମ୍ପାୟର ଭାବେ ସୁଶାନ୍ତ ଦାସ ଓ ଶରତ ସାହୁ ପରିଚାଳନା କରିଥିଲେ। ମଙ୍ଗଳବାର ଟୁର୍ନାମେଣ୍ଟର ପଞ୍ଚମ ମ୍ୟାଚରେ ରାମେଶ୍ୱର କ୍ରିକେଟ କ୍ଲବ ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ଖେଳଯିବ।

## ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଲକ୍ଷ୍ମୀଧର ମିଶ୍ର
ଆବିର୍ଭାବ: ୧୫/୧୨/୧୯୨୬
ତିରୋଧାନ: ୨୨/୦୨/୨୦୨୫
ଗ୍ରାମ: ବାମଦେଇପୁର, କାହାଳ, ଅସ୍ତରଙ୍ଗ, ପୁରୀ

ଆପଣଙ୍କର ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ଚିତ୍ତରଞ୍ଜନ ମିଶ୍ର, ମନୋରଞ୍ଜନ ମିଶ୍ର, ଜ୍ୟୋତିରଞ୍ଜନ ମିଶ୍ର, ସ୍ନେହଲତା, ପୁଷ୍ପଲତା, ମମତା, ବୋହୂ, ଜ୍ୱାଇଁ, ନାତି, ନାତୁଣୀ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

D-75600


# ରାଜ୍ୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍ ୨୦ରୁ

**ଭୁବନେଶ୍ୱର, ୩।୩ (ବିଜୟ ରଣା):** ୭୧ତମ ରାଜ୍ୟ ସିନିୟର ପୁରୁଷ ଓ ମହିଳା ଭଲିବଲ୍ ଚାମ୍ପିୟନଶିପ୍ ସ୍ଥାନୀୟ କିଟ୍ ୟୁନିଭର୍ସିଟିର ମଲ୍‌ଟିପରପୋଜ୍ ଇନ୍‌ଡୋର ଷ୍ଟାଡିୟମରେ ମାର୍ଚ୍ଚ ୨୦ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟ ସିନିୟର ଚାମ୍ପିୟନଶିପ୍ ପ୍ରଥମ ଥର ଚାରୋଟି ଇନ୍‌ଡୋର କୋର୍ଟରେ ଖେଳାଯିବ। ଚାମ୍ପିୟନଶିପ୍‌ରେ ମୋଟ ୩୫ ପୁରୁଷ ଦଳ ଓ ୨୫ ମହିଳା ଦଳ ଭାଗ ନେଉଛନ୍ତି। ଏହି ଇଭେଣ୍ଟରେ ମୋଟ ୫୨୫ ପୁରୁଷ ଏବଂ ୩୭୫ ମହିଳା ଖେଳାଳି ଏବଂ ୭୫ ଅଫିସିଆଲ ଭାଗ ନେବେ। ଉଦ୍‌ଘାଟନୀ ଉତ୍ସବ ୨୦ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହେବ।

# ୯ରୁ ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ

**ଶ୍ରୀନଗର, ୩।୩ (ପି.ଟି.):** ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ (କେଆଇଡବ୍ଲ୍ୟୁଜି) ଆସନ୍ତା ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଗୁଲମାର୍ଗଠାରେ ଅନୁଷ୍ଠିତ ହେବ। ୱିଣ୍ଟର ଗେମ୍ସ ଫେବୃଆରୀ ୨୨ରୁ ୨୫ ପର୍ଯ୍ୟନ୍ତ ହେବାର ଥିଲା। କିନ୍ତୁ ଗୁଲମାର୍ଗରେ ବରଫ ଅଭାବରୁ ଇଭେଣ୍ଟକୁ ବାତିଲ କରାଯାଇଥିଲା।

ଇଏ ବି ଜଣେ ନାରୀ

# ପରିଶ୍ରମର ମୂଲ୍ୟ ମିଳିଛି

କଥାରେ ଅଛି ପରିଶ୍ରମ କେବେ ବୃଥା ଯାଏନା। ଜଣେ ଗୃହିଣୀ ହେଲେ ମଧ ଭାରୋତ୍ତୋଳନରେ ନିଜର ଦକ୍ଷତା ଦେଖାଇ ସେ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବାରେ ସକ୍ଷମ ହୋଇଛନ୍ତି। ଏଭଳି କୃତିତ୍ୱ ଅର୍ଜନ କରିଥିବା ମହିଳା ଜଣକ ହେଲେ ଚିନ୍ମୟୀ ଦାସ। ନିଜ କ୍ୟାରିୟର ବିଷୟରେ ଯାହା କହନ୍ତି...



ଗୁଣ ଚିହ୍ନେ ଗୁଣିଆ। ଏକଦା ଚିନ୍ମୟୀ ଏକ ଜିମ୍‌କୁ ଓଜନ କମାଇବା ପାଇଁ ଆସିଥିଲେ। ସେଠାରେ ବ୍ୟାୟାମ କରିବା ସମୟରେ ତାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଚିହ୍ନି ପାରିଥିଲେ ଭୁବନେଶ୍ୱରସ୍ଥ ବିଷ୍ଣୁ ଷ୍ଟ୍ରେଙ୍ଗ୍‌ଥ ଫିଟ୍‌ନେସ୍ ଜିମ୍‌ର ପ୍ରଶିକ୍ଷକ ରୁଦ୍ର ନାରାୟଣ। ନିଜର ଓଜନ କମାଇବା ସହ ଭାରୋତ୍ତୋଳନ (ପାୱାରଲିଫ୍ଟିଙ୍ଗ) ପ୍ରାକ୍ଟିସ କରିବାକୁ ସେ ଚିନ୍ମୟୀଙ୍କୁ ପରାମର୍ଶ ଦେଇଥିଲେ। ସତେ ଯେମିତି ତାଙ୍କ ପାଇଁ ସେଠାରେ ଏକ ସୁବର୍ଣ୍ଣ ସୁଯୋଗ ଅପେକ୍ଷା କରି ରହିଥିଲା। ଆଉ ତା'ପରେ ଯାହା ହେଲା ତା' ହେଉଛି ଇତିହାସ। ପ୍ରଥମେ ରାଜ୍ୟସ୍ତରୀୟ ତା'ପରେ ଜାତୀୟ ଏବଂ ପରବର୍ତ୍ତୀ ସମୟରେ ବିଶ୍ୱ ପାୱାରଲିଫ୍ଟିଙ୍ଗ ଚାମ୍ପିୟନଶିପରେ ଅଂଶଗ୍ରହଣକରି ସେ ମେଡାଲ ଜିତିବାରେ ସକ୍ଷମ ହୋଇଛନ୍ତି। ନିଜର ଏଭଳି ସଫଳତା ବିଷୟରେ ଚିନ୍ମୟୀ କହନ୍ତି, ''୨୦୦୮ରେ ତାଙ୍କର କଟକ ମହାନଦୀ ବିହାରରେ ରହୁଥିବା ଦେବବ୍ରତ ଦାସଙ୍କ ସହ ବିବାହ ହୋଇଥିଲା। ସେହି ସମୟରେ ତାଙ୍କ ଓଜନ ଥିଲା ୯୫ କି.ଗ୍ରା.। ସ୍ୱାମୀ ପରାମର୍ଶ ଦେବା ପରେ କଟକରେ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ସେ ଓଜନ କମାଇବା ଆରମ୍ଭ କରିଥିଲେ। ତା'ପରେ ଭୁବନେଶ୍ୱର ବିଷ୍ଣୁ ଷ୍ଟ୍ରେଙ୍ଗ୍‌ଥ ଫିଟ୍‌ନେସ୍ ଜିମ୍‌କୁ ଆସିଥିଲେ। ସେଠାରେ ରୁଦ୍ର ସାର୍‌ଙ୍କ ଗାଇଡାନ୍ସରେ ମାତ୍ର ୬ ମାସରେ ତାଙ୍କ ଓଜନ ୬୨ କି.ଗ୍ରା.କୁ ଆସିପାରିଥିଲା। ତା'ପରେ ସେ ତାଙ୍କୁ ପାୱାରଲିଫ୍ଟିଙ୍ଗ ଅଭ୍ୟାସ କରିବାକୁ କହିଥିଲେ। ଆଉ ଆଜି ଏ କ୍ଷେତ୍ରରେ ସେ ଯେଉଁଠି ପହଞ୍ଚିପାରିଛନ୍ତି ସେଥିରେ ତାଙ୍କ ପରିଶ୍ରମ ବ୍ୟତୀତ ତାଙ୍କର ଦିଗ୍‌ଦର୍ଶନ ତାଙ୍କୁ କେତେ ସାହାଯ୍ୟ କରିଛି ତାହା ସେ ବର୍ଣ୍ଣନା କରିପାରିବେ ନାହିଁ। ତାଙ୍କ ପରିଶ୍ରମର ଉପଯୁକ୍ତ ମୂଲ୍ୟ ତାଙ୍କୁ ମିଳିଛି। ଓଡ଼ିଶା କ୍ଲବ ପାୱାରଲିଫ୍ଟିଙ୍ଗ ଚାମ୍ପିୟନଶିପ୍-୨୦୨୩ରେ ସେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ତା'ପର ବର୍ଷ ଉଜ୍ଜୟିନୀରେ ଜାତୀୟ ପାୱାରଲିଫ୍ଟିଙ୍ଗ ଚାମ୍ପିୟନଶିପ୍‌ରେ ସେ ରେକର୍ଡ ସୃଷ୍ଟିକରି ଗୋଲ୍ଡ ଜିତିଥିଲେ। ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ୱାର୍ଲ୍ଡ ପାୱାରଲିଫ୍ଟିଙ୍ଗ ଚାମ୍ପିୟନଶିପ୍‌ରେ ମଧ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବର୍ତ୍ତମାନ ଏସିଆନ ପାୱାରଲିଫ୍ଟିଙ୍ଗ ସହ ଜାତୀୟ ଚାମ୍ପିୟନଶିପ୍ ପାଇଁ ମଧ ପ୍ରସ୍ତୁତ ହେଉଛନ୍ତି।'' ଜଣେ ଗୃହିଣୀ ହେଲେ ମଧ ପ୍ରତିଦିନ ସେ ପ୍ରାୟ ୩ ଘଣ୍ଟା ଭାରୋତ୍ତୋଳନ ପାଇଁ ଅଭ୍ୟାସ କରିଥାଆନ୍ତି। ଭବିଷ୍ୟତରେ ଏ କ୍ଷେତ୍ରରେ ଆହୁରି ସଫଳତା ଅର୍ଜନ କରିବାକୁ ଆଶା ରଖିଛନ୍ତି ୩୭ ବର୍ଷ ବୟସ୍କା ଭାରୋତ୍ତୋଳନକାରୀ ଚିନ୍ମୟୀ। **-ମହାଶ୍ୱେତା ନାୟକ**

# ସଫଳତାର ରହସ୍ୟ

କୌଣସି କ୍ଷେତ୍ରରେ ସଫଳତା ହାସଲ କରିବା ସହଜ କଥା ନୁହେଁ। କ୍ୟାରିୟର ହେଉ କି କର୍ମକ୍ଷେତ୍ର- ଏ ବିଷୟରେ ବେଶ୍ ସତର୍କତାର ସହ ଆଗକୁ ବଢ଼ିବାକୁ ପଡ଼ିଥାଏ। ତେବେ ସଫଳତା ପାଇବାକୁ ହେଲେ ବିଶେଷ ଭାବରେ କେତୋଟି ବିଷୟ ପ୍ରତି ଧ୍ୟାନଦେବାକୁ ପଡ଼େ। ଜାଣନ୍ତୁ ସେ ସମ୍ପର୍କରେ...



ସଫଳତା ହାସଲ କରିବାକୁ ହେଲେ ପ୍ରଥମେ ନିଜର ଚିନ୍ତାଧାରା ପ୍ରତି ଦୃଷ୍ଟିଦିଅନ୍ତୁ। ଏହାକୁ ହାସଲକରିବାକୁ ଆପଣ କ'ଣ ଚିନ୍ତା କରୁଛନ୍ତି ତାହାକୁ ଭଲ ଭାବରେ ଅନୁଶୀଳନ କରନ୍ତୁ। କାରଣ ଆପଣଙ୍କର ଚିନ୍ତାଧାରା ହିଁ ଆପଣଙ୍କୁ ଠିକ୍ ବାଟରେ ଆଗେଇନେଇଥାଏ। ସଫଳତା ରାସ୍ତାରେ ଯାତ୍ରାକରିବା ସମୟରେ ଯଦି ମନରେ କିଛି ପ୍ରଶ୍ନ ଆସୁଛି ତେବେ ତାହାକୁ ଠିକ୍ ଉପାୟରେ ସମାଧାନ କରନ୍ତୁ। ଏ ନେଇ ଯଦି କିଏ କିଛି ଉପଦେଶ ଦେଉଛନ୍ତି ତେବେ ତାହାକୁ ଭଲଭାବରେ ତର୍ଜମାକରିବା ପରେ କାମରେ ଲଗାନ୍ତୁ।''

**ଆତ୍ମବିଶ୍ୱାସ:** ସଫଳତା ପାଇବାକୁ ହେଲେ ପ୍ରଥମେ ନିଜର ଆତ୍ମବିଶ୍ୱାସ ଦୃଢ଼ ହେବା ନିହାତି ଦରକାର। କାରଣ ଏହାର ପ୍ରଥମ ମୂଳଦୁଆ ହେଉଛି ସେଲ୍‌ଫ କନ୍‌ଫିଡେଣ୍ଟ୍ସ ବା ଆତ୍ମବିଶ୍ୱାସ। ତେଣୁ ଯେଉଁ କ୍ଷେତ୍ରରେ ଆପଣ ଆଗଉଛନ୍ତି ଏବଂ ସଫଳତା ପାଇବାକୁ ଆଶା ରଖିଛନ୍ତି ପ୍ରଥମେ ସେ ବିଷୟରେ ଭଲ ଭାବରେ ତର୍ଜମାକରନ୍ତୁ। କେଉଁ ବାଟ ଦେଇ ଗଲେ ସଫଳତା ହାସଲ କରିହେବ ତାହା ପ୍ରଥମେ ସ୍ଥିରକରନ୍ତୁ। ତେଣୁ ଏହି ସମୟରେ ନିଜର ମନୋବଳ ଦୃଢ଼ ରହିବା ଦରକାର। ନିଜ ଉପରେ ଶତ ପ୍ରତିଶତ ଭରସା ରଖିବା ଦରକାର। ନ ହେଲେ ଯେତେବେଳେ କୌଣସି ସମସ୍ୟାର ସମ୍ମୁଖୀନ ହେବେ ସେତେବେଳେ ସବୁକିଛି ଅଡୁଆ ତଡୁଆ ହୋଇଯିବା ଆଶଙ୍କା ରହିଛି। ତେଣୁ ନିଜ ମନକୁ ଦୃଢ଼କରି ସଫଳତା ରାସ୍ତାରେ ପାଦ ଥାପିବା ଦରକାର।

**କୌଶଳ:** ଯଦି ଆପଣ କର୍ମଜୀବୀ ତେବେ ନିଜର ଦାୟିତ୍ୱ ପ୍ରତି ସବୁବେଳେ ସଚେତନ ରହିବାକୁ ପଡ଼ିଥାଏ। ଯେଉଁ କାମ ଆପଣଙ୍କୁ ଦିଆଯାଇଛି, ତାହାକୁ କିପରି ସମ୍ପାଦନ କରିବେ ସେ ବିଷୟରେ ଭଲ ଭାବରେ ଅବଗତହେବା ଦରକାର। ତା' ସହ କାମଟିକୁ କିପରି ତୁଲାଇବେ ସେ ନେଇ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ପ୍ରଥମେ ନିଜ କାମ କରିବା ପୂର୍ବରୁ ସେ ନେଇ ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ। କେତେ ସମୟ ଭିତରେ ତାହାକୁ ସମ୍ପାଦନ କରିବେ ତାହା ନିର୍ଦ୍ଧାରିତ କରନ୍ତୁ। ତା'ସହ କିପରି କାମଟିକୁ ତୁଲାଇବେ ସେ ନେଇ ପୂର୍ବ ପ୍ରସ୍ତୁତି ଦରକାର। ନିଜ କାମକୁ ନେଇ ମନରେ ଯଦି କିଛି ଦ୍ୱନ୍ଦ୍ୱ ରହିଛି ତେବେ ତାହାକୁ ପ୍ରଥମେ ଦୂର କରନ୍ତୁ। ଠିକ୍ କୌଶଳ ଏବଂ ସୁଚିନ୍ତିତ ଯୋଜନା ଏବଂ କୌଶଳ ଦ୍ୱାରା ହିଁ ନିଜ କାମକୁ ଶେଷ କରିପାରିବେ।

**କଥାବାର୍ତ୍ତା ଶୈଳୀ:** ସଫଳତା ହାସଲ କରିବାକୁ ହେଲେ ବେଳେବେଳେ ଅନ୍ୟମାନଙ୍କ ସହଯୋଗ ଏପରିକି ଉପଦେଶର ଆବଶ୍ୟକତା ପଡ଼ିଥାଏ। ଏହି ସମୟରେ ନିଜର ଆଚାର ବ୍ୟବହାର ଏବଂ କଥାବାର୍ତ୍ତା ଶୈଳୀ ଅନ୍ୟମାନଙ୍କୁ ପ୍ରଭାବିତକଲେ ତାହା ନିଜ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। କାରଣ ନିଜର କଥାବାର୍ତ୍ତା ଶୈଳୀ ଯୋଗୁ ଅନ୍ୟମାନେ ଆପଣଙ୍କୁ ସହଯୋଗର ହାତ ବଢ଼ାଇପାରନ୍ତି।



**ସକାରାତ୍ମକ ମନୋଭାବ:** କୌଣସି କ୍ଷେତ୍ରରେ ସଫଳତା ହାସଲ କରିବାକୁ ହେଲେ ଯେଉଁ ପ୍ରଥମ କଥାର ଆବଶ୍ୟକତା ରହିଛି ତାହା ହେଲା ସକାରାତ୍ମକ ମନୋଭାବ। ଏହି ସମୟରେ ଯଦି ମନୋଭାବ ନକାରାତ୍ମକ ରହିଲା ତେବେ ସଫଳତାର ରାସ୍ତାରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ପାଦେ ଆଗେଇବାକୁ ଚାହିଁଲା ବେଳକୁ ମନ ପଛକୁ ଟାଣିଥାଏ। ତେଣୁ ଏହି ସମୟରେ ମନରେ ଆଗ୍ରହ ରହିବା ସହ ମନୋଭାବ ସକାରାତ୍ମକ ରହିବା ନିହାତି ଦରକାର। ସଫଳତାର ରାସ୍ତାରେ ଆଗେଇବା ସମୟରେ ନିଜର ମନ ଯେପରି ସ୍ଥିର ରହେ ସେଥିପ୍ରତି ଦୃଷ୍ଟିଦିଅନ୍ତୁ। କାମ ପ୍ରତି ଯଦି ଏକାଗ୍ରତା ରହୁନାହିଁ ଏବଂ ମନ ଭାରାକ୍ରାନ୍ତ ଲାଗୁଛି ତେବେ ପ୍ରଥମେ ମନକୁ ହାଲକା କରନ୍ତୁ। ଏହି ସମୟରେ ଚାପଗ୍ରସ୍ତ ହୁଅନ୍ତୁ ନାହିଁ। କାରଣ ଚାପଗ୍ରସ୍ତ ହେବା ଦ୍ୱାରା ମନର ଭାବନା ନକାରାତ୍ମକ ରହିଥାଏ। ସଫଳତା ପାଇଁ ଆଗେଇବା ବେଳେ ମନ ଯେତେ ହାଲ୍‌କା ଆଉ ପ୍ରଫୁଲ୍ଲ ରହିବ ତାହା ସେତେ ଭଲ।

**ଚିନ୍ତାଧାରା:** ସଫଳତା ହାସଲ କରିବାକୁ ହେଲେ ପ୍ରଥମେ ନିଜର ଚିନ୍ତାଧାରା ପ୍ରତି ଦୃଷ୍ଟି ଦିଅନ୍ତୁ। ଏହାକୁ ହାସଲ କରିବାକୁ ଆପଣ କ'ଣ ଚିନ୍ତା କରୁଛନ୍ତି ତାହାକୁ ଭଲ ଭାବରେ ଅନୁଶୀଳନ କରନ୍ତୁ। କାରଣ ଆପଣଙ୍କର ଚିନ୍ତାଧାରା ହିଁ ଆପଣଙ୍କୁ ଠିକ୍ ବାଟରେ ଆଗେଇ ନେଇଥାଏ। ସଫଳତା ରାସ୍ତାରେ ଯାତ୍ରା କରିବା ସମୟରେ ଯଦି ମନରେ କିଛି ପ୍ରଶ୍ନ ଆସୁଛି ତେବେ ତାହାକୁ ଠିକ୍ ଉପାୟରେ ସମାଧାନ କରନ୍ତୁ। ଏ ନେଇ ଯଦି କିଏ କିଛି ଉପଦେଶ ଦେଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମାକରିବା ପରେ କାମରେ ଲଗାନ୍ତୁ। ଚିନ୍ତାଧାରା ଯଦି ଠିକ୍ ନ ରହିଲା ତେବେ ସଫଳତା ହାସଲକରିବା ସମୟରେ ଅନେକ ବ୍ୟାଘାତ ସୃଷ୍ଟିହେବା ଆଶଙ୍କା ରହିଛି।

**ଭୁଲ୍‌ରୁ ଶିଖନ୍ତୁ:** ସଫଳତା ପାଇଁ ଅଗ୍ରସର ହେଉଥିବା ବେଳେ ଯଦି କିଛି ଭୁଲ୍ ହେଲା, ତେବେ ତାହାକୁ ଅଣଦେଖା କରନ୍ତୁ ନାହିଁ। କାରଣ ସେହି ସମୟରେ ଗୋଟିଏ ଭୁଲ୍ ପାଇଁ ଅନେକ ସମସ୍ୟା ସୃଷ୍ଟିହୋଇଥାଏ। ତେଣୁ ଯଦି କିଛି ଭୁଲ୍ ହେଲା ତେବେ ତାହାକୁ ସୁଧାରିନିଅନ୍ତୁ। ଏହି ସମୟରେ ବିଚଳିତ ହୁଅନ୍ତୁ ନାହିଁ। କାରଣ ବିଚଳିତ ହେଲେ ମନରେ ବହୁ ଅଯଥା ପ୍ରଶ୍ନ ଆସିଥାଏ ଏବଂ ସେଗୁଡ଼ିକ ସବୁ ଯୋଜନାକୁ ଗଡ଼ବଡ଼ କରିଦେବା ଆଶଙ୍କା ରହିଛି।





# କମଳା ଚୋପାରୁ ରୁମ୍ ଫ୍ରେଶନର



- ପ୍ରଥମେ କମଳା ଚୋପାକୁ ଶୁଖାଇବା ଲାଗି ପେପର ବ୍ୟାଗ୍ କିମ୍ବା ଏୟାର ଟାଇଟ କଣ୍ଟେନରରେ ରଖି ଶୁଖାନ୍ତୁ।
- ଚୋପା ଶୁଖିଯିବା ପରେ ଏଥିରୁ ଏକ ପ୍ରକାର ବାସ୍ନା ବାହାରିଥାଏ। ଏହାକୁ ରୁମ୍ ଫ୍ରେଶନର ଭାବରେ ବ୍ୟବହାର କରିପାରିବେ।
- ଏହି ଚୋପା ଶୁଖିଯିବା ପରେ ସେଗୁଡିକୁ ଗ୍ରାଇଣ୍ଡରରେ ଭଲ ଭାବରେ ପେଶି ଦିଅନ୍ତୁ। ଏହା ପାଉଡର ହୋଇଯିବା ପରେ ଏହି ଗୁଣ୍ଡକୁ ସ୍ପ୍ରେ ବୋତଲରେ ପୁରାଇ ସେଥିରେ କିଛି ନର୍ମାଲ ପାଣି ମିଶାନ୍ତୁ।
- ଏହାପରେ ବୋତଲଟିକୁ ଭଲ ଭାବରେ ହଲାଇ ଦେଲେ ପାଉଡର ପାଣିରେ ସମ୍ପୂର୍ଣ୍ଣ ମିଶିଯିବ।
- ଏଥର ସେହି ପାଣିମିଶ୍ରିତ ଗୁଣ୍ଡରେ ଲାଭେଣ୍ଡର, ଲେମନ କିମ୍ବା ଅନ୍ୟ ଆବଶ୍ୟକ ତେଲ ମିଶାଇ ପାରିବେ। ଏହାଦ୍ୱାରା ଫ୍ରେଶନରର ବାସ୍ନା ଆହୁରି ବଢ଼ିଯାଏ।
- ତା'ପରେ ଘରେ ସ୍ପ୍ରେ କରି ତାହା କିପରି କାମ କରୁଛି ତାହା ନିଜେ ଜାଣିପାରିବେ।

ସୌନ୍ଦର୍ଯ୍ୟ

# ପ୍ରାକୃତିକ ଉପାୟରେ ରୂପଚର୍ଯ୍ୟା

ମହିଳାମାନେ ସୁନ୍ଦର ଦେଖାଯିବାକୁ ସବୁବେଳେ ଚାହାନ୍ତି। ଏଥିପାଇଁ ସେମାନେ ମାର୍କେଟରୁ କେତେ ପ୍ରକାର କେମିକାଲ ପ୍ରଡକ୍ଟ ଆଣିଥାନ୍ତି ଏବଂ ତାକୁ ବ୍ୟବହାର କରିଥାନ୍ତି। ଫଳରେ ତ୍ୱଚା ସୁନ୍ଦର ଏବଂ ଚମକଦାର ଦେଖାଯିବ। ବେଳେ ବେଳେ ଏମିତି ହୋଇଥାଏ ଏହି ପ୍ରଡକ୍ଟର କୌଣସି ବି ଖାସ୍ ପ୍ରଭାବ ଦେଖିବାକୁ ମିଳି ନ ଥାଏ। ଓଲଟା ଏଥିରେ ଥିବା କେମିକାଲ ତ୍ୱଚାର କ୍ଷତି କରିଥାଏ। ଆଜି ଆପଣଙ୍କୁ ପ୍ରାକୃତିକ ଉପାୟରେ କିପରି ତ୍ୱଚାର ଯତ୍ନ ନେବାକୁ ଚାହୁଁଛନ୍ତି ତେବେ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି...

**ନିମ୍ବପତ୍ର**

ତ୍ୱଚାରେ ଚମକ ଆଣିବା ପାଇଁ ନିମ୍ବପତ୍ର ଏକ ପ୍ରାକୃତିକ ଉପଚାରର ଏକ ଅନ୍ୟତମ ମାଧ୍ୟମ। ଏହା ତ୍ୱଚାଜନିତ କେତେକ ସମସ୍ୟା ଦୂରକରିଥାଏ। ଯଦି ଆପଣ ଏହାକୁ ନିଜ ସ୍କିନ୍ କେୟାରରେ ସାମିଲ କରିନିଅନ୍ତି ତେବେ ମୁହଁରେ ଚିହ୍ନ ,ଦାଗ,ବ୍ରଣ ଭଳି ସମସ୍ୟା ମୂଳରୁ ସଫା ହୋଇଯିବ।

**ତୁଳସୀପତ୍ର**

ତୁଳସୀପତ୍ର କୌଣସି ସ୍କିନ୍ ସମସ୍ୟା ହେବାକୁ ଦିଏ ନାହିଁ। ଆପଣ ଏହାକୁ ସ୍କିନ୍ କେୟାର ଲାଗି ବ୍ୟବହାର କରିପାରିବେ। ତୁଳସୀର ପତ୍ରରେ ଔଷଧୀୟ ଗୁଣ ଥିବା କାରଣରୁ ଏହା ବରଦାନଠୁ ବି କମ୍ ନୁହେଁ।

**ଗୋଲାପ ପତ୍ର**

ଗୋଲାପ ପତ୍ର ତ୍ୱଚା ଲାଗି ବହୁତ ଲାଭକାରୀ। ଏହାର ବ୍ୟବହାର ତ୍ୱଚାକୁ ସଫ୍ଟ ଏବଂ ଚମକଦାର କରିଥାଏ। ଏହା ବ୍ୟତୀତ ମୁହଁର ହଜିଯାଇଥିବା ରଙ୍ଗ ଫେରିପାଇବେ। ଯଦି ଆପଣ ଅଧିକ ଦିନରୁ ତ୍ୱଚାଜନିତ ସମସ୍ୟାକୁ ନେଇ ଯଦି ଚିନ୍ତିତ ତେବେ ଗୋଲାପ ପତ୍ର ସ୍କିନ୍ କେୟାରରେ ସାମିଲ କରିପାରିବେ।

**ପୁଦିନା ପତ୍ର**

ପୁଦିନା ପତ୍ର ଔଷଧୀୟ ଗୁଣରେ ଭରପୂର। ଏହା ମନ୍‌ସୁନ୍ ସମୟରେ ତ୍ୱଚା ଲାଗି ବହୁତ ଲାଭକାରୀ ହୋଇଥାଏ। ଯଦି ତ୍ୱଚାରେ ଫୁସି ଏବଂ ବ୍ରଣ ସମସ୍ୟା ଥାଏ ତେବେ ଏହା ସବୁ ସମସ୍ୟାରୁ ରକ୍ଷା କରିଥାଏ।





ଖାଦ୍ୟରୁଚି

# ବଳିଥିବା ଭାତରେ ଫ୍ରାଏଡ୍ ରାଇସ୍



**ଆବଶ୍ୟକ ସାମଗ୍ରୀ**

୨କପ୍ ବଳିଥିବା ଭାତ, ୧ ବଡ଼ ଚାମଚ ତେଲ, ୧ ଛୋଟ ଚାମଚ ଅଦା -ରସୁଣ ପେଷ୍ଟ,୧କପ୍ ମିଶ୍ରିତ ପନିପରିବା,୨ ବଡ଼ ଚାମଚ ସୋୟାସସ୍,୧ ବଡ଼ ଚାମଚ ଚିଲି ସସ୍, ୧ ଛୋଟ ଚାମଚ ଲୁଣ, ଅଧା ଚାମଚ ଗୋଲମରିଚ ପାଉଡର, ୨ଟି କଞ୍ଚାଲଙ୍କା,ଛୋଟ ଆକାରରେ କଟାହୋଇଥିବା ପିଆଜ,ଛୋଟ ଆକାରରେ କଟାହୋଇଥିବା ଲେମ୍ବୁ ଏବଂ ୧ ଚାମଚ ଲେମ୍ବୁରସ।

**ପ୍ରସ୍ତୁତି ପ୍ରଣାଳୀ**

ଏକ ବଡ଼ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ଏଥିରେ ଆପଣ ତେଲ ପକାନ୍ତୁ। ତେଲକୁ ମଧ୍ୟମ ଆଞ୍ଚରେ ଗରମ କରନ୍ତୁ। ଯେତେବେଳେ ଏହା ଗରମ ହୋଇଯିବ ଅଦା ରସୁଣ ପେଷ୍ଟ ପକାନ୍ତୁ। ଏହି ପେଷ୍ଟ ଟିକେ ଗୋଲ୍‌ଡେନ୍ କଲର ହୋଇଗଲେ ଏଥିରେ ସବୁ ପନିପରିବା ପକାଇପାରିବେ। ଯେମିତିକି ଗାଜର,ମଟର, ସିମ୍‌ଲା ମିର୍ଚ୍ଚ। ଏହି ପନିପରିବାକୁ ପକାଇ ଭଲଭାବେ ଭାଜନ୍ତୁ। ସୋୟା ସସ୍,ଚିଲି ସସ୍,ଲୁଣ,ଗୋଲମରିଚ ପାଉଡର ଫ୍ରାଏଡ୍ ରାଇସ୍‌ରେ ଭଲଭାବେ ମିଶାନ୍ତୁ। ବର୍ତ୍ତମାନ ବଳିପଡ଼ିଥିବା ଭାତକୁ ଏବେ ଏଥିରେ ମିଶାନ୍ତୁ। ବର୍ତ୍ତମାନ ଏଥିରେ କଞ୍ଚାଲଙ୍କା, ପିଆଜ, ଲେମ୍ବୁରସ ଏକ ମହତ୍ତ୍ୱପୂର୍ଣ୍ଣ ରାଇସ୍ ସହ ସମାନ। ଏହାକୁ ମଝିରେ ମଝିରେ ଘାଣ୍ଟୁଥାନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୪/୨୦୨୫ Bhubaneswar, Tuesday, March 4/ 2025

# ଇନିୟାନ ଜିତିଲେ କେନ୍ସ ଓପନ୍ ଚେସ୍


ପି. ଇନିୟାନ୍

**ନୂଆଦିଲ୍ଲୀ, ୩।୩ (ପି.ଟି.)** ଭାରତୀୟ ଗ୍ରାଣ୍ଡମାଷ୍ଟର ପି. ଇନିୟାନ୍ କେନ୍ସ ଇଣ୍ଟରନ୍ୟାଶନାଲ ଓପନ ଚେସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ପ୍ରତିଯୋଗିତାର ୯ମ ତଥା ଅନ୍ତିମ ରାଉଣ୍ଡରେ ସେ ନିଜ ଦେଶର ଭି. ପ୍ରନେଶଙ୍କୁ ହରାଇ ଦେଇଛନ୍ତି। ଟୁର୍ନାମେଣ୍ଟରେ ଇନିୟାନ ୭.୫ ପଏଣ୍ଟ ଅର୍ଜନ କରିଥିଲେ। ଦ୍ୱିତୀୟ ସ୍ଥାନରେ ରହିଥିବା ଦିଲ୍ଲୀର ଇଣ୍ଟରନ୍ୟାଶନାଲ ମାଷ୍ଟର ଆରାଧ୍ୟା ଗର୍ଗଙ୍କଠାରୁ ସେ ଅଧାପଏଣ୍ଟ ଆଗରେ ରହିଥିଲେ। ବିଶ୍ୱ ଜୁନିୟର ଚାମ୍ପିୟନ କାଜାଖସ୍ତାନର କାଜିବେକ୍ ନୋଦରବେକ୍‌ଙ୍କ ସହିତ ଏକ ଟାଇବ୍ରେକ୍ ପରେ ମ୍ୟାଚିଂ ଗର୍ଗ ୭ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ। ଇନିୟାନ ଟୁର୍ନାମେଣ୍ଟରେ ଅପରାଜେୟ ରହିଥିଲେ। ସେ ୬ଟିରେ ବିଜୟ ହାସଲ କରିଥିବା ବେଳେ ୩ଟି ଡ୍ର’ ରଖିଥିଲେ। ଭାରତୀୟ ଖେଳାଳି ତାଙ୍କର ଶେଷ ତିନୋଟି ଗେମ୍‌ରେ ବିଜୟ ହାସଲ କରିଥିଲେ। ୮ମ ରାଉଣ୍ଡରେ ଗର୍ଗଙ୍କ ବିପକ୍ଷରେ ତାଙ୍କ ବିଜୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଚାମ୍ପିୟନ ହେବାଦ୍ୱାରା ଇନିୟାନ ୧୨ ରେଟିଂ ପଏଣ୍ଟ ଅର୍ଜନ କରିଛନ୍ତି। ଫଳରେ ସେ ୨୬୦୦ ଏଲୋ ରେଟିଂ ନିକଟତର ହୋଇପାରିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୨୫୭୯ରେ ପହଞ୍ଚିଛି। କେନ୍ସ ଇଣ୍ଟରନ୍ୟାଶନାଲ ଓପନ ଚେସ୍‌ର ୩୮ତମ ସଂସ୍କରଣରେ ୨୫ଟି ଦେଶର ୧୪୭ ଖେଳାଳି ଭାଗ ନେଇଥିଲେ। ଇଭେଣ୍ଟରେ ମୋଟ ୬ ଗ୍ରାଣ୍ଡମାଷ୍ଟର ଏବଂ ୨୧ ଇଣ୍ଟରନ୍ୟାଶନାଲ ମାଷ୍ଟର୍ସ ଅଂଶଗ୍ରହଣ କରିଥିଲେ।

# ପାକିସ୍ତାନରେ ହେବ ମହିଳା ଦିନିକିଆ ବିଶ୍ୱକପ୍ କ୍ୱାଲିଫାୟର୍ସ

**କରାଚୀ, ୩।୩ (ପି.ଟି.):** ପାକିସ୍ତାନ ଚଳିତ ମାସରେ ଆଉ ଏକ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି। ଦେଶ ଚଳିତମାସ ପରବର୍ତ୍ତୀ ଭାଗରେ ମହିଳା ୫୦ଓଭର ବିଶ୍ୱକପ୍ କ୍ୱାଲିଫାୟର ଆୟୋଜନ କରିବାକୁ ଯାଉଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଜଣେ ଅଫିସିଆଲ ସୋମବାର ଏବିଷୟ ସ୍ପଷ୍ଟ କରିଛନ୍ତି। ପ୍ରତିଯୋଗିତାର ଭେନ୍ୟୁ ଓ ତାରିଖ ଧାର୍ଯ୍ୟ ପାଇଁ ଆଇସିସି ସହିତ ଆଲୋଚନା ଚାଲିଛି। ପ୍ରତିଯୋଗିତାରେ ଭାଗନେବାକୁ ଥିବା ୬ଟି ଦଳ ହେଲେ ପାକିସ୍ତାନ, ସ୍କଟଲାଣ୍ଡ, ଆୟର୍ଲାଣ୍ଡ, ଶ୍ରୀଲଙ୍କା, ଥାଇଲାଣ୍ଡ ଏବଂ ୱେଷ୍ଟଇଣ୍ଡିଜ। ଅଫିସିଆଲଙ୍କ ସୂଚନା ଅନୁସାରେ ଟୁର୍ନାମେଣ୍ଟ ପାଇଁ କରାଚୀ, ମୁଲତାନ ଓ ଫୈସଲାବାଦ ଆଦି ସମ୍ଭାବ୍ୟ ଭେନ୍ୟୁ ରହିଛି, ଯେଉଁଠାରେ ଏପ୍ରିଲ ୧୧ରୁ ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ର ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଅଫିସିଆଲ ଜଣକ କହିଛନ୍ତି ପାକିସ୍ତାନ ପ୍ରଥମ ଥର ଏକାଧିକ ମହିଳା ଦଳକୁ ନେଇ ଏକ ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ନିକଟରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଏକ ତ୍ରିରାଷ୍ଟ୍ରୀୟ ସିରିଜର ସଫଳ ଆୟୋଜନ ପରେ ଏବେ ୮ଟି ଦଳକୁ ନେଇ ଚାମ୍ପିୟନ୍ସ ଟ୍ରଫି ଚାଲିଛି।







72198 21111 BAJAJ SECURE BAJAJ CREDIT *Terms and conditions apply. *Offer available on Pulsar 125 Carbon Fibre and Pulsar 150 models. #Ex Showroom price for N160 Twin Disc variant. Bajaj Auto reserves the right to withdraw any or all offers without prior notice. Stunts have been performed by experts, under professional supervision, in a controlled and enclosed environment, in isolation from general public or public roads. Do not attempt to replicate these stunts and always follow traffic and safety rules. AMC available on specific models and in specific states. Check with Bajaj dealer for more details. Roadside Assistance is provided by third parties and is subject to their terms and conditions.

**Authorized Dealers for Bajaj Auto Ltd.:** Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 • Rourkela: RM BAJAJ 90780 83803 • Sundergarh RM BAJAJ 9078083500 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356. **Authorised Service Centre:** Binika 8895885325, Dungripali 8114817298, Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 7381052046 Patnagarh 9937301752, Padampur 9437417977, Gaisilet 9437417977, Barpali 9036128538, Junagarh 9437092196, Muniguda 9124600099, Padampur 9668826075 Rajkhariar 9437188542, Khariar Road 9437188542, Brajrajnagar 9937124444, Bamra 9937108643, Bagdhi 7873430989,Kuchinda 9437392099, Laikera 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Subdega 7894408649 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Baliguda 7008301945, M Rampur 9337897005, Tusura 7381052046, Tarbha 7381052046, Lathor 8018785694, Kantamanjhi 7205911835, Narla 9337025341, Charbahal 7008814195

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ